ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, February 10/2024 | Page 20 | ₹ 7.00

୫୦ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 78 | ମୂଲ୍ୟ₹୭/-






EXPERIENCE *gold class* LIVING

PRESENTING

EVOS
ALCHEMY
PATIA, RAGHUNATHPUR

THE TALLEST AND THE GRANDEST - 42 STOREY EDIFICE

ORERA Registration No.: RP/19/2023/01077 Information available at website: https://rera.odisha.gov.in/

PALATIAL 3.5 BED RESIDENCES & LAVISH PENTHOUSES WITH GRAND SUNDECKS

977-60-99997

www.evosalchemy.com

evos spreading love

# A LIFESTYLE WORTH ITS WEIGHT IN GOLD.




## LIVE THE SERENEST CLASS

42 & 43 STOREY EDIFICE DESIGNED BY WORLD-RENOWNED ARCHITECT SANJAY PURI

## LIVE THE FINEST CLASS

PALATIAL 3.5 BED RESIDENCES & LAVISH PENTHOUSES WITH GRAND SUNDECKS







## LIVE THE GRANDEST CLASS

LIFESTYLE PODIUM WITH OVER 100 INDULGENCES ACROSS TWO LEVELS

ARTH - GROUND LEVEL
AER - CLOUD LEVEL

## LIVE THE GREENEST CLASS

6.9 ACRE ESTATE WITH 70% OPEN AND GREEN SPACES LANDSCAPED BY LANDSCAPE TECTONIX LTD, THAILAND




### GOLD- CLASS HALLMARKS

- 4 TOWERS OF 42 & 43 STOREYS DESIGNED BY ARCHITECT SANJAY PURI
- SPACIOUS RESIDENCES SPANNING FROM 1213 RCA* + 237 DECK TO 2520 RCA* + 637 DECK
  *SUBJECT TO FLOOR PLAN
- CONNECTED TO THE CITY'S PRIME DESTINATIONS
- OVER 100+ CURATED LIFESTYLE INDULGENCES ACROSS TWO LEVELS
- A COMMUNITY OF LIKE-MINDED ELITE FROM DIFFERENT WALKS OF LIFE

**PALATIAL 3.5 BED RESIDENCES & LAVISH PENTHOUSES WITH GRAND SUNDECKS**

EVOS ALCHEMY
PATIA, RAGHUNATHPUR

**Site Address:** Raghunathpur, Nandankanan Road, Bhubaneswar - 751024
**Corporate Office:** Plot No: M/76, Housing Board Colony, Baramunda, Bhubaneswar - 751003
Landline - 0674-2355100 | Email- enquiry@evosalchemy.com

977-60-99997

Scan to visit the website | ORERA Registration No.: RP/19/2023/01077. Information available at website: https://rera.odisha.gov.in/

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪
Bhubaneswar, Saturday, February 10/2024




OIPR-26070/13/0010/2324

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ଥାନ: ସ୍ୱସ୍ତି ପ୍ରିମିୟମ୍, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର କଳସ ଯାତ୍ରା, ସ୍ଥାନ: ବେଣ୍ଟପୁରସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସକାଳ ୯ଟା।
- ଉତ୍କଳ ଥିଓସଫିକାଲ ଫେଡ଼େରେଶନର ୫୧ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଫେଡେରେଶନ ହଲ, ଗୌତମ ନଗର, ସମୟ:ସକାଳ୯ଟା୩୦।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ଏବଂ ୨୯ତମ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ ଆୟୋଜନ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ସତ୍‌ସଙ୍ଗ ବିହାର, ସମୟ: ଅପରାହ୍ନ ୩ଟା୩୦।
- ବ୍ରାଇଟ୍ ଆଞ୍ଜେଲ୍ସ ପାରାଡାଇଜ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଚକେଇସିହାଣି, ସମୟ: ଅପରାହ୍ନ ୪ଟା ୩୦।
- ଦେବଦାସୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ୟାମା ସନ୍ଧ୍ୟା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଧଉଳି କଳିଙ୍ଗ ମହୋତ୍ସବ, ସ୍ଥାନ: ଧଉଳି ପାଦଦେଶ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାରତ ରଙ୍ଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ପୁରୀ ଲିଟ୍‌ରେଚର୍ ଫେଷ୍ଟିଭାଲ୍, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- 'ନୂଆ ଓ' ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ କ୍ୟାରିୟର କାଉନ୍‌ସେଲିଂ, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ଅପରାହ୍ନ ୨ଟା।
- 'ନୂଆ ଓ' ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଜିଲାସ୍କୁଲ ପଡ଼ିଆ,ସମୟ: ଅପରାହ୍ନ ୪ଟା।
- କଳା ସ୍ମୃତି ସମ୍ମାନ–୨୦୨୪, ସ୍ଥାନ: ନିଳାଦ୍ରୀ ବିଚ୍, ସମୟ: ଅପରାହ୍ନ ୪ଟା ୩୦।
- କରତି ସାହି ସାରସ୍ୱତ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ପୁରୀ ପୌରସଦନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା–ଜାପାନ ଫେଷ୍ଟିଭାଲ, ସ୍ଥାନ: ଇଣ୍ଡିଆ ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର, ତାଳବଣିଆ, ସମୟ: ସନ୍ଧ୍ୟା ୬ଟା।
- ଡି ଡ୍ୟାନ୍ସ ଆରମ୍ଭ ମହୋତ୍ସବ, ସ୍ଥାନ: ପୁରୀ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ୧୨ତମ ବାବା ବାଳିକପିଳେଶ୍ୱର କ୍ଷୀରସାଗର ମେଳା, ସ୍ଥାନ: ବଡ଼ନିନିଗା, ବଳଙ୍ଗା , ସମୟ: ସକାଳ ୮ଟା।
- 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ନିମାପଡ଼ା ବ୍ଲକ ଭିଲି ପଞ୍ଚାୟତର ଖେଦରପୁର ଖେଳପଡ଼ିଆ ଓ ତେରୁଣ୍ଡିଆ ପଞ୍ଚାୟତର ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ମଧୁବନ ହାଇସ୍କୁଲ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## କଟକ

- ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏଶନ୍ ପକ୍ଷରୁ କଳିଙ୍ଗ ମାରିଟାଇମ୍ ଏକ୍ସପୋ ଦ୍ୱିତୀୟ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଶୀତଳେଶ୍ୱରୀ ପ୍ରକାଶନୀ ପକ୍ଷରୁ ଭଜନ ଆସର, ସ୍ଥାନ: ମଧୁପାଟଣା ଜୟ ଜଗନ୍ନାଥ କଲୋନୀସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଶ୍ରୀ ଶ୍ରୀ ୟୁନିଭର୍ସିଟିର ସପ୍ତମ ମାର୍କେଟିଂ କନ୍‌କ୍ଲେଭ, ସ୍ଥାନ: ବିଶ୍ୱବିଦ୍ୟାଳୟର ଶ୍ରୁତି ବିଲଡିଂ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜୀବନ ରକ୍ଷା ଏନ୍‌ଜିଓ ପକ୍ଷରୁ ୨ୟ ବାର୍ଷିକ ଉତ୍ସବ, ସ୍ଥାନ: ପାନ୍ଥ ନିବାସ ୨ୟ ମହଲା ସମ୍ମିଳନୀ କକ୍ଷ, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା–ସାହିତ୍ୟ ଚର୍ଚ୍ଚା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, କଟକ ସହର, ସମୟ: ସନ୍ଧ୍ୟା ୬ଟା ୩୦।
- ନବରାଜ୍ୟ ମଧୁବୈଶ୍ୟ ସମାଜର ଦୁଇ ଦିନିଆ ବାର୍ଷିକ ଉତ୍ସବ, ସ୍ଥାନ: ବଡ଼ମ୍ବା ବ୍ଲକ ସୁନାପାଳିସ୍ଥିତ ଗଣେଶ ମନ୍ଦିର,ସମୟ: ସନ୍ଧ୍ୟା ୫ଟା ୩୦।
- ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପଞ୍ଚମ ମାସିକ ସମୀକ୍ଷା ବୈଠକ, ସ୍ଥାନ: ବାସୁଦେବ ଉଚ୍ଚ ବିଦ୍ୟାଳୟ ଗୋପପୁର, ବଡ଼ମ୍ବା, ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ମା'ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୟାଗଡ଼ ରୋଡ୍ ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଆନ୍ତଃ ଜିଲା ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବିଜେବି ହାଇସ୍କୁଲ ଖେଳପଡ଼ିଆ, ସମୟ: ସକାଳ ୮ଟା।
- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଉଳଟାଙ୍ଗୀ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଜାଗୁଲାଇ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଗୌଡ଼ିଆପଡ଼ା, ସମୟ: ଅପରାହ୍ନ ୩ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୋଲୁହାପାଟଣା, ସମୟ: ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ମନ୍ଦିରରେ ସାମ୍ବତ୍ସରିକ ଉତ୍ସବ, ସ୍ଥାନ: କଣ୍ଟାବାଡ଼, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ପଦାର୍ଥ ବିଜ୍ଞାନ ଏବଂ ବାଲିଷ୍ଟିକ୍ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କିତ ଜାତୀୟ ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର, ସମୟ: ସକାଳ୯ଟା ୩୦।
- ଓଡିଶା ଫିଜିକାଲ ସୋସାଇଟିର ୪୦ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କ୍ୟାମ୍ପୋରୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ବାଲେଶ୍ୱର ପବ୍ଲିକ ସ୍କୁଲ, ସମୟ: ଅପରାହ୍ନ ୩ଟା।
- ମାତୃ ସମ୍ମିଳନୀ, ସ୍ଥାନ: ଅନନ୍ତପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭୋଗରାଇ ଥାନା ଛକସ୍ଥିତ କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ

- ମା' ଶୀତଳାଙ୍କ ଝାମୁଯାତ୍ରା ଓ ପ୍ରସାଦ ସେବନ, ସ୍ଥାନ: ଡାକୋଇ, ଭାଲିଆଡିହା, ମୋରଡ଼ା,ସମୟ: ସକାଳ ୯ଟା।
- ଉଦଳା ମୋଟର କର୍ମଚାରୀ ସଂଘର ଖବରଦାତା ସମ୍ମିଳନୀ,ସ୍ଥାନ: ମୋଟର କର୍ମଚାରୀ ସଂଘ ସଭାଗୃହ,ସମୟ: ପୂର୍ବାହ୍ନ୧୦ଟା ୩୦।
- ଡିଭାଇନ୍ ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ 'ଇଉଫୋନୀ'ର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ପୋଡ଼ାଅସ୍ତିଆ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ଚରମ୍ପା, ସମୟ: ସକାଳ ୮ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ମୁକୁନ୍ଦପୁର ପଞ୍ଚାୟତ, ତିହିଡ଼ି, ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ଭାଟପଡ଼ା ପଞ୍ଚାୟତ ଏବଂ ଫତେପୁର ପଞ୍ଚାୟତ, ତିହିଡ଼ି, ସମୟ: ମଧ୍ୟାହ୍ନ ୧୨ଟା।
- ନାଇସ୍ ହାଇଟେକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ:ସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବାସୁଦେବପୁର ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଅରବିନ୍ଦ ଭବନ, କଳିଙ୍ଗନଗର ବଡ଼ବିଲ୍, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଗୋବିନ୍ଦଟୋଳା ୟୁନିୟନ ସ୍ପୋର୍ଟିଂ କ୍ଲବ ଆୟୋଜିତ କ୍ରିକେଟ୍ ମ୍ୟାଚ୍, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା ।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଡଲଫିନ୍‌ ସଭାକକ୍ଷ, ସମୟ:ପୂର୍ବାହ୍ନ ୧୦ଟା ।
- ସୁଇଟର ୧୪ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ସାଢ଼େ ୧୧ଟା।
- ସମ୍ବଲପୁର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ବଲାଙ୍ଗୀର

- ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଟିଟିଲାଗଡ଼ ବ୍ଲକ ଭାଲେଗାଁ ଓ ସିଲୁଆଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ସାମୂହିକ ଔଷଧ ବଣ୍ଟନ ଏବଂ ଜାତୀୟ କୃମିମୁକ୍ତି ଦିବସ ପାଳନ, ସ୍ଥାନ: ଟାଉନ୍ ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଶ୍ରୀ ବୈଭବ ବାଲାଜୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ବ୍ରହ୍ମୋତ୍ସବ, ସ୍ଥାନ: ଡୁରୁଙ୍ଗା, ସମୟ: ସକାଳ ୮ଟା ୩୦ମିନିଟ୍।
- ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଶ୍ରୀ ନୃସିଂହ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଋଷିପାଲି–ଜଡ଼ା, ସମୟ: ଅପରାହ୍ନ ୩ଟା।
- ଜାତୀୟ କୃମି ନାଶକ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୩୦ମିନିଟ୍।
- ଭାଷା ସମୃଦ୍ଧିର ବାଟ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ,ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ସୂର୍ଯ୍ୟକାନ୍ତ ମେମୋରିଆଲ ଟି–୨୦ କ୍ରିକେଟ, ସ୍ଥାନ: ଡିଏଭି ଖେଳପଡିଆ, ସମୟ: ସକାଳ ୯ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଏମ୍‌ଏସ୍‌ସି ସ୍ମୃତି ସମ୍ବର୍ଦ୍ଧନା କର୍ମଶାଳା, ସ୍ଥାନ: ଆମ୍ବାଗାନ ଫୁଡ୍ କୋର୍ଟ, ସମୟ: ରାତି ୮ଟା ୩୦।
- ପୁସ୍ତକ ମେଳାର ୯ମ ସନ୍ଧ୍ୟା, ସ୍ଥାନ: ଆଦର୍ଶ ପାଠାଗାର, ସେକ୍ଟର–୫, ସମୟ: ସନ୍ଧ୍ୟା ୭ଟା।
- ଖଡ଼୍‌ଗ ଭବନରେ ବୈଠକ, ସ୍ଥାନ: ସେକ୍ଟର–୩, ସମୟ: ସନ୍ଧ୍ୟା ୬ଟା।
- ଏକାଦଶ ମଣ୍ଡଳସ୍ତରୀୟ ସମ୍ମିଳନୀ, ସ୍ଥାନ: ସେକ୍ଟର–୫ ଯୋଗ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ହେମଗିର ବାର୍ଷିକ ଉତ୍ସବ, ସ୍ଥାନ: ଭେଷଜ ପଟେଲ, ସମୟ: ପୂର୍ବାହ୍ନ ୧୦ଟା ୩୦ମିନିଟ୍।

## ନୂଆପଡ଼ା

- ଜାତୀୟ କୃମି ନିରାକରଣ ଦିବସରେ କୃମି ଔଷଧ ପ୍ରଦାନ, ସ୍ଥାନ: ଜିଲାର ପ୍ରତ୍ୟେକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଲାଞ୍ଜିଗଡ଼ ବ୍ଲକ ବେଡ଼ାଗାଁଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଗ୍ରାମପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କୋକସରା ବ୍ଲକ ବରାଡଙ୍ଗା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ. ୧୧ଟା।
- ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଜୁନାଗଡ଼ ଏନଏସି, ନର୍ଲା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜାତୀୟ କୃମିନାଶକ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୃଜନ–୨ କାର୍ଯ୍ୟକ୍ରମ ଉଦଘାଟନ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଗୁଣପୁର ବାଘୁଆ ଦେଉଳ ମନ୍ଦିର ପଛପଟ ପଡିଆ, ସମୟ: ସନ୍ଧ୍ୟା ୬ଟା ।

## ବୌଦ୍ଧ

- ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ବନ୍ଧଗୋରା ଖେଳପଡିଆ, କଣ୍ଟାମାଳ, ସମୟ: ସକାଳ ୮ଟା।

## ଦେବଗଡ଼

- ଆନ୍ତଃଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ ସେମିଫାଇନାଲ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୃମିନାଶକ ଦିବସ ପାଳନ, ସ୍ଥାନ: ଆରବିଡ଼ି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: କୁଡାପଡା ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ମା' ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲ, ସ୍ଥାନ: ଟେଭାପଦର ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ସରସ୍ୱତୀ ବିଦ୍ୟାମନ୍ଦିର ଏକାଦଶ ବାର୍ଷିକ ଉତ୍ସବ, ସ୍ଥାନ:କଣିହାଁ ବ୍ଲକ ବଡଗୁଣ୍ଡୁରି ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ରୋଟାରୀ ପବ୍ଲିକ ସ୍କୁଲ ଅନୁଗୋଳ, ସମୟ: ଅପରାହ୍ନ ୪ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଅନୁଗୋଳ, ସମୟ:ପୂର୍ବାହ୍ନ ୧୦ ଟା।

## ଗଞ୍ଜାମ

- ପୁରୁଷୋତ୍ତମପୁର ଆଦର୍ଶ ବିଦ୍ୟାଳୟ ବାର୍ଷିକୋତ୍ସବ, ସ୍ଥାନ: ଭାଟକୁମରଡା, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ , ସ୍ଥାନ: ପୁରୁଷୋତ୍ତମପୁର ସ୍ୱପ୍ନେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡିଶା ନବୀନ ଓଡିଶା ସଚେତନତା, ସ୍ଥାନ: ଆସିକା ବ୍ଲକ ବାଙ୍ଗରଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବେଲଗୁଣ୍ଠା ବ୍ଲକ ଗୋବରା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନା ଶିବିର, ସ୍ଥାନ: ବୁଗୁଡ଼ା ବିରଞ୍ଚିପୁର ହାଇସ୍କୁଲ ଖେଳପଡିଆ,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ଫାଇଲେରିଆ ନିରାକରଣ ବଟିକା ବଣ୍ଟନ, ସ୍ଥାନ: ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଜିଏନ୍‌ଏମ ହଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଜିଲା ଇ–ଲାଇବ୍ରେରୀ ପ୍ରତିଷ୍ଠା ଦିବସ, ସ୍ଥାନ: ଫୁଲବାଣୀସ୍ଥିତ ଲାଇବ୍ରେରୀ ପରିସର, ସମୟ: ଅପରାହ୍ନ ସାଢ଼େ ୩ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ସକାଳ: ୯ଟା।
- ତ୍ରିବେଣୀ ମେଳା, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ଅପରାହ୍ନ ୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପଳସୁଧା ପଞ୍ଚାୟତ, ଗରଦପୁର, ସମୟ:ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଶୈବ ମହାଯଜ୍ଞର କଳସ ଯାତ୍ରା, ସ୍ଥାନ: ବରପଲ୍ଲୀ କପିଳେଶ୍ୱର ମହାଦେବ ପୀଠ,ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତଧାରା ପକ୍ଷରୁ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ, ସ୍ଥାନ: ପଠାଣି ସାମନ୍ତ ସଂସ୍କୃତି ଭବନ,ସମୟ: ଅପରାହ୍ନ ୨ଟା ।

## ଯାଜପୁର

- ବଡ଼ଚଣା ବିଧାୟକଙ୍କ ଦ୍ୱାରା ଫୁଟବଲ ଟ୍ରେନିଂ କ୍ୟାମ୍ପର ଉଦ୍‌ଘାଟନ, ସ୍ଥାନ: ସୋଲର ଛତିଆ, ପୂର୍ବାହ୍ନ ୧୦ଟା୩୦ ।
- ବରୀ ବ୍ଲକ୍ ଅଧୀନ ବ୍ରଜ ସୁନ୍ଦର ପ୍ରାଥମିକ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳନ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ସକାଳ ୭ଟା ।
- ଜିଲାର ୫୦ଟି ଇକୋ କ୍ଲବ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ସାଢେ ୧୦ଟା ।
- କାଳିଆପାଣି ଉଚ୍ଚ ବିଦ୍ୟାଳୟର ୩୭ତମ ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଓଏମ୍‌ସି ଖେଳ ପଡ଼ିଆ, ସମୟ: ସକାଳ ୭ଟା ।
- ରସୁଲପୁର ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ନେଇ ଆଲୋଚନା, ସ୍ଥାନ: ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୧ଟା ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଇଥିଲେ ପାଇ, ବୁଣିଥିଲେ ଦାଇ,**
**ନ ଦେଇଥିଲେ ପଡ଼ିଆ ଜମିରେ ଗୋଧନ ଚରାଇ।**

କର୍ମ ଅନୁସାରେ ଫଳ। ସୌଭାଗ୍ୟ ଆସିଲେ ଆଶା ଯେଉଁଠି ହେଲେ ଫଳବତୀ ହୁଏ। ଅନ୍ୟକୁ ଅଯାଚିତ ଭାବେ ସାହାଯ୍ୟ କରିଥିଲେ ତା'ର ସୁଫଳ ଦିନେ ନା ଦିନେ ପ୍ରାପ୍ତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଅଁଙ୍କୁ ଖାଇ**
**ଖଟୁଲି ଗିଳିବା।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦୁର୍ଘଟଣାଗ୍ରସ୍ତ କାର୍‌ରୁ ଟଙ୍କା ଭର୍ତ୍ତି ବ୍ୟାଗ ଜବତ



## ୨ ଗୁରୁତର ଯୁବକ ମେଡିକାଲରେ

ଢେଙ୍କାନାଳ,୯।୨(ରତନ ନାୟାର)

ଢେଙ୍କାନାଳ–କପିଳାସ ରାସ୍ତାର ସଦର ଥାନା କାଇମାଟି ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ଏକ କାର୍ (ନଂ. ଓଆର୦୫–ଏକେ ୧୩୭୯) ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ଥିବା ୨ ଜଣ ଯୁବକ ଗୁରୁତର ହୋଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ କାର୍ ମଧ୍ୟରୁ ପୋଲିସ ଏକ ଟଙ୍କା ଭର୍ତ୍ତି ବ୍ୟାଗ ଜବତ କରିଛି। ଏହି ଟଙ୍କା କୌଣସି ଆପରାଧିକ ନା ରାଜନୈତିକ କାର୍ଯ୍ୟରେ ବ୍ୟବହାର ପାଇଁ ନିଆଯାଉଥିଲା ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଘଟଣାର ତଦନ୍ତ ପରେ ଟଙ୍କା ରହସ୍ୟ ଉପରୁ ପରଦା ହଟିବ ବୋଲି ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଗଁଦିଆ ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଧଳା ରଙ୍ଗର କାର୍ କାଇମାଟି ନିକଟରେ ପ୍ରଥମେ ଏକ ଗଛ ଓ ପରେ ରାସ୍ତା ପାର୍ଶ୍ୱରେ ଥିବା ବେଗ ସମ୍ପର୍କିତ ସୂଚନା ଫଳକରେ ପିଟିହୋଇ ଓଲଟି ପଡିଥିଲା। କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଏହା ମଧ୍ୟରେ ଥିବା ୨ଜଣ ଯୁବକ ଗୁରୁତର ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରିଥିବା ବେଳେ ଅନ୍ୟଜଣଙ୍କୁ ଖସିଯିବା ପୂର୍ବରୁ ଧରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କାର୍‌ରେ ବିପୁଳ ପରିମାଣର ଟଙ୍କା ଥିବାବେଳେ ତାହାକୁ ପୋଲିସ ଜବତ କରିଥିଲା। ଗାଡ଼ିଟି କନ୍ଧମାଳ ଅଞ୍ଚଳର ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ କୌଣସି ଆପରାଧିକ ଘଟଣା କିମ୍ବା ରାଜନୈତିକ କାର୍ଯ୍ୟରେ ବ୍ୟବହାର ପାଇଁ ଟଙ୍କା ଯାଉଥିବା ସନ୍ଦେହ କରାଯାଉଛି। ଗୁରୁତର ଯୁବକଙ୍କ ପରିଚୟ ମିଳିପାରିନାହିଁ। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ମହାପାତ୍ର କହିଛନ୍ତି, ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ସୁସ୍ଥ ହେବା ପରେ ପଚରାଉଚରା କରାଯାଇ ତଥ୍ୟ ହାସଲ କରାଯିବ। ଗାଡ଼ିରେ ଥିବା ଟଙ୍କା ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ କାର୍‌ଟି କନ୍ଧମାଳ ଅଞ୍ଚଳର ବୋଲି ସୂଚନା ମିଳୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଭଲ ସମ୍ପର୍କ ନ ଥିବା ଲୋକଟି ସହ ଶତ୍ରୁତା ଲାଗି ରହିଥିବାରୁ ଅଧିକାଂଶ ସମୟ ମନ ଅସ୍ଥିର ରହିପାରେ। ହାତକୁ ନେଇଥିବା କାମ ସମ୍ପୂର୍ଣ୍ଣ ହେବା କଷ୍ଟକର ହେବ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଅଶ୍ୱିନୀ ନକ୍ଷତ୍ରର ଅଫିସରେ ଅନ୍ୟମାନଙ୍କ କଥା ଭଲ ଲାଗିବ ନାହିଁ।

**ବୃଷ** – କର୍ମକ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ରୋହିଣୀ ନକ୍ଷତ୍ର ଆନୁଷ୍ଠାନିକ କିମ୍ବା ଶୁଭ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଓ ଅକୁଣ୍ଠ ସମର୍ଥନ ଯୋଗୁ ଆଗେଇଯିବେ। ଜମିବାଡ଼ି କ୍ରୟ କରିବା ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ମିଥୁନ** – ଆଜି ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ପୁନର୍ବସୁ ନକ୍ଷତ୍ରର ପ୍ରଶାସନିକ କ୍ଷେତ୍ରରେ ନିଷ୍ପତ୍ତି ଓଲଟ ପାଲଟ ହୋଇଯିବା ଆଶଙ୍କା ରହିଛି। ଆଲୋଚନା ସମୟରେ ଆପଣଙ୍କ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଗବେଷଣା, ପ୍ରଶାସନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କର୍କଟ** – ଆପଣ ଆଜି ଯେତେ ଭଲ କାମ କଲେ ମଧ୍ୟ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ପରେ ଅନୁତାପ କରିବାକୁ ପଡ଼ିବ। ଅଶ୍ଳେଷା ନକ୍ଷତ୍ରର ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଘରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ।

**ସିଂହ** – ମଘା ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ସାମାଜିକ ସ୍ତରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ବାଣିଜ୍ୟ, ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆନୁଷ୍ଠାନିକ କାମରେ ସମସ୍ୟାବହୁଳ ଭାବରେ ଦିନଟିକୁ ଅତିବାହିତ କରିବେ।

**କନ୍ୟା** – ପିଲାଙ୍କ କୃତି ଓ କୃତିତ୍ୱ ସକାଶେ ମାନସିକ ସ୍ତରରେ ଗର୍ବ ଅନୁଭବ କରିପାରନ୍ତି। ଆଜି ଏକ ଆକସ୍ମିକ ପରିବେଶ ମଧ୍ୟରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ହସ୍ତା ନକ୍ଷତ୍ର ରାଜନୀତି କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବାରୁ ଧାରକରଜ କରିପାରନ୍ତି।

**ତୁଳା** – ଆଜିର ଆଲୋଚନା ସମୟରେ ଅପ୍ରିୟ ସତ୍ୟ କହିବା କାରଣରୁ ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ଖଳ ଲୋକଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି। ସ୍ୱାତୀ ନକ୍ଷତ୍ର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ବିଛା** – ଦିନଟିରେ ବ୍ୟସ୍ତ ବିବ୍ରତ ନ ହୋଇ ସମୟକୁ ଅପେକ୍ଷା କଲେ ସବୁ ଦିଗରୁ ଉପକୃତ ହେବେ। ଅନ୍ୟମନସ୍କ ହେତୁ ଅନୁରାଧା ନକ୍ଷତ୍ରର ଅସାବଧାନତାଜନିତ ଧନ ହାନି ଘଟିପାରେ। କର୍ମକ୍ଷେତ୍ରର ବିବାଦୀୟ ଘଟଣାରେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** – ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ମନ ଅଶାନ୍ତ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସାମାଜିକ ସ୍ତରରେ କେତେକ ନୂତନ କାମର ପରିକଳ୍ପନା କରି ପ୍ରଶଂସିତ ହେବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର** – ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଶ୍ରବଣା ନକ୍ଷତ୍ର ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦୀୟ ଘଟଣାରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ମନକୁ ପାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିପାରନ୍ତି। ଘରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** – କେତେକ ଅସମ୍ପୂର୍ଣ୍ଣ କାମକୁ ନେଇ ମାନସିକ ଅବସାଦ ଲାଗିରହିବ। ଆତ୍ମୀୟମାନଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ ମାତ୍ର ତାହା ଅସ୍ଥାୟୀ ଭଳି ମନେ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରୁ ଲାଭବାନ ହେବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ।

**ମୀନ** – କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ମାନସିକ ଦ୍ୱନ୍ଦ୍ୱ ବଢ଼ିବା କାରଣରୁ ତାହା ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ଅସୁବିଧା ନ ଥିଲେ ମଧ୍ୟ ଅଫିସିଆଲି କେତେକ ସମସ୍ୟା କାରଣରୁ ମନରେ ସ୍ଥିରତା ରହି ନ ପାରେ। ଉତ୍ତରଭାଦ୍ରବ ନକ୍ଷତ୍ରର ଅସହିଷ୍ଣୁ ମନୋଭାବରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଅର୍ଥସଂକଟ କେତେକ କାମର ଗତିରୋଧ କରିପାରେ।

ଆଜି ଫେବୃଆରୀ ୧୦ ତାରିଖ, ମାଘ ଶୁକ୍ଳ ପ୍ରତିପଦା, ଶନିବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପଦ୍ମବେଶ, ରାଶି ନକ୍ଷତ୍ର–ଧନିଷ୍ଠା/ମକର, ଦିବା ଘ.୧୦।୦୧ ଗତେ କୁମ୍ଭ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଘ.୧୦।୩୬ ମି. ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୧୧ ଗତେ ଘ.୧୦।୩୬ ମଧ୍ୟେ ରାହୁକାଳ।




# କଟକଣା ସତ୍ତ୍ୱେ ବେଆଇନ ଲିଙ୍ଗ ନିରୂପଣ

**ଜନ୍ମ ପୂର୍ବରୁ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଯାଇପାରିବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗର ସ୍ପଷ୍ଟ ନିର୍ଦ୍ଦେଶ ରହିଛି। କିନ୍ତୁ ଏହାକୁ ଅବଜ୍ଞାକରି ରାଜ୍ୟର ଅନେକ କ୍ଲିନିକ୍‌ରେ ବେଧଡ଼କ ଭାବେ ମା' ପେଟରେ ଥିବା ଶିଶୁଙ୍କ ଲିଙ୍ଗ ଚିହ୍ନଟ କରାଯାଉଛି। କଟକ ଫ୍ରେଣ୍ଡ୍‌ସ କଲୋନିସ୍ଥିତ ଜଣେ ଡାକ୍ତର ଓ ତାଙ୍କ ସ୍ତ୍ରୀଙ୍କ ସମେତ ୫ ଜଣ ଲିଙ୍ଗ ନିରୂପଣ ଅଭିଯୋଗରେ ଗିରଫ ହେବା ପରେ ଏହି ସନ୍ଦେହ ଦୃଢ଼ୀଭୂତ ହୋଇଛି।**

## ଡାକ୍ତରଙ୍କ ସମେତ ୫ ଗିରଫ



କଟକ ଫ୍ରେଣ୍ଡ୍‌ସ କଲୋନିସ୍ଥିତ ଡା. ପୁଣ୍ୟଶ୍ଳୋକ ଦାସଙ୍କ ବାସଭବନରେ ଚଢ଼ାଉ କରାଯାଉଛି।

କଟକ,୯।୨(ଶିଲ୍ପା ପ୍ରିୟଦର୍ଶିନୀ)

କଟକ ଫ୍ରେଣ୍ଡ୍‌ସ କଲୋନୀସ୍ଥିତ ଜଣେ ଡାକ୍ତରଙ୍କ ବାସଭବନରେ ବେଆଇନ ଲିଙ୍ଗ ନିରୂପଣ କରାଯିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୫ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡା. ପୁଣ୍ୟଶ୍ଳୋକ ଦାସ, ସ୍ତ୍ରୀ ବିସ୍ମିତା ଦାସ, ୩ ସହଯୋଗୀ ବିଭୁତି ସାହୁ, ଦେବେନ୍ଦ୍ର କୁମାର ବେହେରା ଓ ସୌମ୍ୟରଞ୍ଜନ ପୃଷ୍ଟି। ଚଢ଼ାଉ ସମୟରେ ଅଲଟ୍ରାସାଉଣ୍ଡ ମେଶିନ, ଉକ୍ତ ମେଶିନରେ ବ୍ୟବହୃତ ସାମଗ୍ରୀ ଓ ୪୦ ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି। ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଥିବା ଜଣାପଡ଼ିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଙ୍ଗଳାବାଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନ୍-୨ ଏସିପି ଅମିତାଭ ମହାମାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଫ୍ରେଣ୍ଡ୍‌ସ କଲୋନୀସ୍ଥିତ ସମ୍ପୃକ୍ତ ଡାକ୍ତରଙ୍କ ବାସଭବନରେ ବେଆଇନ ଭାବେ ଲିଙ୍ଗ ନିରୂପଣ କରାଯାଉଥିଲା। ଖବରପାଇ ଶୁକ୍ରବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଅଧିକାରୀ ଡା. ପ୍ରଶାନ୍ତ ସାମଲ, କଟକ ସଦର ଉପଜିଲାପାଳ କମଳଜିତ୍ ଦାସ, ଜୋନ୍-୫ ଏସିପି କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ମଙ୍ଗଳାବାଗ ପୋଲିସର ସହଯୋଗରେ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଟଙ୍କାଭର୍ତ୍ତି ବ୍ୟାଗ୍ ଓ ମେଶିନ ଜବତ କରାଯିବା ସହ ଜଣେ ଗର୍ଭବତୀଙ୍କ ସମେତ ଅନ୍ୟ ୨ ଜଣ ମହିଳାଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସାମଲ କହିଛନ୍ତି, ସମ୍ପୃକ୍ତ ଡାକ୍ତର ଜଣଙ୍କ ଦୀର୍ଘଦିନ ଧରି ବେଆଇନ ଭାବେ ଲିଙ୍ଗ ନିରୂପଣ କାର୍ଯ୍ୟ କରିଆସୁଥିଲେ। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ଆସିବାରୁ ଚଢ଼ାଉ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ପୁନର୍ବାର ଏହି ବେଆଇନ କାର୍ଯ୍ୟ ଚଳାଇଥିଲେ। ତାଙ୍କ ଉପରେ ନଜର ରଖାଯାଇଥିବାବେଳେ ଶୁକ୍ରବାର ତାଙ୍କ ବାସଭବନରେ ଚଢ଼ାଉ କରାଯାଇଥିଲା। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା କହିଛନ୍ତି, ଯେଉଁ ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇଥିଲା ତାହା ସତ ପ୍ରମାଣିତ ହୋଇଛି। ଏହି ଚଢ଼ାଉରେ ରାଜ୍ୟ ଓ ଜିଲାସ୍ତରୀୟ ଅଧିକାରୀ ସାମିଲ ହୋଇଥିଲେ। ଆଗାମୀ ଦିନରେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଡା. ଦାସ କହିଛନ୍ତି, ମୋ ବିରୋଧରେ ଆସିଥିବା ☞ପୃଷ୍ଠା-୫

# ଉତ୍ତରାଖଣ୍ଡ ହିଂସାରେ ୬ ମୃତ

## ହଲଦ୍ୱାନିରେ ମସ୍‌ଜିଦ ଭଙ୍ଗା ପରେ ଉତ୍ତେଜନା

ଡେରାଡୁନ୍,୯।୨

ଉତ୍ତରାଖଣ୍ଡର ହଲଦ୍ୱାନିରେ ବେଆଇନ ଭାବେ ନିର୍ମିତ ଏକ ମଦ୍ରାସା ଓ ଏହା ପରିସରରେ ଥିବା ଏକ ମସ୍‌ଜିଦ ଭଙ୍ଗାକୁ କେନ୍ଦ୍ରକରି ହିଂସାକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ପୋଲିସ ଆହତ ହୋଇଛନ୍ତି। ହିଂସାକାଣ୍ଡ ଯୋଜନାବଦ୍ଧ ଥିଲା ବୋଲି ରାଜ୍ୟ ସରକାର କହିଛନ୍ତି। ଦଙ୍ଗାକାରୀମାନେ ବହୁସଂଖ୍ୟାରେ ଗାଡ଼ି ପୋଡ଼ିବା ସହ ଥାନାରେ ନିଆଁ ଲଗାଇଦେଇଥିଲେ। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଆହତଙ୍କ ମଧ୍ୟରୁ ଅଧିକାଂଶ ପୋଲିସ। ଏହା ବ୍ୟତୀତ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ କେତେଜଣ ମ୍ୟୁନିସିପାଲିଟି କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି।

ହିଂସାକାଣ୍ଡ ପରେ ହଲଦ୍ୱାନିର ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବଢ଼ାଇ ଦିଆଯାଇଛି। ଏଥିସହିତ ସମଗ୍ର ରାଜ୍ୟରେ ହାଇ ଆଲର୍ଟ ଜାରି ହୋଇଛି। ହିଂସା ପରେ ଇଣ୍ଟରନେଟ୍ ସେବା ବନ୍ଦ ରହିବା ସହ ସମସ୍ତ ସ୍କୁଲ କଲେଜକୁ ଛୁଟି କରିଦିଆଯାଇଛି। ଉତ୍ତେଜନା ଜାରି ରହିଥିବାରୁ ହଲଦ୍ୱାନିର ସମସ୍ତ ଦୋକାନକୁ ବନ୍ଦ ରଖାଯାଇଛି। ହିଂସାକାଣ୍ଡ ପରେ ଉତ୍ତରପ୍ରଦେଶରେ ମଧ୍ୟ ହାଇଆଲର୍ଟ ଜାରି ହେବା ସହ ସମସ୍ତ ଯାନବାହନକୁ ☞ପୃଷ୍ଠା-୫




# ୨୦୨୨-୨୩ରେ ଭାଜପାର ଆୟ ୨,୩୦୬ କୋଟି

ନୂଆଦିଲ୍ଲୀ,୯।୨

୨୦୨୨-୨୩ ଆର୍ଥିକ ବର୍ଷରେ ଭାଜପାର ଆୟ ୨,୩୦୬.୮୪ କୋଟି ଟଙ୍କା, ଯାହା ପୂର୍ବବର୍ଷର ଆୟ ତୁଳନାରେ ୨୩ ପ୍ରତିଶତ ଅଧିକ। ଏହା କଂଗ୍ରେସର ବର୍ଷକର ଆୟ ତୁଳନାରେ ୫ ଗୁଣରୁ ଅଧିକ ବୋଲି ଦଳର ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି। ନିର୍ବାଚନ କମିଶନଙ୍କ ପାଖରେ ଉକ୍ତ ରିପୋର୍ଟ ଦାଖଲ ହୋଇଛି। ସେହିପରି ୨୦୨୨-୨୩ ବର୍ଷରେ ଭାଜପା ୧,୩୬୧.୬୮ ☞ପୃଷ୍ଠା-୫

**ଆଜିର ସମ୍ପାଦକୀୟ**

**ଅଭିଜ୍ଞଙ୍କୁ ଦାୟିତ୍ୱ**

# ଚରଣ ସିଂ, ନରସିଂହ ରାଓ, ସ୍ୱାମୀନାଥନଙ୍କୁ ଭାରତରତ୍ନ

ନୂଆଦିଲ୍ଲୀ,୯।୨(ପି.ଟି.)



ଚରଣ ସିଂ



ପି.ଭି. ନରସିଂହ ରାଓ



ଏମ୍.ଏସ୍. ସ୍ୱାମୀନାଥନ

ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ, ଚରଣ ସିଂ ଏବଂ ସବୁଜ ବିପ୍ଳବର ଜନକ ଖ୍ୟାତନାମା କୃଷି ବିଶେଷଜ୍ଞ ଏମ୍.ଏସ୍. ସ୍ୱାମୀନାଥନଙ୍କୁ ଭାରତର ସର୍ବଶ୍ରେଷ୍ଠ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହା ଘୋଷଣା କରିଛନ୍ତି। ପୂର୍ବରୁ କେନ୍ଦ୍ର ସରକାର ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଏବଂ ଭାଜପାର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଏହି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯିବ ବୋଲି ଘୋଷଣା କରିଥିଲେ। ଫଳରେ ଚଳିତ ବର୍ଷ ଭାରତରତ୍ନ ବିଜେତାଙ୍କ ସଂଖ୍ୟା ୫ରେ ପହଞ୍ଚିବା ସହ ମୋଟ ବିଜେତା ସଂଖ୍ୟା ୫୩ରେ ପହଞ୍ଚିଛି। ୧୯୯୯ରେ ୪ ଜଣଙ୍କୁ ଭାରତରତ୍ନରେ ସମ୍ମାନିତ କରାଯାଇଥିଲା।

ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଉଦାରୀକରଣ ନୀତି ଦେଶର ଅର୍ଥନୀତିରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂ କୃଷକମାନଙ୍କର ଦୃଢ଼ ☞ପୃଷ୍ଠା-୫

# 'ଜଣେ ମହିଳା ଆମେରିକା ରାଷ୍ଟ୍ରପତି ହେବେ'



କମଳା ହାରିସ୍



ନିକ୍କି ହାଲି

ୱାଶିଂଟନ,୯।୨(ପି.ଟି.)

୨୦୨୪ରେ ଆମେରିକାରେ ଡେମୋକ୍ରାଟ୍ ଜୋ ବାଇଡେନ୍ କିମ୍ବା ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ହୋଇପାରିବେ ନାହିଁ। ଜଣେ ମହିଳା ହିଁ ଦେଶର ଏହି ସର୍ବୋଚ୍ଚ ଆସନ ଅଳଙ୍କୃତ କରିବେ ବୋଲି ରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ନିକ୍କି ହାଲ କହିଛନ୍ତି। ନିକ୍କିଙ୍କ ମତରେ ସେ କିମ୍ବା କମଳା ହାରିସ୍ ରାଷ୍ଟ୍ରପତି ହୋଇପାରନ୍ତି। ରିପବ୍ଲିକାନ୍ ଦଳର ପ୍ରାର୍ଥିତ୍ୱ ଦୌଡ଼ରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ଥିବା ନିକ୍କି ହାଲି ଏହା କହିଛନ୍ତି। ଟ୍ରମ୍ପ୍ ନେଭାଡା ଏବଂ ଭର୍ଜିନ୍ ଆଇଲାଣ୍ଡ ପ୍ରାଇମେରି ଜିତି ଏପର୍ଯ୍ୟନ୍ତ ପ୍ରାଇମେରି ରେସ୍‌ରେ ଅପରାଜିତ ରହିଥିବା ସତ୍ତ୍ୱେ ନିକ୍କି ହ୍ୱାଇଟ୍ ହାଉସ୍ ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି। ଆସନ୍ତା ୨୪ରେ ନିକ୍କିଙ୍କ ନିଜ ରାଜ୍ୟ ସାଉଥ୍ କାରୋଲିନାରେ ରିପବ୍ଲିକାନ୍ ପ୍ରାଇମେରି ହେବାକୁ ଥିବାବେଳେ ସେଠାରେ ମଧ୍ୟ ତାଙ୍କ ପ୍ରତି ଭଲ ସମର୍ଥନ ନ ଥିବା ଜଣାପଡ଼ିଛି। ଫକ୍ସ ନ୍ୟୁଜ୍‌କୁ ନିକ୍କି କହିଛନ୍ତି, ସେ ଦୁଇଥର ଟ୍ରମ୍ପ୍‌ଙ୍କୁ ଭୋଟ ଦେଇଥିଲେ ଏବଂ ତାଙ୍କ ପ୍ରଶାସନରେ ଜାତିସଂଘ ରାଷ୍ଟ୍ରଦୂତ ରହିଥିବାରୁ ଗର୍ବିତ। ତେବେ ଅବ୍ୟବସ୍ଥା ଟ୍ରମ୍ପ୍‌ଙ୍କ ପିଛା ଛାଡୁନି। ଆମେ ଦେଶକୁ ଆଉ ୪ ବର୍ଷ ଏଭଳି ଅବ୍ୟବସ୍ଥା ମଧ୍ୟରେ ଛାଡ଼ିଦେଇପାରିବା ନାହିଁ। କୋର୍ଟ ମାମଲାରେ ଛନ୍ଦି ହୋଇଥିବା ଟ୍ରମ୍ପ୍ ସାଧାରଣ ନିର୍ବାଚନ ଜିତିପାରିବେ ନାହଁ, ଏହା ସତ୍ୟ ବୋଲି ନିକ୍କି କହିଛନ୍ତି।



ଯାହା କିଛି ଘଟୁନା କାହିଁକି, ନିଶ୍ଚଳ ଓ ପ୍ରଶାନ୍ତ ରୁହ। ଏକ ବିଶୁଦ୍ଧ ଶାନ୍ତି ଏବଂ ଈଶ୍ୱରଙ୍କ କରୁଣା ଉପରେ ସଂପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରଶୀଳତା ରଖ। ଯଦି ଏହା ରଖିପାର ତେବେ ନିଶ୍ଚିତ ଥାଅ ଯେ, ତୁମର କିଛି ଅନିଷ୍ଟ ଘଟିବ ନାହିଁ। -ଶ୍ରୀମା

-ଶ୍ରୀ ଜୀଉଙ୍କ ପଦ୍ମ ବେଶ

# ଅଭିଜ୍ଞଙ୍କୁ ଦାୟିତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସମ୍ପ୍ରତି ଷୋଡ଼ଶ ଫାଇନାନ୍ସ କମିଶନ ବା ଅର୍ଥ ଆୟୋଗ ଗଠନ ସମ୍ପର୍କରେ ଘୋଷଣା ମୋଦି ସରକାରଙ୍କ ରଣନୀତିକ ନିଯୁକ୍ତିର ଏକ ଉତ୍କୃଷ୍ଟ ବିଚାରଧାରାକୁ ସ୍ପଷ୍ଟ କରିଛି। ଫାଇନାନ୍ସ କମିଶନ ଅଧ୍ୟକ୍ଷ ଭାବେ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆଙ୍କ ନିଯୁକ୍ତି ଯୋଗୁ ୪ଜଣ ସଦସ୍ୟଙ୍କୁ ଅନ୍ତର୍ଭୁକ୍ତ କରିବା ବି ସମ୍ଭବ ହୋଇଛି। କୌତୂହଳର ବିଷୟ, ନୂତନ ଆୟୋଗରେ ଅର୍ଥ ମନ୍ତ୍ରଣାଳୟର ୨ଜଣ ପୂର୍ବତନ ଅଧିକାରୀ ସଦସ୍ୟ ରହିଛନ୍ତି। ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅଜୟ ନାରାୟଣ ଝା ଆୟୋଗ ପାଇଁ ଅନେକ ଅଭିଜ୍ଞତା ଆଣିଛନ୍ତି। ଏହା ପୂର୍ବରୁ ବ୍ୟୟ ସଚିବ ଭାବେ ତାଙ୍କର ପ୍ରମୁଖ ଦାୟିତ୍ୱ ଏବଂ ପଞ୍ଚଦଶ ଅର୍ଥ ଆୟୋଗରେ ଜଡ଼ିତ ହେବା ତାଙ୍କ ଦକ୍ଷତା ବୃଦ୍ଧି କରିଛି। ବ୍ୟୟ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ଆନି ଜର୍ଜ ମାଥ୍ୟୁ ବି ଏହି ପ୍ୟାନେଲରେ ଯୋଗଦେଇଛନ୍ତି । ଆର୍ଥିକ ସମ୍ବନ୍ଧୀୟ ବିସ୍ତୃତ ଆଭିମୁଖ୍ୟରେ ସେମାନଙ୍କର ସାମଗ୍ରିକ ଅଭିଜ୍ଞତା ଦାୟିତ୍ୱର ଏକ ନୂତନ ଓ ସୂକ୍ଷ୍ମ ବିଚାରକୁ ସୂଚିତ କରୁଛି। ଏହା ବ୍ୟତୀତ ସଦସ୍ୟ ଭାବେ ଆର୍ଥ ଗ୍ଲୋବାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ନିରଞ୍ଜନ ରାଜାଧ୍ୟକ୍ଷ ରହିଛନ୍ତି। ଆୟୋଗର ବିଚାର ବିମର୍ଶରେ ସେ ଘରୋଇ କ୍ଷେତ୍ରର ଦୃଷ୍ଟିକୋଣକୁ ଉପସ୍ଥାପନ କରିବା ସହ ଆର୍ଥିକ ଯୋଜନାରେ ବିବିଧ ଆଭିମୁଖ୍ୟକୁ ଗୁରୁତ୍ୱ ଦେବେ। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରୁପ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଉପଦେଷ୍ଟା ଡ. ସୌମ୍ୟକାନ୍ତି ଘୋଷଙ୍କ ନିଯୁକ୍ତି ବେସରକାରୀ ଏବଂ ସରକାରୀ କ୍ଷେତ୍ରର ନିଆରା ମିଶ୍ରଣର ଅନ୍ତର୍ଦୃଷ୍ଟିକୁ ସାମ୍ନାକୁ ଆଣିଛି। ତେବେ ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ୱ ବଣ୍ଟନ ଏକ ବିବାଦୀୟ ପ୍ରସଙ୍ଗ ହୋଇଥିବାବେଳେ ଏଭଳି ସ୍ଥିତିରେ ବିଶେଷକରି ଏହି ପ୍ରତିଷ୍ଠିତ ଗୋଷ୍ଠୀଙ୍କ ସୁପାରିସ ଉପରେ ଅନେକ କିଛି ନିର୍ଭର କରୁଛି ।

### ଟ୍ରାଇର ମୁଖ୍ୟ

ରେଲ୍‌ୱେ ବୋର୍ଡର ପୂର୍ବତନ ପ୍ରଭାବଶାଳୀ ବ୍ୟକ୍ତି ଅନୀଲ କୁମାର ଲାହୋଟି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ (ଟ୍ରାଇ)ର ମୁଖ୍ୟ ହୋଇଛନ୍ତି। ତାଙ୍କ କ୍ୟାରିୟର ଅତ୍ୟନ୍ତ ଭଲ ଏବଂ ଜଣେ ଅଭିଜ୍ଞ ରେଳ ଅଧିକାରୀ ରୂପେ ପରିଚିତ ଲାହୋଟିଙ୍କ ନିଯୁକ୍ତି ବିଭିନ୍ନ କ୍ଷେତ୍ରର ବହୁମୁଖୀ ପ୍ରତିଭା ଏବଂ ପରିବର୍ତ୍ତନଶୀଳତାକୁ ପ୍ରଦର୍ଶନକରେ। ରେଲୱେ ନେତୃତ୍ୱରୁ ଲାହୋଟିଙ୍କର ଟେଲିକମ୍ ନିୟାମକ ସଂସ୍ଥାକୁ ପରିବର୍ତ୍ତନ ହେବା ଅସ୍ୱାଭାବିକ ମନେହୁଏ। କିନ୍ତୁ ଲାହୋଟି ଜଣେ ସାଧାରଣ ରେଲୱେ ଅଧିକାରୀ ନୁହନ୍ତି। ରେଲୱେ ବୋର୍ଡର ପୂର୍ବତନ ଚେୟାରମ୍ୟାନ ତଥା ସିଇଓ ଭାବରେ ଜଟିଳ ଭିତ୍ତିଭୂମି ପ୍ରକଳ୍ପ ପରିଚାଳନାରେ ସେ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ନୂଆଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲ ଏବଂ ସ୍ଲିକ୍ ଅଜମେରୀ ଗେଟ୍ ସାଇଡ୍ ଷ୍ଟେଶନ ବିଲ୍ଡିଂ ପରି ପ୍ରକଳ୍ପର ଯୋଜନା ଏବଂ ତାହାକୁ କାର୍ଯ୍ୟକାରୀ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଲାହୋଟି ବିଶ୍ୱସ୍ତରୀୟ ନୂଆଦିଲ୍ଲୀ ରେଳ ଷ୍ଟେଶନର ପୁନର୍ନିର୍ମାଣ ଯୋଜନା ସହିତ ଘନିଷ୍ଠ ଭାବରେ ଜଡିତ ଥିଲେ । ପ୍ରୋଜେକ୍ଟ ପରିଚାଳନା ଏବଂ ରଣନୀତିକ ଯୋଜନାରେ ଲାହୋଟିଙ୍କର ବିସ୍ତୃତ ଅଭିଜ୍ଞତା ତାଙ୍କୁ ଏକ ନିଆରା କୁଶଳୀ ଅଧିକାରୀ ଭାବେ ପରିଚିତି ଦେଇଛି। ବର୍ତ୍ତମାନ ତାଙ୍କ ଦୃଷ୍ଟି ରହିଛି ଟେଲିକମ୍ ଦୁନିଆ ଉପରେ । ତାଙ୍କର ନିଯୁକ୍ତି କେବଳ ସେକ୍ଟରଗୁଡ଼ିକର ଗଠନମୂଳକ ପରିବର୍ତ୍ତନକୁ ସୂଚିତ କରୁନାହିଁ, ବରଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକର ଉତ୍‌ଥାନରେ ତାଙ୍କ ନେତୃତ୍ୱର ମହତ୍ତ୍ୱକୁ ମଧ୍ୟ ଆଲୋକିତ କରେ। ତାଙ୍କ ନିଯୁକ୍ତି ମଧ୍ୟ ବିଭିନ୍ନ କ୍ଷେତ୍ରକୁ ନୂତନତ୍ୱ ଏବଂ ଅଭିବୃଦ୍ଧି ଦିଗରେ ପରିଚାଳନା କରିବାରେ ଜଣେ ସୁଦୃଢ଼ ତଥା ଦୂରଦୃଷ୍ଟିସମ୍ପନ୍ନ ନେତାଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରିଛି।

### ପରିବର୍ତ୍ତନଶୀଳ ମୁହୂର୍ତ୍ତ

ଉତ୍ତରାଖଣ୍ଡ ୧୯୮୮ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ରାଧା ରାତୁରୀଙ୍କୁ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ପାଇଛି। ତାଙ୍କ ବ୍ୟାଚ୍‌ମେଟ୍ ସୁଖବୀର ସିଂ ସାନ୍ଧୁଙ୍କର ସେ ଉତ୍ତରାଧିକାରୀ ହୋଇଛନ୍ତି । ସର୍ବୋଚ୍ଚ ପ୍ରଶାସନିକ ପଦବୀରେ ରାତୁରୀଙ୍କର ନିଯୁକ୍ତି କେବଳ ତାଙ୍କ ସଫଳତାକୁ ସୂଚିତ କରେ ନାହିଁ ବରଂ ରାଜ୍ୟ ଶାସନରେ ସମାବେଶିତା ଦିଗରେ ଏକ ବ୍ୟାପକ ପରିବର୍ତ୍ତନର ସଙ୍କେତ ଦିଏ। ଏହା ନିଶ୍ଚିତ ଯେ, ୧୯୭୦ ମସିହାରେ ମହିଳାମାନେ ଆଇଏଏସ୍‌ରେ ଯୋଗଦେଉଥିବା ଲୋକଙ୍କ ମଧ୍ୟରୁ ୯ ପ୍ରତିଶତ ଥିଲେ। ଏବେ କାର୍ଯ୍ୟରତ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟାର ୨୧ ପ୍ରତିଶତ ହେଉଛନ୍ତି ମହିଳା। ଅନେକ ରାଜ୍ୟ ମହିଳାଙ୍କୁ ସମୟ ସମୟରେ ଆଇଏଏସ୍‌ର ମୁଖ୍ୟ ପଦବୀରେ ବସାଇବା ଦେଖାଯାଇଛି। ୨୦୨୨ରେ ରାଜସ୍ଥାନର ଉଷା ଶର୍ମା ବି ମୁଖ୍ୟ ଶାସନ ସଚିବ ହୋଇଥିଲେ। କିନ୍ତୁ ଏମାନଙ୍କ ସଂଖ୍ୟା ଏତେ କମ୍ ଯେ ଏଭଳି ନିଯୁକ୍ତି ଯେତେବେଳେ ଘଟେ ସେତେବେଳେ ଏକ ଗୁଞ୍ଜରଣ ସୃଷ୍ଟି ହୁଏ। ଉତ୍ତରାଖଣ୍ଡର ସର୍ବୋଚ୍ଚ ପ୍ରଶାସନିକ ପଦବୀରେ ଅବସ୍ଥାପିତ ହେବା ପୂର୍ବରୁ ରାତୁରୀ ପ୍ରଥମେ ଅବିଭକ୍ତ ଉତ୍ତରପ୍ରଦେଶରେ ଏବଂ ପରେ ଉତ୍ତରାଖଣ୍ଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। କୌତୂହଳର ବିଷୟ, ତାଙ୍କ ସ୍ୱାମୀ ଅନିଲ ରାତୁରୀ ଜଣେ ଆଇପିଏସ୍ ଅଧିକାରୀ ଓ ୨୦୨୦ରେ ଉତ୍ତରାଖଣ୍ଡର ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେଇଥିଲେ । ୨୦୦୦ ରେ ଗଠିତ ହୋଇଥିବା ଉତ୍ତରାଖଣ୍ଡ ରାଜ୍ୟ ବର୍ତ୍ତମାନ ଏହାର ପ୍ରଶାସନିକ ସ୍ତରରେ ସବୁ ବାଧାକୁ ଅତିକ୍ରମକରି ଆଗେଇବା ସହ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତର ପ୍ରତ୍ୟକ୍ଷଦର୍ଶୀ ପାଲଟିଛି। ଏହି ସମୟରେ ଭାରତ ଏହାର ପ୍ରଥମ ମହିଳା କ୍ୟାବିନେଟ୍ ସଚିବଙ୍କ ଅପେକ୍ଷାରେ ରହିଛି।

Email: dilipcherian@gmail.com

# କୋଟିଆ ଆମର



ଜୟନ୍ତ ପଟ୍ଟନାୟକ

କୋଟିଆ ଆମର, ଆମର କୋଟିଆ। ଏଇ କଥାଟା ଶୁଣି ଶୁଣି ବିରକ୍ତ ଲାଗିଲାଣି। କୋଟିଆ ଯଦି ଆମର, ତା'ହେଲେ ଏତେଥର କହିବା ଦରକାର କ'ଣ, କୋଟିଆ ଆମର, କୋଟିଆ ଆମର। ୨୦୨୧ରୁ ଏକଥା ବାରମ୍ବାର ଶୁଣାଯାଉଛି ସବୁଠାରେ। ସିଏ ମୁଦ୍ରିତ ହେଉ ବା ବୈଦ୍ୟୁତିକ କିମ୍ବା ସାମାଜିକ ଗଣମାଧ୍ୟମଗୁଡିକରେ ମଧ୍ୟ ଏହା ପ୍ରକାଶ ପାଉଛି। ୨୦୨୧ ମସିହା ପୂର୍ବରୁ କ'ଣ କୋଟିଆ ସେଠାରେ ନ ଥିଲା, କଥାହେଲା କୋଟିଆ ଯୋଉଠି ଥିଲା ସେଇଠି ଅଛି।

୨୦୨୧ ଅକ୍ଟୋବରରେ ସବୁ ଦଳର ନେତାମାନେ କୋଟିଆରେ ଏକତ୍ର ହୋଇଥିଲେ ଆନ୍ଧ୍ରର ବିସ୍ତାରବାଦୀ ଚିନ୍ତାଧାରାରୁ ଓଡ଼ିଶାର ସୀମାବର୍ତ୍ତୀ ଏହି ମୂଲ୍ୟବାନ ଖଣି- ଖାଦାନଭରା ବିସ୍ତୃତ ଅଞ୍ଚଳକୁ ତା'ର ଲୋଲୁପଦୃଷ୍ଟିରୁ ବଞ୍ଚାଇବା ସକାଶେ। ସେଇ ଆରମ୍ଭ ଓ ସେଇ ଶେଷ, ଆଉ କାହାର ସେଇଠି ସାମୂହିକ ଭାବେ ଦେଖାନାହିଁ, କାଁ ଭାଁ କେମିତି ନେତାଙ୍କର ପାଦପଡେ ଏଇଠି। ଏ ଉପାନ୍ତ ଅଞ୍ଚଳକୁ କିଏ ଆସିବ କାହିଁକି, ରାଜଧାନୀର ଚକାଚକ ପରିବେଶ ଛାଡି,ଏମିତି କି ସ୍ଥାନୀୟ ନେତାଙ୍କର ଦର୍ଶନ ମଧ୍ୟ ଦୁଷ୍ପ୍ରାପ୍ୟ!

ସତେଯେମିତି ଫତୁଆ ଜାରି ହୋଇଛି ନେତା/ଅଫିସରମାନଙ୍କୁ କୋଟିଆ ନ ଯିବା ପାଇଁ। ଏ ପରିପ୍ରେକ୍ଷୀରେ ସମ୍ଭବତଃ ସରକାର ମନେକରୁଛନ୍ତି -ନଉଛି ତ ନେଇଯାଉ ଆନ୍ଧ୍ର। ଏମିତିରେ ପୁରା 'ଆରାକୁ ଉପତ୍ୟକା'ତ ଚାଲିଯାଇଛି କାହାର ନା କାହାର ଅହେଳାରେ ଆନ୍ଧ୍ର ହାତକୁ ;ଏଇଟା ନବ, ନେଇଯାଉ, ଆମେ ସେଠାରେ କ'ଣ କରୁଛୁ କି!

୧୯୬୨ରେ ଭାରତର ଏକ ବିସ୍ତୃତ ଅଞ୍ଚଳ ଚାଇନା ଜବରଦସ୍ତ ଦଖଲ କରିନେଲା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ କହିଥିଲେ, ସେଠାରେ ଦୁବ କଅଁଳେ ନାହିଁ। କିନ୍ତୁ ଆଜିର ଦିନରେ ସେ ସ୍ଥାନରେ ଚାଇନାର ଭିତ୍ତିଭୂମି ଉନ୍ନୟନ ଅବିଶ୍ୱସନୀୟ! ଆରାକୁରେ ଆନ୍ଧ୍ର ସରକାର ଲକ୍ଷ ଲକ୍ଷ ଟଙ୍କା କମାଉଛନ୍ତି। ଅବଶ୍ୟ ଆରାକୁରେ ଢେର ଭିତ୍ତିଭୂମି ଉନ୍ନୟନ କରିଛନ୍ତି ଆନ୍ଧ୍ର ସରକାର। ଆମେ ତ ଆମ ନିଜର ବର୍ତ୍ତମାନ ଯେତିକି ପ୍ରାକୃତିକ ପର୍ଯ୍ୟଟନସ୍ଥଳ ଅଛି ତା'ର ଉନ୍ନୟନ କରୁନେ। ଆଉ ସେଇ ଖଣିଖାଦାନ କଥା, ଓଡ଼ିଶା ନ ହେଲେ ଆନ୍ଧ୍ରର ହେବ,ଭାରତବର୍ଷର ଜିନିଷ ଭାରତବର୍ଷରେ ରହିବ! ନିଜର ସମ୍ପତ୍ତି ବା ଝାଳବୁହା ଧନ ହୋଇଥିଲେ କଥା ଅଲଗା। ଏ ପରିପ୍ରେକ୍ଷୀରେ କୋରାପୁଟର ପୂର୍ବତନ ଜିଲାପାଳ ଗଦାଧର ପରିଡ଼ାଙ୍କ 'କୋଟିଆ ବଞ୍ଚାଅ' ଆନ୍ଦୋଳନ ନିତାନ୍ତ ଧନ୍ୟବାଦାର୍ହ। ସରକାର ବୋଧେ ଚାହୁନାହାନ୍ତି ଆନ୍ଧ୍ର ସରକାର ସହିତ ସମ୍ପର୍କ ଖରାପ କରିବାକୁ। ଏଇ ଟୁକୁଡାଏ ଜମି ପାଇଁ କାହିଁକି




ସମ୍ପର୍କଟା ଖରାପ ହେବ। ସବୁ ଦଳର ମଧ୍ୟ ସେଇ ଏକା ମନୋଭାବ। ନଚେତ୍ ଚାହିଁଲେ କ'ଣ ଏଇ ଛୋଟିଆ କଥାଟାର ସମାଧାନ ହୋଇପାରନ୍ତାନି।

ଆମ ଜାଗାରେ କ'ଣ ସବୁବେଳେ ଆନ୍ଧ୍ର ଲୋକ ଆସି ଦାଦାଗିରି କରିବେ। କୋଉଦିନ କୋଟିଆରେ ତେଲୁଗୁ ସ୍କୁଲ ଖୋଲିଲେଣି ତ କୋଉଦିନ ବାର୍ଦ୍ଧକ୍ୟ ଭତ୍ତା ବାଣ୍ଟିଲେଣି, କୋଉଦିନ କୋଟିଆରେ ଜୋରଜବରଦସ୍ତି ସରପଞ୍ଚ ନିର୍ବାଚନ କରି ତେଲୁଗୁ ସରପଞ୍ଚ ନିର୍ବାଚିତ କରିଆଣିଲେଣି। ତା'ମାନେ ସେମାନେ ନିଜ ପାଇଁ ରାସ୍ତା ସଫା କରିଦେଲେ। କାଲି ଯଦି କିଛି ବିଚାର ହୁଏ ଉପର ସ୍ତରରେ ସେଇ ତେଲୁଗୁ ସରପଞ୍ଚମାନେ କ'ଣ ଓଡ଼ିଶା ସପକ୍ଷରେ ଓକିଲାତି କରିବେ? କେମିତି ଗୋଟିଏ ସରକାର ଅନ୍ୟ ରାଜ୍ୟ ଭିତରେ ପଶି ସ୍ଥାନୀୟ ନିର୍ବାଚନ (ଫେବୃଆରୀ ୨୦୨୧), ତା'ପୁଣି ନିଜ ସପକ୍ଷରେ କରାଇ ପାରିଲେ,ଏହା ତ ଏକ ସପ୍ତାଶ୍ଚର୍ଯ୍ୟଭଳି କଥା। ସେତିକି ନୁହେଁ ତାଙ୍କ ପାଇଁ ଓକିଲାତି କିମ୍ବା ଜନଜାଗରଣ କରିବା ପାଇଁ ଆନ୍ଧ୍ର ସରକାର ସେଇ କୋଟିଆରୁ ଓଡ଼ିଆ ଲୋକଙ୍କୁ ମାସିକ ୧୦ହଜାର ଦେଇ ନିଜର ଏଜେଣ୍ଟ ନିଯୁକ୍ତି କରିଛନ୍ତି। ଏହା ବ୍ୟତୀତ ଓଡ଼ିଶା ଭିତରେ ଥିବା ନଦୀ ଉପରେ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରୁଛନ୍ତି ଆନ୍ଧ୍ର ସରକାର ୨୦୨୨ ପ୍ରାରମ୍ଭରୁ। ଏସବୁ ୧/୨ ଦିନର କଥା ନୁହେଁ, ଏଥିପାଇଁ ମାସ ମାସ,ବର୍ଷ ବର୍ଷ ସମୟ ଆବଶ୍ୟକ। ତା'ପୁଣି ଆମ ସରକାରୀ କର୍ମଚାରୀମାନଙ୍କ ନାକ ତଳେ। ଏଇଥିରୁ ଅନୁମେୟ ଆମ ସରକାର କିପରି ଜାଗତିଆର ଅଛନ୍ତି ଉପାନ୍ତ ଅଞ୍ଚଳର ଜନସାଧାରଣଙ୍କ ସ୍ୱାର୍ଥ ଜଗିବା ଦିଗରେ। ଏବେ ପୁଣି ଆନ୍ଧ୍ର ସରକାରଙ୍କ ଏକ ଆଧାର କେନ୍ଦ୍ର କାମକରୁଛି କୋଟିଆ ଅଞ୍ଚଳରେ,ତଳ ସେମ୍ଭି ଗ୍ରାମରେ, ସିଏ କ'ଣ କେବେ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ କାମ କରିବ? ସଂଶୋଧନ ଆଳରେ ବରଂ ଓଡ଼ିଆ ଆଧାର କାର୍ଡଗୁଡିକୁ ତେଲୁଗୁରେ ପରିବର୍ତ୍ତନ କରିଦେବେ!

ପ୍ରଣିଧାନର ବିଷୟ, ଓଡ଼ିଶାରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ମାସିକ ୫୦୦ଟଙ୍କା ବେଳେ ଆନ୍ଧ୍ରରେ ଏହା ୨,୫୦୦। ପୁଣି ଆମ୍ମାବାଡି ଯୋଜନାରେ ଯୋଉ ପିଲା ତେଲୁଗୁ ସ୍କୁଲରେ ପଢ଼ିବେ ତାଙ୍କୁ ସବୁପ୍ରକାର ଶିକ୍ଷୋପକରଣ ମାଗଣା ମିଳିବା ସହିତ ମା'ମାନଙ୍କୁ ବାର୍ଷିକ ୧୫,୦୦୦ ଟଙ୍କା ମିଳିବ। ଏଥିରେ ପିଲା କୋଉ ଲାଭରେ ଓଡ଼ିଆରେ ପାଠ ପଢିବେ ବା ଆନ୍ଧ୍ରର ଲୋଭନୀୟ ଯୋଜନା ପ୍ରତି ଆଗ୍ରହୀ ନ ହେବେ? ସେମିତି ଅନ୍ୟ କେତେକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି (ଗଜପତି ଜିଲା ଗଙ୍ଗାବାଡ ପଞ୍ଚାୟତର ଖୁଦୁଗୁଡି ୧୩।୧୦।୨୧) ଆମେ ଓଡ଼ିଶା ଯୋଜନାର ଲାଭାର୍ଥୀ ହେବାକୁ ଚାହୁଁନାହୁଁ, ବରଂ ଆମେ ଆନ୍ଧ୍ର ଯୋଜନାର ହିତାଧିକାରୀ ହେବାକୁ ଆଗ୍ରହୀ। ସେତିକିରେ କଥା ଅଟକିନାହିଁ, ଆମ ସରକାରଙ୍କ ଢିଲାପଣ ଦେଖି ଆନ୍ଧ୍ର କୋଟିଆ ସହିତ ଗଞ୍ଜାମ ଓ ଗଜପତି ଜିଲାର ସୀମାନ୍ତ ଗ୍ରାମଗୁଡିକ ଉପରେ ମଧ୍ୟ ନଜର ପକାଇଲାଣି। ସେଠାର ଅଧିବାସୀଙ୍କୁ ହାତକରି ପିଲାଙ୍କୁ ନିକଟବର୍ତ୍ତୀ ତେଲୁଗୁ ସ୍କୁଲକୁ ନିଆଯାଉଥିବା ଜଣାପଡ଼ିଛି। ମୂଳଦୁଆ ଟାଣକଲେ ଗଲା, ଏଥିପାଇଁ ଆନ୍ଧ୍ର ସରକାର ସ୍ୱତନ୍ତ୍ର ରଣନୀତି କରିଛନ୍ତି। ଏଇ ଉଦ୍ଦେଶ୍ୟରେ ଓଡ଼ିଶା ସୀମାବର୍ତ୍ତୀ ଶ୍ରୀକାକୁଲମ ଜିଲାକୁ 'ପାର୍ବତୀପୁରମ ମାନ୍ୟମ' ଜିଲା କରି ସାଲୁର ବିଧାୟକ ପି.ରାଜନ ଦୋରାଙ୍କୁ ଉପମୁଖ୍ୟମନ୍ତ୍ରୀ(ଆନ୍ଧ୍ରର ମୋଟ ୫ଜଣ ଉପ ମୁଖ୍ୟମନ୍ତ୍ରୀ) କରାଯାଇଛି,ଯେମିତି ସ୍ଥାନୀୟ ଅଧିବାସୀ ସରକାରଙ୍କ ଗୁରୁତ୍ୱକୁ ହୃଦୟଙ୍ଗମ କରି ଉତ୍ସାହିତ ହେବେ!

ଥରେ ନେଡ଼ିଗୁଡ଼ କହୁଣୀକୁ ଗଡ଼ିଗଲେ କଥା ସରିଲା। ପୁନଶ୍ଚ ଆନ୍ଧ୍ର ସରକାର ଓଡ଼ିଶାର ସର୍ବୋଚ୍ଚ ପର୍ବତ ଦେଓମାଳି ଉପରେ ନଜର ପକାଇଲେଣି, ଆନ୍ଧ୍ର ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ବିଜୟନଗରମ୍ ଜିଲାପାଳଙ୍କ ସହିତ ଦେଓମାଳି ଆସି ପିକ୍‌ନିକ କରି ଫେରିଗଲେ। ଦୁର୍ମୂଲ୍ୟ ଖଣିଜ ପଦାର୍ଥଭରା ଦେଓମାଳିକୁ ଆନ୍ଧ୍ର ଦଳ କେବଳ ପିକ୍‌ନିକ କରିବାକୁ ଆସିଥିଲେ ବୋଲି ଆମ ସ୍ଥାନୀୟ ଅଧିକାରୀଙ୍କ ଉତ୍ତର ଖାପଛଡା ଲାଗୁଛି । କଥା ଏତେବାଟ ଗଲାଣି, କୁମ୍ଭୀର ମଝି ନଈରେ ପହଞ୍ଚିଲାଣି, ମାତ୍ର ଆମ ନେତାମାନଙ୍କର କୋଟିଆରେ ଦେଖାନାହିଁ। କେବେ ଆଉ ନିଦ ଭାଙ୍ଗିବ ଆମ ଏମାନଙ୍କର। ଏସବୁର ସମାଧାନ ନିମନ୍ତେ ଆନ୍ତରିକତା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଜରୁରୀ। ଭାଷଣରେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, କୋଟିଆ ଆମର କହିଲେ ଚଳିବ ନାହିଁ। ଅବଶ୍ୟ ସେଇଟା ଦିବାସୂର୍ଯ୍ୟ ପରି ସତ୍ୟ ଯେ, କୋଟିଆ ଯୋଉଠି ଅଛି ସେଇଠି ରହିବ ସବୁଦିନ, ଖାଲି ଓଡ଼ିଆ ଫଳକଟା ତେଲୁଗୁ ହୋଇଯାଇଥିବ ଯାହା!

ମୋ: ୯୦୯୦୧ ୯୦୦୬୯

# ମରୁଛେ ବୋଲି ସିନା ଏତେ କଥା



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପପ୍ ଷ୍ଟାର୍ ମାଇକେଲ ଜାକ୍ସନ (୧୯୫୮-୨୦୦୯) ଜଣେ ବିଶ୍ୱବିଖ୍ୟାତ ପପ୍ ଗାୟକ, ଗୀତ ରଚୟିତା ଓ ନର୍ତ୍ତକ। ବିଂଶ ଶତାବ୍ଦୀର ଜଣେ ଶ୍ରେଷ୍ଠ ସାଂସ୍କୃତିକ ବ୍ୟକ୍ତିତ୍ୱ ଭାବେ ସେ ଖୁବ୍ ଜନପ୍ରିୟ ଥିଲେ। ଏପରି କି ତାଙ୍କୁ 'କିଙ୍ଗ୍ ଅଫ୍ ପପ୍' ବୋଲି ଆଖ୍ୟା ଦିଆଯାଇଥିଲା। ସଙ୍ଗୀତ-କଳାକାର ଭାବେ ସେ ଇତିହାସରେ ସର୍ବାଧିକ ପୁରସ୍କାର ପାଇଥିବା ବ୍ୟକ୍ତି ବୋଲି କୁହାଯାଇଥାଏ (ଦ ଗ୍ରେଟେଷ୍ଟ ବ୍ଲାକ୍ ଆଚିଭର୍ସ ଇନ୍ ହିଷ୍ଟ୍ରି ସିଲ୍‌ଭିଆ ଲୋଭିନା ଚିଡ଼ି, ୧ ନଭେମ୍ବର ୨୦୨୦)। ତାଙ୍କ ମୃତ୍ୟୁ ପରବର୍ତ୍ତୀ ସମୟରେ 'ଇଷ୍ଟେଟ୍ ଅଫ୍ ମାଇକେଲ ଜାକ୍ସନ' ଗଠିତ ହୋଇଥିଲା। ୨୦୧୬ରେ ଫୋର୍ବସର ଏକ ହିସାବ ଅନୁସାରେ ମୁଖ୍ୟତଃ ତାଙ୍କ ଗୀତରୁ ଆଦାୟ ଥିଲା ୮୨୫ ନିୟୁତ ଆମେରିକୀୟ ଡଲାର, ଯାହାକି ଏହି କ୍ଷେତ୍ରରେ ଜଣେ ସେଲିବ୍ରିଟିଙ୍କ ପାଇଁ ସର୍ବାଧିକ।

ଏତେ ଧନ ସମ୍ପଦ ଓ ଅସାଧାରଣ ଖ୍ୟାତି ସତ୍ତ୍ୱେ ତାଙ୍କ ଜୀବନ ଯାପନ ଶୈଳୀ ଅବିଶ୍ୱସନୀୟ ଭାବେ ଭିନ୍ନ ଧରଣର ଥିଲା। ତାଙ୍କର ଏକ ଅଜବ ଇଚ୍ଛା ଥିଲା ଯେ, ସେ ଅନ୍ତତଃ ଦେଢ଼ଶହ ବର୍ଷ ବଞ୍ଚିବେ। ସାଧାରଣତଃ ଆମେ ଏତେ ଦିନ ପର୍ଯ୍ୟନ୍ତ ଦୀର୍ଘାୟୁ ହୋଇ ନ ଥାଉ। ତେଣୁ ଏହି ଲକ୍ଷ୍ୟ ହାସଲ କରିବାକୁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଓ ଆଚରଣ ଆବଶ୍ୟକ ବୋଲି ସେ ହୃଦୟଙ୍ଗମ କଲେ। ଏଥିସକାଶେ ତାଙ୍କ ଦୈନନ୍ଦିନ ଜୀବନ ଭିନ୍ନ ରୂପ ନେଲା। ମଣିଷ ବଞ୍ଚିବା ପାଇଁ ଅମ୍ଳଜାନ ନିହାତି ଆବଶ୍ୟକ। ତେଣୁ ସେ ଅକ୍ସିଜେନ ଚାମ୍ବରରେ ରହିବା ସହ ଅକ୍ସିଜେନ ବେଡ୍‌ରେ ମଧ୍ୟ ଶୋଉଥିଲେ। ଏତଦ୍‌ବ୍ୟତୀତ ସେ ବାହାର ଲୋକଙ୍କ ସହ ସାକ୍ଷାତ୍ କରିବା ବେଳେ ଖୁବ୍ ସତର୍କ ହୋଇଯାଉଥିଲେ। ହାତରେ ଗ୍ଲୋଭ୍‌ସ ଓ ପାଟିରେ ମାସ୍କ ଭିଡୁଥିଲେ। ସତେ ଯେମିତି ସେ ସେତେବେଳେ କରୋନା କାଳରେ ଥିଲେ ଓ କୋଭିଡ୍-୧୯ ଭୂତାଣୁ ତାଙ୍କୁ ସଂକ୍ରମିତ କରିଦେବ! ପୁଣି ଖାଦ୍ୟ ଗ୍ରହଣ କରିବା ବେଳେ ପୂର୍ବକାଳର ରାଜାମାନଙ୍କ ପରି ପ୍ରଥମେ ଏହି ଖାଦ୍ୟ ଜଣେ ବିଶ୍ୱସ୍ତ ପରୀକ୍ଷକ ଦ୍ୱାରା ନିରାପଦ ବୋଲି ଜାଣିବା ପାଇଁ ଉଦ୍‌ଗ୍ରୀବ ଥିଲେ। ବିଭିନ୍ନ କାରଣରୁ ଅବଶ୍ୟ ବଡ଼ଲୋକଙ୍କ ପାଇଁ ଖାଦ୍ୟ ପରୀକ୍ଷଣ ଏକ ଜରୁରୀ ଆବଶ୍ୟକତା ହୋଇପାରେ। ଏହି ପରିପ୍ରେକ୍ଷୀରେ ଗୋଟିଏ ଅଘଟଣ ଉଲ୍ଲେଖନୀୟ।

୧୯୬୨ ମସିହାରେ ସୁର ସମ୍ରାଜ୍ଞୀ (୧୯୨୯-୨୦୨୨) ଲତା ମଙ୍ଗେସ୍କର ହଠାତ୍ ଅତ୍ୟନ୍ତ ଅସୁସ୍ଥ ଅନୁଭବ କଲେ। ଏପରିକି ଶେଯରୁ ଉଠି ପାରିଲେ ନାହିଁ। ପ୍ରାୟ ୩ମାସ ପାଇଁ ଏହି ଦୌର୍ବଲ୍ୟ ଲାଗିରହିଲା। ସେ ଚିନ୍ତିତ ହେଲେ ଯେ, ହୁଏତ ସେ ଆଉ ଗୀତ ଗାଇପାରିବେ ନାହିଁ। ଡାକ୍ତର କପୁର ପରୀକ୍ଷା କରି ଜାଣି ପାରିଲେ ଯେ, ଖାଦ୍ୟରେ ତାଙ୍କୁ ସ୍ଲୋ ପଏଜନ ଦିଆଯାଇଛି। ଏହି ନିଦାନ ଜାଣିବା ପରେ ପରେ ତାଙ୍କ ରୋଷେୟା ଦରମା ନ ନେଇ ହଠାତ୍ ଗାଏବ ହୋଇଗଲା। ତାଙ୍କ ବାନ୍ତିରେ ଶାଗୁଆ ବର୍ଣ୍ଣର ତରଳ ପଦାର୍ଥ ବାହାରିବା ପରେ ଡାକ୍ତରୀ ପରୀକ୍ଷଣରୁ ଏମିତି ସମ୍ଭାବନା ବ୍ୟକ୍ତ କରାଯାଇଥିଲା।

ଏହି ଅଭାବନୀୟ ଘଟଣା ପରେ ଖ୍ୟାତନାମା ଗୀତିକାର ଓ ଲତାଙ୍କ ବନ୍ଧୁ ମଜରୁଲ ସୁଲତାନପୁର ଲତାଙ୍କ ଘରକୁ ପ୍ରତିଦିନ ଯାଇ ତାଙ୍କ ଖାଦ୍ୟ ପରୀକ୍ଷା ପରେ ଲତା ଖାଉଥିଲେ। ପ୍ରକାଶଥାଉ କି, ସେତେବେଳେ ଲତାଙ୍କ ବୟସ ପ୍ରାୟ ୩୩ ବର୍ଷ ଓ ଗାୟିକା ହିସାବରେ ବଲିଉଡ୍‌ରେ ତାଙ୍କ ଚାହିଦା ଆକାଶଛୁଆଁ ଥିଲା ( ଲତା ମଙ୍ଗେସ୍କର ଇନ୍ ହର ଓନ୍ ଭଏସ୍-ନସ୍‌ରିନ ମୁନି କବୀରା)। ତେଣୁ ଜାକ୍ସନ ଯଦି ଖାଦ୍ୟରେ ସତର୍କତା ଅବଲମ୍ବନ କରନ୍ତି ଏଥିରେ ବିଶେଷ ଅସ୍ୱାଭାବିକତା ନାହିଁ। କିନ୍ତୁ ସେ କେବଳ ଏତିକିରେ ସୀମିତ ନ ଥିଲେ। ୧୨ଜଣିଆ ଡାକ୍ତରୀ ଦଳ ପ୍ରତିଦିନ ଥରକୁ ଥର ତାଙ୍କ ସର୍ବାଙ୍ଗର ସୁସ୍ଥତା ପ୍ରତି ତୀକ୍ଷ୍ଣ ନଜର ରଖୁଥିଲେ। କିନ୍ତୁ ଏତେ ସବୁ ନିଚ୍ଛିଦ୍ର ଆୟୋଜନ ସତ୍ତ୍ୱେ ସେ ମାତ୍ର ୫୦ ବର୍ଷରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କ ସ୍ୱପ୍ନର ଦେଢ଼ଶହ ବର୍ଷର ଢେର୍ ଆଗରୁ। ତାଙ୍କ କପାଳରେ ଥିଲା ମଧ୍ୟମାୟୁ। ତାହା ଅତିକ୍ରମ କରିବା ଅସାଧ୍ୟ।




ହଲିଉଡ୍ ଓସ୍କାର ବିଜୟିନୀ ଅପରୂପା ସୁନ୍ଦରୀ ଏଲିଜାବେଥ୍ ଟେଲର (୧୯୩୨-୨୦୧୧)ଙ୍କ ଗୋଟିଏ ସଉକ ଥିଲା ଯେ, ସେ ପ୍ରତିଟି କାର୍ଯ୍ୟକ୍ରମରେ ଡେରିରେ ପହଞ୍ଚିବେ। ଏପରିକି ମଣିଷ ଶରୀର ନଶ୍ୱର ବୋଲି ଏକ ନ୍ୟାଯ୍ୟ ସତ୍ୟ ଜାଣି ମଧ୍ୟ ସେ ପୂର୍ବରୁ ଇଚ୍ଛାପ୍ରକାଶ କରିଥିଲେ ଯେ, ତାଙ୍କ ମରଶରୀରକୁ ଠିକ୍ ସମୟରେ କବର ଦିଆ ନ ଯାଇ ବିଳମ୍ବରେ ସମାପନ କରାଯାଉ। ତଦନୁଯାୟୀ ପନ୍ଦର ମିନିଟ୍ ଡେରିରେ ତାଙ୍କ ମରଶରୀର ସମାଧିସ୍ଥ ହେଲା। କେବଳ ଏହି ସେଲିବ୍ରଟିମାନେ ନୁହନ୍ତି, ଆମେ ସମସ୍ତେ ସାଧାରଣ ଲୋକ ମଧ୍ୟ ଅଧିକରୁ ଅଧିକ ଦିନ ବଞ୍ଚିବାକୁ ଚାହୁଁ। ଆମର ଇଚ୍ଛା: ପୁରାଣକାରମାନେ 'ସପ୍ତ ଚିରଞ୍ଜୀବୀ'ଙ୍କ ତାଲିକାରେ ହନୁମାନ, ବଳି, ବ୍ୟାସ, ଅଶ୍ୱତ୍ଥମା, କୃପାଚାର୍ଯ୍ୟ, ବିଭୀଷଣ, ପର୍ଶୁରାମ ରଖିଥିବା ବ୍ୟକ୍ତିମାନଙ୍କ ପରି ଆମେ ସେମିତି ବରପ୍ରାପ୍ତ ହୋଇଯାଆନ୍ତେ କି! କିନ୍ତୁ ଆମ ମୃତ୍ୟୁ ପରେ ଶରୀର ଯେ ପଞ୍ଚଭୂତ (ଭୂମି, ଜଳ, ବାୟୁ, ଅଗ୍ନି ଓ ଆକାଶ)ରେ ଲୀନ ହେବ ଓ ଆମ ଜୈବଶରୀର ଅବଶ୍ୟ କ୍ଷଣ ଭଙ୍ଗୁର। ଆମେ ଭୁଲିଯାଉଛେ, ବରଂ ମନ ପକାଇବାକୁ ମଧ୍ୟ ଚାହୁଁନେ! ତେଣୁ ଏହି ଧରା-ରଙ୍ଗମଞ୍ଚରେ ଏତେ ନାଟକୀୟ ଦୃଶ୍ୟ ପରିଦୃଷ୍ଟ ହେଉଛି।

**ବଡ଼ଖେମୁଣ୍ଡି ବଙ୍ଗଳା,ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩**

## ଏଇ ଭାରତରେ

ଲୋକଙ୍କ ପାଖରେ ବିଜ୍ଞାନ ପହଞ୍ଚିଯାଉଛି ଗାଡ଼ିରେ। ଶୁଣିବାକୁ ଅଜବ ଲାଗୁଥିଲେ ବି ପଞ୍ଜାବର ଜଣେ ଶିକ୍ଷକଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ପଟିଆଲାର ଅବସରପ୍ରାପ୍ତ ଶିକ୍ଷକ ଯଶବିନ୍ଦର ସିଂ ତାଙ୍କ କାରରେ ଏକ ଚଳନ୍ତି ବିଜ୍ଞାନାଗାର କରି ତାହାକୁ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଗଣିତର ବିଭିନ୍ନ ସୂତ୍ରଠାରୁ ଆରମ୍ଭ କରି ମହାକାଶ ଦୁନିଆର ସବୁକିଛି ପ୍ରଦର୍ଶନ କରୁଛନ୍ତି ଯଶବିନ୍ଦର। ସେ ଏହି ଅଭିଯାନର ନାଁ ରଖିଛନ୍ତି 'ଲାବ୍ ଅନ୍ ହ୍ୱିଲ' ଅର୍ଥାତ୍ ଗାଡ଼ିରେ ପରୀକ୍ଷାଗାର। ୧୧ ବର୍ଷ ହେଲା ଯଶବିନ୍ଦର ଏହି ଲାବ୍‌କୁ ନେଇ ବିଭିନ୍ନ ରାଜ୍ୟରେ ପ୍ରଦର୍ଶନ କରୁଛନ୍ତି। ଏବେ ସୁଦ୍ଧା ସେ ୧୧ ରାଜ୍ୟରେ ତାଙ୍କ ଚଳନ୍ତି ବିଜ୍ଞାନାଗାରକୁ ପ୍ରଦର୍ଶନ କରିସାରିଲେଣି। ମୋଟ ୧୩୫୯ଟି ପ୍ରଦର୍ଶନୀ ଆୟୋଜନ କରିସାରିଛନ୍ତି। ଏହା ମାଧ୍ୟମରେ ସେ ପାଖାପାଖି ୭ ଲକ୍ଷ ଲୋକଙ୍କୁ ବିଜ୍ଞାନ ସହ ଯୋଡ଼ି ସାରିଲେଣି। ସେ ଏହି ଭ୍ରାମ୍ୟମାଣ ବା ଚଳନ୍ତି ପରୀକ୍ଷାଗାରକୁ ନିଜ ଖର୍ଚ୍ଚରେ ପରିଚାଳନା କରୁଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ଶିକ୍ଷାରତ୍ନ ପୁରସ୍କାର ଏବଂ ପ୍ରାଇଡ୍ ଅଫ୍ ପଞ୍ଜାବ ସମ୍ମାନ ମିଳିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୦ ଫେବୃଆରୀ ୧୯୭୫

- ଭାରତୀୟ କମ୍ୟୁନିଷ୍ଟ ଦଳର ସଭାପତି ଓ ସାଧାରଣ ସମ୍ପାଦକ ରୂପେ ଏସ୍.ଏ.ଡାଙ୍ଗେ ଏବଂ ସି.ରାଜେଶ୍ୱର ରାଓ ପୁନଃ ନିର୍ବାଚିତ।
- ଭାରତ-ସୋଭିଏତ ସାଂସ୍କୃତିକ ସଂଘ ଓ ସୋଭିଏତ-ଭାରତ ମୈତ୍ରୀ ସଂଘ ମଧ୍ୟରେ ସାଂସ୍କୃତିକ ବିନିମୟ ଚୁକ୍ତି ସମ୍ପାଦିତ।
- ଭାରତ ସାହାଯ୍ୟକାରୀ ଅନ୍ତର୍ଜାତୀୟ ସଂସ୍ଥାର ଅନ୍ୟତମ ସଦସ୍ୟ ଫ୍ରାନ୍ସ ଭାରତକୁ ୫୭ କୋଟି ୮୦ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛି।
- ଏରିଟ୍ରିୟାର ବିଚ୍ଛିନ୍ନତାବାଦୀ ବିଦ୍ରୋହୀ ଗେରିଲା ବାହିନୀ ଏକ ରାସ୍ତା ପୋଲକୁ ଡିନାମାଇଟ ଖଞ୍ଜି ଉଡ଼ାଇଦେବା ଫଳରେ ଆଡିସ ଆବାବ ସହର ସହିତ ଇଥିଓପିଆର ତୈଳ ବିଶୋଧନାଗାରର ଯୋଗାଯୋଗ ବିଚ୍ଛିନ୍ନ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 6 | 5 | | | | |
| | | | | | 2 | 3 | | |
| 5 | | | 1 | 3 | 4 | | | |
| | | 3 | | | 8 | | 4 | |
| | 9 | 8 | | 7 | | | | 1 |
| | | | 2 | | | 8 | | |
| | | | | | | 1 | | 6 |
| | | 9 | | | | | | 8 |
| | 4 | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 8 | 3 | 9 | 1 | 7 | 4 |
| 3 | 9 | 7 | 4 | 1 | 6 | 2 | 8 | 5 |
| 8 | 1 | 4 | 2 | 7 | 5 | 9 | 6 | 3 |
| 9 | 8 | 1 | 7 | 4 | 3 | 6 | 5 | 2 |
| 6 | 7 | 5 | 9 | 8 | 2 | 3 | 4 | 1 |
| 4 | 2 | 3 | 6 | 5 | 1 | 7 | 9 | 8 |
| 1 | 3 | 9 | 5 | 6 | 4 | 8 | 2 | 7 |
| 5 | 6 | 8 | 3 | 2 | 7 | 4 | 1 | 9 |
| 7 | 4 | 2 | 1 | 9 | 8 | 5 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଙ୍ଗନୱାଡି ଖାଦ୍ୟ ବ୍ୟବସ୍ଥାରେ ସୁଧାର ହେଉ

ମହାଶୟ,

ସରକାରଙ୍କ ନିର୍ଦ୍ଧାରିତ ଦରରେ ବଜାରରେ ଅଣ୍ଡା ନ ମିଳିବାରୁ ରାଜ୍ୟର କିଛି ଅଙ୍ଗନୱାଡି କେନ୍ଦ୍ର ଦୁଇ ମାସରେ ୧୨୦ ଟଙ୍କା (୨୪ଟି ଅଣ୍ଡାକୁ) ପିଲାଙ୍କ ଅଭିଭାବକମାନଙ୍କୁ ଫୋନ୍ ପେ'ରେ ପଠାଇ ଦେଉଥିବା କେତେକ ଅଞ୍ଚଳରୁ ଶୁଣିବାକୁ ମିଳୁଛି । ତା'ଛଡା ଦ୍ୱିତୀୟ କଥା ହେଲା, ଅଭିଭାବକମାନେ ସେ ଟଙ୍କା ପାଇଲେ ସେଥିରେ ସେମାନେ କ'ଣ ନିଜ ପିଲାଙ୍କ ପାଇଁ ଅଣ୍ଡା କିଣିବେ ସେ ଗ୍ୟାରେଣ୍ଟି କିଏ ଦେବ। କାରଣ ପ୍ରାୟ ପିଲାଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହି ଅଣ୍ଡା ପଇସା ସେମାନେ ପାଇବେ ସତ, କିନ୍ତୁ ନିଜକୁ ତ ଅଣ୍ଟୁନି ପୁଣି ପିଲାଙ୍କୁ କ'ଣ ଦେବେ। ଏବେ କଥା ଉଠୁଛି ଯେ ଯେଉଁ ଗରିବ, ଶ୍ରମିକ, ସାଧାରଣ ପରିବାରର ପିଲାମାନେ ସରକାରୀ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି ଓ ସରକାରଙ୍କୁ ଅବଗତ ଯେ ସେମାନଙ୍କ ଘୋଷଣା ଅନୁଯାୟୀ ଅଙ୍ଗନୱାଡି ପିଲାଙ୍କୁ ପୌଷ୍ଟିକ ଖାଦ୍ୟ ଦିଆଯାଉଛି, ତାହା ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି। ଏହା ଠିକ୍ ଭାବେ ତଦାରଖ ହେଉନାହିଁ। କେବଳ ଶିଶୁ ନୁହନ୍ତି ବରଂ ଗର୍ଭବତୀ ମହିଳା, କିଶୋରୀମାନଙ୍କ କ୍ଷେତ୍ରରେ ବି ସେଇ ଏକା ଅବସ୍ଥା। ଯଦି ସରକାର ପ୍ରକୃତରେ ସମାଜର ଶିଶୁ, ଗର୍ଭବତୀ ଓ କିଶୋରୀମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଦିଗରେ ଧ୍ୟାନ ରଖିବାକୁ ଚାହୁଁଛନ୍ତି ତେବେ ସମାଜ ପ୍ରତି ଉତ୍ସର୍ଗୀକୃତ କୌଣସି ସଂସ୍ଥା ସହିତ ଯୋଗାଯୋଗ କରି ସେମାନଙ୍କୁ ଚୁକ୍ତିବଦ୍ଧ କରାଇ ସେମାନଙ୍କ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଦିଆଯାଇପାରନ୍ତା । ଅନେକ ସ୍ଥଳରେ ହେଉଥିବା ମଧ୍ୟାହ୍ନଭୋଜନ ସ୍କୁଲ ପରିସରରେ ପ୍ରସ୍ତୁତ ନ କରି ଓ ଶିକ୍ଷକମାନଙ୍କୁ ହଇରାଣ ନ କରି କୌଣସି ପ୍ରତିଷ୍ଠିତ ସଂସ୍ଥାକୁ ଦେଇଦେବା ଉଚିତ। ତାହାଦ୍ୱାରା ଅନେକ ସମୟରେ ଯେଉଁସବୁ ଅଭିଯୋଗ ଆସୁଛି ତାହା ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଆନ୍ତା ଓ ପିଲାମାନେ ମଧ୍ୟ ପୌଷ୍ଟିକ ଖାଦ୍ୟ ଖାଇପାରନ୍ତେ ଏବଂ ସରକାରଙ୍କ ଯୋଜନା ସଫଳ ହୁଅନ୍ତା।

**-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର**

## ଚିରନ୍ତନୀ

ଆସିଲ ଯେବେ କି ପାଇଁ ଦୂରେ ?
ମୁଁ ପରା ଅଛି ନିକଟେ ଅତି
ତୁମରି ପାଇଁ ରହିଛି ଚାହିଁ
ବିରହ-ବ୍ୟଥା ଟଳାଏ ମତି।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୪.୨୭ ଲକ୍ଷ ସହ ଧରାପଡ଼ିଲେ ଟ୍ରାଫିକ୍ ଇନ୍ସପେକ୍ଟର

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ରାୟଗଡ଼ା,୯।୨(ଆଶିଷ ରଞ୍ଜନ ପଣ୍ଡା)

କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ବିପୁଳ ସମ୍ପତ୍ତି ଠୁଳ କରୁଛନ୍ତି ସରକାରୀ ବାବୁ। କିଏ ଖସିଯାଉଛନ୍ତି ତ ଆଉ କିଏ ଧରାପଡୁଛନ୍ତି। ଏବେ ଭିଜିଲାନ୍ସ ପଞ୍ଝାରେ ଫସିଛନ୍ତି ଆଉଜଣେ ସରକାରୀ ବାବୁ। ସେ ହେଲେ ଜଗତ୍‌ସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ଓଏମ୍‌ଭିଡି ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର। ପ୍ରଶାନ୍ତ ୪.୨୭ ଲକ୍ଷ ଟଙ୍କା ଧରି ଭୁବନେଶ୍ୱର ଆସୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କେତେଜଣ ଲୋକଙ୍କଠାରୁ ବିପୁଳ ପରିମାଣର ଟଙ୍କା ଗ୍ରହଣ କରିଥିବା ନେଇ ଭିଜିଲାନ୍ସ ଜାଣିବାକୁ ପାଇଥିଲା। ଏହାପରେ ଭିଜିଲାନ୍ସର ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଶୁକ୍ରବାର ୪ ଲକ୍ଷ ୨୭ ହଜାର ଟଙ୍କାକୁ ଧରି ପ୍ରଶାନ୍ତ କାର୍ (ଓଡି୦୨ସିପି୫୪୧୪) ଯୋଗେ ଜଗତ୍‌ସିଂହପୁରରୁ ଭୁବନେଶ୍ୱର ଆସୁଥିବା ଭିଜିଲାନ୍ସ ଟିମ୍ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। କଟକ ଜିଲା ବିରିବାଟୀ ତାରିଣୀ ଛକ ନିକଟରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ବିପୁଳ ଟଙ୍କା ମିଳିଥିଲା। ତେବେ ଏହି ଟଙ୍କା ସଂକ୍ରାନ୍ତରେ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ତେଣୁ ତାଙ୍କ ନିକଟରୁ ମିଳିଥିବା ସମସ୍ତ ଟଙ୍କାକୁ ଭିଜିଲାନ୍ସ ପକ୍ଷରୁ ଜବତ କରାଯାଇଛି। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ପ୍ରଶାନ୍ତଙ୍କ ଭିଏସ୍‌ଏସ୍‌ନଗରସ୍ଥିତ ବାସଭବନ ଓ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତାରପୁରସ୍ଥିତ ଭଡ଼ା ଘରେ ଯାଞ୍ଚ ଜାରି ରହିଛି। ଏଥିସହ ବେଆଇନ ଟଙ୍କା ସଂକ୍ରାନ୍ତରେ ତାଙ୍କୁ ଅଧିକ ପଚରାଉଚରା କରାଯାଉଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆମ ରାୟଗଡ଼ା ପ୍ରତିନିଧିଙ୍କଠାରୁ ମିଳିଥିବା ସୂଚନାନୁସାରେ, ରାୟଗଡ଼ା ଟାଉନ୍ ରାମକୃଷ୍ଣ ନଗରରେ ଭଡ଼ାରେ ଲାଗିଥିବା ପ୍ରଶାନ୍ତ ଘରେ ରାୟଗଡ଼ା ଭିଜିଲାନ୍ସର ୪ଜଣିଆ ଟିମ୍ ଯାଞ୍ଚ କରୁଛନ୍ତି। ଭଡ଼ାରେ ରହୁଥିବା ଲୋକଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିଲା।

NITI Aayog | ATAL INNOVATION MISSION | AICTE | MoE's INNOVATION CELL (GOVERNMENT OF INDIA) | NIT ATAL INCUBATION CENTRE NALANDA INSTITUTE OF TECHNOLOGY FOUNDATION

AAROHAN
ଆରୋହଣ
THE ODISHA INNOVATION CONCLAVE
2023-24
INAUGURATION
in the august presence of
Prof. T.G. Sitharam
Chairman, AICTE
Dr. Chintan Vaishnav
Mission Director
Atal Innovation Mission
Dr. Abhay Jere
Vice Chairman, AICTE
Chief Innovation Officer, MIC
Date: 10th February 2024
Time: 11.00 A.M. Onwards
-: Venue :-
NALANDA INSTITUTE OF TECHNOLOGY, BHUBANESWAR
Website: www.thenalanda.com

# ବିନା ଅସ୍ତ୍ରୋପଚାରରେ ଫୁସ୍‌ଫୁସ୍‌ରୁ ବାହାରିଲା ଛୁଞ୍ଚି

## ନାବାଳକଙ୍କ ଜୀବନ ବଞ୍ଚାଇଲା ଏମ୍ସ ଶିଶୁ ବିଭାଗର ଡାକ୍ତରୀ ଟିମ୍

ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)



ବିରଳ ଚିକିତ୍ସା କ୍ଷେତ୍ରରେ ଏମ୍ସ ଭୁବନେଶ୍ୱରକୁ ଆଉଏକ ସଫଳତା ମିଳିଛି। ଏମ୍ସ ଶିଶୁ ବିଭାଗର ଡାକ୍ତରୀ ଟିମ୍ ବିନା ଅସ୍ତ୍ରୋପଚାରରେ ଜଣେ ୯ ବର୍ଷୀୟ ବାଳକଙ୍କ ଫୁସ୍‌ଫୁସ୍‌ରୁ ଏକ ଛୁଞ୍ଚି ବାହାର କରି ତାଙ୍କ ଜୀବନ ବଞ୍ଚାଇଛନ୍ତି। ପ୍ରଥମଥର ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ସଫଳତାର ସହ ଏହି ଜଟିଳ ଚିକିତ୍ସା କରାଯାଇଛି।

ଉକ୍ତ ନାବାଳକଙ୍କ ଘର ପଶ୍ଚିମବଙ୍ଗରେ। ସେ ଅସାବଧାନତାବଶତଃ ୪ ସେ.ମି. ଲମ୍ବର ଏକ ସିଲେଇ ମେଶିନ ଛୁଞ୍ଚି ଗିଳିଦେଇଥିଲେ। ଦୁଇଦିନ ପରେ ଉକ୍ତ ନାବାଳକଙ୍କୁ ପରିବାର ଲୋକେ ଏମ୍ସ ଭୁବନେଶ୍ୱରକୁ ଆଣିଥିଲେ। ଛୁଞ୍ଚିଟି ତାଙ୍କ ବାମପାର୍ଶ୍ୱ ଫୁସ୍‌ଫୁସ୍‌ର ନିମ୍ନଭାଗରେ ଲାଖି ରହିଥିବା ଜଣାପଡ଼ିଥିଲା। ଏ କ୍ଷେତ୍ରରେ ସାଧାରଣତଃ ଅସ୍ତ୍ରୋପଚାର କରାଯାଇଥାଏ। ମାତ୍ର ନାବାଳକର ଗୁରୁତର ସ୍ଥିତି ଦେଖି ଏହାକୁ ବିନା ଅସ୍ତ୍ରୋପଚାରରେ ବାହାର କରିବାକୁ ଡାକ୍ତରମାନେ ନିଷ୍ପତ୍ତି ନେଇଥିଲେ। ଶିଶୁ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ଦାସ, ଡା. କ୍ରୀଷ୍ଣା ଏମ୍ ଗୁଲ୍ଲା, ଡା. କେତନ ଏବଂ ଡା. ରାମକୃଷ୍ଣଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ବିଶେଷଜ୍ଞ ଦଳ ପ୍ରାୟ ୧ ଘଣ୍ଟା ଧରି ସତର୍କତାର ସହ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଛୁଞ୍ଚିକୁ ବାହାର କରିବାରେ ସଫଳ ହୋଇଥିଲା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏମ୍ସ ଚିକିତ୍ସକଙ୍କ ଏପରି ଉତ୍ସର୍ଗୀକୃତ ମନୋଭାବକୁ ପ୍ରଶଂସା କରିଛନ୍ତି। ଏମ୍ସ ସର୍ବଦା ଜନସାଧାରଣଙ୍କ ଜୀବନ ରକ୍ଷା ନିମିତ୍ତ ପ୍ରତିବଦ୍ଧ ବୋଲି ଡା. ବିଶ୍ୱାସ କହିଛନ୍ତି। ଟିମ୍‌ର ନେତୃତ୍ୱ ନେଇଥିବା ଶିଶୁ ବିଶେଷଜ୍ଞ ଡା. ରଶ୍ମି ରଞ୍ଜନ ଦାସ କହିଛନ୍ତି, ଏପରି ଜଟିଳ ସ୍ଥିତିରେ ଅସ୍ତ୍ରୋପଚାର କରିବା ନାବାଳକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଆନ୍ତା। ମାତ୍ର ଅଭିନବ ଉପାୟରେ କରାଯାଇଥିବା ଏହି ପ୍ରକ୍ରିୟା ବେଶ୍ ଲାଭଦାୟୀ ହୋଇପାରିଛି। ୪ଦିନ ପରେ ଉକ୍ତ ନାବାଳକଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ବର୍ତ୍ତମାନ ସେ ସୁସ୍ଥ ରହିବା ସହ ସାଧାରଣ ଜୀବନଯାପନ କରୁଥିବା ଡା. ଦାସ ସୂଚନା ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ପେଡିଆଟ୍ରିକ ପଲ୍‌ମୋନୋଲୋଜି ଏବଂ ଆଇସିୟୁ ଦଳ କାର୍ଯ୍ୟ କରୁଛି। ୧ମାସର ଶିଶୁଙ୍କଠାରୁ ୧୫ ବର୍ଷ ବୟସର ଶିଶୁଙ୍କ ପର୍ଯ୍ୟନ୍ତ ଆବଶ୍ୟକ ସମସ୍ତ ଚିକିତ୍ସା ସେବା ମିଳିପାରୁଛି। ବିଶେଷକରି ବ୍ରୋଙ୍କୋସ୍କୋପିକ ପଦ୍ଧତି ମାଧ୍ୟମରେ ଗୋଟିଏ ସ୍ଥାନରେ ସାମଗ୍ରିକ ଶିଶୁ ଚିକିତ୍ସା ସୁବିଧା ରାଜ୍ୟରେ ଅନ୍ୟ କେଉଁଠି ଉପଲବ୍ଧ ନାହିଁ ବୋଲି ଡା. ଏମ୍. ଗୁଲ୍ଲା କହିଛନ୍ତି।

# ଶ୍ରୀମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି

## ଧରାପଡ଼ିଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ

ପୁରୀ, ୯।୨(ଅଜିତ୍ ମହାନ୍ତି)

ଦାରୁଦିଅଁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ ଦେଇଥାନ୍ତି। ତେବେ ଏହି ହୁଣ୍ଡି ଅର୍ଥ ଚୋରି ହୋଇଛି। ଜଣେ ଶ୍ରୀମନ୍ଦିର କର୍ମଚାରୀ ଏହି ଅର୍ଥ ଚୋରି କରି ଧରାପଡ଼ିଛନ୍ତି। ସେ ହେଲେ ଶ୍ରୀମନ୍ଦିର କାର୍ଯ୍ୟାଳୟର ରେକର୍ଡ ରୁମ୍‌ରେ ଚତୁର୍ଥଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ପ୍ରଦୀପ କୁମାର ମହାପାତ୍ର। ତାଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଶ୍ରୀମନ୍ଦିର ଭିତରେ ଡୋନେସନ ସେଲ୍‌ରେ ଟଙ୍କା ଗଣତି ବେଳେ ସେ ଟଙ୍କା ଚୋରି କରିଥିବା ଜଣାପଡ଼ିଛି। ସିସିଟିଭି ଫୁଟେଜରୁ ଚୋରି ଧରାପଡ଼ିବା ପରେ ପ୍ରାୟ ୩୫ ହଜାର ଟଙ୍କା ତାଙ୍କଠାରୁ ଜବତ କରାଯାଇଛି। ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦିଆଯାଉଥିବା ଅର୍ଥକୁ ପ୍ରତ୍ୟେକ ଦିନ ଗଣାଯାଇଥାଏ। ଅଭିଯୁକ୍ତ ପ୍ରଦୀପ ଗତ କିଛିଦିନ ହେବ ଗଣତି ଦାୟିତ୍ୱରେ ରହିଥିଲେ। ସେ ଟଙ୍କା ଗଣତି କରୁଥିବା ସମୟରେ ସେଥିରୁ କିଛି ଅର୍ଥ ନେଇଯାଇଥିଲେ, ଯାହା ପରବର୍ତ୍ତୀ ସମୟରେ ସିସିଟିଭିରୁ ଜଣାପଡ଼ିଥିଲା। ଏହାପରେ ଶ୍ରୀମନ୍ଦିର ସୁପରଭାଇଜରଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ତାଙ୍କ ନାମରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ. ୧୫/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଜେରା କରିଥିଲା। ସେ ଚୋରି କରିଥିବା ମାନିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା। ଉକ୍ତ କର୍ମଚାରୀ ପ୍ରାୟ ୭ଦିନ ପାଇଁ ଶ୍ରୀମନ୍ଦିର ହୁଣ୍ଡି ଟଙ୍କା ଗଣତିରେ ନିୟୋଜିତ ହୋଇଥିଲେ। ତେବେ ସେ ଡ୍ୟୁଟି କରୁଥିବାବେଳେ ଅନ୍ୟ ଦିନରେ ଟଙ୍କା ଚୋରି କରିଛନ୍ତି ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ହୁଣ୍ଡି ଗଣତି ନିମନ୍ତେ ସ୍ଥାୟୀ କର୍ମଚାରୀ ନିଯୁକ୍ତି କରାନଯିବା ଓ ଗଣତିରେ ସ୍ୱଚ୍ଛତା ରକ୍ଷା ଲାଗି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ସୁବର୍ଣ୍ଣପୁରରୁ ଗଡ଼ିଲା ସୋନପୁର-ପୁରୀ ଏକ୍ସପ୍ରେସ୍

ସୋନପୁର,୯।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାବାସୀଙ୍କ ଦୀର୍ଘବର୍ଷର ସ୍ୱପ୍ନ ପୂରଣ ହୋଇଛି । ପ୍ରଥମକରି ସୁବର୍ଣ୍ଣପୁରକୁ ରେଳ ଗଡ଼ିଛି। ସୋନପୁର ଷ୍ଟେଶନରୁ ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଶୁକ୍ରବାର ସନ୍ଧ୍ୟାରୁ ନିୟମିତ ଚାଲିଲା। ଜିଲାବାସୀ ଷ୍ଟେଶନରେ ଉପସ୍ଥିତ ରହି ଟ୍ରେନ୍ ଓ ଯାତ୍ରୀମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଫେରିବା ମାର୍ଗରେ ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ୍ ପ୍ରତି ଶୁକ୍ରବାର ସୋନପୁରରୁ ସନ୍ଧ୍ୟା ୭ଟା ୩୦ରେ ଛାଡି ଶନିବାର ସକାଳ ୬ଟା ୫୫ରେ ପୁରୀରେ ପହଞ୍ଚିବ। ସୋନପୁର ଷ୍ଟେଶନରୁ ୯୦ ଜଣ ଯାତ୍ରୀ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ରେନ୍ ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ,ସମ୍ବଲପୁର ସହିତ ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଓ ପୁରୀ ଜିଲାକୁ ସଂଯୋଗ କରୁଛି। ଅଞ୍ଚଳର ଛାତ୍ରୀଛାତ୍ର, କୃଷକ, ତୀର୍ଥଯାତ୍ରୀ ଓ ବ୍ୟବସାୟୀମାନଙ୍କୁ ଲାଭ ପ୍ରଦାନ କରିବ। ପୁରୀ-ସୋନପୁର-ପୁରୀ ଏକ୍ସପ୍ରେସ ପୁରୀ ଷ୍ଟେଶନରୁ ପ୍ରତି ଗୁରୁବାର ଦିନ ଏବଂ ସୋନପୁର ଠାରୁ ପ୍ରତି ଶୁକ୍ରବାର ଦିନ ଯାତ୍ରା କରିବ। ଏହି ଟ୍ରେନ୍ ଗୁରୁବାର ସନ୍ଧ୍ୟା ୭ଟା ୩୫ରେ ପୁରୀ ଛାଡି ସୋନପୁରରେ ଶୁକ୍ରବାର ସକାଳ ୫ଟା ୩୦ରେ ପହଞ୍ଚିଥିଲା। ଟ୍ରେନ୍ ପୁରୀ ଓ ସୋନପୁର ମଧ୍ୟରେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନାରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୋଳ, ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ, ବଲାଙ୍ଗୀର, ବିଚ୍ଛୁପାଲି, ଝାରତରଭା, ନରସିଂହଗଡ ଷ୍ଟେଶନ ଗୁଡିକରେ ରହଣି କରିବ। ସାପ୍ତାହିକ ଏକ୍ସପ୍ରେସ୍‌ରେ ଗୋଟିଏ ଏସି-୨ ଟାୟାର, ୭ଟି ଏସି-୩ ଟାୟାର, ଗୋଟିଏ ଏସି-୩ ଟାୟାର ଇକୋନୋମି, ୬ଟି ସ୍ଲିପର ଶ୍ରେଣୀ, ୩ଟି ଦ୍ୱିତୀୟ ଶ୍ରେଣୀ ସିଟିଂ, ଗୋଟିଏ ଗାର୍ଡ, ଲଗେଜ୍ ତଥା ଦିବ୍ୟାଙ୍ଗଜନ କୋଚ ଏବଂ ଗୋଟିଏ ଗାର୍ଡ, ଲଗେଜ୍ ତଥା ମୋଟର କୋଚ୍ ଉପଲବ୍ଧ ରହିଛି। ଗତ ୩ ତାରିଖରେ ସମ୍ବଲପୁରରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନ୍‌ର ଶୁଭାରମ୍ଭ କରିଥିଲେ। ଫଳରେ ଶ୍ରୀକ୍ଷେତ୍ର ପୁରୀ ସହିତ ପାତାଳି ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରକୁ ଯୋଗାଯୋଗ ସହଜ ହୋଇପାରିଛି। ନାଗରିକ ସମାଜ ସମେତ ସାଧାରଣ ଲୋକ ସୋନପୁର ରେଳ ଷ୍ଟେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଉଭୟ ଟ୍ରେନ୍ ଓ ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ ।

# ନିଯୁକ୍ତି ପାଇଲେ ୭୧୬ ଏଏସ୍‌ଓ

## ନିଷ୍ଠାର ସହ ୫-ଟି ଅନୁସରଣ କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୯।୨(ଅନିଲ ଦାସ)

ରାଜ୍ୟ ସରକାର ୭୧୬ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସଓ)ଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନେ ଲୋକସେବା ଭବନରେ ଥିବା ବିଭିନ୍ନ ବିଭାଗରେ କାର୍ଯ୍ୟ କରିବେ। ଏ ନେଇ ଶୁକ୍ରବାର ଲୋକସେବା କନ୍‌ଭେନଶନ ହଲ୍‌ରେ ଏକ ନିଯୁକ୍ତି ପର୍ବର ଆୟୋଜନ କରାଯାଇଥିଲା। ନବନିଯୁକ୍ତ ଏଏସ୍‌ଓମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ ୫-ଟି ନୀତି ଅନୁସରଣ କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଶାସନିକ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ପାରଦର୍ଶିତା ଆଣିବା ପାଇଁ ରାଜ୍ୟ ସରକାର ସମସ୍ତ ବିଭାଗରେ ୫-ଟି କାର୍ଯ୍ୟକାରୀ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଲୋକଙ୍କ ଜୀବନରେ ରୂପାନ୍ତର ଆଣିବା ପାଇଁ ଟିମ୍‌ୱାର୍କ, ଟେକ୍ନୋଲୋଜି ଓ ଟ୍ରାନ୍ସପରେନ୍ସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ଠା ଓ ସମୟାନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଉଛନ୍ତି। ଏଏସ୍‌ଓ ପଦବୀରେ ବହୁ ବି.ଟେକ୍, ଏମ୍. ଟେକ୍ ଏବଂ ବିଭିନ୍ନ ବିଭାଗର ପ୍ରାର୍ଥୀମାନେ ନିଯୁକ୍ତି ପାଇଛନ୍ତି। ଉତ୍ସର୍ଗୀକୃତ ଭାବେ ରାଜ୍ୟର ସେବା କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ କହିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ନିଷ୍ଠା ଓ ସ୍ୱଚ୍ଛତାର ସହ କାର୍ଯ୍ୟ କରିବାକୁ ଏଏସ୍‌ଓମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

# ଲୋକଙ୍କୁ ଭୁଆଁ ବୁଲାଇବାକୁ ଯୋଜନା ହେଉଛି: ଭାଜପା

## ଲୋକାଭିମୁଖୀ ବଜେଟ: ଅମର

ଭୁବନେଶ୍ୱର,୯।୨(ଅନିଲ ଦାସ)

ଲୋକଙ୍କୁ ଭୁଆଁ ବୁଲାଇ ଭୋଟ ହାତେଇବା ପାଇଁ ଯୋଜନା ହେଉଛି। ଯୋଜନାର କେବଳ ନାମ ରୂପାନ୍ତର ହେଉଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଶୁକ୍ରବାର ବଜେଟ ଆଲୋଚନା ବେଳେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ୨୦୦୯ରେ ରାଜ୍ୟରେ ୫୩,୩୩୫ ପ୍ରାଥମିକ ସ୍କୁଲ ଥିଲା। ଏବେ ତାହା ୪୯,୪୦୯କୁ ଖସିଆସିଛି। ଲୋକସଂଖ୍ୟା ବଢୁଛି। ସ୍କୁଲ ସଂଖ୍ୟା କେମିତି କମିଲା। ଏହା କ'ଣ ରାଜ୍ୟର ବିକାଶ । ବିହାର ଭଳି ଗରିବ ରାଜ୍ୟ ଶିକ୍ଷାରେ ବଜେଟର ୧୮% ବ୍ୟୟବରାଦ କରିଥିବାବେଳେ ଓଡ଼ିଶାରେ ତାହା ୧୩ %। ରାଜ୍ୟରେ ୬୨ ହଜାର ଶିକ୍ଷକ ପଦବୀ ଖାଲିପଡିଛି। ୫-ଟି ରୂପାନ୍ତରଣ ନାଁରେ କେବଳ ରଙ୍ଗ ମାରିଦେଲେ ପାଠପଢ଼ା ହେବନାହିଁ। ସ୍କୁଲରେ ଶିକ୍ଷକ ନିଯୁକ୍ତି କରିବାକୁ ପଡ଼ିବ ବୋଲି ମୋହନ କହିଛନ୍ତି। ଏହାର ଜବାବରେ ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ୧୯୯୯ରେ ସରକାରୀ କର୍ମଚାରୀଙ୍କୁ ଦରମା ମିଳୁ ନ ଥିଲା। ଏବେ ରାଜ୍ୟ ୧ ବିଲିୟନ ଅର୍ଥନୀତି ହୋଇଛି। ଏହା ଲୋକାଭିମୁଖୀ ବଜେଟ। ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ୮.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ଆଗରୁ ସହରରେ ଭଲ ସ୍କୁଲ ଥିଲା। ଏବେ ଗାଁରେ ମଧ୍ୟ ଚକଚକିଆ ସ୍କୁଲ ହୋଇଛି। ଏହା କ'ଣ ବିକାଶ ନୁହେଁ କି ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ପଞ୍ଚାୟତଠାରୁ ଜିଲା ପର୍ଯ୍ୟନ୍ତ ଦୁର୍ନୀତି ରହିଛି। ଆଞ୍ଚଳିକ ବୈଷମ୍ୟ ବଢୁଥିବାରୁ ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରାଜ୍ୟ ପାଇଁ ଦାବି ହେଉଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରାଗଲା। ଏ ପର୍ଯ୍ୟନ୍ତ ଏହାର ମୁଖ୍ୟାଳୟ ପଶ୍ଚିମ ଓଡ଼ିଶାକୁ ଯାଇପାରିଲା ନାହିଁ। ଦ୍ୱିତୀୟ କୃଷି ବିଦ୍ୟାଳୟ ହେବ ବୋଲି ଘୋଷଣା କରାଗଲା । ଏ ପର୍ଯ୍ୟନ୍ତ ତାହା ହେଲାନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ୩୦ ଲକ୍ଷ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ଗରିବର ସଂଜ୍ଞା ସରକାର ଜାଣିନାହାନ୍ତି। ତେବେ ଦାରିଦ୍ର୍ୟ ଦୂରୀକରଣ କିପରି ହେଉଛି। ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ଭାଜପା ବିଜେଡିକୁ ଗିଳିବାକୁ ବସିଲାଣି। ଏଭଳି ରାଜନୀତି ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ। ଭୋଟ ପାଇଁ ଯୋଜନା ହେଉଛି ବୋଲି ନରସିଂହ କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Requirement
Required for Sai Krupa Spa Lady Expert Therapist and Receptionist.
Contact : 8984068077, 7848011468

REQUIRED
Sales Staff for a Tiles Showroom +2 / Graduate
Contact: 8340420307
EURO MARBLE & TILES

WALK-IN-INTERVIEW FOR MARKETING EXECUTIVES (HOUSING)
Place of Interview:
SHREE GOPINATH ENCLAVE APPARTMENT
Infront of KIST Engineering College, Gopinathpur, Gopinathpur Water Tank, Jatni
Time: Wednesday, Thursday and Friday (07.02.2024 - 09.02.2024) (10.00 A.M. to 12.00 P.M.)
Contact: 8249394305

REQUIRED
Sales Girl for Our New Showroom & Account Person with Account's Related Experience.
Contact : 9238499109

ankura hospital for women & children | 9M
WALK IN INTERVIEWS
JOIN OUR TEAM
Best healthcare brand for Women & Children is now recruiting for its upcoming Bhubaneswar center
10th & 11th Feb | 10am to 4pm
Pediatrics & Gynecology (DMO & Registrars)
Nursing, HR, Pharmacy, Operations, Quality, OT Tech, PRE, Front office, Billing, Marketing, IT, Lab Tech, MOD, Accounts & Internal Audit, Tele Caller
Drive Location:
Near Sisubhavan Bus Stop, Bapuji Nagar, Bhubaneswar, Odisha - 751009
9121053131 | job@ankurahospital.com
Telangana | Andhra Pradesh | Maharastra | Odisha

ଆବଶ୍ୟକ
ଶ୍ରୀ ତିରୁପତି କୋରିୟର ସର୍ଭିସ ପାଇଁ (୧) ମାର୍କେଟିଙ୍ଗ ମ୍ୟାନେଜର -(ଅଭିଜ୍ଞତା ୩ ବର୍ଷ), (୨) ଡେଲିଭରି/ପିକ୍ ଅପ୍ ବଏ -(ଯୋଗ୍ୟତା-10th/+2 ପାସ୍), (୩) ଅଫିସ୍ ଆସିଷ୍ଟାଣ୍ଟ (ମହିଳା)-(ଯୋଗ୍ୟତା-+2/+3ପାସ୍), (୪) ପିକ୍‌ଅପ୍ ଡ୍ରାଇଭର, (୫) ଅଟୋ ଡ୍ରାଇଭର ଆବଶ୍ୟକ।
ଯୋଗାଯୋଗ : B1/1, Kharavel Nagar, Unit-III, BBSR-01
Mob.: 9114342064

Parul® University
Vadodara, Gujarat
9724323545 | NAAC GRADE A++
CSE | IT | EC | BCA | MCA
Applications are invited for the posts of Lecturer, Assistant/ Associate Professor / Professor in above disciplines
Salary
• For B.Tech/BCA (Fresher) - CTC 3.0 – 4.0 Lac/ Annum
• For M.Tech/MCA (Fresher) - CTC 4.8 – 6.0 Lac/ Annum
Outstation Candidates Shall Be Paid 10-15k Per Month Additional Salary As Relocation Allowance. *No Bar For Experienced & Deserving Candidates
WALK-IN INTERVIEW IN BHUBANESWAR
Address: Plot No: 22, Ground floor, Acharya Vihar, Near Regional Science Centre Date & Time: Feb 11, 2024 (Sunday), 09:30 AM
Qualification & experience as per AICTE norms. Interested candidates can also apply through www.paruluniversity.ac.in/careers
Registrar

WANTED
ଧରିତ୍ରୀ DHARITRI Oriya daily is looking for
Layout Designers
• Minimum 3 years+ experience in print media.
• Proficiency in InDesign, Photoshop, CorelDRAW is a must.
Apply within 7 days to : recruitment@dharitri.com
Attractive salary commensurate with experience

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-IV)/321 Dated, the 06th Feb, 2024
Advertisement
Applications are invited from Indian Nationals for engagement of 01 (one) Sr. Manager (Information, Communication & Trade Facilitation) and Manager (Information, Communication & Trade Facilitation) on contractual basis in Paradip Port Authority.
For further details, visit our website https://paradipport.gov.in/Carret.aspx.
PPA/PR/84/2023-2024 dtd. 07.02.2024
Sd/- Sr. Asst. Secretary Paradip Port Authority

ଗ୍ରାମୀଣ ଉଦ୍ୟମିତା ବିକାଶ ନିଗମ ରାଜ୍ୟଗୁଡ଼ିକରେ GRAMIN UDYAMITA VIKAS NIGAM ବ୍ଲକ୍ ସ୍ତରରେ ବିଭିନ୍ନ ପଦବୀ ନିମନ୍ତେ ଅନ୍‌ଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି।
www.guvn.co.in
VACANCY ANNOUNCEMENT
ଓଡ଼ିଶା ରାଜ୍ୟରେ 9302 ପଦବୀ ପାଇଁ

| କ୍ର.ସଂ. | ପଦବୀର ନାମ | ମୋଟ ପଦବୀ | ବେତନ | ଯୋଗ୍ୟତା |
|---|---|---|---|---|
| 1 | Jila Udyamita Vikas Adhikari | 252 | 33500 | ଗ୍ରାଜୁଏସନ୍ |
| 2 | Block Udyamita Vikas Adhikari | 1765 | 27500 | 12ଶ |
| 3 | Gram Udyamita Mitra | 3350 | 21500 | 10ମ |
| 4 | M.T.S. | 2620 | 15500 | 8ମ |
| 5 | Data Entry Executive | 1315 | 17500 | 10ମ |

ବୟସ: ୧୮-୪୦ ବର୍ଷ (Age Relaxation for SC/ST/PH) ଅନ୍‌ଲାଇନ୍ ଆବେଦନ ପଞ୍ଜୀକରଣ (ରେଜିଷ୍ଟ୍ରେଶନ ଆରମ୍ଭ ତାରିଖ: ୫ ଫେବୃଆରୀ ୨୦୨୪, ଅନ୍‌ଲାଇନ୍ ଆବେଦନ ପଞ୍ଜୀକରଣ (ରେଜିଷ୍ଟ୍ରେଶନ)ର ଶେଷ ତାରିଖ: ୯ ମାର୍ଚ୍ଚ ୨୦୨୪, ଅଧିକ ସୂଚନା ଏବଂ ଆବେଦନ କରିବା ପାଇଁ Nigam Website: www.guvn.co.in ହେଲ୍ପଲାଇନ ନଂ.: 011-41759948
ଇ-ମେଲ: graminudyamitavikasnigam28@gmail.com
ପ୍ରବନ୍ଧକ GUVN

# ବିଧାୟକଙ୍କ ପାଇଁ ଅଡୁଆ ଦଳୀୟ ଆଶାୟୀ

## ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ

କୁଜଙ୍ଗ,୯।୨(ମନୋଜ ପ୍ରଧାନ)


ସମ୍ବିତ ରାଉତରାୟ


ପ୍ରମୋଦ କିଶୋର ଜେନା


ବସନ୍ତ କୁମାର ବିଶ୍ୱାଳ

ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜେଡି ଗୋଷ୍ଠୀ କନ୍ଦଳ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଧାୟକ ସମ୍ବିତ ରାଉତରାୟ ସୁରୁଖୁରୁରେ ଟିକେଟ ପାଇବେ ବୋଲି ଯାହା କୁହାଯାଉଥିଲା, ତାହା ତାଙ୍କ ପାଇଁ ଆଉ ସହଜ ହେବ ନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। କାରଣ ବିଧାୟକଙ୍କ ସମର୍ଥକମାନେ ଏବେଠାରୁ ଆଶଙ୍କାରେ ରହିଥିବା କହିଲେଣି। ନୂଆ ପ୍ରାର୍ଥୀମାନେ ସଙ୍ଗଠନ କାର୍ଯ୍ୟ ଜାରି ରଖି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି।

କୁଜଙ୍ଗ ବ୍ଲକର ୨୮, ତିର୍ତ୍ତୋଲ ବ୍ଲକର ୮ ଓ ପାରାଦୀପ ପୌରାଞ୍ଚଳର ୧୯ ୱାର୍ଡକୁ ନେଇ ପାରାଦୀପ ନିର୍ବାଚନମଣ୍ଡଳୀ। ୨୦୧୯ ସାଧାରଣ ନିର୍ବାଚନ ପରଠାରୁ ବିଜେଡି ଦୁଇଭାଗ ହୋଇଥିବା ଚର୍ଚ୍ଚା ହେଉଥିଲା। ୨୦୨୨ ପୌର ନିର୍ବାଚନ ସମୟରେ ତାହା ସ୍ପଷ୍ଟ ହୋଇଥିଲା। ବର୍ତ୍ତମାନର ପୌରପାଳ ବସନ୍ତ ବିଶ୍ୱାଳଙ୍କୁ ଅଧ୍ୟକ୍ଷ ପ୍ରାର୍ଥୀ କରିବା ପାଇଁ ବିଧାୟକ ଚାହୁଁ ନ ଥିବା ସେତେବେଳେ ଅନେକେ ଟୁପୁରଟାପୁର ହୋଇଥିଲେ। ଦଳୀୟ ନିଷ୍ପତ୍ତି ଅନୁଯାୟୀ, ବସନ୍ତ ଅଧ୍ୟକ୍ଷ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଧାୟକଙ୍କ ଦ୍ୱାରା ମନୋନୀତ କାଉନସିଲର ପ୍ରାର୍ଥୀମାନେ ଅନେକ ୱାର୍ଡରେ ପରାଜୟବରଣ କରିଥିବା ବେଳେ କଂଗ୍ରେସ ନେତା ବାପି ସର୍ଖେଲଙ୍କ 'ଆମ ପାରାଦୀପ ଆମ ପ୍ରଗତି' ସଙ୍ଗଠନ ଓ ବସନ୍ତଙ୍କ ସମର୍ଥିତ ବିଜେଡି ପ୍ରାର୍ଥୀମାନେ ବିପୁଳ ବିଜୟ ଲାଭ କରିଥିଲେ। ସେହିଦିନଠାରୁ ବିଧାୟକ ଓ ପୌରପାଳଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା ବିଷୟ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସମ୍ଭବତଃ ଏଥିଯୋଗୁ ପୌରାଞ୍ଚଳରେ ବିଧାୟକ ରାଜନୈତିକ ପତିଆରା ହରାଇ ଥିବା ଆଲୋଚନା ହେଉଛି। ୨୮ଟି ପଞ୍ଚାୟତକୁ ନେଇ ଗଠିତ କୁଜଙ୍ଗ ବ୍ଲକରେ ଗତ ପଞ୍ଚାୟତ ନିର୍ବାଚନରେ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଜିତିବା ପରେ ଦଳ ପଞ୍ଚାୟତ ସମିତି ଗଠନ କରିଥିଲା। କିଛି ମାସ ପରେ ଅଧିକାଂଶ ଦଳୀୟ ସରପଞ୍ଚ, ସମିତି ସଭ୍ୟ ଓ ଆଗ ଧାଡ଼ିର କର୍ମୀ ଖୋଲାଖୋଲି ନ ହେଲେ ମଧ୍ୟ ଭିତରେ ଭିତରେ ବିଧାୟକ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିବା ସ୍ଥାନୀୟ ଲୋକେ ଭଲ ଭାବେ ଜାଣିଛନ୍ତି। ନିର୍ଦ୍ଧାରିତ ସମୟରେ ପଞ୍ଚାୟତ ସମିତି ବୈଠକ ବସୁ ନ ଥିବା ନେଇ ସରପଞ୍ଚ ସଂଘ ଅସନ୍ତୋଷ ପ୍ରକାଶ କରିବା ସାଙ୍ଗକୁ ୭ ଦିନ ମଧ୍ୟରେ ଅର୍ଥାତ୍ ଫେବୃଆରୀ ୪ ସୁଦ୍ଧା ବୈଠକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗତ ଜାନୁଆରୀ ୨୯ରେ ଲିଖିତ ଆକାରରେ ବିଡିଓଙ୍କୁ ଜଣାଇଥିଲେ। ୨ ବର୍ଷରେ ମାତ୍ର ୩ ଥର ବୈଠକ ହୋଇଛି, ଯାହାକି ଅତି କମ୍‌ରେ ୮ ଥର ବୈଠକ ବସିବା କଥା। ଶେଷ ବୈଠକ ୮ ମାସ ପୂର୍ବରୁ ବସିଥିଲା ବୋଲି ସେଥିରେ ସେମାନେ ଉଲ୍ଲେଖ କରିଥିଲେ। ଏହାସତ୍ତ୍ୱେ ୪ ତାରିଖ ସୁଦ୍ଧା ବୈଠକ ଅନୁଷ୍ଠିତ ନ ହେବାରୁ ୫ତାରିଖରେ ସରପଞ୍ଚ ସଂଘ ଆନ୍ଦୋଳନ ପାଇଁ ସଜବାଜ ହେଉଥିଲା। ହେଲେ ଆସନ୍ତା ୧୬ରେ ବୈଠକ ହେବା ନିମନ୍ତେ ଅଧ୍ୟକ୍ଷା ଫାଇଲରେ ଦସ୍ତଖତ କରିଛନ୍ତି ବୋଲି ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଜଣାଇବାରେ ସେମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ସରପଞ୍ଚମାନଙ୍କ ଆନ୍ଦୋଳନ କଥା ଶୁଣି ତରବରିଆ ଭାବେ ଏପରି କରାଯାଇଥିବା ଆଲୋଚନା ହେଉଛି। ସରପଞ୍ଚ ସଂଘ ସଭାପତି ରୋହିତ ଜେନାଙ୍କ କହିବାନୁଯାୟୀ, ଅଧ୍ୟକ୍ଷାଙ୍କ ମନମାନି ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ଅନ୍ତରାୟ ସୃଷ୍ଟି କରୁଛି, ଯାହାକି ଆଗାମୀ ଦିନରେ ଏହାର ସୁଦୂରପ୍ରସାରି ପ୍ରଭାବ ପଡ଼ିବ। ଅର୍ଥାତ୍ ବିଧାୟକ ସମ୍ବିତ ରାଉତରାୟଙ୍କ ପ୍ରତି ଏହା ଅଡୁଆ ସୃଷ୍ଟି କରିବ ବୋଲି କୁହାଯାଉଛି। ଏଥିସହିତ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଜାରି ରଖିଥିବାରୁ ସେମାନେ ଦଳରୁ ଆଶାୟୀ ତାଲିକାରେ ଅଛନ୍ତି। କେତେକ ଅଞ୍ଚଳରେ ବିଧାୟକଙ୍କ ବିରୋଧୀ ସୃଷ୍ଟି ହୋଇଥିବା ବେଳେ ନୂଆ ଆଶାୟୀ ମଧ୍ୟ ତାଙ୍କ ପାଇଁ ଟିକେଟ ପାଇବାରେ ପ୍ରତିବନ୍ଧକ ହୋଇପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି।

# ବିଜେଡିରୁ ପ୍ରେମାନନ୍ଦଙ୍କ ଇସ୍ତଫା

## ତେଲକୋଇରେ କୁହୁଳିଲା ଅସନ୍ତୋଷ

କେନ୍ଦୁଝର,୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)


ପ୍ରେମାନନ୍ଦ ନାୟକ

ବିଧାନସଭା ଚାଲିଥିବା ବେଳେ ଶେଷ ଦିନରେ କେନ୍ଦୁଝର ଜିଲା ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ବିଜେଡିରୁ ଇସ୍ତଫା ଦେଇଥିବା ଶୁକ୍ରବାର ଜଣାପଡ଼ିଛି। ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଅକ୍ଟୋବର ୧୨ରୁ ଦଳର ସଭାପତି ଓ ସାଙ୍ଗଠନିକ ସମ୍ପାଦକଙ୍କୁ ଇ-ମେଲ୍ ମାଧ୍ୟମରେ ଜଣାଇଥିଲେ ବୋଲି କହିଛନ୍ତି। ମାତ୍ର ଏ ନେଇ ବିଜେଡି ପକ୍ଷରୁ କୌଣସି ସୂଚନା ନ ମିଳିବାରୁ ସେ ବିଜେଡିରୁ ଇସ୍ତଫା ଦେଇଥିବା କହିଛନ୍ତି। ପ୍ରେମାନନ୍ଦଙ୍କ ଇସ୍ତଫାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ପ୍ରେମାନନ୍ଦ ୨୦୦୯ ଓ ୨୦୧୯ରେ ବିଜେଡି ଟିକେଟ୍‌ରେ ବିଧାୟକ ହେବା ସହ ନବୀନ ପଟ୍ଟନାୟକଙ୍କ ସରକାରରେ ବୈଷୟିକ ଓ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଗତ କିଛି ମାସ ତଳେ ଅନ୍ୟଦଳର ନେତା ଓ କର୍ମୀଙ୍କ ବିଜେଡିରେ ଯୋଗଦାନକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ପରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଦେଖିବାକୁ ମିଳୁ ନ ଥିଲା। ଏପରିକି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କେନ୍ଦୁଝର ଗସ୍ତ ସମୟରେ ସଭାରେ ଦଳର ସବୁ ବିଧାୟକ ଓ ନେତା ଯୋଗଦେଇଥିବା ବେଳେ ତାଙ୍କ ଅନୁପସ୍ଥିତିକୁ ନେଇ ଜୋର ଆଲୋଚନା ହୋଇଥିଲା। ସାଧାରଣ ନିର୍ବାଚନକୁ ଆଉ ମାସ କେଇଟା ବାକି ଥିବା ବେଳେ ପ୍ରେମାନନ୍ଦଙ୍କ ଇସ୍ତଫା ଦଳ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଅବହେଳା କରାଯାଉଥିବାରୁ ସେ ଦଳ ଛାଡ଼ିଥିବା ତାଙ୍କର କେତେଜଣ ସମର୍ଥକ କହୁଛନ୍ତି।

ତେଲକୋଇ ନିର୍ବାଚନମଣ୍ଡଳୀରୁ ୨୦୧୪ରେ କଂଗ୍ରେସରୁ ଲଢ଼ି ବିଜେଡିର ବେଦବ୍ୟାସ ନାୟକଙ୍କଠାରୁ ଏବଂ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ପ୍ରେମାନନ୍ଦଙ୍କଠାରୁ ହାରିଥିବା ଧନୁର୍ଜୟ ସିଦ୍ଧୁ ପରବର୍ତ୍ତୀ ସମୟରେ ବିଜେଡିରେ ଯୋଗଦେଇଥିଲେ। ସେ ସମାନ୍ତରାଳ ସଙ୍ଗଠନ ଜାରି ରଖିବାରୁ ଏହା ପ୍ରେମାନନ୍ଦଙ୍କ ପାଇଁ ଅପ୍ରୀତିକର ସ୍ଥିତି ସୃଷ୍ଟି କରିଥିଲା। ସେଥିପାଇଁ ପ୍ରେମାନନ୍ଦ ଏଭଳି ନିଷ୍ପତ୍ତି ନେଲେ ବୋଲି ଚର୍ଚ୍ଚା ହେଉଛି। ବିଧାୟକ ହେବା ସହ ମନ୍ତ୍ରୀ ପଦ ପାଇଥିଲେ ମଧ୍ୟ ତାଙ୍କୁ ଅଞ୍ଚଳ ସମସ୍ୟା ଜଣାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯିବାକୁ ସୁଯୋଗ ଦିଆଗଲା ନାହିଁ। ଏଥିସହିତ ଧନୁର୍ଜୟଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇ ତାଙ୍କୁ ଅଲୋଡ଼ା କରିଦେବା ଏବଂ ୨୦୨୪ ନିର୍ବାଚନରେ ଧନୁର୍ଜୟଙ୍କୁ ପ୍ରାର୍ଥୀ କରାଯିବା ନେଇ ଜୋର ଆଲୋଚନା ହେବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ଅନ୍ୟପକ୍ଷରେ କେନ୍ଦୁଝର ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର କହିଛନ୍ତି, ତାଙ୍କୁ ଟିକେଟ ଦିଆଯାଇ ବିଧାୟକ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳରେ ସେ ସ୍ଥାନ ପାଇଥିଲେ। ଏଣୁ କୌଣସି ଭାବେ ତାଙ୍କୁ ଅବହେଳା କରାଯାଇନାହିଁ। ବିଭିନ୍ନ ସମୟରେ ହେଉଥିବା ବୈଠକରେ ଆୟୋଜନ ସଂକ୍ରାନ୍ତ ସୂଚନା ଦିଆଯାଉଥିଲା। ବରଂ ସ୍ୱାସ୍ଥ୍ୟଗତ କିମ୍ବା ଅନ୍ୟ କାରଣ ଦର୍ଶାଇ ସେ ଆସୁ ନ ଥିଲେ ବୋଲି ସର୍ଦ୍ଦାର କହିଛନ୍ତି।

ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ପ୍ରେମାନନ୍ଦ ଦୁଇଥର ବିଧାୟକ ହୋଇଥିବାରୁ ସମ୍ପୃକ୍ତ ଅଞ୍ଚଳରେ ତାଙ୍କର ସାଙ୍ଗଠନିକ ସ୍ଥିତି ଭଲ ରହିଛି। ଅନ୍ୟଦଳରୁ ନେତାଙ୍କୁ ଆଣି ଗୁରୁତ୍ୱ ଦିଆଯାଉଥିବାରୁ ବିଜେଡି ଏଠାରେ ଦୁର୍ବଳ ହେବା ଦେଖାଯାଉଛି। ଏଭଳି ସ୍ଥିତି ଜିଲାର ଅନ୍ୟାନ୍ୟ ନିର୍ବାଚନମଣ୍ଡଳୀରେ ରହିଥିବାରୁ ଆଗକୁ ତାହା କେଉଁ ରୂପ ନେବ ତାହା ଉପରେ ସମସ୍ତଙ୍କ ନଜର ରହିଥିବା କୁହାଯାଉଛି।

# ବିଜେଡିରେ ଯୋଗଦେଲେ ସଂତୃପ୍ତ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ନବୀନ ନିବାସଠାରେ ଶୁକ୍ରବାର ସଂତୃପ୍ତ ମିଶ୍ର ବିଜେଡିରେ ଯୋଗଦେଉଛନ୍ତି।

ଭୁବନେଶ୍ୱର,୯।୨(ଅନିଲ ଦାସ)

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପୂର୍ବତନ ସିଇଓ ତଥା ଏକାମ୍ର ପ୍ରକଳ୍ପ ଉପଦେଷ୍ଟା କମିଟିର ଅଧ୍ୟକ୍ଷ ସଂତୃପ୍ତ ମିଶ୍ର ଶୁକ୍ରବାର ନବୀନ ନିବାସରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ସମୟରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ସେହ୍ନାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

ବିର୍ଲା ଗ୍ରୁପ୍‌ର ସଫଳତା ପଛରେ ସଂତୃପ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। କମ୍ପାନୀର ୫ଟି ପଦବୀରେ ରହି ସେ ସଫଳତାର ସହ ଦାୟିତ୍ୱ ତୁଲାଇବାରେ ସମର୍ଥ ହୋଇଛନ୍ତି। ତାଙ୍କୁ ଦେଶ ବିଦେଶରୁ ଅନେକ କର୍ପୋରେଟ ସମ୍ମାନରେ ସମ୍ମାନିତ କରାଯାଇଛି।

# ସଞ୍ଜୟ ହେଲେ ମୁଖପାତ୍ର

ଭୁବନେଶ୍ୱର,୯।୨(ଅନିଲ ଦାସ)

■ ୧୧ ବିଜୁ ଛାତ୍ର ଜନତା ଦଳ କର୍ମୀଙ୍କୁ ନିର୍ବାଚନମଣ୍ଡଳୀ ସହସଂଯୋଜକ
■ ୩ ବିଜୁ ମହିଳା ଜନତା ଦଳ କର୍ମୀଙ୍କୁ ଜିଲା ପର୍ଯ୍ୟବେକ୍ଷକ

ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପୂର୍ବତନ ସିଇଓ ସଂତୃପ୍ତ ମିଶ୍ର ଶୁକ୍ରବାର ବିଜେଡିରେ ଯୋଗଦେବା ପରେ ତାଙ୍କୁ ଦଳର ଜାତୀୟ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମାଙ୍କୁ ବିଜେଡି ମୁଖପାତ୍ର କରାଯାଇଛି। ଏ ନେଇ ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ୧୧ ଜଣ ବିଜୁ ଛାତ୍ର ଜନତା ଦଳ କର୍ମୀଙ୍କୁ ନିର୍ବାଚନମଣ୍ଡଳୀ ସହସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୩୫ ଜଣଙ୍କୁ ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, ଯୁଗ୍ମ ସମ୍ପାଦକ ପଦବୀରେ ନିଯୁକ୍ତି ଦିଆଯାଇଛି। ୩ ଜଣ ବିଜୁ ମହିଳା ଜନତା ଦଳ କର୍ମୀଙ୍କୁ ଜିଲା ଓ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀର ଶଶଧର ସାମଲଙ୍କୁ ବିଜୁ ଜନତା ଦଳ ଭଦ୍ରକ ଜିଲା କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ବିଜୁ ମହିଳା ଜନତା ଦଳର ସରୋଜିନୀ ରାଜଙ୍କୁ ନୂଆପଡ଼ା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁଭଦ୍ରା ଦାସଙ୍କୁ ଭଦ୍ରକ ଜିଲା, ସସ୍ମିତା ରାଣୀ ନାୟକଙ୍କୁ ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବିଜୁ ଛାତ୍ର ଜନତା ଦଳର ଆଲାରଖା ଖାନ୍‌ଙ୍କୁ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ସହସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଦେବାଶିଷ ଦାସ ଖରିଆର, ଅସିତ ଦାସ ଛେଣ୍ଡିପଦା, ଅଭିଷେକ ଜଗତ ସମ୍ବଲପୁର, ପ୍ରଦୋଷ ପରିଡା ରେଙ୍ଗାଲି, ମିକୁ ପ୍ରଧାନ କୁଚିଣ୍ଡା, ରଞ୍ଜିତ ଦାସ ରେଢ଼ାଖୋଲ, ସୌମ୍ୟ ମହାପାତ୍ର ଦେବଗଡ, ସୁଜିତ ପାଣିଗ୍ରାହୀ ଜୟପୁର, ଦେବୀ ପ୍ରସାଦ ଲେଙ୍କା ନବରଙ୍ଗପୁର ଏବଂ ଦିନେଶ ପ୍ରଧାନଙ୍କୁ ଭବାନୀପାଟଣା ଓ ନର୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ସହସଂଯୋଜକ ନିଯୁକ୍ତ କରାଯାଇଛି।

# ଦୁର୍ନୀତିର ଦୃଢ଼ ଜବାବ ଦେବାକୁ ଆହ୍ୱାନ

## ଭାଜପାର ଗୃହ ସମ୍ପର୍କ ଅଭିଯାନ

ଛତିଆ,୯।୨(ସୌମ୍ୟରଞ୍ଜନ ସାହୁ)

ଯାଜପୁର ଜିଲା ବଡ଼ଚଣା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଗୃହସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଅମର ନାୟକଙ୍କ ନେତୃତ୍ୱରେ ବୈରୀ ପଞ୍ଚାୟତରେ ଏହି ୨ ଦିନିଆ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ବଡ଼ଚଣା ନିର୍ବାଚନମଣ୍ଡଳୀରେ ଚାଲିଥିବା ଦୁର୍ନୀତି ସମ୍ପର୍କରେ ଘରକୁ ଘର ବୁଲି ଜନସାଧାରଣଙ୍କୁ ଅବଗତ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ବିଭିନ୍ନ ଯୋଜନାରେ ହେଉଥିବା ଦୁର୍ନୀତିର ଦୃଢ଼ ଜବାବ ଦେବାକୁ ଲୋକମାନଙ୍କୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ସମିତିସଭ୍ୟା ବିଳାସିନୀ ଖୁଣ୍ଟିଆ, ପବିତ୍ର ରାଉତ, ଗଙ୍ଗାଧର ଦାସ, ପ୍ରମୋଦ ରାଉତ, ବିନୋଦ ଦାସ, ପ୍ରବିଶ ସାହୁ ଓ ପ୍ରିତଶ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଭାଜପା-ବିଜେଡି ଭାଗୀଦାରି ସରକାରରେ ମହିଳା ଅସୁରକ୍ଷିତ: କଂଗ୍ରେସ

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର): ରାଜ୍ୟରେ ଆଦିବାସୀ, ଦଳିତ, ମହିଳା, ଯୁବ, କୃଷକଙ୍କ ସମେତ ଗରିବ ଲୋକମାନେ ସେମାନଙ୍କ ନିଜ ହକ୍‌ରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ହକ୍‌କୁ ସୁନିଶ୍ଚିତ କରିବା ସହ ନ୍ୟାୟ ଦେବା ଲାଗି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ଭାଜପା ଓ ବିଜେଡିର ଭାଗୀଦାରିରେ ଚାଲୁଥିବା ସରକାରଙ୍କ ଅମଳରେ ରାଜ୍ୟର ମହିଳାମାନେ ସୁରକ୍ଷିତ ନୁହନ୍ତି। ମହିଳା ହିଂସା ଓ ସାଇବର ଅପରାଧରେ ଓଡ଼ିଶା ୧ନମ୍ବର ହୋଇଥିବାବେଳେ ନାବାଳିକା ହିଂସାରେ ୨ୟ, ଶିଶୁ ନିଖୋଜରେ ୩ୟ, ଅସଦାଚରଣରେ ୪ର୍ଥ ଓ ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ପ୍ରତିଦିନ ୯ ଜଣ ବଳାତ୍କାରର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ନାବାଳିକା ଅନ୍ତର୍ଭୁକ୍ତ ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଗଣମାଧ୍ୟମ ଓଡ଼ିଶା ପ୍ରଭାରୀ ବବିତା ଶର୍ମା କହିଛନ୍ତି।

କଂଗ୍ରେସ ଭବନଠାରେ ସେ କହିଛନ୍ତି, ଏନ୍‌ସିଆର୍‌ବି ରିପୋର୍ଟ ୨୦୨୨ ଅନୁସାରେ ରାଜ୍ୟରେ ଚାଲାଣ ହେଉଥିବା ୧,୧୨୦ ଜଣଙ୍କ ମଧ୍ୟରୁ ୫୦୨ ହେଉଛନ୍ତି ମହିଳା। ଉତ୍ପୀଡ଼ନର ଶିକାର ୭,୩୨୭ ହେଉଛନ୍ତି। ସେହିପରି ୫,୫୮୧ ଶିଶୁ ନିଖୋଜ ହୋଇଥିବାବେଳେ ମହିଳାଙ୍କ ବିରୋଧରେ ୫୪୨ ସାଇବର ଅପରାଧ ସଙ୍ଗଠିତ ହୋଇଛି, ଯାହାକି ଦେଶରେ ସର୍ବାଧିକ। ଓଡ଼ିଶା ବିକାଶ କନ୍‌କ୍ଲେଭ୍ ୨୦୨୩ ତଥ୍ୟ ଅନୁସାରେ ସମ୍ବଲପୁର, ନୂଆପଡ଼ା, କନ୍ଧମାଳ ଏବଂ କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ ରହିଛି। ବିଜେଡି, ଭାଜପା ଭାଗୀଦାରିରେ ଚାଲୁଥିବା ରାଜ୍ୟ ସରକାର ମହିଳାଙ୍କ ସୁରକ୍ଷା ପ୍ରତି ଆଖିବୁଜି ଦେଇଛନ୍ତି। ରାଜ୍ୟ କଂଗ୍ରେସ ମହିଳାଙ୍କୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଓ ଓଡ଼ିଆ ଅସ୍ମିତା ପାଇଁ କଂଗ୍ରେସର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

# କଂଗ୍ରେସ, ଭାଜପା ଛାଡ଼ି ବିଜେଡିରେ ମିଶିଲେ ଶତାଧିକ କର୍ମୀ

ମାଲକାନଗିରି, ୯।୨
(ଦୁର୍ଯ୍ୟୋଧନ ପାତ୍ର)


ବିଜେଡି ନେତାଙ୍କ ଗହଣରେ ଦଳରେ ମିଶିଥିବା କଂଗ୍ରେସ ଓ ଭାଜପା କର୍ମୀମାନେ।

ବିଜେଡିର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଦଳ ପକ୍ଷରୁ ପରିବାର ସମ୍ପର୍କ ପଦଯାତ୍ରା ଶୁକ୍ରବାର ମାଲକାନଗିରି ସଦର ବ୍ଲକର ପେଦାବାଡ଼ା ଓ ବୀର ଲକ୍ଷ୍ମଣପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ମାଲକାନଗିରି ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଉପସ୍ଥିତ ଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଏବଂ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶତାଧିକ କଂଗ୍ରେସ ଓ ଭାଜପା ନେତା ବିଜେଡିରେ ମିଶିଥିଲେ। ପେଦାବାଡ଼ା ପଞ୍ଚାୟତର କଂଗ୍ରେସ ସମର୍ଥିତ ସରପଞ୍ଚ ବନିତା କୁର୍ମୀ, ଗୌରୀ କୁର୍ମୀ, କମରୁ ମଧେବୀ, ସୁନାଧର କୁର୍ମୀ ପ୍ରମୁଖ ଓ ବୀରଲକ୍ଷ୍ମଣପୁର ପଞ୍ଚାୟତରୁ ଭାଜପାର ଡମ୍ବରୁ ଗଲରି, ବଳଭଦ୍ର ଦଳପତି, ସୁକଦେବ ଗୁଣ୍ଡା, ଗୁରୁ ଖିଲ, ସୁରେନ୍ଦ୍ର ଭୁମିଆ ପ୍ରମୁଖଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ମିଶିଛନ୍ତି। ଏହି ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହନ୍ତ, ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ତଥା ପାଣ୍ଡିପାଣି ଜୋନ ସଂଯୋଜକ ପ୍ରଭାକର ପ୍ରଧାନ, ବିଜୁ ଜନତା ଦଳ ଜିଲା ଉପସଭାପତି ଓନେଲ ପାଟଲା, ମାଲକାନଗିରି ବ୍ଲକ ସଭାପତି ହେମନ୍ତ ପଟ୍ଟନାୟକ, ପୂର୍ବତନ ବ୍ଲକ ସଭାପତି ବିଭ୍ରାଂଶୁ ସାମଲ, ବରିଷ୍ଠ ବିଜେଡି ନେତା ସୁନ୍ଦରରାୟ ସେଡା, ବରିଷ୍ଠ ନେତା ବିଦେଶୀ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ।



ଷୋଡ଼ଶ ବିଧାନସଭା ପଞ୍ଚଦଶ ଅଧିବେଶନର ଶେଷଦିବସରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମସ୍ତ ଦଳର ସଦସ୍ୟ ଫଟୋ ଉଠାଇବା ଅବସରରେ।

# ଗୃହକୁ ବନ୍ଦ କରିବା ସମ୍ପର୍କିତ ଆଲୋଚନାରେ ବିରୋଧୀଙ୍କୁ ମିଳିଲାନି ସୁଯୋଗ

**ଏ ଅହଂକାର ବେଶିଦିନ ରହିବନି କହିଲେ ବିରୋଧୀ ଦଳ ମୁଖ୍ୟ ସଚେତକ**

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)

ବିଧାନସଭାରେ ଶୁକ୍ରବାର ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨୦୨୪-୨୫ ବର୍ଷ ପାଇଁ ଆସିଥିବା ଲେଖା ଅନୁଦାନ ବିଲ୍ ଉପସ୍ଥାପନ କରିବା ପରେ ତାହା ପାସ୍ ହୋଇଥିଲା । ଏହାପରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଆଗକୁ ଆଉ କିଛି ବିଲ୍ ଆସିବାର ନ ଥିବା ବେଳେ ସେମିତି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ନାହିଁ ବୋଲି କହିଥିଲେ। ଏହାସହ ନିର୍ବାଚନକୁ କମ୍ ସମୟ ଥିବାବେଳେ ସମସ୍ତ ସଦସ୍ୟଙ୍କୁ ନିଜ କର୍ମକ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଯିବାର ଥିବାରୁ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରିଦେବାକୁ କହିଥିଲେ। ଏହାସହ ସମସ୍ତେ ଏହାକୁ ସହମତି ଦେବା ଲାଗି ଅନୁରୋଧ କରିଥିଲେ । ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଏ ସମ୍ପର୍କରେ ଶାସକ ଦଳର ସଦସ୍ୟ ଅମର ଶତପଥୀ, ଶଶିଭୂଷଣ ବେହେରା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଏ ବାବଦରେ କହିବା ଲାଗି କହିଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ଯେଉଁ କଥା କହିଛନ୍ତି ସମସ୍ତେ ସେହି କଥା ଉପରେ ସହମତିମଧ ପ୍ରକାଶ କରିଥିଲେ। ଏହାପରେ ବାଚସ୍ପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିବା ଲାଗି କହିଥିଲେ। ଏହି ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଗୃହରେ ଠିଆହୋଇ ପ୍ରତିବାଦ ଜଣାଇଥିଲେ। ମୋହନ କହିଛନ୍ତି, ଆମକୁ କ'ଣ କହିବାକୁ ସୁଯୋଗ ଦିଆଯିବନି। ଗୃହ କାହିଁକି ବନ୍ଦ ହେବ ସେନେଇ ବିରୋଧୀଙ୍କ ମତ ନିଆଯିବନି। ଏହା ଆଜ୍ଞା ଠିକ୍ ହେଉ ନାହିଁ। ଏହା ଗଣତନ୍ତ୍ର ପ୍ରତି ଘୋର ଅପମାନ। ଏ ଗର୍ବ, ଅହଂକାର କେତେଦିନ ଚାଲିବ। ବିରୋଧୀଙ୍କୁ ଉପେକ୍ଷା କରାଯାଇଥିବାରୁ ଆମେ ଏହି ଗୃହ ତ୍ୟାଗ କରୁଛୁ ବୋଲି କହି ଭାଜପା ସଦସ୍ୟମାନେ ଚାଲିଯାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ତାଙ୍କ କଥା ଶେଷ କରିବା ପରେ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ଏହି ସମୟରେ ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ବୁଝାଇ ଗୃହକୁ ଫେରାଇ ଆଣିବା ଲାଗି ଦାୟିତ୍ୱ ଦେଇଥିଲେ। ହେଲେ ସେମାନେ ଏଥିରେ ବିଫଳ ହୋଇଥିଲେ।

**ଶେଷହେଲା ବିଧାନସଭା**

# ଭାବବିହ୍ୱଳ ହେଲେ ବିଧାୟକ

ଭୁବନେଶ୍ୱର,୯।୨(ଅନିଲ ଦାସ)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଶୁକ୍ରବାର ଶେଷହୋଇଛି। ଏହି ଅଧିବେଶନ ୭ ଦିନ ବସିବାକୁ ଥିବାବେଳେ ୨ ଦିନ ଆଗରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହି ଅଧିବେଶନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ୪ ମାସିଆ ୧ ଲକ୍ଷ ୧୮ ହଜାର କୋଟିର ଲେଖା ଅନୁଦାନ ବିଧାନସଭାର ଅନୁମୋଦନ ଲାଭ କରିଛି । ଏଥିସହିତ ଗୃହରେ ୨୯୧ଟି ତାରକା ଓ ୫୨୩ ଅଣତାରକା ପ୍ରଶ୍ନ ଉପସ୍ଥାପିତ ହୋଇଥିଲା। ଏଥିସହିତ ୬୦ଟି ପେପର, ୧୦ଟି ବାର୍ଷିକ ରିପୋର୍ଟ ଏବଂ ୪ଟି କମିଟି ରିପୋର୍ଟ ଉପସ୍ଥାପନ କରାଯାଇଛି। ଏହି ଅଧିବେଶନରେ ଅର୍ପଣ ରଥରେ ଉଷୁନା ଚାଉଳ ଏବଂ ପରୀ ହତ୍ୟା ମାମଲାରେ ଦୋଷୀକୁ ଖସାଇବା ନେଇ ଗୃହ ହୁଲସ୍ଥୁଲ ହୋଇଥିଲା। ପ୍ରଥମ ଦିବସରେ ରାଜ୍ୟପାଳ ରଘୁବର ଦାସ ନିଜର ପ୍ରଥମ ଅଭିଭାଷଣ ରଖିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଅଭିଭାଷଣ ଉପରେ ଆଲୋଚନା ଠିକ୍ ଢଙ୍ଗରେ ହୋଇପାରି ନ ଥିଲା । ଏହି ଅଧିବେଶନରେ ଗୋଟିଏ ମୁଲତବୀ ପ୍ରସ୍ତାବ ଆଲୋଚନା ହୋଇଥିଲା। ଏହି ଅଧିବେଶନ ସ୍ୱଳ୍ପ ସମୟ ପାଇଁ ବସିଥିଲେ ମଧ୍ୟ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଥିଲା। ଆସନ୍ତା ବିଧାନସଭା ନିର୍ବାଚନ ନ ଲଢ଼ିବାକୁ କଂଗ୍ରେସର ଦୁଇ ଜଣ ବରିଷ୍ଠ ନେତା ନରସିଂହ ମିଶ୍ର ଏବଂ ସୁରେଶ କୁମାର ରାଉତରାୟ ଘୋଷଣା କରିଥିଲେ। ଦଳଗତ ନିର୍ବିଶେଷରେ ଏହି ବର୍ଷୀୟାନ ନେତାଙ୍କୁ ସମସ୍ତେ ବିଦାୟୀ ଶୁଭେଚ୍ଛା ଜଣାଇଥିଲେ। ଗୃହରେ ଏହା ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା। ଅନେକ ନିଜର ରାଜନୈତିକ ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦିହାନ ଥିବା ମୁଖମଣ୍ଡଳରୁ ସ୍ପଷ୍ଟ ବାରିହୋଇ ପଡୁଥିଲା। ପରସ୍ପରକୁ କରମର୍ଦ୍ଦନ କରିବା ସହ ବିଧାନସଭାରେ ଦୀର୍ଘ ୫ ବର୍ଷର ସମ୍ପର୍କ ବିଷୟରେ ପରସ୍ପର ଭାବବିନିମୟ କରୁଥିବା ଦେଖିବାକୁ ମିଳିଥିଲା। ବିଧାୟକମାନଙ୍କ ପାଇଁ ଏହା ଶେଷ ଅଧିବେଶନ ଥିବାରୁ ଗୃହର ନେତା ନବୀନ ପଟ୍ଟନାୟକଙ୍କ ସମେତ ସମସ୍ତ ଦଳର ବିଧାୟକମାନେ ବିଧାନସଭାରେ ଏକାଠି ଫଟୋ ଉଠାଇଥିଲେ।

ଅପରାହ୍ନରେ ଗୃହର ନେତା ବିଧାନସଭା ଅଧିବେଶନକୁ ମୁଲତବୀ ରଖିବା ପ୍ରସ୍ତାବ ଉପରେ ଆଲୋଚନାରେ ଭାଗ ନେଇ କହିଥିଲେ ଯେ ଏହି ଅଧିବେଶନର ୫ଟି କାର୍ଯ୍ୟଦିବସ ଥିଲା । ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଥିଲା । ବଜେଟ ବି ପାରିତ ହୋଇଛି । ଆମ ରାଜ୍ୟର ବିକାଶରେ ୧୬ତମ ବିଧାନସଭା ଘଟଣାବହୁଳ ଓ ସ୍ମରଣୀୟ ହୋଇ ରହିବ। ଗତ ୫ ବର୍ଷ ମଧ୍ୟରେ ଗୃହ ସୁପରିଚାଳନା ନିମନ୍ତେ ବାଚସ୍ପତି, ଉପବାଚସ୍ପତି ଓ ଅଧିଷ୍ଠାତା ପ୍ୟାନେଲଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଶାସକ ଦଳର ପ୍ରସ୍ତାବ ଉପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ।

# ଆଉ ନିର୍ବାଚନ ଲଢ଼ିବେନି ନରସିଂହ, ସୁର

ଭୁବନେଶ୍ୱର,୯।୨(ସୁନିତ୍ ମିଶ୍ର)

ଷୋଡ଼ଶ ବିଧାନସଭାର ପଞ୍ଚଦଶ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ଏହି ଅଧିବେଶନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ହେବା ସମ୍ପର୍କିତ ଘୋଷଣା ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ବାଚସ୍ପତି କହିବାକୁ ସୁଯୋଗ ଦେଇଥିଲେ। ତେବେ ନରସିଂହ କହିବା ଆରମ୍ଭରୁ, ବିଧାନସଭାରେ ଆଜି ତାଙ୍କର ଶେଷଦିନ। ବିନା କୌଣସି ମୋସନ ପାସ୍ ନ କରି ଗୃହ ବନ୍ଦ କରିବାକୁ ଯାଉଛନ୍ତି। ଏହା ଟେକ୍ନିକାଲି କେତେ ଠିକ୍ ତାହା ଆପଣ ବିଚାରକରିବେ। ତଥାପି ଏହି ଅଧିବେଶନରେ ସମସ୍ତଙ୍କୁ ଆପଣ ବିଶ୍ୱାସକୁ ନେଇଛନ୍ତି ଏବଂ ଗୃହକୁ ଠିକ୍ ଭାବେ ପରିଚାଳନା କରିଥିବାରୁ ଧନ୍ୟବାଦ। ୧୯୯୦ରେ ଏ ଗୃହକୁ ଆସିଥିଲେ। ଆଜି ଏଠି ତାଙ୍କର ଶେଷ ଦିନ। ଏ ବର୍ଷ ଆଉ ନିର୍ବାଚନ ଲଢିବେ ନାହିଁ। ସବୁବେଳେ ତାଙ୍କୁ ବିଭିନ୍ନ ପଦପଦବୀ ମିଳିଛି। ଯେତିକି ଦିନ ଏ ଗୃହକୁ ଆସିଛନ୍ତି ସମସ୍ତଙ୍କଠାରୁ ସ୍ନେହ, ଶ୍ରଦ୍ଧା, ସମ୍ମାନ ପାଇଛନ୍ତି। କାହା ବିରୋଧରେ ତାଙ୍କର କିଛିଅଭିଯୋଗ ନାହିଁ। ଯଦି କାହାକୁ ଅଜାଣତରେ କଷ୍ଟ ଦେଇଥିବେ ତେବେ କ୍ଷମା କରିଦେବେ। ଆଗକୁ ଏ ଗୃହକୁ ଆହୁରି ଭଲ ପ୍ରତିନିଧି ଆସିବେ ବୋଲି ଆଶା। ଯେଉଁମାନେ ଆସିବେ ସେମାନେ ଗଣତନ୍ତ୍ରକୁ ରକ୍ଷା କରିବା ଦିଗରେ କାମ କରିବା ସହ ଗୃହର ସମ୍ମାନ ବଢାଇବେ ବୋଲି ନରସିଂହ କହିଛନ୍ତି। ବିଧାନସଭା ଶେଷ ହେବାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭକରି ଶାସକ ଦଳ ଏବଂ କଂଗ୍ରେସ ସଦସ୍ୟଙ୍କ ପର୍ଯ୍ୟନ୍ତ ବହୁ ନେତା ନରସିଂହଙ୍କୁ ବିଦାୟକାଳୀନ ଶୁଭେଚ୍ଛା ଜଣାଇଥିଲେ। ବହୁ ଶାସକ ଏବଂ କଂଗ୍ରେସ ସଦସ୍ୟ ତାଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନେଉଥିବା ଦେଖିବାକୁ ମିଳିଥିଲା। ଏହାପରେ ଶାସକ ଏବଂ କଂଗ୍ରେସ ସଦସ୍ୟମାନେ ନରସିଂହଙ୍କ ସହ ସେଲ୍‌ଫି ନେବା ସଙ୍ଗେ ସଙ୍ଗେ ଫଟୋ ମଧ୍ୟ ଉଠାଇଥିଲେ। ଏହାପରେ ସୁରେଶ କୁମାର ରାଉତରାୟ ମଧ୍ୟ ଏହା ତାଙ୍କ ଶେଷ ଅଧିବେଶନ ବୋଲି କହିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଳାଇ ଯିବା ସମୟରେ ବିଧାନସଭା ବାହାରେ ମୁଣ୍ଡିଆ ପକାଇ ଯାଇଥିଲେ।



ଅଧିବେଶନ ଶେଷ ଦିନରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଆଉ ନିର୍ବାଚନ ଲଢ଼ିବେ ନାହିଁ କହି ବିଧାନସଭାକୁ ମୁଣ୍ଡିଆମାରି ବିଦାୟ ନେଉଛନ୍ତି।

# ବୋର୍ଡ ୱେବ୍‌ସାଇଟ୍‌ରେ ମାଟ୍ରିକ ଆଡ୍‌ମିଟ୍ କାର୍ଡ, ପରୀକ୍ଷା କେନ୍ଦ୍ରର ସୂଚନା

କଟକ,୯।୨ (କାର୍ତ୍ତିକ ସାହୁ)

ମାଟ୍ରିକ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ପରୀକ୍ଷା କେନ୍ଦ୍ରଗୁଡ଼ିକ ସମ୍ପର୍କିତ ସୂଚନା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ୱେବ୍‌ସାଇଟ୍(www.bseodisha.ac.in)ରେ ଶୁକ୍ରବାର ଉପଲବ୍ଧ ହୋଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ପରୀକ୍ଷା କେନ୍ଦ୍ର ସମ୍ପର୍କିତ ତଥ୍ୟ ଡାଉନ୍‌ଲୋଡ୍ କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀ କେଉଁ କେନ୍ଦ୍ରରେ ପରୀକ୍ଷା ଦେବେ, ସମ୍ପୃକ୍ତ ଶିକ୍ଷାନୁଷ୍ଠାନଟି ପରୀକ୍ଷା କେନ୍ଦ୍ର/ନୋଡାଲ କେନ୍ଦ୍ର/ମୂଲ୍ୟାୟନ କେନ୍ଦ୍ର ପାଇଁ ଚୟନ କରାଯାଇଛି କି ନାହିଁ, ପରୀକ୍ଷା କେନ୍ଦ୍ର ହୋଇଥିଲେ ସେଠାରେ କେତେଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ, ସମସ୍ତ ପରୀକ୍ଷା ପାଇଁ ସବୁ ବିଷୟରେ କେତେ ପ୍ରଶ୍ନପତ୍ର ଦରକାର ଆଦିର ସୂଚନା ୱେବ୍‌ସାଇଟ୍‌ରେ ରହିଛି। ଏ ସମସ୍ତ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରି ପରୀକ୍ଷାର୍ଥୀମାନଙ୍କୁ ବଣ୍ଟନ କରିବାକୁ କୁହାଯାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTCONBBSeOTBDPKEIAlt20, ତା.31.01.2024ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ ମଣ୍ଡଳରେ ବୁଢ଼ାପଙ୍କ-ମେରାମଣ୍ଡଳି ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ରେ କାର୍ଯ୍ୟ ସମ୍ପର୍କରେ ବୁଢ଼ାପଙ୍କ (BDPK) ଷ୍ଟେସନରେ ସିଗନାଲ୍ ଏବଂ ଟେଲିକମ୍ ଯୋଗାଯୋଗ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା, ଜଟିଳ ସାମଗ୍ରୀର ଯୋଗାଣ ଓ ମେଧା ସର୍ବୋ ଡ୍ରାଇଭସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ର ସଂସ୍ଥାପନ ଏବଂ କମିଶନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 12,67,62,650/-, EMD (₹) : 7,83,800/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2024ରିଖ 1100 ଘଟିକାରେ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ । ଯଦି ଇଣ୍ଟରନେଟ୍‌ରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପ୍ରାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ (ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ । ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବୀକୁ ଗ୍ରହଣ କରାଯିବ ନାହିଁ ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ନିର୍ମାଣ, ଭୁବନେଶ୍ୱର

PR-123/CG/23-24

ଶିକ୍ଷା ଅଧିକାର

ସଭିଏଁ ପଢ଼ନ୍ତୁ; ସଭିଏଁ ବଢ଼ନ୍ତୁ

**SAMAGRA SHIKSHA (S.S.), ANGUL**

PH: 06764-232412 (DPO)/ 2234185 (Fin) / 232808 (MIS),
E-mail ID- dpcangulssa.opepa@nic.in

Letter No. 284/Ped File No. ...................... Date: 08.02.2024

**CORRIGENDUM**

The opening of Bid document for supply of Blank Question cum Answer Sheet vide tender call notice no 167/dt.25.01.2024 which was scheduled to be opened on dt 09.02.2024 at 11.00 A.M has been postponed to **dt.13.02.2024 at 11.00 A.M.** and the opening of Bid document for supply of Holistic Report card vide tender call notice no 170./dt.25.01.2024 which was scheduled to be opened on dt 09.02.2023 at 03.00 P.M has been postponed to **dt.13.02.2023 at 03.00 P.M.** due to some unavoidable circumstances.Others terms and conditions of the tender remained unaltered.

Sd./- District Education Officer-cum-D.P.C.
Samagra Shiksha, Angul

ନଂ. ଏ-୧୨୦୩୪/୨/୨୦୨୪-ପିଏମ୍‌ଏସ୍‌ଏସ୍‌ୱାଇ-ଆଇଭି

**ଭାରତ ସରକାର**
**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ**
**(ପିଏମ୍‌ଏସ୍‌ଏସ୍‌ୱାଇ ଡିଭିଜନ)**
**ରୁମ୍ ନଂ. ୨୦୧-ଡି, ନିର୍ମାଣ ଭବନ, ନୂଆଦିଲ୍ଲୀ - ୧୧୦୦୧୧**

**(i) ଗୋରଖପୁର (ଉତ୍ତରପ୍ରଦେଶ) ଏବଂ (ii) ମାନେଠି (ହରିୟାଣା) ସ୍ଥିତ ପ୍ରତ୍ୟେକ ଏଆଇଆଇଏମ୍‌ଏସ୍‌ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀ ନିମନ୍ତେ ବିଜ୍ଞାପନ**

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ପିଏମ୍‌ଏସ୍‌ଏସ୍‌ୱାଇ ଡିଭିଜନ) (i) ଗୋରଖପୁର (ଉତ୍ତରପ୍ରଦେଶ) ଏବଂ (ii) ମାନେଠି (ହରିୟାଣା)ଠାରେ ପ୍ରତ୍ୟେକ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏଆଇଆଇଏମ୍‌ଏସ୍)ରେ ଡେପୁଟେସନ/ସ୍ୱଳ୍ପମିଆଦୀ ଚୁକ୍ତି/ଚୁକ୍ତି ଭିତ୍ତିରେ ସ୍ତର ୧୫; ଟ.୧୮୨୨୦୦-୨୨୪୧୦୦/- ବେତନ ମାଟ୍ରିକ୍ସ (୭ମ ସିପିସି ଅନୁଯାୟୀ)ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦବୀ ପୂରଣ କରିବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଅଧିକ ବିବରଣୀ ପାଇଁ, ଦୟାକରି ମନ୍ତ୍ରଣାଳୟର ୱେବସାଇଟ୍ ତଥା ଡିଭିଜନର ୱେବସାଇଟ୍ **https://main.mohfw.gov.in** ଏବଂ **https://pmssy.mohfw.gov.in** ପରିଦର୍ଶନ କରନ୍ତୁ।

ସବିଶେଷ ବିଜ୍ଞାପନ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ପ୍ରକାଶିତ ହେବ। ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ପ୍ରକାଶ ତାରିଖରୁ ୪୫ ଦିନ ।

ସ୍ୱା./- (ଦିନେଶ କୁମାର), ଯୁଗ୍ମ ନିର୍ଦ୍ଦେଶକ
ଦୂରଭାଷ: ୦୧୧-୨୩୦୬୧୭୩୦

cbc 17101/11/0016/2324

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.66/ET/SBP/ENGG/2023-24, ତା.05.02.2024ରିଖ

ଇ-ଟେଣ୍ଡର ସଂ.33-eT-SDENW-SBP-23

କାର୍ଯ୍ୟର ନାମ : ରେଳବାଇ ଜମି/ଖଦାନ (Land/Quarry) ବାହାରୁ କୋମାଖାନ ଡିପୋ ଠାରେ ରେଳବାଇ ବିନିର୍ଦ୍ଦେଶ ଅନୁଯାୟୀ ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 80,000 ଘନ ମିଟର ବିଶିଷ୍ଟ ଟ୍ରାକ୍ ବାଲାଷ୍ଟର ଯୋଗାଣ ଏବଂ ଗଦା ମାରିବା ତଥା ତାହାକୁ ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ମହାସମୁନ୍ଦ ପରିସୀମା ଅଧୀନସ୍ଥ ରେଳବାଇ ୱାଗନଗୁଡ଼ିକରେ ବୋଝେଇ କରିବା କାର୍ଯ୍ୟ (ଶେଷ ହେବା ଅବଧି : ବର୍ଷାଋତୁ ଅବଧି ବ୍ୟତୀତ 12 ମାସ) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 11,23,87,200, ବିଡ୍ ସିକ୍ୟୁରିଟି (₹): 7,12,000/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ବର୍ଷାଋତୁ ଅବଧି ବ୍ୟତୀତ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.03.2024ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର

PR-1068/O/23-24

Odisha Coal and Power Limited
OCPL

**ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍**
(ଓଡ଼ିଶା ସରକାରଙ୍କ ଉଦ୍ୟୋଗ)
ଜୋନ୍-ଏ, ଫୋର୍ଥ ଫ୍ଲୋର୍, ଫର୍ଚ୍ୟୁନ୍ ଟାୱାର୍ସ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ପିନ୍-୭୫୧୦୨୩, ଓଡ଼ିଶା
ଫୋନ୍: 0674-2300654, mines@ocpl.org.in, www.ocpl.org.in

**ପରିବେଶ ମଞ୍ଜୁରୀ (ଇ.ସି.) ବିଜ୍ଞାପନ**

**ସର୍ବସାଧାରଣଙ୍କ ଅବଗତି ନିମନ୍ତେ**

ଓଡ଼ିଶା କୋଲ୍ ଆଣ୍ଡ ପାୱାର୍ ଲିମିଟେଡ୍ (ଓସିପିଏଲ)ର 'ମନୋହରପୁର ଏବଂ ଡିପ୍ ସାଇଡ୍ ମନୋହରପୁର' ଖଣି ଯାହାକି ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ତହସିଲ୍ ଅନ୍ତର୍ଭୁକ୍ତ ମନୋହରପୁର, ପରମାନନ୍ଦପୁର, କାଠଫାଳି, ଘୁମୁଡାସନ, ଡୁଲାଙ୍ଗ, ଦୃରୁବାଗା, କାତରବଗା, ଲାଇକେରା ଏବଂ ସାରବାହାଲ ଗ୍ରାମମାନଙ୍କରେ ଅବସ୍ଥିତ। ଉକ୍ତ କୋଇଲା ଖଣିର ବାର୍ଷିକ କୋଇଲା ଉତ୍ପାଦନ କ୍ଷମତା ୮ ନିୟୁତ ଟନ୍ ଥିବା ସ୍ଥଳେ ଏହାର ସମ୍ପ୍ରସାରଣ ପ୍ରକଳ୍ପ ୧୬ ନିୟୁତ ଟନ୍ (୮ MTPA ରୁ ୧୬ MT-PA)କୁ ବୃଦ୍ଧି କରିବା ନିମନ୍ତେ ପ୍ରକଳ୍ପ ଅଞ୍ଚଳକୁ ୯୭୭.୮୭୫ ହେକ୍ଟରରୁ ୧୭୮୧.୫୯୧ ହେକ୍ଟରକୁ ବୃଦ୍ଧି କରାଯାଇ ଏହାର ପରିବେଶ ମଞ୍ଜୁରୀ (Environmental Clearance) ନୂଆଦିଲ୍ଲୀ ସ୍ଥିତ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC) ଦ୍ୱାରା ତା୦୫।୦୨।୨୦୨୪ରିଖ, ଚିଠି ସଂଖ୍ୟା- J-୧୧୦୧୫/୧୩୯/୨୦୦୮.IA.II(M) ମାଧ୍ୟମରେ ପ୍ରଦାନ କରାଯାଇଛି। ଉକ୍ତ ପରିବେଶ ମଞ୍ଜୁରୀ ପତ୍ର (Environmental Clearance)ର ନକଲ ଓଡ଼ିଶା ସରକାରଙ୍କ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଉପଲବ୍ଧ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (MoEF&CC)ର ୱେବ୍‌ସାଇଟ୍ (www.parivesh.nic.in)ରେ ମଧ୍ୟ ଉପଲବ୍ଧ ଅଟେ।

## ପ୍ରଥମ ପୃଷ୍ଠାରୁ...

### ଚରଣ ସିଂ, ନରସିଂହ ରାଓ, ...

ସମର୍ଥକ ଥିଲେ ଓ ସେମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ। ସେହିପରି କୃଷି କ୍ଷେତ୍ରରେ ଭାରତକୁ ସ୍ୱାବଲମ୍ବୀ କରିବାରେ ବିଶ୍ୱବିଖ୍ୟାତ କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ପଶ୍ଚିମ ଉତ୍ତରପ୍ରଦେଶର ଜାଠ ନେତା ଚରଣ ସିଂ ୧୯୭୯-୮୦ରେ ଭାରତର ପ୍ରଧାନମନ୍ତ୍ରୀ ତଥା ସେତେବେଳେ କଂଗ୍ରେସ ବିରୋଧୀ ରାଜନୀତିର ଅନ୍ୟତମ ଅଗ୍ରଦୂତ ଥିଲେ। ଦେଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସରକାର ତାଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରିବାର ସୌଭାଗ୍ୟ ପାଇଛନ୍ତି ବୋଲି ମୋଦି କହିଛନ୍ତି। ଜଣେ ବିଧାୟକ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ସେ ସବୁବେଳେ ରାଷ୍ଟ୍ରନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରୁରୀ ସ୍ଥିତିକୁ ଦୃଢ଼ ବିରୋଧ କରିଥିଲେ।

ତେଲୁଗୁ ନେତା ନରସିଂହ ରାଓ ୧୯୯୧ରୁ ୧୯୯୬ ପ୍ରଧାନମନ୍ତ୍ରୀ ରହିଥିଲେ। ଆର୍ଥିକ ସଂସ୍କାର ଆଣିବାରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ମନ୍ତ୍ରୀ ତଥା ବିଧାୟକ ଓ ଏମ୍‌ପି ଭାବେ ତାଙ୍କର କାର୍ଯ୍ୟ ମଧ୍ୟ ଅନୁରୂପ ଭାବେ ସ୍ମରଣୀୟ। ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଭାରତକୁ ଅର୍ଥନୀତିରେ ଅଗ୍ରଣୀ କରିବାରେ ପ୍ରମୁଖ ଭୂମିକା ନେଇଥିଲା। ଦେଶର ବିକାଶ ଓ ସମୃଦ୍ଧିର ସେ ଦୃଢ଼ ମୂଳଦୁଆ ପକାଇଥିଲେ ବୋଲି ମୋଦି କହିଛନ୍ତି। କୃଷି ଓ କୃଷକମାନଙ୍କ କଲ୍ୟାଣରେ ଦେଶକୁ ସ୍ମରଣୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ସରକାର ସ୍ୱାମୀନାଥନଙ୍କୁ ଭାରତରତ୍ନ ସମ୍ମାନରେ ସମ୍ମାନିତ କରୁଛନ୍ତି। ଭାରତୀୟ କୃଷିକୁ ଆଧୁନିକୀକରଣ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ଖରାପ ସମୟରେ ଦେଶର କୃଷିକୁ ଆତ୍ମନିର୍ଭର କରାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଭାରତରତ୍ନ ସମ୍ମାନ ଜରିଆରେ ଜଣେ ପ୍ରବର୍ତ୍ତକ, ମାର୍ଗଦର୍ଶକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ଓ ଗବେଷଣାକୁ ପ୍ରୋତ୍ସାହିତ କରିବାରେ ସ୍ୱାମୀନାଥନଙ୍କ ମୂଲ୍ୟବାନ କାର୍ଯ୍ୟକୁ ଦେଶ ସ୍ୱୀକୃତି ଦେଉଛି। ସେ କେବଳ ଭାରତୀୟ କୃଷିରେ ପରିବର୍ତ୍ତନ ଆଣି ନ ଥିଲେ ଦେଶର ଖାଦ୍ୟ ସୁରକ୍ଷା ଓ ସମୃଦ୍ଧିକୁ ମଧ୍ୟ ନିଶ୍ଚିତ କରାଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି କୃଷିଅର୍ଥନୀତିଜ୍ଞଙ୍କର ଗତବର୍ଷ ପରଲୋକ ହୋଇଥିଲା। ଚଳିତ ବର୍ଷର ୫ ଭାରତରତ୍ନ ପୁରସ୍କାର ମଧ୍ୟରୁ କେବଳ ଆଡଭାନୀଙ୍କୁ ଜୀବିତାବସ୍ଥାରେ ଏହି ପୁରସ୍କାର ମିଳିବାକୁ ଥିବାବେଳେ ଅନ୍ୟ ୪ଟି ମରଣୋତ୍ତର ଭାବେ ପ୍ରଦାନ କରାଯିବ।

### ଉତ୍ତରାଖଣ୍ଡ ହିଂସା ...

କଡ଼ାକଡ଼ି ଯାଞ୍ଚ କରାଯାଉଛି।। ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ଉତ୍ତେଜନା କିମ୍ବା କାହା ପ୍ରତି କୌଣସି କ୍ଷତି ଘଟାଯାଇ ନ ଥିଲା ବୋଲି ଭିଡିଓରୁ ଜଣାପଡ଼ିଥିବା ନୈନିତାଲ ଜିଲାପାଳ ବନ୍ଦନା ସିଂ କହିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜବରଦଖଲ ହଟାଯାଉଥିଲା। ତେବେ ଉତ୍ୟକ୍ତ ଦଙ୍ଗାକାରୀମାନେ ଲୋକଙ୍କୁ ପୋଡ଼ିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ହିଂସାକାଣ୍ଡକୁ ଦେଖି ଜିଲା ପ୍ରଶାସନ ଗୁରୁବାର ସନ୍ଧ୍ୟାରେ ହଲଦ୍ୱାନିରେ କର୍ଫ୍ୟୁ ଜାରି କରିବା ସହ ଦେଖିବାମାତ୍ରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲା। ପ୍ରଶାସନର କହିବା ଅନୁଯାୟୀ, ମ୍ୟୁନିସିପାଲ କମିଶନର ପଙ୍କଜ ଉପାଧ୍ୟାୟ, ମାଜିଷ୍ଟ୍ରେଟ୍ ରିଚା ସିଂ ଏବଂ ଏସ୍‌ଡିଏମ୍ ପାରିତୋଷ ବର୍ମାଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଚାଲିଥବାବେଳେ ଉତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ। ସେମାନଙ୍କ ଆକ୍ରମଣରେ ଏସ୍‌ଡିଏମ୍, ପୋଲିସ ଅଫିସରଙ୍କ ସମେତ ବହୁ ଲୋକ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିଛି।

### କଟକଣା ସତ୍ତ୍ୱେ ...

ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। ୨୦୦୦ ମସିହାରେ ମୋ ବାପା ଏହି ଅଲ୍‌ଟ୍ରାସାଉଣ୍ଡ ମେଶିନ ଏକ କମ୍ପାନୀରୁ ଆଣିଥିଲେ। ଯେହେତୁ ଲିଙ୍ଗ ନିରୂପଣ ବେଆଇନ ତେଣୁ ଉକ୍ତ ମେଶିନ ସମ୍ପୃକ୍ତ କମ୍ପାନୀକୁ ଫେରାଇବାର ଥିଲା। ହେଲେ କୌଣସି କାରଣବଶତଃ ଏହି ମେଶିନ ଫେରାଇପାରିନାହିଁ। ଉପଜିଲାପାଳ ଦାସଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ଏକ ମାମଲା(ନଂ.୫୦/୨୪) ରୁଜୁ ହୋଇଛି। ଡା. ଦାସ ଦେବଗଡ଼ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ପୂର୍ବରୁ ସେ ଦୁଇଥର ଲିଙ୍ଗ ନିରୂପଣ କରି ଧରାପଡିଥିଲେ। ତେଣୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା।

### ୨୦୨୨-୨୩ରେ ଭାଜପାର ...

କୋଟି ଟଙ୍କା ବ୍ୟୟ କରିଥିବାବେଳେ ସେଥିରୁ ନିର୍ବାଚନ ବ୍ୟୟ ୧,୦୯୨.୧୫ କୋଟି। ସେଥିରୁ ବିଜ୍ଞାପନରେ ସର୍ବାଧିକ ୪୩୨.୧୪ କୋଟି ଟଙ୍କା ବ୍ୟୟ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ପୂର୍ବ ବର୍ଷ ଭଳି ଏଥର ମଧ୍ୟ ଆୟର ଏକ ବଡ଼ ଭାଗ ଇଲେକ୍ଟୋରାଲ ବଣ୍ଡରୁ ଆସିଛି। ସ୍ୱେଚ୍ଛାକୃତ ଦାନ ୨,୧୨୦.୦୬ କୋଟି ମଧ୍ୟରୁ ଇଲେକ୍ଟୋରାଲ ବଣ୍ଡରୁ ୬୧ ପ୍ରତିଶତ ଅର୍ଥାତ୍ ୧,୨୯୪.୧୪ କୋଟି ଟଙ୍କା ମିଳିଛି। ୨୦୨୧-୨୨ ବର୍ଷରେ ଭାଜପା ପାଖରେ ମୋଟ ପାଣ୍ଠି ୪,୪୫୬.୧୮ କୋଟି ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୫,୪୨୪.୭୧ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୨-୨୩ ବର୍ଷରେ ଷ୍ଟେଟ୍ ବ୍ୟାଙ୍କ ୨,୮୦୦.୩୬ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ ବିକ୍ରି କରିଛି।

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
**एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड**

अल्पकालीन ई–पुनर्निविदा आमंत्रण सूचना (4th Call)
**PR No. 314100 Dated 22.12.2023**

अल्पकालीन ई–पुनर्निविदा संख्या:- 308/2023-24 दिनांक :- 08.02.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-LOH-06 /2023-24 | भण्डरा | 1 | बेदाल भौरो पी०एम०जी०एस०वाई० पथ से सेमरा तक पथ का सुदृढ़ीकरण कार्य। (लं० –5.100 कि०मी०) | 1408.991 | चौदह करोड़ आठ लाख निन्यानबे हजार एक सौ रू० मात्र | 15 महीना |
| | | भण्डरा | 2 | बेड़ों लोहरदगा मुख्य पथ (धोबाली) से बिटपी तक पथ का सुदृढ़ीकरण कार्य। (लं० –1.560 कि०मी०) | | | |
| | | भण्डरा | 3 | बलसोता (मुरलीपोखर) से सोरेण्डा बाजार तक पथ का सुदृढ़ीकरण कार्य। (लं० –4.100 कि०मी०) | | | |
| | | भण्डरा | 4 | भैंसमुण्डो मसमानो सिमाना से बेदाल तक पथ का सुदृढ़ीकरण कार्य। (लं० –2.400 कि०मी०) | | | |
| | | भण्डरा | 5 | कोटा मोड़ से डुमरी तक पथ का सुदृढ़ीकरण कार्य।(लं०–2.200 कि०मी०) | | | |
| | | भण्डरा | 6 | पझरी से सेमरा मोड़ तक पथ का सुदृढ़ीकरण कार्य। (लं०–1.400 कि०मी०) | | | |
| | | भण्डरा | 7 | धनामुंजी मोड़ से धनामुंजी तक पथ का सुदृढ़ीकरण कार्य। (लं०–0.835 कि०मी०) | | | |
| | | भण्डरा | 8 | जामूनडीपा से मादा सिमाना भाया टोटो तक पथ का सुदृढ़ीकरण कार्य। (लं०–3.700 कि०मी०) | | | |
| | | भण्डरा | 9 | भण्डरा से सोरण्डा तक पथ का सुदृढ़ीकरण कार्य। (लं०–4.300 कि०मी०) | | | |

2. वेबसाईट मे निविदा प्रकाशन की तिथि:–13.02.2024
3. ई–निविदा प्राप्ति की अंतिम तिथि एवं समय:– 19.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–20.02.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

मुख्य अभियंता
जे०एस०आर०आर०डी०ए०, राँची

PR 318527 (Rural Work Department)23-24*D

# ସତ୍ୟ ଓ ତଥ୍ୟର ଦସ୍ତାବିଜ୍: ପ୍ରବନ୍ଧାବଳୀ

## ଅତୀତର ବହି



ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

**ପାରଳାଖେମୁଣ୍ଡି ରାଜଗୁରୁ ବଂଶରେ ୧୨ ଫେବୃଆରୀ ୧୮୬୬ ମସିହାରେ ଶ୍ୟାମସୁନ୍ଦର ରାଜଗୁରୁ ଜନ୍ମଗ୍ରହଣ କରିଥିଲେ। ପିତା ରଘୁନାଥ ରାଜଗୁରୁ, ମାତା ରାଧିକା ଦେବୀ। ରଘୁନାଥ ରାଜଗୁରୁ ପାରଳାର ବ୍ରାହ୍ମଣ ସମାଜରେ ଜଣେ ପ୍ରତିଷ୍ଠିତ ବୁଦ୍ଧିଜୀବୀ ଭାବେ ସମ୍ମାନିତ। ଅର୍ଥାଭାବରୁ ଶ୍ୟାମସୁନ୍ଦରଙ୍କ ଶିକ୍ଷାଲାଭ ବାଧାପ୍ରାପ୍ତ ହୋଇଥିଲା। ୧୮୭୮ ସାଲରେ ନିଜସ୍ୱ ପ୍ରଚେଷ୍ଟାରେ ସେ ସ୍ଥାନୀୟ ଇଂରାଜୀ ହାଇସ୍କୁଲରେ ନାମ ଲେଖାଇଥିଲେ। ସେତେବେଳେ ପାରଳାଖେମୁଣ୍ଡି କୋର୍ଟ-ଅଫ୍-ୱାର୍ଡ୍ସ ଅଧୀନରେ ଥାଏ। ରାଣୀଙ୍କ ଆର୍ଥିକ ସାହାଯ୍ୟରେ ସେ ବ୍ରହ୍ମପୁର କଲେଜରୁ ୧୮୯୦ରେ ଏଫ୍.ଏ. ଓ ରାଜମହେନ୍ଦ୍ରୀ କଲେଜରୁ ୧୮୯୨ରେ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ଦକ୍ଷିଣ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍।**

ଐତିହାସିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଶ୍ୟାମସୁନ୍ଦରଙ୍କ ଜନ୍ମ ୧୮୬୨ ମସିହାରେ, କିନ୍ତୁ ଏହା ଗବେଷକଙ୍କ ଦ୍ୱାରା ସ୍ୱୀକୃତ ନୁହେଁ। ତାଙ୍କର ପ୍ରକୃତ ଜନ୍ମ ୧୮୬୬ ମସିହାରେ। ବିଳମ୍ବରେ ରାଜଗୁରୁଙ୍କ ବିଦ୍ୟାରମ୍ଭ ହୋଇଥିଲା। ମେଧାବୀ ଛାତ୍ର ଥିବାରୁ ଡବଲ୍ ପ୍ରମୋଶନ ପାଇ ୫ ବର୍ଷରେ ଅର୍ଥାତ୍ ୨୧ ବର୍ଷ ବୟସରେ ମାଟ୍ରିକ୍ୟୁଲେଶନ ଓ ୨୫ ବର୍ଷ ବୟସରେ ବି.ଏ. ପାସ୍ କରିଥିଲେ।

୧୯୦୩ରୁ ୧୯୦୯ ମସିହା ପର୍ଯ୍ୟନ୍ତ ରାଜଗୁରୁ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ନେତୃତ୍ୱ ନେଇ ପାରଳାଖେମୁଣ୍ଡିକୁ ବିଦ୍ୟାର ଏକ ଉତ୍କର୍ଷ ପୀଠରେ ପରିଣତ କରିଥିଲେ। ୧୮୯୪ରୁ ପାରଳାଖେମୁଣ୍ଡି ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ରୂପେ ମନୋନୀତ ହୋଇ ସେ ଏହି ଅଞ୍ଚଳର ସାମଗ୍ରିକ ଉନ୍ନତି ସାଧନ କରିଥିଲେ। ପାରଳାରେ ପ୍ରତିଷ୍ଠିତ ପଦ୍ମନାଭ ରଙ୍ଗାଳୟର ସୁପରିଚାଳନା ଭାର ତାଙ୍କ ଉପରେ ନ୍ୟସ୍ତ ଥିଲା। ପାରଳାର ଗଜପତିଙ୍କ ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ଗଜପତି ପ୍ରେସ୍ ଥିଲା ରାଜଗୁରୁଙ୍କର ମାନସସନ୍ତାନ। ଏହି ପ୍ରେସ୍‌ରୁ ପ୍ରକାଶ ପାଇଥିବା ଗଞ୍ଜାମ ନ୍ୟୁଜ୍ (୧୮୯୬)ର ସେ ଥିଲେ ସମ୍ପାଦକ। ୧୯୦୩ ଏପ୍ରିଲ୍ ୧୧-୧୨ରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଗଞ୍ଜାମ ଜାତୀୟ ସମ୍ମିଳନୀର ସେ ଥିଲେ ସଭାପତି। ତାଙ୍କରି ପ୍ରଚେଷ୍ଟାରେ ଗଞ୍ଜାମରେ ଭାଷା ଆନ୍ଦୋଳନ ଏବଂ ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣର ଯେଉଁ ବୀଜ ପତନ ହୋଇଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଉତ୍କଳ ସମ୍ମିଳନୀର ରୂପ ନେଇଥିଲା। ତାଙ୍କଦ୍ୱାରା ତାଲିମପ୍ରାପ୍ତ କୃଷ୍ଣଚନ୍ଦ୍ର ଗଜପତି ପରବର୍ତ୍ତୀ ସମୟରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୁରୋଧା ହୋଇଥିଲେ।

ଶ୍ୟାମସୁନ୍ଦର ରାଜଗୁରୁଙ୍କ ଦ୍ୱାରା ରଚିତ ଅନେକ ପ୍ରବନ୍ଧ ଉତ୍କଳ ସାହିତ୍ୟରେ ପ୍ରକାଶ ପାଇ ଚର୍ଚ୍ଚିତ ହୋଇଥିଲା। ଓଡ଼ିଆ ଛନ୍ଦ ଉପରେ ତାଙ୍କର ରଚନା ଥିଲା ଓଡ଼ିଶାରେ ପ୍ରଥମ। ବିଭିନ୍ନ ଅନାଲୋଚିତ ପ୍ରତିଭାଙ୍କର ସାରସ୍ୱତ ସୃଷ୍ଟିକୁ ଲୋକଲୋଚନକୁ ଆଣିବାରେ ସେ କରିଥିଲେ ପ୍ରାରମ୍ଭିକ ଉଦ୍ୟମ। ଏ ପ୍ରସଙ୍ଗରେ ସାରଳା ଦାସ, ବଳରାମ ଦାସ, ଦୀନକୃଷ୍ଣ ଦାସ, ଦ୍ୱାରକା ଦାସ, ଧନଞ୍ଜୟ ଭଞ୍ଜ, ହଳଧର ଦାସ, ଗୋପାଳ କବି, କୃଷ୍ଣ ସିଂହ, ଦାଶରଥି ଦାଶ, କୃପାସିନ୍ଧୁ ଦାସ, କବି ହରିକୃଷ୍ଣ, ରାମ ଦାସ, ନିଶଙ୍କରାୟ ରାଣୀ, କାହ୍ନୁ ଦାସ ପ୍ରମୁଖଙ୍କ ଉପରେ ଗବେଷଣାତ୍ମକ ଆଲୋଚନା ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ। ଓଡ଼ିଆ ବ୍ୟାକରଣ ସମ୍ପର୍କରେ ତାଙ୍କ ରଚନା ଓଡ଼ିଆ ଭାଷାତତ୍ତ୍ୱକୁ ସମୃଦ୍ଧ କରିଛି। ଏହି ପ୍ରସଙ୍ଗରେ ତାଙ୍କର ଓଡ଼ିଆ ବିଭକ୍ତି, ଓଡ଼ିଆ ସର୍ବନାମ ଓ ଓଡ଼ିଆ ଅବ୍ୟୟ ଆଲୋଚନାକୁ ସ୍ମରଣ କରାଯାଇପାରେ। ତାଙ୍କ ପ୍ରଦର୍ଶିତ ପଥରେ ପାଦ ଥାପି ଗୋପୀନାଥ ନନ୍ଦ, ଅପର୍ଣ୍ଣା ପଣ୍ଡା ଏବଂ ବିନାୟକ ମିଶ୍ର ପ୍ରମୁଖ ଓଡ଼ିଆ ଭାଷାତତ୍ତ୍ୱର ଗତିପଥକୁ ପୁଷ୍କଳ କରିଛନ୍ତି। ଗୋପୀନାଥ ନନ୍ଦଙ୍କର ଓଡ଼ିଆ ଭାଷାତତ୍ତ୍ୱ ପୁସ୍ତକ ଶ୍ୟାମସୁନ୍ଦରଙ୍କ ପ୍ରେରଣା ଦ୍ୱାରା ସମ୍ଭବ ହୋଇଥିବା ନନ୍ଦେ ସ୍ୱୀକାର କରନ୍ତି। ପାରଳାଖେମୁଣ୍ଡିର ରାଜା ଗୌରଚନ୍ଦ୍ର ଗଜପତିଙ୍କ 'ଧ୍ରୁବ ନାଟକ' ଏବଂ ତାଙ୍କ ନାମ ଅଙ୍କିତ ଗୀତସ୍ତବକ, ଗୀତରତ୍ନାବଳୀ ପୁସ୍ତକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଦ୍ୱାରା ରଚିତ ବୋଲି ଅନେକେ ଗ୍ରହଣ କରନ୍ତି। ପଦ୍ମନାଭ ନାରାୟଣଦେବଙ୍କ 'ଶ୍ରୀ ସଙ୍ଗୀତ ପ୍ରହ୍ଲାଦ' ନାଟକର ଅନେକ ଗୀତ ଶ୍ୟାମସୁନ୍ଦର ରଚନା କରିଥିବା ଗ୍ରନ୍ଥ ପ୍ରଣେତା ସ୍ୱୀକାର କରନ୍ତି। ଇଂରେଜ ପ୍ରଶାସକମାନଙ୍କୁ ଓଡ଼ିଶାର ପର୍ବପର୍ବାଣି ଓ ରୀତିନୀତି ସମ୍ପର୍କରେ ସୂଚନା ଦେବାପାଇଁ ଶ୍ୟାମସୁନ୍ଦର 'The Feasts and Fast of the Uriyas' ଇଂରାଜୀ ପୁସ୍ତକ ରଚନା କରିଥିଲେ। ଏଥିରେ ୬୭ଟି ଓଷା ଓ ବ୍ରତର ବିବରଣୀ ପ୍ରଦତ୍ତ।

ଶ୍ୟାମସୁନ୍ଦରଙ୍କ ରଚିତ ୨୨ଗୋଟି ପ୍ରବନ୍ଧକୁ ନେଇ ତାଙ୍କ ମୃତ୍ୟୁ ପରେ ପ୍ରବନ୍ଧାବଳୀ ପୁସ୍ତକ ୧୯୧୭ରେ ଉତ୍କଳ ସାହିତ୍ୟ ପ୍ରେସ୍, କଟକରୁ ପ୍ରକାଶିତ। ଏହାର ପ୍ରକାଶକ ଥିଲେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ। ଏହି ପୁସ୍ତକରେ ମୁଖବନ୍ଧ ରଚନା କରିଥିଲେ ସିଂହାଦ୍ରି ଗନ୍ତାଇତ ଓ ନିତ୍ୟାନନ୍ଦ ପଟ୍ଟନାୟକ। ଏଥିରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ସଂକ୍ଷିପ୍ତ ଜୀବନୀ ସଂଲଗ୍ନ ହୋଇଛି। ଓଡ଼ିଆ ସାହିତ୍ୟର ପ୍ରେକ୍ଷାପଟରେ ପ୍ରବନ୍ଧାବଳୀ ଏକ ଉତ୍କୃଷ୍ଟ ପୁସ୍ତକ।



ଶ୍ୟାମସୁନ୍ଦର ରାଜଗୁରୁ (୧୮୬୬-୧୯୦୯)



ପ୍ରବନ୍ଧାବଳୀ।
ଶ୍ୟାମସୁନ୍ଦର ରାଜଗୁରୁ
ରଚିତ
ଓ
ଶ୍ରୀ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିନାରାୟଣ ଦେବଙ୍କ
ଦ୍ୱାରା
ପ୍ରକାଶିତ।
Printed by V. Kar.
THE UTKAL SAHITYA PRESS.
CUTTACK.
1917.

ଶ୍ୟାମସୁନ୍ଦର ଜଣେ ଉଚ୍ଚଶିକ୍ଷିତ ପ୍ରତିଭା ହୋଇଥିବାରୁ ତାଙ୍କର ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣ ଦକ୍ଷତା ତାଙ୍କ ସମକାଳୀନ ଲେଖକମାନଙ୍କ ରଚନାରେ ଅନୁପସ୍ଥିତ। ଗୌରଚନ୍ଦ୍ର ଗଜପତିଙ୍କ ଧ୍ରୁବ ନାଟକରେ ଥିବା ପ୍ରାଦେଶିକ ଭାଷାକୁ ଉତ୍କଳ ସାହିତ୍ୟର ସମ୍ପାଦକ ବିଶ୍ୱନାଥ କର ସମାଲୋଚନା କରିଥିଲେ। ଏହି ସମାଲୋଚନାକୁ ନିଜର ବିଜ୍ଞାନସିଦ୍ଧ, ଯୁକ୍ତିନିଷ୍ଠ ବିଶ୍ଳେଷଣ ମାଧ୍ୟମରେ ଖଣ୍ଡନ କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ। ଶ୍ୟାମସୁନ୍ଦରଙ୍କ ମତରେ, ପ୍ରାଦେଶିକ ଭାଷାର ସମ୍ମିଳନ ହିଁ ମାନକ ଓଡ଼ିଆ ଭାଷାକୁ ପରିପୁଷ୍ଟ କରେ। ଏ ସମ୍ପର୍କରେ ସେ ମାକ୍ସମୁଲାର, ହ୍ୱିଟିନ୍ ପ୍ରମୁଖ ପାଶ୍ଚାତ୍ୟ ଗବେଷକଙ୍କ ମନ୍ତବ୍ୟକୁ ଉଦ୍ଧାର କରି ନିଜର ବକ୍ତବ୍ୟକୁ ବଳିଷ୍ଠ କରିଛନ୍ତି।

ଓଡ଼ିଆ ଭାଷାର ବିଶ୍ଳେଷଣ କଲାବେଳେ ଶ୍ୟାମସୁନ୍ଦର ସଂସ୍କୃତ ଓ ପ୍ରାକୃତ ଭାଷାର ପ୍ରଭାବକୁ ସ୍ୱୀକାର କରିଛନ୍ତି ଏବଂ ଏହାରି ମାଧ୍ୟମରେ ଓଡ଼ିଆ ଭାଷା ସମୃଦ୍ଧ ହୋଇଥିବା ଦର୍ଶାଇଛନ୍ତି। ତାଙ୍କ ପୂର୍ବରୁ ପୋଥିକୁ ନେଇ କୌଣସି ଆଲୋଚକ ସାହିତ୍ୟ ଆଲୋଚନା କରିଥିବା ଜଣାଯାଇ ନାହିଁ। ଓଡ଼ିଆ ସମାଲୋଚନା ସାହିତ୍ୟରେ ସେ ନୂତନ ରୁଚିବୋଧ ଓ ବିଜ୍ଞାନସମ୍ମତ ଆଭିମୁଖ୍ୟର ପ୍ରଥମ ସ୍ରଷ୍ଟା। ତାଙ୍କର ପ୍ରତ୍ୟେକ ମନ୍ତବ୍ୟ ତଥ୍ୟଭିତ୍ତିକ। କଳ୍ପନାକୁ ସେ ସାହିତ୍ୟ ବିଶ୍ଳେଷଣର ଅଙ୍ଗରୂପେ ଗ୍ରହଣ କରିନାହାନ୍ତି। ଗଭୀର ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ସେ ଯେଉଁ ସତ୍ୟର ଆବିଷ୍କାର କରନ୍ତି, ତାହା ହିଁ ତାଙ୍କ ରଚନାରେ ପ୍ରତିଫଳିତ। ସତ୍ୟ ପ୍ରତି ତାଙ୍କ ପ୍ରାଣର ଐକାନ୍ତିକ ଅନୁଭବ ହିଁ ତାଙ୍କ ଆଲୋଚନାଗୁଡ଼ିକୁ ସାର୍ଥକ ଓ ବୈଶିଷ୍ଟ୍ୟପୂର୍ଣ୍ଣ କରିଛି।

ଓଡ଼ିଆ ସାହିତ୍ୟର ଗବେଷଣାତ୍ମକ ଅନୁଶୀଳନ, ପ୍ରାଚୀନ ସାହିତ୍ୟର ପୁଙ୍ଖାନୁପୁଙ୍ଖ ଆଲୋଚନା, ପତ୍ରପତ୍ରିକା ସମ୍ପାଦନା ଏବଂ ଉତ୍କଳ ସମ୍ମିଳନୀ ତଥା ଗଞ୍ଜାମ ଜାତୀୟ ସମ୍ମିଳନୀର ପଶ୍ଚାତ୍‌ରେ ଏହି ମହନୀୟ ପ୍ରତିଭାଙ୍କର ଅବଦାନ ଓଡ଼ିଆ ସାହିତ୍ୟର ଏକ ବହୁମୁଖୀ ଅଧ୍ୟାୟ। ସେ ଅଜସ୍ର ସାହିତ୍ୟର ସ୍ରଷ୍ଟା ନୁହନ୍ତି, କିନ୍ତୁ ଯେଉଁ କତିପୟ ଆଲୋଚନା ପ୍ରବନ୍ଧାବଳୀରେ ସ୍ଥାନିତ, ତାହା ଓଡ଼ିଆ ସାହିତ୍ୟର ଦିଗବାରେଣୀ ଭାବରେ ଚିରଜାଜ୍ୱଲ୍ୟମାନ।

ମୋ: ୯୪୩୭୨୫୬୧୭୬

## ପୁସ୍ତକ ପରିଚୟ

### ସାଧାରଣ ପ୍ରଶାସନ: ଲୋକସେବାର ଅସାଧାରଣ ମାଧ୍ୟମ





**ଲେଖକ:** ଡ. ତାରା ଦତ୍ତ
**ପ୍ରକାଶକ:** ବି.କେ. ପବ୍ଲିକେଶନ୍ସ ପ୍ରା.ଲି., ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୩୪୯/-

ଆଲୋଚ୍ୟ ପୁସ୍ତକଟି ଅଭିଜ୍ଞ ପ୍ରଶାସକ ଡକ୍ଟର ତାରା ଦତ୍ତଙ୍କର ଆତ୍ମଜୀବନୀ, ଯହିଁରେ ଲେଖକ ନିଜର ବ୍ୟକ୍ତିଗତ ଓ ପ୍ରାଶାସନିକ ଜୀବନର ବୟାନ ରଖିଛନ୍ତି। ପୁସ୍ତକଟିରେ ଦୁଇଟି ଭାଗ ରହିଛି। ପ୍ରଥମ ଭାଗରେ ଲେଖକ ତାଙ୍କ ସଂଘର୍ଷମୟ ବ୍ୟକ୍ତି-ଜୀବନର କଥା ଉପସ୍ଥାପନ କରିଛନ୍ତି ଓ ଦ୍ୱିତୀୟ ଭାଗରେ ନିଜ ପ୍ରାଶାସନିକ ଜୀବନର ଅଭିଜ୍ଞତା ବଖାଣିଛନ୍ତି। 'ଉପକ୍ରମଣିକା'ରେ ଲେଖକ ଲେଖିଛନ୍ତି: "ପୁସ୍ତକଟି ଜୀବନରେ ଘଟିଥିବା ବ୍ୟକ୍ତିଗତ ସଂଘର୍ଷ ସହ ଜଡ଼ିତ କିଛି ପ୍ରାଶାସନିକ ଏବଂ କିଛି ଅଣପ୍ରାଶାସନିକ ଘଟନାର ଏକ ଛୋଟ ଦଲିଲ ଅଟେ। x x ମୁଁ ପ୍ରଶାସନର ସର୍ବୋଚ୍ଚ ପଦବୀ ହାସଲ କଲାପରେ ମଧ୍ୟ ଜୀବନରେ ସଫଳତା ହାସଲ କରିଛି ଏବଂ ମୋ' ଜୀବନ ସଫଳ ହୋଇଛି ବୋଲି ଭାବିବା ଅସତ୍ୟ ଅଟେ। x x ବ୍ୟାବହାରିକ ଜୀବନରେ ଏପରି କିଛି ନାହିଁ, ଯାହାକୁ ସମ୍ପୂର୍ଣ୍ଣ ସତ୍ୟ ଭାବରେ ଗ୍ରହଣ କରାଯାଇପାରିବ।" ଗ୍ରନ୍ଥାରମ୍ଭରେ 'ସାମାନ୍ୟ କଥନ' ଶୀର୍ଷକରେ ଗ୍ରନ୍ଥ ସମ୍ବନ୍ଧୀୟ ଯେଉଁ ଗଦ୍ୟଲେଖଟି ଲେଖକ ଲେଖିଛନ୍ତି, ସେଥିରେ କହିଛନ୍ତି: "ଲେଖକଙ୍କ କର୍ମଭୂମି ହେଲା ଓଡ଼ିଶା। ପୁସ୍ତକର ଅଧିକାଂଶ ଭାଗ ହେଲା ଲେଖକଙ୍କର ସରକାରୀ ସେବାକାଳର କର୍ମାନୁଭୂତି।" ବହିଟି ପଢ଼ିଲେ ମନେହୁଏ, ଲେଖକ କିପରି ତାଙ୍କ ଜୀବନ ଓ ଜୀବନବଞ୍ଚିବା ପ୍ରବାହିତ ହୋଇଛି ଓ ତାହା କିପରି ପାଠିକାପାଠକଙ୍କ ପାଇଁ ଅନୁକୂଳ ସାବ୍ୟସ୍ତ ହେବ, ତା'ରି ଉପରେ ଧ୍ୟାନ ଦେଇଛନ୍ତି। ଆଶା, ବହିଟି ପାଠକୀୟ ଆଦୃତି ଲାଭକରିବ।

### ବିଧାନସଭାରେ ଭାଷା ଆଇନ





**ସମ୍ପାଦନା:** ପବିତ୍ର ମହାରଥା
**ପ୍ରକାଶକ:** ଶବ୍ଦସ୍ପର୍ଶ, ନୂଆପଲ୍ଲୀ, ଭୁବନେଶ୍ୱର-୧୫
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୭୫୦/-

୧୯୪୮ ମସିହା ଜୁନ୍ ୧ ତାରିଖରୁ ସମସ୍ତ ଦପ୍ତରରେ ଓଡ଼ିଆରେ ସମସ୍ତ କାର୍ଯ୍ୟ କରିବା ପାଇଁ ତତ୍କାଳୀନ ବରଗଡ଼ ବିଧାୟକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଏପ୍ରିଲ୍ ୧, ୧୯୪୮ ମସିହାରେ ଆଣିଥିବା ପ୍ରସ୍ତାବଠାରୁ ଆରମ୍ଭକରି ବିଧାନସଭାରେ 'ଭାଷା ଆଇନ-୧୯୫୪' ପ୍ରଣୟନ ଓ ସଂଶୋଧିତ ଭାଷା ଆଇନ-୨୦୧୮ (ଦ୍ୱିତୀୟ) ପର୍ଯ୍ୟନ୍ତ ରାଜ୍ୟ ବିଧାନସଭାରେ କରାଯାଇଥିବା ଆଲୋଚନାଯାକ ଆଲୋଚ୍ୟ ଗ୍ରନ୍ଥରେ ଅବତାରଣା କରାଯାଇଛି। ବହିଟିରେ ଦୁଇଟି ଭାଗ ରହିଛି। ପ୍ରଥମ ଭାଗରେ ଭାଷା ଆଇନର ଆବଶ୍ୟକତା, ବିଧାନସଭାରେ ଭାଷା ଆଇନ, ଓଡ଼ିଶା ସରକାରୀ ଭାଷା ସଂଶୋଧନ ବିଧେୟକ-୧୯୬୩, ଅକ୍ଷର ଓ ସଂଖ୍ୟା ଲେଖିବାର ପ୍ରାବଧାନ, ଭାଷା ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଆଦି ବିଷୟରେ ଜାନକୀଶ ବଡ଼ପଣ୍ଡା, ଶ୍ରୀରାମ ଦାଶ, ଭଗବାନ ପ୍ରକାଶ, ଦାଶ ବେନହୁର ଓ ଅରୁଣ ପଣ୍ଡା ପ୍ରମୁଖ ବିଷୟ-ଅବଗାହୀ ଲେଖକମାନେ ଲେଖିଛନ୍ତି ଓ ଦ୍ୱିତୀୟ ଭାଗରେ ବିଧାନସଭାରେ ଭାଷା ଆଇନ (୧୯୪୮-୨୦୧୮) ଆଲୋଚନାରେ ବିଧାୟକମାନଙ୍କର ଅଂଶଗ୍ରହଣ ସବିଶେଷଭାବେ ଅନ୍ତର୍ଭୁକ୍ତ ହୋଇଛି। ଓଡ଼ିଆ ଭାଷା-ଆଇନ ବିଷୟରେ ବହୁ ତଥ୍ୟ ସମ୍ବଳିତ ଏହି ପୁସ୍ତକଟି ସବୁବର୍ଗର ପାଠିକାପାଠକଙ୍କ ପାଇଁ ଯେ ଉପାଦେୟ ହେବ, ଏଥିରେ ସନ୍ଦେହ ନାହିଁ।

## କବିତା

### ପ୍ରେମିକାର ମୃତ୍ୟୁରେ

**ତେଜସ୍ୱିନୀ ପଣ୍ଡା**

ମୁଁ ମରିଗଲା ପରେ
ଋତୁରାଜ ଭାବିବ,
ଏମିତି ଗୋଟିଏ ପ୍ରେମିକା ଥିଲା,
ଯାହାର ମୃତ୍ୟୁରେ ଲୁହ ନୁହେଁ,
ଝରୁଥିଲା ସ୍ତର ସ୍ତର ସ୍ମୃତି।

ମୁଁ ମରିଗଲା ପରେ
ଋତୁରାଜ ଆସିବ,
ମୋ ଅଜଣା ମୃତ୍ୟୁର
କାରଣ ଖୋଜିବ,
ପାଉଁଶ ତଳୁ ପ୍ରେମିକାର
ଉତ୍ତର ଖୋଜିବ।

ମୁଁ ମରିଗଲା ପରେ
ଋତୁରାଜ କବି ହେବ,
ଛାତିକୁ ପଥର କରି
ପ୍ରେମିକାର ମୃତ୍ୟୁ
କାବ୍ୟ ଲେଖିବ,
ଜୀବନକୁ ଦ୍ୱାହି ଦେଇ
ବର୍ତ୍ତମାନ ବଖାଣିବ।

ମୁଁ ମରିଗଲା ପରେ
ଋତୁରାଜ ଅଶାନ୍ତ ହେବ,
କହିବ ଖୋଜିଦିଅ
ମୋର ପୁଣ୍ୟ ପ୍ରେମିକା,
ଏମିତି ପ୍ରେମିକା ଥିଲା
ଯାହାର ହାତରେ ଲେଖାଥିଲା
ମୋର ଭାଗ୍ୟରେଖା।

ମୁଁ ମରିଗଲା ପରେ
ଋତୁରାଜ ହଜିଯିବ,
ଉପାନ୍ତରୁ ଉପତ୍ୟକାଯାଏଁ
ସେ କେଉଁଠି ନ ଥିବ,
ପ୍ରେମିକାର ସନ୍ଧାନରେ ସେ
ପାଲଟି ସାରିଥିବ ପାଉଁଶ।

ମୋ: ୯୬୯୨୩୬୧୪୦୪

### ତିନିଟି କବିତା

**ଶିବ ମିଶ୍ର**

**॥ ଏତିକି ମାଗୁଛି ତୁମକୁ ॥**
ମୁଁ ଏବେ ମୋର
ସବୁ କାମ ଛାଡ଼ିଦେଇ
ଧାଇଁଆସିଛି ତୁମରି ପାଖକୁ।
ତୁମେ ତ ନିହାତି ଆପଣାର,
ଜନ୍ମ ଜନ୍ମାନ୍ତରର ସାଥୀ ମୋର,
ଅଣଦେଖା କରିବ ଯେବେ,
ତେବେ କହିବି କାହାକୁ ?
କୋଳେଇ ନ ନିଅ ପଛକେ,
ଥରଟିଏ ଚାହିଁଦିଅ ମୋ' ଆଡ଼କୁ
ବାସ୍ ଏତିକି ମାଗୁଛି ତୁମକୁ।

**॥ କେବେ ଆସିବ କହ ॥**
ତମେ କେବେ ଆସିବ କହ ?
କହିଦିଅ ତମ ଆସିବାର
ତିଥି, ବାର, ଲଗ୍ନ ସମୟ,
ହଁ ଶୁଣ, ତମେ ସାଙ୍ଗରେ ଆଣିବନି,
ମୁଁ ଏଠି ଯୋଗାଡ଼ିଥିବି
ଶିରିଶିରି ଫଗୁଣ ମଳୟ,
ଚନ୍ଦନର ବାସ ମହମହ,
କେବଳ ତମେ କେବେ ଆସିବ କହ ?

**॥ ଗାଇଦିଅ ପୁଣିଥରେ ॥**
ଯେଉଁ ଗୀତ ତମେ ଗାଉଥିଲ
ଦିନେ ଜହ୍ନ ରାତିରେ
ଏଇ ମୋର ଘର ଅଗଣାରେ
ସେହି ଗୀତ ଏବେ
ଗାଇଦିଅ ପୁଣିଥରେ
ଥାଅ ପଛେ ଯେତେ ଦୂରେ।
ପବନରେ ଆସି ଗୁଞ୍ଜରି ଯିବ
କାନ ପାଖେ ମୋର
ତୁମରି ଗୀତର ସ୍ୱର,
ବିଶ୍ୱାସ କର, ଦୋହରାଉଥିବି
ସେହି ସ୍ୱରକୁ ମୁଁ ଜିଇଥିବାଯାଏ
ନିରବଧି ନିରନ୍ତର।

ମୋ: ୯୮୫୩୦୭୦୦୧୮

ଗୀତି-କବିତା

### ଝରାପତ୍ରର ବ୍ୟଥା

**ଜୟନ୍ତୀ ସାହୁ**

ଶୀତୁଆ ସଞ୍ଜର ଝରାପତ୍ରଟେ ମୁଁ
ହେମାଳ ବାଆରେ ଲୋଟୁଛି
ପହିଲି ବସନ୍ତ ମଳୟ ଗୋ ତୁମେ
ଛୁଇଁବ କି ଥରେ ଭାବୁଛି।

ନିଥର ଶରୀର ଅସାଡ଼ ହୃଦୟ
ଜଡ଼ତା ଆବୋରି ବସୁଛି
ସ୍ନିଗ୍ଧ ସମୀରଣ ସ୍ନେହସିକ୍ତ ପ୍ରାଣ
ଶୁଷ୍କ ତନୁ ମୋର ଖୋଜୁଛି।
ମୁଁ ଯେ ଗୋଧୂଳିର ଅସ୍ତ ଚକ୍ରବାଳ
ତୁମେ ତ ଉଷାର ସୀମନ୍ତ
ମୋ ପାଇଁ ଆସୁଛି ଘନ ଘୋର ରାତି
ତୁମ ପାଇଁ ଦିବ୍ୟ ଦିଗନ୍ତ।

ମୋ: ୮୦୯୩୪୮୬୬୭୪

## କାଳକାଳକୁ



**"ଜଣେ ଲେଖକ ତା' ଆଖିରୁ ଲେଖିବ, ଜଣେ ଚିତ୍ରକର ତା' କାନରୁ ଚିତ୍ର କରିବ- ଏପରି ହେବା ଉଚିତ।"**
**- ଗେର୍ଟ୍ରୁଡ୍ ଷ୍ଟାଇନ୍**

**ଗେର୍ଟ୍ରୁଡ୍ ଷ୍ଟାଇନ୍‌ଙ୍କ** ଜନ୍ମ ୩ ଫେବୃଆରୀ ୧୮୭୪ରେ ପେନ୍‌ସିଲ୍‌ଭାନିଆର ଆଲିଘେନିରେ ଓ ପରଲୋକ ୨୭ ଜୁଲାଇ ୧୯୪୬ରେ, ଫ୍ରାନ୍ସରେ। ଆଧୁନିକ ସାହିତ୍ୟର ଏହି ଦିଶାଦର୍ଶୀ ଆମେରିକୀୟ ଲେଖିକା ଏକାଧାରରେ ଜଣେ ଔପନ୍ୟାସିକା, କବୟିତ୍ରୀ, ନାଟ୍ୟ-ରଚୟିତା ଓ କଳା-ସଂଗ୍ରାହିକା। ୧୯୩୩ରେ ପ୍ରକାଶିତ ତାଙ୍କ ଜୀବନ ସ୍ମୃତି ପ୍ୟାରିସ୍-ଅନୁଭୂତି ଆଧାରିତ, ଯାହାର ଶୀର୍ଷକ 'ଦ ଅଟୋବାୟୋଗ୍ରାଫି ଅଫ୍ ଆଲିସ୍ ବି ଟୋକ୍‌ଲାସ୍।' ୧୯୦୩ରେ ପ୍ରକାଶିତ ଉପନ୍ୟାସ 'କ୍ୟୁ.ଇ.ଡି.' ନାରୀ-ସମଲିଙ୍ଗୀ ପ୍ରସଙ୍ଗ ଆଧାରିତ। ତାଙ୍କର ଉପନ୍ୟାସ ତ୍ରୟୀ 'ଥ୍ରି ଲାଇଭ୍‌ସ', 'ଦ ମେକିଙ୍ଗ୍ ଅଫ୍ ଆମେରିକାନ୍ସ' ଓ 'ଟେଣ୍ଡର ବଟନ୍ସ' ହେଉଛି ଏକ ତ୍ରିକୋଣୀୟ ପ୍ରେମକାହାଣୀ। ତାଙ୍କର ଏକ ବହୁ ଉଦ୍ଧୃତ ଉକ୍ତି ହେଉଛି- "ଗୋଲାପ ଗୋଲାପ, ଗୋଲାପ ହିଁ ଗୋଲାପ, ଗୋଲାପ ହିଁ ତ ଗୋଲାପ।"

## ଅବଲୋକନ

**ଡ. ବିନୋଦିନୀ ପାତ୍ର**

# ଉତ୍କଳ ଭାରତୀ କୁନ୍ତଳା କୁମାରୀ

ଆଜିପରି ଦିନଟିରେ, ଏହି ପାଞ୍ଚ ଫେବୃଆରୀ ଊଣେଇଶ ଶହ ଏକ ମସିହାରେ ଓଡ଼ିଆ ଭାଷାଭାଷୀ ଜଗଦଳପୁରରେ ଗୁଞ୍ଜରି ଉଠିଥିଲା ଯେଉଁ କରୁଣ କୁଆଁ ସ୍ୱର, ତାହା ଯେ ଉତ୍କଳ ଭାରତୀଙ୍କ ବୀଣାର ଟଂକାର ହୋଇ ଓଡ଼ିଶାରୁ ଦିଲ୍ଲୀ ତଥା ସାରା ଭାରତର ସବୁରି ହୃଦୟରେ ଏକ ଆଶା ଓ ବିଶ୍ୱାସର ଅପୂର୍ବ ଶକ୍ତି ଭରି ଝଙ୍କାରି ଉଠିବ, ତାହା ତାଙ୍କ ଜେଜୀମା' ସାଧବୀ ଦେବୀଙ୍କୁ କ'ଣ ଜଣାଥିଲା ? ଏକ ପୌତ୍ରର ପ୍ରତୀକ୍ଷାରେ, ମାତା ମୋନିକା ଦେବୀ ଜନ୍ମ ଦେଇଥିବା ଏକ ମାଂସପିଣ୍ଡୁଳାକୁ ଗୋଇଠା ମାରି ସେ ଫଟେଇ ଦେଇଥିଲେ। ସାଗର ମନ୍ଥନରୁ ଅମୃତ କଳସ ଧରି ଲକ୍ଷ୍ମୀ ବାହାରିବା ପରି କୁନ୍ତଳା ସେଦିନ ଜନ୍ମ ନେଇଥିଲେ ସତେ କି ଉତ୍କଳ ଭାରତୀଙ୍କ ବୀଣାଦଣ୍ଡ ହାତରେ ଧାରଣ କରି।

ପିତା ଡାକ୍ତର ଦାନିଏଲ୍ ସାବତଙ୍କ ସନ୍ତାନମାନଙ୍କ ଭିତରେ ସର୍ବପ୍ରଥମ କନ୍ୟା ଥିଲେ କୁନ୍ତଳା। ତାଙ୍କ ଡାକ୍ତର ପିତା କର୍ତ୍ତବ୍ୟର ଆହ୍ୱାନରେ ବର୍ମାରେ ସପରିବାର ଅବସ୍ଥାନ କରିବା କାଳରେ କୁନ୍ତଳା ମାତୃଭାଷାର ଆନୁଷ୍ଠାନିକ ଶିକ୍ଷା ନ ପାଇ ମଧ୍ୟ ତାଙ୍କର ଗଭୀର ଓଡ଼ିଆ ପ୍ରୀତି ତଥା ମାତା ମୋନିକାଙ୍କ ଯତ୍ନ ତାଙ୍କୁ ମାତୃଭାଷାରେ ଧୁରୀଣ କରିପାରିଥିଲା।

ପାରିବାରିକ କାରଣରୁ ସେ ଓଡ଼ିଶା ଆସି କଟକ ରେଭେନ୍ସା ଗାର୍ଲସ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଦାଖିଲା ପାଇ ମାଟ୍ରିକ ପାସ୍ ପରେ ଏଣ୍ଟ୍ରାନ୍ସ ପାସ୍ କରି ଡାକ୍ତରୀ ପଢ଼ିଲେ। କଟକ ମେଡିକାଲ ସ୍କୁଲରେ ପଢ଼ିଲାବେଳୁ ସେ କବିତା ପ୍ରତି ଅନୁରକ୍ତା ଥିଲେ। ଅତ୍ୟନ୍ତ ବୁଦ୍ଧିମତ୍ତାଯୁକ୍ତ ଓ ପରିଶ୍ରମ ହେତୁ ପୁଅଙ୍କୁ ପଛରେ ପକାଇ ସେ ସବୁବେଳେ ପ୍ରଥମ ହେଉଥିଲେ ଏବଂ ମେଡିକାଲ ସ୍କୁଲରୁ ବାରଟି ରୁପା ପଦକ ସହ ସ୍ୱର୍ଣ୍ଣ ପଦକ ବିଜୟିନୀ ହୋଇଥିଲେ। ସଂଗୀତରେ ତାଙ୍କର ଅତ୍ୟଧିକ ରୁଚି ରହିଥିଲା। କୁହାଯାଏ, ସଂଗୀତ ପ୍ରୀତି ହିଁ ତାଙ୍କୁ କବିତା ଲେଖିବାକୁ ପ୍ରଚୋଦିତ କରିଥିଲା। ତେଣୁ ତାଙ୍କ କବିତାରେ ଭାଷା ଓ ଭାବର ଅପୂର୍ବ ସମନ୍ୱୟ ସହ ସାଙ୍ଗିତିକତା ମଧ୍ୟ ଯଥେଷ୍ଟ ରହୁଥିଲା, ଯାହା ପାଠକଙ୍କୁ ବିମୋହିତ କରି ରଖୁଥିଲା।

ଦାରିଦ୍ର୍ୟର କଷାଘାତ ଭିତରେ ବି ସେ ଭାଙ୍ଗିପଡ଼ି ନ ଥିଲେ। ପ୍ରଥମେ ପ୍ରାଇଭେଟ ଭାବେ ଡାକ୍ତରୀ ଓ ପରେ ପରେ ରେଡ୍‌କ୍ରସ ଡାକ୍ତର ଭାବେ ପ୍ରଚୁର ଅର୍ଥ ସହ ମାନସମ୍ମାନର ଅଧିକାରିଣୀ ହେଲେ।

କବିତା ଲେଖା ପୂର୍ବବତ୍ ଜାରି ରହିଥିଲା, ଯାହା ତାଙ୍କୁ ଏକ ଅନନ୍ୟ କବି ଓ ଔପନ୍ୟାସିକା ଭାବେ ପରିଚିତି ଆଣି ଦେଇଥିଲା। ତାଙ୍କ ରଚିତ ପ୍ରଥମ କବିତା ତାରା ପ୍ରତି, ଶେଫାଳି ପ୍ରତି, କମଳା ପ୍ରତି, ଓ ଅର୍ଚ୍ଚନା, ଅଞ୍ଜଳି, ଆହୁତି, ଉଚ୍ଛ୍ୱାସ, ଆହ୍ୱାନ, ସ୍ଫୁଲିଙ୍ଗ, ପ୍ରେମଚିନ୍ତାମଣି ଓ ଓଡ଼ିଆ କାନ୍ଦଣା ପରି କାବ୍ୟଗ୍ରନ୍ଥ ସହ ସେ ଭ୍ରାନ୍ତି, ପରଶମଣି, ନଅତୁଣ୍ଡି, କାଳିବୋହୂ, ରଘୁଅରକ୍ଷିତ ଓ ଚିତ୍ରପଟ ପରି ଓଡ଼ିଆ ଜନଜୀବନ ଓ ସଂସ୍କୃତି ସମନ୍ୱିତ ସାହିତ୍ୟ କୃତିରେ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି।

କେବଳ ସାହିତ୍ୟ ସଂରଚନା ନୁହେଁ, ସମ୍ପାଦନା କ୍ଷେତ୍ରରେ ମଧ୍ୟ ସେ ବହୁତ ସଫଳ ଥିଲେ। ଜୀବନ, ସ୍ତ୍ରୀ, ଭୂଷଣ, ନାରୀ ଓ ଭାରତୀ ପରି ପତ୍ରିକାର ସମ୍ପାଦନା କରି ସେ ସୁନାମ ଅର୍ଜନ କରିଥିଲେ। ନାରୀ ଜାଗରଣ, ସତୀତ୍ୱ ଓ ଅନ୍ୟ କେତେକ ହିନ୍ଦୀ ପୁସ୍ତକର ରଚୟିତ୍ରୀ ମଧ୍ୟ ସେ ଥିଲେ। ହିନ୍ଦୀ, ଓଡ଼ିଆ ଓ ଇଂଲିଶ୍ ଭାଷାରେ ତାଙ୍କର ଗଭୀର ବ୍ୟୁତ୍ପତ୍ତି ଥିଲା। ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମଶତାବ୍ଦୀ ଅବସରରେ ଗୁଆଲିଅରଠାରେ ସେ ଯେଉଁ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ, ତାହା 'ନାରୀ ସ୍ୱରାଜ'ରେ ଚାଳିଶ ପୃଷ୍ଠାର ଏକ ପ୍ରମୁଖ ପ୍ରବନ୍ଧ ରୂପେ ପ୍ରକାଶିତ ହୋଇଥିଲା।



ତାଙ୍କର ସାହିତ୍ୟ ପ୍ରତିଭା, ବାଗ୍ମିତା ଓ ସମାଜସେବା ପାଇଁ ସତ୍ୟବାଦୀ ଗ୍ରୁପ୍‌ର ସାହିତ୍ୟିକମାନେ ତାଙ୍କୁ ଗଭୀର ଶ୍ରଦ୍ଧା ଦେଖାଉଥିଲେ। ପଲ୍ଲୀକବି ନନ୍ଦକିଶୋର ବଳ ତାଙ୍କୁ ଖୁବ୍ ଆପଣାପଣ ଦେଖାଇଥିଲେ। ଭକ୍ତକବି ମଧୁସୂଦନ, ଗୋଦାବରୀଶ ମିଶ୍ର, ରାଧାନାଥ ରାୟଙ୍କର ସେ ଖୁବ୍ ନିକଟତର ଥିଲେ। ତାଙ୍କ ଶିକ୍ଷାଗୁରୁ ତଥା ପ୍ରେମୀ ଡାକ୍ତର କୈଳାସ ନାଥ ରାଓ ତାଙ୍କୁ କବିତା ଲେଖିବାରେ ଓ ପ୍ରକାଶନରେ ବିଶେଷ ସହାୟତା କରିଥିଲେ।

କୁନ୍ତଳା ଥିଲେ ଅସମ୍ଭବ ଭାବେ ଆତ୍ମବିଶ୍ୱାସୀ ଓ ଆଶାବାଦୀ। କୌଣସି କୁତ୍ସା ବା ପ୍ରତିକୂଳ ପରିସ୍ଥିତି ତାଙ୍କୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ କରିପାରି ନ ଥିଲା। ସେ ଥିଲେ ଜଣେ ସଂଗଠିକା, ସମାଜସେବିକା ଓ ଦରିଦ୍ର ଜନର ସେବାକାରିଣୀ। ଭାରତ ମେଡିକାଲ ହଲ୍ ସ୍ଥାପନା କରି ସେ ରୋଗୀସେବା କରୁଥିଲେ। ନିଜ ବୃତ୍ତି ଓ ପ୍ରବୃତ୍ତି ପ୍ରତି ସଦା ସତ୍ୟନିଷ୍ଠ ଥିଲେ କୁନ୍ତଳା। ଉନ୍ନତ ସାହିତ୍ୟ ରଚନା ଓ ସମାଜସେବା ପାଇଁ ତାଙ୍କୁ ପୁରୀର ମହିଳା ବନ୍ଧୁ ସମିତି ତରଫରୁ ଉତ୍କଳ ଭାରତୀ ଉପାଧି ତଥା ଅସମ୍ଭବ ବାଗ୍ମିତା ପାଇଁ ତାଙ୍କୁ ଆର୍ଯ୍ୟସମାଜ ପକ୍ଷରୁ ଭାରତ ଭୂଷଣ ସମ୍ମାନରେ ଭୂଷିତ କରାଯାଇଥିଲା। ସେତେବେଳର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ସେ ପ୍ରିୟ କବୀ ହୋଇ ଅନେକ ଶ୍ରଦ୍ଧା ଓ ପ୍ରୋତ୍ସାହନ ପାଇ କାବ୍ୟଜଗତରେ ଆଗେଇ ଚାଲିଲେ। କେବଳ କାବ୍ୟ କବିତା ନୁହେଁ, କୁନ୍ତଳାଙ୍କର ଥିଲା ଅସମ୍ଭବ ବୁଦ୍ଧିମତ୍ତା ଓ ଉଦାତ୍ତ ବାଗ୍ମିତା।

କୁନ୍ତଳାଙ୍କ ଜୀବନ ବର୍ତ୍ତମାନର ସଂସ୍କୃତି ବିଧ୍ୱସ୍ତସମାଜ ପାଇଁ ଏବଂ ଅଧଃପତିତ ମଣିଷମାନଙ୍କ ପାଇଁ ଏକ ଆଦର୍ଶର ଆଲୋକବର୍ତ୍ତିକା। ମାତ୍ର ଅଣଚାଳିଶ ବର୍ଷ ବୟସରେ କୁନ୍ତଳାଙ୍କ ଆଲୋକମୟ ଜୀବନର ଦୁଃଖଦ ଅବସାନ ଓଡ଼ିଆମାନଙ୍କ ପାଇଁ ନିଶ୍ଚିତରେ ଅବସୋସର ବିଷୟ। ମାତ୍ର ତାଙ୍କ ଆଶା ଓ ଆତ୍ମବିଶ୍ୱାସର ଅମର ଉଚ୍ଚାରଣ: 'ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି' ପ୍ରତ୍ୟେକ ମଣିଷ ମନରେ ଅଫୁରନ୍ତ ଆଶା ଓ ବିଶ୍ୱାସ ସବୁକାଳ ପାଇଁ ସୃଜୁଥିବ।

ମୋ: ୮୬୩୭୨୫୬୪୭୦

# ଆଜିଠୁ କଳିଙ୍ଗରେ ପୁରୁଷ ହକି ପ୍ରୋ-ଲିଗ୍

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

ମହିଳା ହକି ପ୍ରୋ ଲିଗ୍ ୨୦୨୩-୨୪ର ଭୁବନେଶ୍ୱର ଚରଣ ଶୁକ୍ରବାର ଶେଷ ହୋଇଛି। ୧୨ ତାରିଖଠାରୁ ଏହାର ରାଉରକେଲା ଚରଣ ଆରମ୍ଭ ହେବ। ପୁରୁଷ ହକି ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣ ଶନିବାରଠାରୁ ଆରମ୍ଭ ହେବ। କଳିଙ୍ଗ ଷ୍ଟାଡିୟମରେ ୫ ଦଳ ଆୟର୍ଲାଣ୍ଡ, ନେଦରଲାଣ୍ଡ୍ସ,




ଭାରତ, ସ୍ପେନ୍ ଓ ଅଷ୍ଟ୍ରେଲିଆ ଦଳ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରଥମ ଦିବସରେ ଅପରାହ୍ନ ୫ଟା ୩୦ରେ ଆୟର୍ଲାଣ୍ଡ ଓ ନେଦରଲାଣ୍ଡ୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ସ୍ପେନ୍ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ୧୧ରେ


ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ କୋଚ୍ କ୍ରେଗ୍ ଫୁଲଟନ ଓ ଅଧିନାୟକ ହରମନପ୍ରୀତ ସିଂ।

ନେଦରଲାଣ୍ଡ୍ସ, ୧୫ରେ ଅଷ୍ଟ୍ରେଲିଆ ଓ ୧୬ରେ ଆୟର୍ଲାଣ୍ଡକୁ ଭେଟିବ। ଏହାପରେ ପ୍ରତିଯୋଗିତାର ରାଉରକେଲା ଚରଣ ଆରମ୍ଭ ହେବ। ସେଠାରେ ଏହି ୫ ଦଳ ୧୯ରୁ ୨୫ ପର୍ଯ୍ୟନ୍ତ ପରସ୍ପରକୁ ଥରେ ଲେଖାଏ ଭେଟିବେ।

"ଅଲିମ୍ପିକ୍ସ ପୂର୍ବରୁ ଘରୋଇ ପରିବେଶରେ ପ୍ରୋ-ଲିଗ୍ ହେବାକୁ ଯାଉଛି। ତେଣୁ ଆମେ ସ୍ଥିର ପ୍ରଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦେବୁ। ଦଳରେ ସ୍ଥାନ ପାଇଥିବା କେତେକ ଯୁବ ଖେଳାଳିଙ୍କ ଉପରେ ନଜର ରହିବ। ପ୍ରୋ-ଲିଗ୍‌ରେ ୮ଟି ମ୍ୟାଚ ଖେଳିବାକୁ ସେମାନଙ୍କୁ ସୁଯୋଗ ଦିଆଯାଇଛି। ପ୍ରଦର୍ଶନ ଭିତ୍ତିରେ ଆମେ ଅଲିମ୍ପିକ୍ ଦଳ ଚୟନ କରିବୁ" ବୋଲି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତରୁ ଫେରି ଭାରତ ପ୍ରୋ-ଲିଗ୍ ଖେଳିବାକୁ ଯାଉଛି। ସେଠାରେ ଭାରତୀୟ ଦଳ ଫ୍ରାନ୍ସ ଓ ନେଦରଲାଣ୍ଡ୍ସ ବିପକ୍ଷରେ ୩ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗୋଟିଏ ଅଫିସିଆଲ ମ୍ୟାଚ ଖେଳିଥିଲା। ଫ୍ରାନ୍ସ ବିପକ୍ଷରେ ପ୍ରଥମ ମ୍ୟାଚରେ ୪-୦ ବିଜୟ ପରେ ପରବର୍ତ୍ତୀ ମ୍ୟାଚକୁ ୨-୨ରେ ଡ୍ର ରଖିଥିଲା। ପରବର୍ତ୍ତୀ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ୩-୦ରେ ହରାଇଥିବାବେଳେ ନେଦରଲାଣ୍ଡ୍ସଠାରୁ ୧-୫ରେ ହାରି ଯାଇଥିଲା। ଏ ସମ୍ପର୍କରେ ମତଦେଇ ଫୁଲଟନ କହିଛନ୍ତି ଯେ, ଆମର ଆକ୍ରମଣାତ୍ମକ ବିଭାଗ ବେଶ୍ ଭଲ ଏବଂ ରକ୍ଷଣଭାଗରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଛୁ। ଦକ୍ଷିଣ ଆଫ୍ରିକା ଗସ୍ତରୁ ସୂଚନା ମିଳୁଛି ଯେ ଆମେ ଠିକ୍ ପଥରେ ରହିଛୁ। ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ପାଇଁ ଖେଳାଳିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ରହିଛି ଏବଂ ଏହା ଜରୁରୀ ମଧ୍ୟ। ଯୁବ ଖେଳାଳିମାନେ ଉଭୟ ରଣକୌଶଳ ଏବଂ ବୈଷୟିକ ଦୃଷ୍ଟିରୁ ଅଭିଜ୍ଞ ହୁଅନ୍ତୁ ବୋଲି ଆମେ ଚାହୁଁଛୁ। ପର୍ଯ୍ୟାପ୍ତ ବିକଳ୍ପ ଖେଳାଳି ଉପଲବ୍ଧ ରହିଲେ ଦଳର ଶକ୍ତି ବଢ଼ିବ ଏବଂ ଆହତ ସମସ୍ୟାର ସମାଧାନ କରିବା ସହଜ ହେବ।

ଭାରତ ଓ ସ୍ପେନ୍ ମଧ୍ୟରେ ମୋଟ ୩୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଭାରତ ୧୪ଟି ଜିତିଥିବାବେଳେ ସ୍ପେନ୍ ୧୨ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୬ ମ୍ୟାଚ ଡ୍ର ରହିଛି। ଶେଷ ୭ ମ୍ୟାଚର ଫଳାଫଳକୁ ଦେଖିବାକୁ ଗଲେ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଛନ୍ତି। ଭାରତ ଓ ସ୍ପେନ୍ ୩ଟି ଲେଖାଏ ମ୍ୟାଚ ଜିତିଥିବାବେଳେ ଗୋଟିଏ ମ୍ୟାଚ ଡ୍ର ରହିଛି। ଶେଷଥରପାଇଁ ଉଭୟ ଦଳ ଗତବର୍ଷ ପରସ୍ପରକୁ ବାର୍ସିଲୋନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଭେଟିଥିଲେ। ଏଥିରେ ସ୍ପେନ୍ ୨-୧ ଗୋଲରେ ବିଜୟୀ ହୋଇଥିଲା।

ଆସନ୍ତା ଲିଗ୍‌ରେ ଭାରତୀୟ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଧିନାୟକ ହରମନପ୍ରୀତ ସିଂ। "ପ୍ରୋ-ଲିଗ୍‌ରେ ଆମେ ବିଶ୍ୱର ଟପ୍-କ୍ୱାଲିଟି ଟିମ୍ ବିପକ୍ଷରେ ଖେଳିବା ସୁଯୋଗ ପାଇବୁ। ଫଳରେ ଆସନ୍ତା ଅଲିମ୍ପିକ୍ସ ପାଇଁ ଭଲଭାବେ ନିଜକୁ ପ୍ରସ୍ତୁତ କରିପାରିବୁ। ଯେଉଁ ବିଭାଗଗୁଡ଼ିକ ଉପରେ କାର୍ଯ୍ୟ କରିବାର ଅଛି ତା' ଉପରେ ଆମେ ଫୋକସ କରୁଛୁ। ଆମେ ନିଜର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଜାଣିବାକୁ ମଧ୍ୟ ଅବସର ରହିବ। ତେଣୁ ପ୍ରୋ-ଲିଗ୍ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ" ବୋଲି ହରମନପ୍ରୀତ କହିଛନ୍ତି।

# ଫୁଟ୍‌ବଲରେ ଖୁବ୍‌ଶୀଘ୍ର ବ୍ଲୁ କାର୍ଡ

**ଫୁଟ୍‌ବଲରେ ଖୁବ୍ ଶୀଘ୍ର 'ବ୍ଲୁ କାର୍ଡ' କାର୍ଯ୍ୟକାରୀ ହେବାକୁ ଯାଉଛି। ଜଣେ ଖେଳାଳିଙ୍କୁ ବ୍ଲୁ କାର୍ଡ ଦିଆଗଲେ ସମ୍ପୃକ୍ତ ଖେଳାଳି ଖେଳରୁ ୧୦ ମିନିଟ୍ ପାଇଁ ସସ୍‌ପେଣ୍ଡ ହେବେ। ସମୟ ନଷ୍ଟ କରିବା ଉଦ୍ଦେଶ୍ୟରେ ଅଯଥା ଜାଣିଶୁଣି ଫାଉଲ ମାରିବା କିମ୍ବା ରେଫରିଙ୍କୁ ଅପମାନିତ କଲେ ସମ୍ପୃକ୍ତ ଖେଳାଳିଙ୍କୁ ବ୍ଲୁ କାର୍ଡ ମିଳିବ।**

ଫୁଟ୍‌ବଲରେ ଖୁବ୍ ଶୀଘ୍ର 'ବ୍ଲୁ କାର୍ଡ' କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ନୂଆ ନିୟମ ବିଶେଷକରି ରେଫରିଙ୍କୁ ସାହାଯ୍ୟ କରିବ। ରିପୋର୍ଟ ଅନୁସାରେ ଏକ ହ୍ୟାଣ୍ଡବଲ୍ ମ୍ୟାଚରେ ରେଫରି ମାର୍ଟିନ ଥୋଏନ୍ ବ୍ଲୁ କାର୍ଡ ନିୟମକୁ କାର୍ଯ୍ୟକାରୀ କରିଥିଲେ। ଏହାକୁ ପ୍ରଣୟନ କରି ଇଣ୍ଟରନ୍ୟାଶନାଲ ଆସୋସିଏଶନ ଫୁଟ୍‌ବଲ ବୋର୍ଡ (ଆଇଏଫ୍‌ଏବି) ଖେଳ ନିୟମରେ ଏକ ଐତିହାସିକ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥିରେ ରେଡ୍ କାର୍ଡ ତୁଳନାରେ ସ୍ୱଳ୍ପ ଦଣ୍ଡର ବ୍ୟବସ୍ଥା ଥିଲେ ମଧ୍ୟ ଖେଳରେ ଏହା ଖୁବ୍ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ଜଣେ ଖେଳାଳିଙ୍କୁ ବ୍ଲୁ କାର୍ଡ ଦିଆଗଲେ ସମ୍ପୃକ୍ତ ଖେଳାଳି ଖେଳରୁ ୧୦ ମିନିଟ୍ ପାଇଁ ସସ୍‌ପେଣ୍ଡ ହେବେ। ସମୟ ନଷ୍ଟ କରିବା ଉଦ୍ଦେଶ୍ୟରେ ଅଯଥା ଜାଣିଶୁଣି ଫାଉଲ ମାରିବା କିମ୍ବା ରେଫରିଙ୍କୁ ଅପମାନିତ କଲେ ସମ୍ପୃକ୍ତ ଖେଳାଳିଙ୍କୁ ବ୍ଲୁ କାର୍ଡ ମିଳିବ।



ଅନ୍ୟପକ୍ଷରେ ଆସନ୍ତା ସିଜନରେ ଲିଗ୍-୧ରେ ଆଉ ଏକ ନିୟମ ହ୍ୱାଇଟ୍ କାର୍ଡର ପରୀକ୍ଷାମୂଳକ ବ୍ୟବହାର ଲାଗି ବିଚାର ଯୋଜନା ଚାଲିଛି। ବହୁ ମାସ ପୂର୍ବେ ଫ୍ରାନ୍ସ ପ୍ରଥମ ରାଷ୍ଟ୍ର ଭାବେ ଏହି ପ୍ରସ୍ତାବ ଦେଇଥିଲା। ଲିଗ୍-୧ରେ ଏହାକୁ ସୀମିତ ରଖିବା ପାଇଁ କହିଥିଲା। ଆଲୋଚନା ପରେ ଫ୍ରାନ୍ସ ୨୦୨୪-୨୫ ସିଜନରେ ପ୍ରଥମେ ନିଜ ଦେଶରେ ଏହି ନିୟମକୁ କାର୍ଯ୍ୟକାରୀ କରିବାକୁ ସ୍ଥିର କରିଥିଲା। ମାତ୍ର ଆଇଏଫ୍‌ଏବି'ର ହସ୍ତକ୍ଷେପ ଯୋଗୁ ଏହି ନିୟମକୁ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରତିଯୋଗିତାରେ ଲାଗୁ କରାଯାଇପାରେ। ବ୍ୟବହାରିକ ଦୃଷ୍ଟିରୁ ହକି ଖେଳ ଭଳି ଅନୁରୂପ ଫୁଟ୍‌ବଲରେ ବ୍ଲୁ କାର୍ଡକୁ ବ୍ୟବହାର କରାଯିବ। ନିୟମ ଉଲ୍ଲଂଘନର ମାତ୍ରାକୁ ବିଚାର କରି ରେଫରି ସମ୍ପୃକ୍ତ ଖେଳାଳିଙ୍କୁ କେତେ ସମୟ ପାଇଁ ପଡ଼ିଆ ବାହାରକୁ ଯିବାକୁ ହେବ ତାହା ସ୍ଥିର କରିବେ। ପ୍ରଥମ ପର୍ଯ୍ୟାୟରେ ଏହି ନୂଆ ନିୟମକୁ ଚାମ୍ପିୟନ୍ସ ଲିଗ୍ ଅବା ପ୍ରିମିୟମର ଲିଗ୍ ଓ ଲା ଲିଗା ଭଳି ନ୍ୟାଶନାଲ ଲିଗ୍‌ଗୁଡ଼ିକରେ ଲାଗୁ କରାଯାଇପାରେ। ବ୍ଲୁ କାର୍ଡ ନିୟମ ଲାଗୁ କରାଯିବା ସମ୍ପର୍କରେ ଆଇଏଫ୍‌ବି ତରଫରୁ ଖୁବ୍ ଶୀଘ୍ର ବିଧିବଦ୍ଧ ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

# ତ୍ରୁଟି ସ୍ୱୀକାର କଲେ ଡି'ଭିଲର୍ସ

ଜୋହାନ୍ସବର୍ଗ, ୯।୨(ପି.ଟି.)

ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ସମ୍ପର୍କରେ ଭୁଲ ସୂଚନା ଦେଇଥିବାରୁ ତ୍ରୁଟି ସ୍ୱୀକାର କରିଛନ୍ତି ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଏବି ଡି'ଭିଲର୍ସ। ବିରାଟ ଓ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା ନିକଟରେ ଦ୍ୱିତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି ବୋଲି ଡି'ଭିଲର୍ସ କିଛି ଦିନ ପୂର୍ବେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ କହିବା ପରେ ବିଭିନ୍ନ ମହଲରେ ଏହା ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଚଳିତ ଦକ୍ଷିଣ



ଆଫ୍ରିକା ଟି୨୦ ମ୍ୟାଚ ବେଳେ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଡି'ଭିଲର୍ସ ତାଙ୍କ ବକ୍ତବ୍ୟକୁ ପ୍ରତ୍ୟାହାର କରି ନେଇଛନ୍ତି। ସବୁ କ୍ଷେତ୍ରରେ ପରିବାରକୁ ଅଗ୍ରାଧିକାର ଦେବା ଉଚିତ। ବିରାଟ ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟରୁ ଓହରିଯିବା ନିଷ୍ପତ୍ତି ଯଥାର୍ଥ ବୋଲି ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ସେ କହିଥିଲେ। ତେବେ କୋହଲିଙ୍କ ସମ୍ପର୍କରେ ସେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ସେଥିରେ ସତ୍ୟତା ନ ଥିବା ଜାଣିବାକୁ ପାଇଛନ୍ତି ଇଭେଣ୍ଟର ବ୍ରାଣ୍ଡ ଆମ୍ବାସାଡର ଡି'ଭିଲର୍ସ । କୋହଲି ଖୁବ୍‌ଶୀଘ୍ର ସୁସ୍ଥ ସବଳ ସହ ଦୃଢ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ ଆଶା କରନ୍ତି। ସେ ଚଳିତ ସିରିଜରେ ଆଦୌ ଖେଳି ନ ପାରନ୍ତି।

# ଅବଶିଷ୍ଟ ୩ ଟେଷ୍ଟ ଖେଳି ନ ପାରନ୍ତି ଶ୍ରେୟସ ଆୟର

ନୂଆଦିଲ୍ଲୀ, ୯।୨(ପି.ଟି.)

ଗ୍ରୋଇନ୍ ଇଞ୍ଜୁରୀ ଓ ପିଠି ମାଂସପେଶୀରେ ସମସ୍ୟା ଦେଖାଦେଇଥିବାରୁ ଶ୍ରେୟସ ଆୟର ଇଂଲଣ୍ଡ ବିପକ୍ଷ ଚଳିତ କ୍ରିକେଟ ଟେଷ୍ଟ ସିରିଜର ଅବଶିଷ୍ଟାଂଶରୁ ଓହରିଯାଇ ପାରନ୍ତି। ଏହି ଭାରତୀୟ ବ୍ୟାଟରଙ୍କ ପିଠିରେ ଗତବର୍ଷ ଏକ ଅସ୍ତ୍ରୋପଚାର ହୋଇଥିଲା। ୨୯ ବର୍ଷୀୟ ଆୟର ଓପନିଂ ଦୁଇ ଟେଷ୍ଟରେ ଯଥାକ୍ରମେ ୩୫, ୧୩, ୨୭ ଓ ୨୯ ରନ ସଂଗ୍ରହ କରିପାରିଛନ୍ତି। ଦଳକୁ ସେ ଭଲ ଆରମ୍ଭ ଦେଇପାରି ନାହାନ୍ତି। ଆୟରଙ୍କ ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବିସିସିଆଇ ଅବଗତ ଅଛି। ଭାରତୀୟ ଦଳ ପୂର୍ବରୁ ଆଘାତଜନିତ ସମସ୍ୟାରେ ରହିଛି। ଆଘାତପ୍ରାପ୍ତଙ୍କ ମଧ୍ୟରେ କେ.ଏଲ୍. ରାହୁଲ ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ପ୍ରମୁଖ ଖେଳାଳି ରହିଛନ୍ତି। କୋହଲି ବ୍ୟକ୍ତିଗତ କାରଣ ଦର୍ଶାଇ ପ୍ରଥମ ଦୁଇ ଟେଷ୍ଟରୁ ଓହରିଯାଇଛନ୍ତି। ରାଜକୋଟ ଓ ରାଞ୍ଚି ଗେମ୍ ପାଇଁ ସେ ଉପଲବ୍ଧ ହୋଇ ନ ପାରନ୍ତି। ଚୟନକର୍ତ୍ତାମାନେ ଅବଶିଷ୍ଟ ୩ ଟେଷ୍ଟ



ପାଇଁ ଦଳ ଘୋଷଣା କରି ନାହାନ୍ତି। ସୋମବାର ବିଶାଖାପାଟଣା ଟେଷ୍ଟରେ ୧୦୬ ରନରେ ବିଜୟ ସହ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଦୃଢ ପ୍ରତ୍ୟାବର୍ତ୍ତନ କରିଛି। ଇଂଲଣ୍ଡ ଓପନିଂ ଟେଷ୍ଟରେ ୨୮ ରନରେ ବିଜୟୀ ହୋଇଥିଲା। ପ୍ରଥମ ଦୁଇ ଟେଷ୍ଟ ଶେଷ ହେବା ପରେ ଭ୍ରମଣକାରୀ ଦଳ ପୁନର୍ବାର ଟ୍ରେନିଂ ପାଇଁ ଆବୁଧାବି ଫେରିଯାଇଛି। ରାଜକୋଟଠାରେ ଆସନ୍ତା ୧୫ ତାରିଖରୁ ଖେଳ ଆରମ୍ଭ ହେବ। ଏହା ପୂର୍ବରୁ ଇଂଲଣ୍ଡ କ୍ରିକେଟ ଦଳ ଭାରତ ଫେରିଆସିବ। ଭାରତୀୟ ଦଳ ଫେବୃଆରୀ ୧୧ରେ ରାଜକୋଟଠାରେ ପହଞ୍ଚିବ। ଏହାର ଦିନକ ପରେ ଇଂଲଣ୍ଡ ସେଠାରେ ପହଞ୍ଚିବ।

# ନିର୍ମଳା ଶେଓରାନ ୮ବର୍ଷ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୯।୨ (ପି.ଟି.):** ଦୁଇ ଥର ଡୋପ୍ ଅପରାଧ ପାଇଁ ଭାରତର କ୍ୱାର୍ଟର ମାଇଲର ନିର୍ମଳା ଶେଓରାନଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ୮ ବର୍ଷ ବାସନ୍ଦ କରିଛି। ଗତବର୍ଷ ହୋଇଥିବା ଡୋପ୍ ଟେଷ୍ଟରେ ନିଷିଦ୍ଧ ଉପାଦାନ ପାଇଁ ସେ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୦୧୮ରେ ଏକ ଡୋପ୍ ଅପରାଧ ପାଇଁ ୪ ବର୍ଷ ବାସନ୍ଦ ଦଣ୍ଡ ଭୋଗି ସାରିବା ପରେ ସେ ଗତବର୍ଷ ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍‌ରେ ପ୍ରତିଯୋଗିତାକୁ ଫେରିଥିଲେ। ଶେଓରାନଙ୍କ ବାସନ୍ଦ ଦଣ୍ଡ ପିଛିଲା ୨୦୨୩ ଅଗଷ୍ଟ ୭ରୁ ଲାଗୁ କରାଯାଇଛି। ନାଡା ୱେବସାଇଟ୍ ଅନୁସାରେ ଶେଓରାନ ଆନାବୋଲିକ ଆଣ୍ଡ୍ରୋଜେନିକ୍ ଷ୍ଟେରଏଡ୍ସ (ଏଏଏସ୍) ଏବଂ ଟେଷ୍ଟୋଷ୍ଟେରନ (ଟି) ପାଇଁ ଡୋପ୍ ଟେଷ୍ଟରେ ପିଜିଟିଭ ଆସିଥିଲା।

# କରନବୀର, କିର୍ପାଲଙ୍କ ସମେତ ବହୁ କ୍ରୀଡ଼ାବିତ୍ ବାସନ୍ଦ

ନୂଆଦିଲ୍ଲୀ, ୯।୨ (ପି.ଟି.)

ନ୍ୟାଶନାଲ ଆଣ୍ଟି ଡେପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରୀ ପ୍ୟାନେଲ ଭାରତର ଟପ୍ ଶଟ ପୁଟର କରନବୀର ସିଂ ଏବଂ ଡିସ୍‌କସ୍ ଥ୍ରୋୟର କିର୍ପାଲ ସିଂଙ୍କ ସମେତ ବିଭିନ୍ନ ଖେଳର ବହୁ ଆଥଲେଟଙ୍କୁ ୪ ବର୍ଷ ଲେଖାଏଁ ବାସନ୍ଦ ଦଣ୍ଡ ପ୍ରଦାନ କରିଛି। ନାଡା ପକ୍ଷରୁ ସେମାନଙ୍କର ଏକ ତାଲିକା ପ୍ରକାଶ କରାଯାଇଛି। କିର୍ପାଲଙ୍କ ବାସନ୍ଦ ଅବଧି ପିଛିଲା ୨୦୨୩ ଜୁଲାଇ ୭ରୁ ଏବଂ କରନବୀରଙ୍କର ୨୦୨୩ ଜୁଲାଇ ୨୬ରୁ ଲାଗୁ କରାଯାଇଛି। ଗତ ଜୁଲାଇରେ ନାଡା ପକ୍ଷରୁ ସାମୟିକ ତୁରନ୍ତ ସସ୍‌ପେଣ୍ଡ କରାଯାଇଥିବା ପ୍ରମୁଖ ଆଥଲେଟଙ୍କ ମଧ୍ୟରେ ଏହି ଦୁଇ ଜଣ ଅଛନ୍ତି। ୨୫ ବର୍ଷୀୟ କର୍ନବୀର ଗତବର୍ଷ ଫେଡେରେଶନ କପ୍‌ରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ମେଥାଡିନୋନ୍ ଓ ଏସ୍ଏଆର୍ଏମ୍ଏସ୍ ଇନୋବୋସାର୍ମ ପାଇଁ ସେ ଡୋପ୍ ଟେଷ୍ଟରେ ପଜିଟିଭ ହୋଇଥିଲେ। ଏହି କାରଣରୁ ସେ ଗତବର୍ଷ ଜୁଲାଇରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରୁ ଓହରିଯାଇଥିଲେ। ଗତବର୍ଷ ନ୍ୟାଶନାଲ ଇଣ୍ଟର-ଷ୍ଟେଟ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଥିବା କିର୍ପାଲ ଷ୍ଟାଣ୍ଡୋଲଲ୍ ପାଇଁ ପଜିଟିଭ ହୋଇଥିଲେ।

# ପ୍ରାରମ୍ଭିକ ବିପର୍ଯ୍ୟୟରୁ ଫାଇଦା ନେଇପାରିଲାନି ଓଡ଼ିଶା

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ରଣଜୀ ଟ୍ରଫି ଗ୍ରୁପ୍ 'ଡି' କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୨ ରନ ମଧ୍ୟରେ ଉତ୍ତରାଖଣ୍ଡ ୨ଟି ଉଇକେଟ ହରାଇଥିଲେ ହେଁ ଏହାର ଫାଇଦା ଉଠାଇପାରି ନାହିଁ ଓଡ଼ିଶା। ବୈଭବ ଭଟ୍ଟଙ୍କ ଶତକ ଓ ଅଧିନାୟକ ଜିଓ୍ୱନଜୋତ ସିଂଙ୍କ ଦୃଢ଼ ବ୍ୟାଟିଂ ଫଳରେ ଉତ୍ତରାଖଣ୍ଡ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୩ ଉଇକେଟ ହରାଇ ୨୩୨ ରନ ସଂଗ୍ରହ କରିଛି। ୭ ଉଇକେଟ ସୁରକ୍ଷିତ ଥିବାରୁ ଦଳ ବଡ଼ ସ୍କୋର ଲକ୍ଷ୍ୟରେ ରହିଛି।

ଟସ୍ ଜିତି ଉତ୍ତରାଖଣ୍ଡ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ସ୍କୋର ବୋର୍ଡରେ ରନ୍ ଆସି ନ ଥିବାବେଳେ ପ୍ରଥମ ଓଭରର ତୃତୀୟ ବଲ୍‌ରେ ଓପନର କୁନାଲ ଚାଣ୍ଡେଲାଙ୍କୁ ଆଉଟ କରି ଉତ୍ତରାଖଣ୍ଡକୁ ପ୍ରଥମ ଝଟ୍‌କା ଦେଇଥିଲେ ଇନ୍‌ଫର୍ମ ଓଡ଼ିଶା ବୋଲର ରାଜେଶ ମହାନ୍ତି। ଏଠାରେ ପ୍ରଥମଶ୍ରେଣୀ ପଦାର୍ପଣ କରିଥିବା ସଞ୍ଜିତ ସାଜ୍ୱାନ ୭ ରନକରି ସୁନୀଲ ରାଉଳଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ଫଳରେ ୭.୪ ଓଭର ବେଳକୁ ଉତ୍ତରାଖଣ୍ଡ ସ୍କୋର ୨୨/୨ ହୋଇ ଯାଇଥିଲା। ଏହାପରେ ବୈଭବ ଓ ଜିଓ୍ୱନଜୋତ ଖେଳିଥିଲେ କ୍ୟାରିୟରର ଅନ୍ୟତମ ସ୍ମରଣୀୟ ଇନିଂସ। ଦୁହେଁ ଓଡ଼ିଶା ବୋଲରଙ୍କୁ ସଫଳ ମୁକାବିଲା କରି ତୃତୀୟ ଉଇକେଟରେ ୧୮୦ ରନ ଯୋଗକରି ଉତ୍ତରାଖଣ୍ଡକୁ ସଙ୍କଟ ପରିସ୍ଥିତିରୁ ମୁକୁଳାଇ ଦେଇଥିଲେ। ଶତକଠାରୁ ୧୦ ରନ ଦୂରରେ ଥିବା ଜିଓ୍ୱନଜୋତଙ୍କୁ ଆଉଟ କରି ହର୍ଷିତ ରାଠୋଡ ଯୋଡ଼ି ଭାଙ୍ଗିଥିଲେ। ଜିଓ୍ୱନଜୋତ ୧୦ ଚୌକା ସହାୟତାରେ ୯୦ ରନ କରିଥିଲେ। ବୈଭବ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ। ସେ ୨୮୯ ମିନିଟ କ୍ରିଜରେ ତିଷ୍ଠିରହି ୧୨ ଚୌକା ଓ ୧ ଛକା ସହାୟତାରେ ୧୦୧ ରନରେ ଅପରାଜିତ ରହିଛନ୍ତି। ଷ୍ଟମ୍ପ ବେଳକୁ ବୈଭବଙ୍କ ସହ ସ୍ୱପ୍ନିଲ ସିଂ ୨୧ ରନରେ ଅପରାଜିତ ଅଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି, ସୁନୀଲ ରାଉଳ ଓ ହର୍ଷିତ ରାଠୋଡ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୨୩୨/୩ (ବୈଭବ ଭଟ୍ଟ-୧୦୧*, ଜିଓ୍ୱନଜୋତ ସିଂ-୯୦, ରାଜେଶ ମହାନ୍ତି-୧/୨୫, ସୁନୀଲ ରାଉଳ-୧/୪୩, ହର୍ଷିତ ରାଠୋଡ-୧/୫୬)।


କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ଓ ଉତ୍ତରାଖଣ୍ଡ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ।



ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 10/2024

₹ 7.00

DSPL-636
ODISHA INDIA'S BEST KEPT SECRET
FIH
HOCKEY INDIA
FIH PRO LEAGUE 2023/24
# ପୁରୁଷ ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୩-୨୪
## ଭୁବନେଶ୍ୱର - ରାଉରକେଲା



### ଭୁବନେଶ୍ୱର

| | | | |
|---|---|---|---|
| ୧୦.୦୨.୨୦୨୪ | ଭାରତ | ବନାମ | ସ୍ପେନ୍ |
| ୧୧.୦୨.୨୦୨୪ | ଭାରତ | ବନାମ | ନେଦରଲାଣ୍ଡସ୍ |
| ୧୫.୦୨.୨୦୨୪ | ଭାରତ | ବନାମ | ଅଷ୍ଟ୍ରେଲିଆ |
| ୧୬.୦୨.୨୦୨୪ | ଭାରତ | ବନାମ | ଆୟର୍ଲାଣ୍ଡ |

ଲାଇଭ୍ ଦେଖନ୍ତୁ
sports 18 JioCinema
ସନ୍ଧ୍ୟା ୭:୩୦

### ରାଉରକେଲା

| | | | |
|---|---|---|---|
| ୧୯.୦୨.୨୦୨୪ | ଭାରତ | ବନାମ | ସ୍ପେନ୍ |
| ୨୧.୦୨.୨୦୨୪ | ଭାରତ | ବନାମ | ନେଦରଲାଣ୍ଡସ୍ |
| ୨୪.୦୨.୨୦୨୪ | ଭାରତ | ବନାମ | ଅଷ୍ଟ୍ରେଲିଆ |
| ୨୫.୦୨.୨୦୨୪ | ଭାରତ | ବନାମ | ଆୟର୍ଲାଣ୍ଡ |

ଟିକେଟ ବୁକ୍ କରନ୍ତୁ
ଅନ୍ ଲାଇନ୍
ticketgenie.in
ଅଫ୍ ଲାଇନ୍
ଗେଟ୍ ନଂ - ୯
କଳିଙ୍ଗ ଷ୍ଟାଡିଅମ ,ଭୁବନେଶ୍ୱର
ଗେଟ୍ ନଂ - ୨ ଏବଂ ୭
ବିର୍ସା ମୁଣ୍ଡା ହକି ଷ୍ଟାଡିଅମ, ରାଉରକେଲା

FIH PRO LEAGUE
ODISHA INDIA'S BEST KEPT SECRET
GLOBAL PARTNERS
Watch Hockey
FIH HOCKEY MANAGER
NATIONAL PRESENTING PARTNER
ODISHA
NATIONAL PARTNER
OMC ODISHA
GLOBAL SUPPLIER
polytan
NATIONAL SUPPLIERS
Apollo HOSPITALS
Sportz
OIPR-29001/13/0226/2324

# ମିଳିତ ସରକାର ଗଢ଼ିବାକୁ ଶରିଫଙ୍କ ଉଦ୍ୟମ

## ପାକିସ୍ତାନରେ ଝୁଲା ପାର୍ଲାମେଣ୍ଟ
### ଇମ୍ରାନ୍‌ଙ୍କ ଦଳ ସମର୍ଥିତ ପ୍ରାର୍ଥୀ ଅଧିକ ଆସନ ଜିତିଛନ୍ତି

ଇସ୍‌ଲାମାବାଦ,୯।୨

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଫଳାଫଳ ଅସ୍ପଷ୍ଟ ରହିଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ମିଳିତ ସରକାର ଗଢ଼ିବା ପାଇଁ ବିରୋଧୀ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳି ନ ଥିବାରୁ ଝୁଲା ପାର୍ଲାମେଣ୍ଟ ହେବାକୁ ଯାଉଛି। ଆମେ ବାରମ୍ବାର ନିର୍ବାଚନ କରିପାରିବା ନାହିଁ। ତେଣୁ ସବୁ ଦଳ ଏକାଠି ବସି ମେଣ୍ଟ ସରକାର ଗଢ଼ିବା ନେଇ ନିଷ୍ପତ୍ତି ନେବାକୁ ଶରିଫ କହିଛନ୍ତି।

ନିର୍ବାଚନର ସମ୍ପୂର୍ଣ୍ଣ ଫଳାଫଳ ଘୋଷଣା ହୋଇ ନ ଥିବାବେଳେ ପିଏମ୍‌ଏଲ୍-ଏନ୍ ବିଜୟୀ ହୋଇଥିବା ନୱାଜ ଦାବି କରିଛନ୍ତି। ମେଣ୍ଟ ସରକାର ଗଢ଼ିବା ନେଇ ସେ ବିଭିନ୍ନ ଦଳର ନେତାଙ୍କ ସହ ଆଲୋଚନା ଚଳାଇଛନ୍ତି। ସରକାର ଗଢ଼ିବା ପାଇଁ ୧୩୩ ସଦସ୍ୟଙ୍କ ଆବଶ୍ୟକତା ଥିବାବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶରିଫଙ୍କ ଦଳ ୬୩ ଆସନ ଜିତିଛି। ଅନ୍ୟପକ୍ଷରେ ଜେଲରେ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀମାନେ ଆଗରେ ଅଛନ୍ତି। ଶୁକ୍ରବାର ରାତି ୧୦ଟା ସୁଦ୍ଧା ଫଳାଫଳ ଘୋଷିତ ୨୨୪ ଆସନ ମଧ୍ୟରୁ ଇମ୍ରାନଙ୍କ ଦଳ ପିଟିଆଇ ସମର୍ଥିତ ପ୍ରାର୍ଥୀମାନେ ୯୨ଟିରେ ବିଜୟ ହୋଇଛନ୍ତି। ପିପିପିକୁ ୫୦ ଆସନ ମିଳିଥିବାବେଳେ ଛୋଟ ଦଳଗୁଡ଼ିକୁ ୧୯ଟି ଆସନ ଯାଇଛି।

ଗୁରୁବାର ବୁଥ୍ ରିଗିଂ ଓ ହିଂସାକାଣ୍ଡ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଇମ୍ରାନ୍‌ଙ୍କ ତେହରିକ୍-ଇ-ଇନ୍‌ସାଫ(ପିଟିଆଇ) ପ୍ରାର୍ଥୀମାନେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ୁଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍) ଏବଂ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରୀଙ୍କ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ସହ ସେମାନଙ୍କର ଜୋର୍‌ଦାର ଲଢ଼େଇ ହୋଇଥିଲା। ସରକାର ଗଢ଼ିବାକୁ ହେଲେ ୨୬୫ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ୧୩୩ ଆସନରେ ବିଜୟୀ ହେବା ଆବଶ୍ୟକ।


ଇମ୍ରାନ୍ ଖାନ୍


ନୱାଜ ଶରିଫ


ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ନିର୍ବାଚନରେ ପିଏମ୍‌ଏଲ୍-ଏନ୍ ବିଜୟୀ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ଦାବି କରିବା ପରେ ତାଙ୍କ ସମର୍ଥକମାନେ ଲାହୋରର ମଡେଲ ଟାଉନସ୍ଥିତ ଦଳୀୟ କାର୍ଯ୍ୟାଳୟ ନିକଟରେ ଖୁସି ମନାଉଛନ୍ତି।

# ଦେଶରେ ୯୬.୮୮ କୋଟି ଭୋଟର

ନୂଆଦିଲ୍ଲୀ,୯।୨(ପି.ଟି.)

ଚଳିତ ବର୍ଷ ଏପ୍ରିଲ-ମେ’ରେ ହେବାକୁ ଯାଉଥିବା ଲୋକ ସଭା ନିର୍ବାଚନରେ ଭୋଟ ଦେବା ପାଇଁ ଦେଶରେ ୯୬.୮୮ କୋଟି ଯୋଗ୍ୟ ଭୋଟର ରହିଛନ୍ତି, ଯାହା ବିଶ୍ୱରେ ସର୍ବାଧିକ। ନିର୍ବାଚନ କମିଶନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଭୋଟର ତାଲିକାରେ ୧୮ରୁ ୨୯ ବର୍ଷ ବୟସ ବର୍ଗର ୨ କୋଟିରୁ ଊର୍ଦ୍ଧ୍ୱ ଯୁବ ମତଦାତା ସାମିଲ ହୋଇଛନ୍ତି। ୨୦୧୯ରୁ ଇତିମଧ୍ୟରେ ଭୋଟର ପଞ୍ଜୀକରଣରେ ୬ ପ୍ରତିଶତ ବୃଦ୍ଧି ଘଟିଛି। ଲିଙ୍ଗଗତ ଅନୁପାତ ମଧ୍ୟ ବଢ଼ିଛି। ୨୦୨୩ରେ ଏହା ୯୪୦ ଥିବାବେଳେ ୨୦୨୪ରେ ୯୪୮କୁ ବୃଦ୍ଧି ପାଇଥିବା ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ପୁଣେରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଭୋଟର ତାଲିକା ସଂଶୋଧନରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

# ଭାଜପା ସହ ମେଣ୍ଟକୁ ମନା କରିବାର କିଛି ନାହିଁ: ଜୟନ୍ତ

ନୂଆଦିଲ୍ଲୀ,୯।୨


ଜୟନ୍ତ ଚୌଧରୀ

ଆଗାମୀ ଲୋକ ସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ଭାଜପା ସହ ଆର୍‌ଏଲ୍‌ଡି ମେଣ୍ଟ କରିବ ବୋଲି ଏହାର ଅଧ୍ୟକ୍ଷ ଜୟନ୍ତ ଚୌଧରୀ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ତାଙ୍କ ଜେଜେ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂଙ୍କୁ ଭାରତରତ୍ନ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା ହେବାର କିଛି ସମୟ ପରେ ଜୟନ୍ତ ଏହା କହିଛନ୍ତି। ଚରଣ ସିଂଙ୍କୁ ଭାରତରତ୍ନ ଘୋଷଣା ତାଙ୍କ ହୃଦୟ ଜିତିନେଇଛି ବୋଲି ନାତି ଜୟନ୍ତ କହିବା ସହ ଭାଜପା ସହ ମେଣ୍ଟ ପ୍ରସ୍ତାବକୁ ମନା କରିବାର କିଛି ନାହିଁ ବୋଲି କହିଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିକୁ ଉତ୍ତରପ୍ରଦେଶ ବିଧାନସଭାରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ବାଚସ୍ପତି ସତୀଶ ମାହାନା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ସୁରେଶ ଖାନ୍ନା ପ୍ରଶଂସା କରିବା ସହ କୃଷକନେତାଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

ଆସନ ବୁଝାମଣା ଅନୁଯାୟୀ ଆର୍‌ଏଲ୍‌ଡି ଉତ୍ତରପ୍ରଦେଶର ବାଗପତ୍ ଓ ବିଜନୁର ଦୁଇଟି ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ଉକ୍ତ ଦଳକୁ ରାଜ୍ୟ ସଭାରେ ଗୋଟିଏ ଆସନ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ପଶ୍ଚିମ ଉତ୍ତରପ୍ରଦେଶରେ ଆର୍‌ଏଲ୍‌ଡିର ପ୍ରଭାବ ରହିଥିବାବେଳେ ଜାଟ୍ ବହୁଳ ଉକ୍ତ ଅଞ୍ଚଳକୁ ହାତେଇବା ପାଇଁ ଭାଜପା ଆଶାବାଦୀ ରହିଛି।

# ଭାରତରତ୍ନ ଘୋଷଣାକୁ ବିଭିନ୍ନ ଦଳର ସ୍ୱାଗତ

ନୂଆଦିଲ୍ଲୀ,୯।୨

ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂ, ପି.ଭି. ନରସିଂହ ରାଓ ଏବଂ ସବୁଜ ବିପ୍ଳବର ଜନକ କୃଷିବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନଙ୍କୁ ଭାରତରତ୍ନ ପୁରସ୍କାର ପ୍ରଦାନ ଘୋଷଣାକୁ ଦଳମତ ନିର୍ବିଶେଷରେ ସ୍ୱାଗତ କରାଯାଇଛି। କଂଗ୍ରେସ ପକ୍ଷରୁ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସେମାନଙ୍କ ଦୂରଦୃଷ୍ଟି, କଠିନ ପରିଶ୍ରମ ଏବଂ ଅସାଧାରଣ ଲିଗାସିକୁ ପ୍ରଶଂସା କରିଛନ୍ତି। ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ମଧ୍ୟ କେନ୍ଦ୍ରର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ନେତା ରାଜୀବ ଶୁକ୍ଳା କହିଛନ୍ତି, କେନ୍ଦ୍ର ସରକାର ନରସିଂହ ରାଓଙ୍କୁ ସମ୍ମାନିତ କରିଥିବାବେଳେ ମନମୋହନ ସିଂ ସରକାରଙ୍କ ଅର୍ଥନୀତି ଉପରେ ଶ୍ୱେତପତ୍ର ଆଣିଛନ୍ତି। ରାଓଙ୍କ ସରକାରରେ ମନମୋହନ ଅର୍ଥମନ୍ତ୍ରୀ ଥିଲେ। ନରସିଂହ ରାଓ ଜଣେ ଦୂରଦୃଷ୍ଟିସମ୍ପନ୍ନ ନେତା ଥିଲେ ବୋଲି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ୩ ବିଶିଷ୍ଟ ବ୍ୟକ୍ତିଙ୍କୁ ବହୁ ପୂର୍ବରୁ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିବାର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଭାରତରତ୍ନ ପାଇଁ ଘୋଷିତ ହୋଇଥିବା ୩ ଜଣ ପ୍ରକୃତରେ ଭାରତର ରତ୍ନ ବୋଲି ଜେଡିୟୁ ନେତା ରାଜୀବ ରଞ୍ଜନ ସିଂ କହିଛନ୍ତି।

# ୨ ବର୍ଷରେ ଯାଇଛି ୧୦ ଚିତାଙ୍କ ଜୀବନ

## ରାଜ୍ୟ ସଭାରେ ତଥ୍ୟ ରଖିଲେ କେନ୍ଦ୍ର ପରିବେଶ ମନ୍ତ୍ରୀ

ନୂଆଦିଲ୍ଲୀ, ୯।୨

୨୦୨୨ରେ ଭାରତ ସରକାରଙ୍କ ‘ପ୍ରୋଜେକ୍ଟ ଚିତା’ ଅନୁଯାୟୀ ନାମିବ୍ୟାରୁ ଆସିଥିବା ଚିତା ‘ଶୌର୍ଯ୍ୟ’ର ସେପ୍ଟିସେମିଆ ରୋଗରେ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଚଳିତ ଜାନୁଆରୀ ୧୬ ତାରିଖରେ ଚିତା ‘ଶୌର୍ଯ୍ୟ’ର ମୃତ୍ୟୁ ଘଟିଥିବା କେନ୍ଦ୍ର ପରିବେଶ ଭୂପେନ୍ଦ୍ର ଯାଦବ ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ତେବେ ଏହି ରୋଗରେ ପଡ଼ି ବର୍ଷେ ମଧ୍ୟରେ ଚତୁର୍ଥ ଚିତାର ମୃତ୍ୟୁ ଘଟିଛି। ଗତ ବର୍ଷ ନାମିବ୍ୟାରୁ ଆସିଥିବା ଚିତା ‘ଟିବ୍ଲିସି’ ଏବଂ ଦକ୍ଷିଣ ଆଫ୍ରିକାରୁ ଆସିଥିବା ‘ତେଜସ’ ଓ ‘ସୁରଜ’ଙ୍କର ସେପ୍ଟିସେମିଆରେ ପୀଡ଼ିତ ହୋଇ ମୃତ୍ୟୁ ଘଟିଥିଲା। ୨୦୨୨ରେ ଆଫ୍ରିକୀୟ ଚିତାମାନଙ୍କୁ ଭାରତକୁ ପୁନର୍ବାର ଅଣାହେବା ପରେ ଏହିପରି ୧୦ ଚିତାଙ୍କର ମୃତ୍ୟୁ ଘଟିଛି। ଦକ୍ଷିଣ ଆଫ୍ରିକା ଓ ନାମିବ୍ୟାରୁ ଗତ ୨୦୨୨ରେ ଆସିଥିବା ୨୦ ଚିତା ମଧ୍ୟରୁ ୭ଟି ଏବଂ ଏହିମଧ୍ୟରେ ଭାରତରେ ଜନ୍ମ ହୋଇଥିବା ୧୧ ଚିତା ମଧ୍ୟରୁ ୩ଟି ଚିତାଙ୍କ ମୃତ୍ୟୁ ଘଟିଥିବା ସେ ସୂଚନା ଦେଇଛନ୍ତି। ଗତ ମାସରେ ୭ଟି ଚିତା ଶାବକ ଜନ୍ମ ହୋଇଥିବା ସେ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଆଗାମୀ ୫ ବର୍ଷ ମଧ୍ୟରେ ଦକ୍ଷିଣ ଆଫ୍ରିକା, ନାମିବ୍ୟା କିମ୍ବା ଅନ୍ୟ ଆଫ୍ରିକୀୟ ଦେଶଗୁଡ଼ିକରୁ ପ୍ରାୟ ୧୨ରୁ ୧୪ ଚିତା ଭାରତ ଆଣିବାକୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରହିଥିବା ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ପରୀକ୍ଷାରେ କପି, ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ,୯।୨(ପି.ଟି.)

ସରକାରୀ ପରୀକ୍ଷାରେ କପି, ପ୍ରଶ୍ନପତ୍ର ଲିକ୍ ଆଦି ଅସାଧୁ କାରବାର ରୋକିବା ପାଇଁ ଆଗତ ବିଲ୍ ଶୁକ୍ରବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଏଥିରେ ସର୍ବାଧିକ ୧୦ ବର୍ଷ ଜେଲଦଣ୍ଡ ଏବଂ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି। ପବ୍ଲିକ୍ ଏକ୍ଜାମିନେଶନ୍ସ (ପ୍ରିଭେନ୍‌ଶନ ଅଫ୍ ଅନ୍‌ଫେୟାର ମିନ୍ସ) ବିଲ୍, ୨୦୨୪ ରାଜ୍ୟ ସଭାରେ ଧ୍ୱନି ମତରେ ଗୃହୀତ ହୋଇଛି। ବିରୋଧୀଙ୍କ କେତେକ ସଂଶୋଧନ ପ୍ରସ୍ତାବ ଖାରଜ ହୋଇଯାଇଥିଲା। ଗତ ୬ ତାରିଖରେ ଏହା ଲୋକ ସଭାରେ ପାରିତ ହୋଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହେବ। ରାଜ୍ୟ ସଭାରେ ବିଲ୍ ଉପରେ ଆଲୋଚନା ବେଳେ କେନ୍ଦ୍ର କାର୍ମିକ ଓ ସାଧାରଣ ଅଭିଯୋଗ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଦେଶର ଯୁବଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଭବିଷ୍ୟତ ସହ କାହାକୁ ଖେଳିବାକୁ ଦିଆଯିବ ନାହିଁ। ସରକାରୀ ନିଯୁକ୍ତି ପରୀକ୍ଷାରେ ଅସାଧୁ କାରବାରରେ ଲିପ୍ତ ଲୋକମାନଙ୍କୁ ସେଥିରୁ ନିବୃତ୍ତ କରିବା ପ୍ରସ୍ତାବିତ ଆଇନର ଲକ୍ଷ୍ୟ।

# ଭାରତରେ ନିର୍ମାଣ ହେବ ସି-୩୯୦ ପରିବହନ ବିମାନ

ନୂଆଦିଲ୍ଲୀ,୯।୨

ଭାରତୀୟ ବାୟୁସେନାରେ ବ୍ୟବହୃତ ସି-୩୯୦ ପରିବହନ ବିମାନ ଭାରତରେ ନିର୍ମାଣ ହେବ। ବ୍ରାଜିଲ ଏରୋସ୍ପେସ୍ କମ୍ପାନୀ ଏମ୍ବ୍ରାଏର୍ ଏବଂ ଭାରତୀୟ କମ୍ପାନୀ ମହିନ୍ଦ୍ରା ମଧ୍ୟରେ ଏନେଇ ଚୁକ୍ତି ସ୍ୱାକ୍ଷର ହୋଇଛି। ଉଭୟ କମ୍ପାନୀ ମିଳିତ ଭାବେ ବାୟୁସେନାର ଆବଶ୍ୟକତା ପୂରଣ କରିବେ। ବାୟୁସେନାରେ ଥିବା ଏଏନ୍‌୩୨ ବିମାନଗୁଡ଼ିକ ବହୁତ ପୁରୁଣା ହୋଇଯାଇଥିବାରୁ ତାହା ବଦଳରେ ୪୦ରୁ ୮୦ଟି ମଧ୍ୟମ ପରିବହନ ବିମାନ କିଣିବାକୁ ଲକ୍ଷ୍ୟ ରଖାଯାଇଛି। ସି-୩୯୦ ମିଲେନିୟମ ବିମାନରେ ଅତ୍ୟାଧୁନିକ ପ୍ରଯୁକ୍ତିର ବ୍ୟବହାର କରାଯାଇଥିବା ଦୁଇ କମ୍ପାନୀ ପକ୍ଷରୁ କୁହାଯାଇଛି।

# ତାରିଖ ନ ବଦଳାଇ ସମ୍ବିଧାନ ପ୍ରସ୍ତାବନାରେ ସଂଶୋଧନ ସମ୍ଭବ କି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୨(ପି.ଟି.)

ସମ୍ବିଧାନ ଗୃହୀତ ତାରିଖ ୧୯୪୯ ନଭେମ୍ବର ୨୬କୁ ଅପରିବର୍ତ୍ତିତ ରଖି ଏହାର ପ୍ରସ୍ତାବନାକୁ ସଂଶୋଧନ କରିହେବ କି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ସମ୍ବିଧାନ ପ୍ରସ୍ତାବନାରୁ ‘ସମାଜବାଦୀ’ ଏବଂ ‘ଧର୍ମନିରପେକ୍ଷ’ ଶବ୍ଦ ହଟାଇବା ପାଇଁ ନିବେଦନ କରିଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ ଏବଂ ଆଇନଜୀବୀ ବିଷ୍ଣୁଶଙ୍କର ଜୈନଙ୍କୁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଉପରୋକ୍ତ ପ୍ରଶ୍ନ କରିଥିଲେ। ସମ୍ବିଧାନ ଗୃହୀତ ତାରିଖ ସହ ପ୍ରସ୍ତାବନା ରହିଛି। ଶୈକ୍ଷିକ ଉଦ୍ଦେଶ୍ୟରେ ଉକ୍ତ ତାରିଖକୁ ବଦଳା ନ ଯାଇ ପ୍ରସ୍ତାବନାକୁ ଯଦି ପରିବର୍ତ୍ତନ କରାଯାଇପାରେ, ତେବେ କିଛି ସମସ୍ୟା ନାହିଁ ବୋଲି ଜଷ୍ଟିସ ଦତ୍ତ କହିଥିଲେ। ଉକ୍ତ ପ୍ରସଙ୍ଗରେ ତାହା ହିଁ ପ୍ରକୃତ ପ୍ରଶ୍ନ ବୋଲି ସ୍ୱାମୀ ଜବାବ ରଖିଥିଲେ। ଜୈନ କହିଥିଲେ, ନିର୍ଦ୍ଦିଷ୍ଟ ତାରିଖ ସହ ସମ୍ବିଧାନର ପ୍ରସ୍ତାବନା ରହିଛି। ସେଥିପାଇଁ ବିନା ଆଲୋଚନାରେ ଏହାକୁ ସଂଶୋଧନ କରାଯାଇପାରିବ ନାହିଁ। ୧୯୭୫ରୁ ୭୭ ଏମର୍ଜେନ୍ସି ସମୟରେ ୪୨ତମ ସଂଶୋଧନ ଆଇନ ଗୃହୀତ ହୋଇଥିଲା ବୋଲି ସ୍ୱାମୀ କହିଥିଲେ। ଏହା ଉପରେ ସବିଶେଷ ଆଲୋଚନାର ଆବଶ୍ୟକତା ଥିବାରୁ ଖଣ୍ଡପୀଠ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯କୁ ଧାର୍ଯ୍ୟ କରିଛନ୍ତି।

# ଜେଲରେ ଗର୍ଭବତୀ ହେଉଛନ୍ତି ମହିଳା କଏଦୀ

## କାଲକାଟା ହାଇକୋର୍ଟରେ ଆମିକସ୍ କ୍ୟୁରିଙ୍କ ରିପୋର୍ଟ

କୋଲକାତା, ୯।୨



ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ଥିବା ମହିଳା କଏଦୀମାନେ ଗର୍ଭବତୀ ହେଉଛନ୍ତି। ଏନେଇ କାଲକାଟା ହାଇକୋର୍ଟଙ୍କ ସାମନାରେ ଆମିକସ୍‌କ୍ୟୁରି ତାପସ ଭାନ୍‌ଜା ଏକ ଚାଞ୍ଚଲ୍ୟକର ରିପୋର୍ଟ ରଖିଛନ୍ତି। ଏହି ରିପୋର୍ଟ ଅନୁଯାୟୀ ପଶ୍ଚିମବଙ୍ଗର ବିଭିନ୍ନ ଜେଲରେ ବନ୍ଦୀ ଥିବା ମହିଳା କଏଦୀ ୧୯୬ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଟି. ଏସ. ଶିବଗଣନମ୍‌ଙ୍କ ଦ୍ୱାରା ଗଠିତ ଡିଭିଜନ ବେଞ୍ଚ ସମ୍ମୁଖରେ କିଛି ପ୍ରସ୍ତାବ ମଧ୍ୟ ରଖିଛନ୍ତି ଆମିକସ୍ କ୍ୟୁରି। ଜେଲ ମଧ୍ୟରେ ମହିଳା କଏଦୀ ରହୁଥିବା କୋଠରୀ ମଧ୍ୟକୁ ପୁରୁଷ କର୍ମଚାରୀଙ୍କୁ ବାରଣ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେହିପରି ଜେଲ ମଧ୍ୟକୁ ଯିବା ପୂର୍ବରୁ ମହିଳା କଏଦୀମାନଙ୍କ ଗର୍ଭ ପରୀକ୍ଷା ଜଣେ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ତତ୍ତ୍ୱାବଧାନରେ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ୨୦୧୮ରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆମିକସ୍‌କ୍ୟୁରି ଭାବେ ନିଯୁକ୍ତ ହୋଇଥିବା ତାପସ ରାଜ୍ୟରେ ରହିଥିବା ବିଭିନ୍ନ ମହିଳା ସୁଧାର ଗୃହରେ ଦରକାରଠାରୁ ବେଶି ମହିଳା ରହୁଥିବା ଉଲ୍ଲେଖ କରିଛନ୍ତି। ତେବେ ଆମିକସ୍ କ୍ୟୁରିଙ୍କର ରିପୋର୍ଟକୁ ଗୁରୁତର ଭାବେ ନେଇ ଏହି ମାମଲାକୁ ଆପରାଧିକ ଖଣ୍ଡପୀଠକୁ ସ୍ଥାନାନ୍ତର କରିବା ପାଇଁ କୋଲକାତା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର ହେବ। ତେବେ ଜେଲଗୁଡ଼ିକୁ ଠିକ୍ ଭାବେ ଯାଞ୍ଚ କରିବା ସହ ସେଠାକାର ସ୍ଥିତି ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଆମିକସ୍ କ୍ୟୁରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କାଲକାଟା ଉଚ୍ଚ ନ୍ୟାୟାଳୟ।

# ଡିପ୍‌ଫେକ୍ ରୋକିବାକୁ ଆସିବ ଆଇନ

ନୂଆଦିଲ୍ଲୀ, ୯।୨

ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଡିପ୍‌ଫେକ୍ ଏବଂ ଅନ୍ୟ ଭୁଲ୍ ସୂଚନା ପ୍ରସାରଣ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ନୂଆ ଆଇନ ଆଣିବେ ବୋଲି ରାଜ୍ୟ ସଭାରେ କେନ୍ଦ୍ର ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିବୃତି ରଖିଛନ୍ତି। ଏହି ଆଇନ ସାହାଯ୍ୟରେ ବିଭିନ୍ନ ସାମାଜିକ ଗଣମାଧ୍ୟମକୁ ନିଜ ପ୍ଲାଟ୍‌ଫର୍ମ ମାଧ୍ୟମରେ କୌଣସି ଭୁଲ ସୂଚନା ବା ପୋଷ୍ଟ ପାଇଁ ଉତ୍ତରଦାୟୀ କରାଯିବ। ସେହିପରି ସାମାଜିକ ଗଣମାଧ୍ୟମ ପାଇଁ ରହିଥିବା ନିୟମକୁ ସଂଶୋଧନ କରାଯିବ। ଏହାଦ୍ୱାରା ଭୁଲ୍ ଖବର ଓ ଡିପ୍‌ଫେକ୍ ଆଦିର ପ୍ରଚାର ପ୍ରସାର ନେଇ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ବୈଷ୍ଣବ ଗୃହକୁ ଅବଗତ କରାଇଛନ୍ତି।

ଫୁର୍‌ସତ୍

# ସଚେତନତା ହିଁ ନିଦାନ



## ଜାତୀୟ କୃମିନାଶ ଦିବସ

ମୃତ୍ତିକା ଟ୍ରାନ୍ସମିଡ ହେଲମିନଥସ (ଏସଟିଏଚ) ଭାରତ ପାଇଁ ଏକ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ୧-୧୪ ବର୍ଷ ବୟସର ପ୍ରାୟ ୨୨ କୋଟି ଭାରତୀୟ ଶିଶୁଙ୍କ ଠାରେ କୃମି ସଂକ୍ରମଣ ହେବାର ଆଶଙ୍କା ରହିଛି। ଏହା ଦ୍ୱାରା ପିଲାମାନଙ୍କର ପୁଷ୍ଟିକର ଖାଦ୍ୟରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ରକ୍ତହୀନତା, ପୁଷ୍ଟିହୀନତା ଏବଂ ମାନସିକ ଏବଂ ଶାରୀରିକ ବିକାଶରେ ବାଧା ସୃଷ୍ଟି ହୋଇଥାଏ। ଏହି ସମସ୍ୟାର ମୁକାବିଲା ପାଇଁ, ୨୦୧୫ ରେ ଭାରତ ସରକାର ୧ରୁ ୧୯ ବର୍ଷ ବୟସର ସମସ୍ତ ପିଲାଙ୍କୁ କୃମିନାଶକ କରିବା ପାଇଁ ଅଙ୍ଗନୱାଡି ଏବଂ ବିଦ୍ୟାଳୟ ଭିତ୍ତିରେ ଜାତୀୟ କୃମିନାଶକ ଦିବସ ଆରମ୍ଭ କରିଥିଲେ। ପ୍ରତିବର୍ଷ ଏହି ଅଭିଯାନର ପ୍ରଥମ ରାଉଣ୍ଡ ଫେବୃଆରୀ ୧୦ରେ ଏବଂ ଦ୍ୱିତୀୟ ରାଉଣ୍ଡ ୧୦ ଅଗଷ୍ଟରେ ପାଳିତ ହୋଇଥାଏ। ଏହି ଦିବସ ପାଳନ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ସଚେତନତା କାର୍ଯ୍ୟ କ୍ରମମାନ ଆୟୋଜନ କରାଯାଇଥାଏ।

# ପୁଣି ରିଲିଜ ହେଲା ‘କ୍ୟାମେରାମ୍ୟାନ୍ ଗଙ୍ଗାଥୋ ରାମବାବୁ’


ପୱନ୍ କଲ୍ୟାଣ

ନନ୍ଦିଆଲା: ୨୦୧୨ରେ ମୁକ୍ତିଲାଭ କରିଥିବା ସୁପରଷ୍ଟାର ପୱନ୍ କଲ୍ୟାଣଙ୍କ ଫିଲ୍ମ ‘କ୍ୟାମେରାମ୍ୟାନ୍ ଗଙ୍ଗାଥୋ ରାମବାବୁ’ ପୁଣି ଥରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ପ୍ରସିଦ୍ଧ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ୍‌ଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଏହି ଫିଲ୍ମରେ ପୱନ୍ କଲ୍ୟାଣଙ୍କ ସହ ତମନ୍ନା ଭାଟିଆ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ତେବେ ପୱନ୍‌ଙ୍କର ଏହି ଚଳଚ୍ଚିତ୍ର ନନ୍ଦିଆଲାର ଏକ ଥିଏଟର ମାଲିକଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ନିଜ ପ୍ରିୟ ତାରକାଙ୍କ ଚଳଚ୍ଚିତ୍ରର ପୁନଃ ରିଲିଜ ଅବସରରେ ଏକ ଆକ୍ସନ ସିନ୍‌କୁ ଭିତ୍ତିକରି ପୱନ୍‌ଙ୍କ କେତେଜଣ ପ୍ରଶଂସକ ଉତ୍ସାହିତ ହୋଇ ଥିଏଟର ଭିତରେ ନିଆଁ ଲଗାଇ ଦେଇଥିଲେ, ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେରେ ଭାଇରାଲ ହେବାରେ ଲାଗିଛି। ‘କ୍ୟାମେରାମ୍ୟାନ୍ ଗଙ୍ଗାଥୋ ରାମବାବୁ’ ଏକ ରାଜନୈତିକ ଆକ୍ସନ୍ ଫିଲ୍ମ, ଯେଉଁଥିରେ ପୱନ କଲ୍ୟାଣ ରାମବାବୁଙ୍କ ଚରିତ୍ରରେ ଅଭିନୟ କରିଥିଲେ, ଯିଏ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକ ଥିଲେ। ପ୍ରକାଶ ରାଜ ମଧ୍ୟ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ।

# ଅଯୋଧ୍ୟାରେ ପୁଣି ଅମିତାଭ

**ଅଯୋଧ୍ୟା:** ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବର ୧୭ ଦିନ ପରେ ଶୁକ୍ରବାର ପୁଣିଥରେ ଅଯୋଧ୍ୟାରେ ପହଞ୍ଚିଛନ୍ତି ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ। ଅଯୋଧ୍ୟାରେ ଏକ ଇଭେଣ୍ଟରେ ଯୋଗଦେବାକୁ ଯାଇଥିବା ବିଗ୍ ବି ପ୍ରଥମେ ଭବ୍ୟ ରାମ ମନ୍ଦିରକୁ ଯାଇ ରାମଲଲାଙ୍କ ଦର୍ଶନ କରିଥିଲେ। ସେ ମୁମ୍ବାଇରୁ ସିଧାସଳଖ ଅଯୋଧ୍ୟାରେ ଥିବା ମହର୍ଷି ବାଲ୍ମୀକି ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ସିଧା ରାମଲାଲାଙ୍କ ଦରବାରରେ ପହଞ୍ଚି ଭଗବାନଙ୍କୁ ଦର୍ଶନ ଏବଂ ପୂଜା କରିଥିଲେ। ଏହି ସମୟରେ ମନ୍ଦିରର ପୂଜାରୀ ମଧ୍ୟ ତାଙ୍କୁ ତିଳକ ଲଗାଇ ଦେଇଥିଲେ। ସୋସିଆଲ ମିଡିଆରେ ଅଭିନେତାଙ୍କ ଫଟୋ ଏବେ ସାମ୍ନାକୁ ଆସିଛି। ଏହି ଫଟୋରେ ସୁପରଷ୍ଟାର ଅମିତାଭ ବଚ୍ଚନ ପ୍ରଭୁ ରାମଙ୍କ ଭକ୍ତିରେ ଲୀନଥିବାର ନଜର ଆସୁଛନ୍ତି। ସେ ଧଳା କୁର୍ତ୍ତା ଓ ପାଇଜାମା ପିନ୍ଧିଥିବା ବେଳେ ମନ୍ଦିରରେ କିଛି ସମୟ ବିତାଇଥିଲେ ଏବଂ ରାମଲାଲାଙ୍କୁ ପ୍ରଣାମକରି ଆଳତି କରିଥିଲେ। ଏହାପରେ ଅମିତାଭ ନିଜର ଇଭେଣ୍ଟସ୍ଥଳକୁ ବାହାରି ଯାଇଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୦/୨୦୨୪
Bhubaneswar, Saturday, February 10/2024






କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଭାରତ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏଥିରେ ଭାରତ ୩-୧ ଗୋଲରେ ବିଜୟୀ ହୋଇଛି। (ରିପୋର୍ଟ: ଖେଳ ପୃଷ୍ଠା)

# ସୁପାରି ଦେଇ ସାନଭାଇଙ୍କୁ ହତ୍ୟା

## ବ୍ଲୁ-ଲେକ୍‌ରୁ ମିଳିଲା ନିଖୋଜ ୨ ସାଙ୍ଗଙ୍କ ମୃତଦେହ

- ୪ ସୁପାରିକିଲରଙ୍କ ସହ ଭାଉଜ-ଭାଇ ଗିରଫ
- ହତ୍ୟା ପାଇଁ ୧ଲକ୍ଷ ୪୦ ହଜାର ଡିଲ୍



ମୃତ ଭବାନୀ ଓ ମନୋରଞ୍ଜନ

ବାଲେଶ୍ୱର (ମାନସ ବିଶ୍ୱାଳ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୯।୨

ପାରିବାରିକ କଳହ, ଜମି ଭାଗବଣ୍ଟା ଓ ଟଙ୍କା ଦେଣନେଣକୁ ନେଇ ସାଇଭାଇଙ୍କୁ ବଡ଼ ଭାଉଜଭାଇ ୧ଲକ୍ଷ ୪୦ହଜାର ଟଙ୍କା ସୁପାରି ଦେଇ ହତ୍ୟା କଲେ। ଏପରି କି ଘଟଣାକୁ ଲୁଚାଇବାକୁ ଦୁର୍ଘଟଣାର ରୂପ ଦେଇ ସାନଭାଇ ଏବଂ ତାଙ୍କ ସାଙ୍ଗଙ୍କ ମୃତଦେହକୁ ପୋଖରୀରେ ଫିଙ୍ଗି ଦେଲେ। ହେଲେ ଘଟଣା ଲୁଚିପାରିଲା ନାହିଁ। ନିଖୋଜର ୩ଦିନ ପରେ ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ବ୍ଲୁ-ଲେକ୍‌ରୁ ୨ମୃତଦେହକୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ମୃତକଙ୍କ ଭାଉଜଭାଇ ଏବଂ ୪ଜଣ ସୁପାରିକିଲରଙ୍କୁ ଗିରଫ କରିଛି।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲା ନୀଳଗିରି ଥାନା କାଂଶ ଗ୍ରାମର ଦୁଇ ସାଙ୍ଗ ଭବାନୀ ଶଙ୍କର ରାଉତ ଏବଂ ମନୋରଞ୍ଜନ ମହାପାତ୍ର ଗତ ୫ତାରିଖରୁ ନିଖୋଜ ଥିଲେ। ବ୍ଲୁ-ଲେକ୍ ନିକଟସ୍ଥ ଜଙ୍ଗଲରେ ୬ ତାରିଖରେ ସ୍ଥାନୀୟ ଲୋକେ ଗୋଟିଏ ମୋଟରସାଇକେଲ, ଗୋଟିଏ ପଟ ଚପଲ ଓ ପଥର ଉପରେ ରକ୍ତଛିଟା ଦେଖି କୌଣସି ଦୁର୍ଘଟଣା ଆଶଙ୍କା କରି ସ୍ଥାନୀୟ ଲୋକେ ନୀଳଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପାରିପାର୍ଶ୍ୱିକ ଅବସ୍ଥା, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। କାଂଶ ଅଞ୍ଚଳର ଦୁଇଜଣ ଯୁବକ ନିଖୋଜ ଥିବାବେଳେ ଭବାନୀଙ୍କ ବଡ଼ ଭାଇ ବିଜୟ ନୀଳଗିରି ଥାନାରେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏକ ମାମଲା (ନଂ.୩୨/୨୪) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ନୀଳଗିରି ଏସ୍‌ଡିପିଓ ସରୋଜ ଉପାଧ୍ୟାୟ, ଆଇଆଇସି ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ସମେତ ନୀଳଗିରି ଅଗ୍ନିଶମ ବିଭାଗ, ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନାଘନା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ଗଭୀର ଜଳରାଶିରେ ସେମାନଙ୍କୁ ଖୋଜି ଭବାନୀ ଏବଂ ମନୋରଞ୍ଜନଙ୍କ ମୃତଦେହ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ତଦନ୍ତ ପରେ ସବୁ ଆଶଙ୍କା ଶେଷ ହୋଇଛି। ସମ୍ପତ୍ତି ଲୋଭରେ ଭବାନୀଙ୍କ ବଡ଼ଭାଇ ଓ ଭାଉଜ ସୁପାରିକିଲର ମାଧ୍ୟମରେ ସାନ ଭାଇଙ୍କୁ ହତ୍ୟା କରିଥିଲେ। ଏପରି କି ଭବାନୀଙ୍କୁ ହତ୍ୟା ସମୟରେ ତାଙ୍କ ସାଙ୍ଗ ମନୋରଞ୍ଜନ ଉପସ୍ଥିତ ଥିବାରୁ ତାଙ୍କୁ ମଧ୍ୟ ତଣ୍ଟିଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୫ଜଣ ସୁପାରିକିଲରଙ୍କ ମଧ୍ୟରୁ ୪ଜଣ ଓ ଭବାନୀଙ୍କ ବଡ଼ଭାଇ-ଭାଉଜଙ୍କୁ ଗିରଫ କରାଯାଇଥିବା ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

### ୩ ମାସ ପୂର୍ବରୁ ହୋଇଥିଲା ଯୋଜନା

ସାନ ଭାଇଙ୍କୁ ହତ୍ୟା ପାଇଁ ୩ ମାସ ପୂର୍ବରୁ ଯୋଜନା କରିଥିଲେ ଭାଉଜ-ଭାଇ। ପୁରୁଣା ବାଲେଶ୍ୱର ଅଞ୍ଚଳର ଜଣେ ଯୁବକଙ୍କୁ ସୁପାରି ଦେଇଥିଲେ ବଡ଼ ଭାଇ। ହତ୍ୟାକାରୀମାନେ ପ୍ରଥମେ ସାନ ଭାଇଙ୍କୁ ହତ୍ୟା କରିବା ପରେ ସାନ ଭାଇର ସାଙ୍ଗକୁ ତଣ୍ଟିଚିପି ବ୍ଲୁ ଲେକ୍‌କୁ ଫିଙ୍ଗି ଦେଇଥିଲେ। ସାନ ଭାଇଙ୍କୁ ହତ୍ୟା ପାଇଁ ୧ ଲକ୍ଷ ୭୦ହଜାର ଟଙ୍କା ସୁପାରି ଦାବି କରାଯାଇଥିଲା। ତେବେ ୧ ଲକ୍ଷ ୪୦ ହଜାରରେ ଡିଲ୍ ଫାଇନାଲ ହୋଇଥିଲା। ହତ୍ୟାକାରୀମାନେ ୩୦ହଜାର ଅଗ୍ରିମ ନେଇଥିବାବେଳେ ହତ୍ୟା ପରେ ବାକି ୧ ଲକ୍ଷ ୧୦ ହଜାର ଟଙ୍କା ନେଇଥିଲେ। ପାରିବାରିକ କଳହ, ଜମି ଭାଗବଣ୍ଟା ଓ ଟଙ୍କା ଦେଣନେଣକୁ ନେଇ ବିବାଦ ହତ୍ୟାର ରୂପ ନେଇଥିଲା। ହତ୍ୟା ଅପରାଧୀମାନେ ବିଭିନ୍ନ ଛୋଟ ଛୋଟ ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି।

# ମା' କାଟିଦେଲା ଶିଶୁପୁତ୍ରର ତଣ୍ଟି

**ବଲାଙ୍ଗୀର ଡାକ୍ତରଖାନାରେ ଶିଶୁ ମୃତ**

ବଲାଙ୍ଗୀର, ୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଖଲିଆପାଲି ଗାଁରେ ଶୁକ୍ରବାର ସକାଳେ ଏକ ଅଭାବନୀୟ ଓ ବୀଭତ୍ସ ଘଟଣା ଘଟିଛି। ଜଣେ ମହିଳା ନିଜ ଜନ୍ମକଲା ୬ ମାସର ଶିଶୁପୁତ୍ରର ତଣ୍ଟି କାଟି ଦେବାରୁ ଶିଶୁପୁତ୍ରର ଅକାଳ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମହିଳା ଜଣକ ମାନସିକ ରୋଗୀ ବୋଲି ପରିବାର ସଦସ୍ୟ କହିଛନ୍ତି। ଘଟଣା ସମ୍ପର୍କରେ ପୁଇଁତଲା ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ମୁତାବକ, ସକାଳେ ଖଲିଆପାଲି ଗାଁର ରବୀନ୍ଦ୍ର ନାଗଙ୍କ ୬ ମାସର ଶିଶୁପୁତ୍ର ଇନସ୍‌ଙ୍କ କେହି ତଣ୍ଟି କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିଶୁପୁତ୍ର ପଡିଥିବା ଦେଖି ପରିବାର ଲୋକେ ପ୍ରଥମେ ତାଙ୍କୁ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଆଣିଥିଲେ। ବଲାଙ୍ଗୀରରେ ଡାକ୍ତର ଶିଶୁପୁତ୍ରର ମୃତ୍ୟୁ ହୋଇସାରିଥିବା ଘୋଷଣା କରିଥିଲେ। ଏହି ଖବର ଶୁଣିବା ପରେ ରବୀନ୍ଦ୍ର, ପିଉସୀ ବିବିତା ସୁନା ଦୁଃଖରେ ଭାଙ୍ଗିପଡିଥିଲେ। ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ରବୀନ୍ଦ୍ର କହିଥିଲେ ଯେ, ୨୦୧୯ରେ ପଦ୍ମପୁର ନିକଟ ମାଲଦା ଗାଁର ମୀନା ନାଗଙ୍କୁ ସେ ବିବାହ କରିଥିଲେ। ବିବାହ ପୂର୍ବରୁ ମୀନା ମାନସିକ ରୋଗୀ ବୋଲି ସେ କୁଆଡ଼େ ଜାଣି ନ ଥିଲେ। ପରେ ଜାଣିବା ଦିନଠାରୁ ଡାକ୍ତରଙ୍କ ନିକଟରେ ମୀନାଙ୍କ ଚିକିତ୍ସା କରାଉଥିଲେ। ଇତିମଧ୍ୟରେ ମୀନାଙ୍କ ଗର୍ଭରୁ ଦୁଇ ଝିଅ ଓ ଗୋଟିଏ ଶିଶୁପୁତ୍ର ଜନ୍ମଗ୍ରହଣ କରିଥିଲେ। ବିଭିନ୍ନ ସମୟରେ ମୀନା ଘର ଭିତରେ ଉଗ୍ର ହେଉଥିଲେ ବୋଲି ରବୀନ୍ଦ୍ର କହିଛନ୍ତି। ସକାଳେ ତାଙ୍କ ସ୍ତ୍ରୀ ନିଜ ଶିଶୁପୁତ୍ରର ତଣ୍ଟିକୁ କୌଣସି ଏକ ଧାରୁଆ ଅସ୍ତ୍ରରେ କାଟି ଦେଇଥିବା ସେ ଅଭିଯୋଗ କରିଛନ୍ତି। ତଣ୍ଟି କାଟିବା ପରେ ମୀନା କୁଆଡେ ଫେରାର ହୋଇଯାଇଥିଲେ ମଧ୍ୟ ପରେ ଘରକୁ ଫେରିଥିବା ଜଣାଇଥିଲେ। ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଶିଶୁପୁତ୍ରର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଇଁତଲା ଥାନା ପୋଲିସ ଟିମ୍ ହସ୍ପିଟାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଚେନ୍ନାଇ ହସ୍ପିଟାଲରେ ଭି. ସୁଜ୍ଞାନ କୁମାରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ଭୁବନେଶ୍ୱର, ୯।୨ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଚେନ୍ନାଇ ଗସ୍ତ କରି ସେଠାରେ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବିଜେଡିର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବିଧାୟିକା ଭି.ସୁଜ୍ଞାନ କୁମାରୀ ଦେଓଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ସୁଜ୍ଞାନ କୁମାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉଷା ଦେବୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଚେନ୍ନାଇ ଯାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ବିଧାନସଭାରୁ ସିଧାସଳଖ ଭୁବନେଶ୍ୱର ବିମାନ ବନ୍ଦର ଅଭିମୁଖେ ଗସ୍ତ କରିଥିଲେ। ସେଠାରୁ ସନ୍ଧ୍ୟା ୭ଟାରେ ଚେନ୍ନାଇ ଯାତ୍ରା କରିଥିଲେ।

ସୂଚନାଯୋଗ୍ୟ ଯେ ସୁଜ୍ଞାନ କୁମାରୀ ଦେଓ ଅସୁସ୍ଥ ହୋଇ ଚେନ୍ନାଇରେ ଚିକିତ୍ସିତ ହେଉଛନ୍ତି। ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ ନେତ୍ରୀ ଏବଂ ୧୦ ଥର ବିଧାୟିକା ଭାବରେ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିଛନ୍ତି। ଖଲ୍ଲିକୋଟ ରାଣୀ ଭାବେ ମଧ୍ୟ ସେ ସୁପରିଚିତ।

# ଗୁହାରି କରିବାକୁ ୮୦ କି.ମି. ଚାଲିଲେ

ବଲାଙ୍ଗୀର, ୯।୨ (ବୀରେନ୍ଦ୍ର କୁମାର ଝାଙ୍କର)



ଜିଲାପାଳ ଅଫିସ୍‌ରେ ପୀଡ଼ିତ ପରିବାର, ବିଭିନ୍ନ ସଙ୍ଗଠନର ସଦସ୍ୟ ଏଡିଏମ୍ ଡ. ବିଜୟାନନ୍ଦ ସେଠୀଙ୍କ ସହ ଆଲୋଚନା କରୁଛନ୍ତି।

**ତେଲଙ୍ଗାନାରେ ଦାଦନ ଶ୍ରମିକ ନିଖୋଜ ଘଟଣା**

- ହତ୍ୟା ସନ୍ଦେହକରି କାର୍ଯ୍ୟାନୁଷ୍ଠାନ ଦାବିକଲେ
- ପଦଯାତ୍ରାରେ ମା', ଭାଇ, ଭଉଣୀଙ୍କ ସହ ସମ୍ପର୍କୀୟ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ଦେଲେ ଦାବିପତ୍ର

ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇ ଦୀର୍ଘ ୪ ମାସ ହେଲା ଘରକୁ ଫେରି ନ ଥିବା ବଲାଙ୍ଗୀର ଜିଲା ମୁରିବାହାଲ ଥାନା ସାନଜରବାହାଲି ଗାଁର ମୈତ୍ର ସେଠ୍ (୨୫) ନାମକ ଜଣେ ଯୁବକଙ୍କ ପରିବାର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ ଗୁରୁବାରଠାରୁ ୮୦ କିଲୋମିଟର ରାସ୍ତା ପଦଯାତ୍ରା କରିଛନ୍ତି। ଶୁକ୍ରବାର ସେମାନେ ବଲାଙ୍ଗୀରଠାରେ ପହଞ୍ଚି ଜିଲାପାଳ ଅଫିସ୍‌କୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ଏଡିଏମ୍) ଡ. ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଘଟଣାକୁ ନେଇ ପୀଡ଼ିତ ପରିବାର ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ, ବଲାଙ୍ଗୀର ନାଗରିକ କମିଟି ସଦସ୍ୟ ଓ କୋଶଳବାଦୀ ସଙ୍ଗଠନ ସଦସ୍ୟ ବଲାଙ୍ଗୀର ଜିଲାପାଳ ଅଫିସ୍ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲାପାଳ ଡ. ସେଠୀଙ୍କୁ ବିଭିନ୍ନ ପ୍ରଶ୍ନ କରି ଘେରିଥିଲେ। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ମୈତ୍ର ସେଠ୍‌ଙ୍କ ଖୋଜଖବର ମିଳୁ ନ ଥିବାରୁ ପରିବାର ଲୋକେ ତାଙ୍କୁ ସେଠାରେ ହତ୍ୟା କରାଯାଇଥିବା ସନ୍ଦେହକରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବାକୁ ଦାବି କରିଛନ୍ତି।

ଏହି ସମୟରେ ବଲାଙ୍ଗୀର ଭାଜପା ଦଳର ଗୋପାଳଜୀ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, କଂଗ୍ରେସ ଦଳର ବୁଲୁ ଦାନୀ ପ୍ରମୁଖ ଉପସ୍ଥିତ ରହି ଏଡିଏମ୍‌ଙ୍କ ସହ ଆଲୋଚନା କରିଥିଲେ। ଏହି ପୀଡ଼ିତ ପରିବାରକୁ ଶୀଘ୍ର ନ୍ୟାୟ ନ ମିଳିଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଶୁଣାଇଥିଲେ। ଦାବିପତ୍ର ଗ୍ରହଣ କରି ଏଡିଏମ୍ ସେଠୀ ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ପରିବାର ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମୈତ୍ର ଗତ ୨୦୨୩ ଅକ୍ଟୋବର ୧୦ରେ ତେଲଙ୍ଗାନାର ପୈଦାପଲ୍ଲୀକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଅଣ୍ଡାଲଦର୍ହ ଗାଁର ସୁଶାନ୍ତ ପାତ୍ର ନାମକ ଜଣେ ଦାଦନ ସର୍ଦ୍ଦାର ମୈତ୍ରଙ୍କୁ ୨୦ ହଜାର ଟଙ୍କା ଅଗ୍ରିମ ଦେଇ ନେଇଥିଲେ। ମୈତ୍ରଙ୍କ ସହ ସାନଜରବାହାଲି ଗାଁର ଅରୁଣ ଜାଲ୍ ନାମକ ଅନ୍ୟ ଜଣେ ଯୁବକ ମଧ୍ୟ ସେଠାକୁ କାମ କରିବାକୁ ଯାଇଥିଲେ। ଅକ୍ଟୋବର ୧୨ରେ ମୈତ୍ର ଓ ଅରୁଣ ପୈଦାପଲ୍ଲୀରେ ପହଞ୍ଚିଥିଲେ। ତେବେ ଅକ୍ଟୋବର ୨୮ ପରଠାରୁ ମୈତ୍ରଙ୍କ ଆଉ ଖୋଜଖବର ମିଳୁନାହିଁ। ତାଙ୍କ ଫୋନ୍‌ଟି ସୁଇଚ୍‌ଅଫ୍ ରହିଥିଲା। ଦାଦନ ସର୍ଦ୍ଦାର ସୁଶାନ୍ତ ଓ ଦାଦନ ଶ୍ରମିକ ଅରୁଣଙ୍କୁ ମୈତ୍ରଙ୍କ ସମ୍ପର୍କରେ ପଚାରିଲେ ସେମାନେ କିଛି କହୁ ନ ଥିଲେ। ଡିସେମ୍ବର ୪ରେ ମୈତ୍ରଙ୍କ ବଡ଼ଭାଇ ବୈବସୂତ ସେଠ୍‌ଙ୍କ ମୋବାଇଲ ଫୋନ୍‌କୁ ଅରୁଣ ଏକ ଅର୍ଦ୍ଧଦଗ୍ଧ ଯୁବକଙ୍କ ଫଟୋ ପଠାଇଥିଲେ। ମାତ୍ର କିଛି ସୂଚନା ଦେଇ ନ ଥିଲେ। ଅର୍ଦ୍ଧଦଗ୍ଧ ଫଟୋଟି ମୈତ୍ରଙ୍କ ବୋଲି ପରିବାର ଲୋକେ ଚିହ୍ନଟ କରିବା ପରେ ପୈଦାପଲ୍ଲୀରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରିଥିଲେ। ଏହାକୁ ନେଇ ଗତ ୩ ମାସ ଭିତରେ ପୋଲିସ ଓ ପ୍ରଶାସନ ନିକଟରେ ବହୁବାର ଗୁହାରି କରିଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ଏହାର ପ୍ରତିବାଦରେ ଗୁରୁବାର ସକାଳ ୮ଟାରୁ ମୈତ୍ରଙ୍କ ମା' ପଦ୍ମାବତୀ, ବଡ଼ଭାଇ ବୈବସୂତ, ଭଉଣୀ ମୀନା ଓ ବାସନ୍ତୀଙ୍କ ସହ କୋଶଳ ମୁକ୍ତିମୋର୍ଚ୍ଚା ଏବଂ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସଦସ୍ୟ ପଦଯାତ୍ରାରେ ବାହାରିଥିଲେ।



## ଜନଅଦାଲତ କାର୍ଯ୍ୟକ୍ରମ ବେଳେ ମାଡ଼ପିଟ୍: ମହିଳା ଆହତ

ଡେଲାଙ୍ଗ,(ରଘୁନାଥ ପ୍ରଧାନ): ଡେଲାଙ୍ଗ ବ୍ଲକର ରେଙ୍ଗାଳ ଗ୍ରାମସ୍ଥିତ ମେଳଣ ପଡ଼ିଆରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ଜନ ଅଦାଲତ କାର୍ଯ୍ୟକ୍ରମ ଚାଲୁଥିଲା ବେଳେ ଉପସ୍ଥାପକଙ୍କ କିଛି ବକ୍ତବ୍ୟକୁ ସ୍ଥାନୀୟ ମହିଳା ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ ମହିଳାମାନଙ୍କ ଉପରକୁ ଅଖାମାଡ଼ ହେବା ପରେ ପ୍ଲାଷ୍ଟିକ୍ ଚୌକି ପକାଇ ଉଭୟଙ୍କୁ ଫିଙ୍ଗାଫିଙ୍ଗି ସହ ମାଡ଼ପିଟ୍ ହୋଇଥିଲା। ଫଳରେ କେତେଜଣ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ଏନେଇ ଡେଲାଙ୍ଗ ଥାନାରେ ଉଭୟ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୨।୨୦୨୪

୫,୫୪,୮୩୫ ଟଙ୍କା

| | |
|---|---|
| ସୁନା | ୦୧.୦୫୦ ଗ୍ରାମ୍ |
| ରୁପା | ୧୯.୫୦୦ ଗ୍ରାମ୍ |

# ଶୃଙ୍ଖଳିତ ନୀତି ସମ୍ପାଦନ ଉପରେ ଗୁରୁତ୍ୱ

ପୁରୀ, ୯।୨(ଅଜିତ୍ ମହାନ୍ତି)

ଚନ୍ଦ୍ରଭାଗା ମେଳାରେ ବିପୁଳ ଜନସମାଗମ ହୋଇଥାଏ। ଶ୍ରଦ୍ଧାଳୁମାନେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବୁଡ଼ ପକାଇଥାନ୍ତି। ଚଳିତ ମାସ ୧୫ ଓ ୧୬ ତାରିଖରେ ଚନ୍ଦ୍ରଭାଗା ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ଦ୍ୱିତୀୟ ସମନ୍ୱୟ କମିଟି ପ୍ରସ୍ତୁତି ବୈଠକ ଶୁକ୍ରବାର ସର୍କିଟ ହାଉସରେ ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ନୀତିକାନ୍ତି ସମ୍ପାଦନ ଉପରେ ସେବାୟତମାନେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେବା ସହ ମେଳାକୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ପରିଚାଳନା କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ପୂର୍ବ ପ୍ରସ୍ତୁତି ବୈଠକ ଓ ନୀତିକାନ୍ତି ନିର୍ଯାସ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ମାସ ୧୫ ଓ ୧୬ ତାରିଖରେ ୩ ଠାକୁର ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ଦେବ, ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ଦେବ, ଶ୍ରୀ ଶ୍ରୀ ଈଶାଣେଶ୍ୱର ଦେବଙ୍କୁ ନେଇ ଚନ୍ଦ୍ରଭାଗାରେ ମାଘ ସପ୍ତମୀ ମେଳା ଅନୁଷ୍ଠିତ ହେବ। ୧୫ ତାରିଖ ରାତ୍ର ୯ଟାରୁ ୯.୫୫ ମଧ୍ୟରେ ତିନି ଠାକୁରଙ୍କ ବିମାନ ବିଜେ, ରାତ୍ର ୧୦ରୁ ୧ଟା ମଧ୍ୟରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଠାକୁରଙ୍କ ପୂଜା ଓ ଭୋଗ ଲାଗି ଅନୁଷ୍ଠିତ ହେବ। ରାତ୍ର ୧.୩୦ରୁ ଠାକୁରଙ୍କ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା ଓ ରାତ୍ର ୪.୩୪ ଘଟିକା ମଧ୍ୟରେ ଠାକୁରମାନଙ୍କ ମହାସ୍ନାନ ପରେ ଶ୍ରଦ୍ଧାଳୁଙ୍କୁ ଚନ୍ଦ୍ରଭାଗା ପୁଷ୍କରିଣୀରେ ବୁଡ଼ ପକାଇବାର ସୁଯୋଗ ମିଳିବ। ନୀତିରେ ଯେପରି ବିଳମ୍ବ ନ ହୁଏ ସେଥିପାଇଁ ପୂଜକ ଓ ସେବାୟତମାନେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଆଇନଶୃଙ୍ଖଳା, ପାନୀୟଜଳ, ପରିମଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପରିବହନ, ରାସ୍ତାଘାଟ ମରାମତି, ଚନ୍ଦ୍ରଭାଗା ପୁଷ୍କରିଣୀ ଖନନ, ଅତ୍ୟାବଶ୍ୟକ ଦ୍ରବ୍ୟ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସୂଚନା କେନ୍ଦ୍ର ବ୍ୟବସ୍ଥା ପାଇଁ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି, ଉପଜିଲାପାଳ ଗୋପୀନାଥ କୁଅଁର, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷ ସଞ୍ଜୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଦାଶ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ତିନିଠାକୁରଙ୍କ ସେବାୟତ, ଅନ୍ୟାନ୍ୟ ଅଧିକାରୀ ଓ ସଦସ୍ୟମାନେ ଯୋଗଦେଇଥିଲେ।

### ଚନ୍ଦ୍ରଭାଗା ମେଳା ଦ୍ୱିତୀୟ ସମନ୍ୱୟ କମିଟି ବୈଠକ

# ପଥର ଖାଦାନକୁ ଖସିଲା କାର୍: ଶିଶୁ ମୃତ, ୪ ଗୁରୁତର

ପିପିଲି, ୯।୨(ପ୍ରଭାତ କୁମାର ମହାପାତ୍ର)



ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ନିଜିଗଡ଼କୁରୁଖୀ ଗ୍ରାମ ନିକଟସ୍ଥ ଏକ ପଥର ଖାଦାନକୁ ଗୋଟିଏ କାର୍ ଖସିପଡ଼ିବାରୁ ଜଣେ ଦେଢବର୍ଷ ଶିଶୁର ଜୀବନ ଯାଇଛି। ଏଥିସହ ଚାଳକଙ୍କ ସମେତ ୪ଜଣ ଗୁରୁତର ହୋଇପଡ଼ିଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ପଠାଯାଇଛି। ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ ଏହି ଅଘଟଣ ଘଟିଛି।

ସୂଚନା ଅନୁଯାୟୀ, ନିଜିଗଡ଼କୁରୁଖୀ ମଲ୍ଲିକ ସାହିର ବବୁଲ ମଲ୍ଲିକ ୪ଜଣ ପିଲାଙ୍କୁ ଏକ କାର୍‌ରେ ବସାଇ ଖାଦାନ ରାସ୍ତା ଦେଇ ବୁଲିବାକୁ ଯାଉଥିଲେ। ଏହି ସମୟରେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ଖାଦାନ ଭିତରକୁ ଖସିପଡ଼ିଥିଲା। ଖଣିରେ ପ୍ରବଳ ପାଣି ଥିବାରୁ କାର୍ ବୁଡ଼ିବାକୁ ଲାଗିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଏହା ଦେଖି ସଙ୍ଗେସଙ୍ଗେ ପାଣିରେ ପଶି କାର୍ କାଚ ଭାଙ୍ଗି ସମସ୍ତ ପିଲାଙ୍କ ସହ ଚାଳକ ବବୁଲଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ସମସ୍ତେ ଶ୍ୱାସରୁଦ୍ଧ ଅବସ୍ଥାରେ ଥିବାରୁ ସେମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଇଥିଲେ। ତେବେ ସେଠାରେ ଦେଢବର୍ଷୀୟା ଶିଶୁକନ୍ୟା କ୍ରିତିକା ମଲ୍ଲିକଙ୍କ ମୃତ୍ୟୁ ହୋଇଯାଇଥିଲା। କ୍ରିତିକା ବବୁଲଙ୍କ ଝିଅ ବୋଲି କୁହାଯାଉଛି। ପରେ ଅନ୍ୟ ୨ ପିଲାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ପାଣିରୁ ଉଦ୍ଧାର କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି।

## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ପଦ୍ମବେଶ

ପୁରୀ, ୯।୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁ ଦୁର୍ଲଭ ପଦ୍ମବେଶରେ ଦର୍ଶନ ଦେବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମାଘ ମାସ ଅମାବାସ୍ୟାଠାରୁ ଶୁକ୍ଳପକ୍ଷ ପଞ୍ଚମୀ ବା ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ଏହି ବେଶ ଅନୁଷ୍ଠିତ ହୋଇଥାଏ। ଆସନ୍ତା ୧୪ ତାରିଖ ଗୁରୁବାର ଶ୍ରୀପଞ୍ଚମୀ ପଡୁଥିବାରୁ ୧୦ ତାରିଖ ଶନିବାର ଶ୍ରୀବିଗ୍ରହମାନଙ୍କୁ ପଦ୍ମବେଶରେ ସଜ୍ଜିତ କରାଯିବ। ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ସିଂହାର ବେଶରେ ଏହି ପଦ୍ମବେଶ ଅନୁଷ୍ଠିତ ହେବ। ବେଶ ସମ୍ପନ୍ନ ପରେ ଶ୍ରୀବିଗ୍ରହମାନଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯିବ। ସୂଚନାଯୋଗ୍ୟ, ଶ୍ରୀବିଗ୍ରହମାନେ ପ୍ରତିଦିନ ବଡ଼ସିଂହାର ବେଶରେ ରାତ୍ର ପହୁଡ଼ ହୋଇଥାନ୍ତି, ମାତ୍ର ବର୍ଷକରେ ଏହି ଗୋଟିଏ ଦିନ ପଦ୍ମବେଶରେ ରାତ୍ରପହୁଡ଼ ଯାଇଥାନ୍ତି। ବେଶ ପରଦିନ ଅର୍ଥାତ ରବିବାର ମହାପ୍ରଭୁଙ୍କ ମଙ୍ଗଳଆଳତି ପର୍ଯ୍ୟନ୍ତ ଏହି ବେଶ ରହିଥାଏ। ଅବକାଶ ନୀତି ପରେ ବେଶ ଓଲାଗି କରାଯାଏ। ପଦ୍ମବେଶ ପାଇଁ ବଡ଼ଛତା ମଠ ସମସ୍ତ ସାମଗ୍ରୀ ଯୋଗାଇଥାଏ। ପଣ୍ଡୁପୂର୍ଣ୍ଣିମାଠାରୁ ବେଶ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହା ଭକ୍ତର ଭକ୍ତି ଓ ଭାବମୂଳକ ବେଶ ବୋଲି ବିବେଚନା କରାଯାଏ।

### ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା ଶିବିର

ବଳଙ୍ଗା, ୯।୨(କେଦାରେଶ୍ୱର ନନ୍ଦ):

ବଳଙ୍ଗା ଓ ନୂଆସନ୍ଥ ପଞ୍ଚାୟତରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜନସାଧାରଣ ଏହି ଶିବିରରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ ହୋଇପାରିବେ। ବଳଙ୍ଗା ପଞ୍ଚାୟତ ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଏହି ଶିବିରରେ ଏକ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ କୁମାର ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଖଟୋଇ, ବ୍ଲକ ସଭାପତି ଅଶୋକ କୁମାର ସାହୁ ଯୋଗଦେଇଥିଲେ। ସେହିପରି ନୂଆସନ୍ଥ ପଞ୍ଚାୟତରେ ସରପଞ୍ଚ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ଉପାଧ୍ୟକ୍ଷା ଅନସୂୟା ମହାନ୍ତି ପ୍ରମୁଖ ଯୋଗଦେବା ସହ ଆଗାମୀ ବିଧାନସଭା ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ।

# ଆରମ୍ଭ ମହୋତ୍ସବ ଉଦ୍‌ଘାଟିତ



ଆରମ୍ଭ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ପୁରୀ, ୯।୨(ଅଜିତ୍ ମହାନ୍ତି)

ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ 'ଆରମ୍ଭ' ଆନୁକୂଲ୍ୟରେ ୫ମ 'ଆରମ୍ଭ ମହୋତ୍ସବ-୨୦୨୪' ମୁକ୍ତାକାଶ ରଙ୍ଗମଞ୍ଚରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସେବାୟତ ତଥା ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ସୁନିଲ କୁମାର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଦିବାକର ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ଉପସଭାପତି ସମୀର ଶତପଥୀ, ସାଧାରଣ ସମ୍ପାଦକ ଦେବାଶିଷ ସିଂ, ସମାଜସେବୀ ଜମେଶ୍ୱର ମହାନ୍ତି, ସୁବର୍ଣ୍ଣ ଅଳଙ୍କାର ପରିଚାଳକ ଅଭିଷେକ ବାନାର୍ଜୀ, ମୁଖ୍ୟ ଉପଦେଷ୍ଟା ଭରତ କୁମାର ନାୟକ ଏବଂ ଉପଦେଷ୍ଟା ଅବିନାଶ ମିଶ୍ର ପ୍ରମୁଖମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶହୀଦ୍ ମନୋରଞ୍ଜନ ଲେଙ୍କାଙ୍କୁ ମରଣୋତ୍ତର ଭାବେ ଆରମ୍ଭ ଶହୀଦ୍ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ମା' ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ଆରମ୍ଭ ସଂସ୍କୃତି ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ଏଥିସହ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ପୀୟୁଷ କୁମାର ପଟ୍ଟନାୟକ ଓ ଶ୍ୟାମପ୍ରକାଶ ସେନାପତି ସଂଚାଳନ କରିଥିଲେ।

# ପ୍ରାଚୀ ବୌଦ୍ଧପୀଠରେ ତ୍ରିବେଣୀ ମହୋତ୍ସବ

ନିମାପଡ଼ା, ୯।୨(ରଞ୍ଜନ ପଟ୍ଟନାୟକ)



ତ୍ରିବେଣୀ ଅମାବାସ୍ୟା ଅବସରରେ ବୌଦ୍ଧ ଜଗନ୍ନାଥଙ୍କ ପୂଜା କରାଯାଉଛି।

ତ୍ରିବେଣୀ ଅମାବାସ୍ୟା ତିଥିରେ ଶୁକ୍ରବାର ଅମରେଶ୍ୱର ନିକଟସ୍ଥ ପ୍ରାଚୀ ତଟସ୍ଥ ବୌଦ୍ଧପୀଠ ବୀରସିଂହ ଗାଦି ପରିସରରେ ତ୍ରିବେଣୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାଦି ପରିସରସ୍ଥ ପ୍ରାଚୀ ତୀର୍ଥ ମହାସ୍ନାନ ମଣ୍ଡପରେ ବିରାଜିତ ବୌଦ୍ଧ ଜଗନ୍ନାଥଙ୍କ ଦର୍ଶନ, ଧର୍ମଚକ୍ର ପୂଜନ, ବ୍ରହ୍ମଯଜ୍ଞ ଦର୍ଶନ, ଅଖଣ୍ଡ ନାମ ଯଜ୍ଞ ଓ ସଂକୀର୍ତ୍ତନ ଏବଂ ସାମୂହିକ ଗୀତ ଗୋବିନ୍ଦ ଗାୟନ ନିମନ୍ତେ ପ୍ରାତଃ କାଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରାଚୀ ମାହାତ୍ମ୍ୟରୁ ସୂଚନା ମିଳେ ଯେ, ବୌଦ୍ଧସନ୍ଥ ଏଠାରେ ଉପଗୁପ୍ତ ତପସ୍ୟା କରିଥିଲେ। ସମ୍ରାଟ ଅଶୋକଙ୍କୁ ସେ ଏଠାରେ ବୌଦ୍ଧ ଧର୍ମରେ ଦୀକ୍ଷିତ କରାଇଥିଲେ। ବୌଦ୍ଧଧର୍ମର ଅନ୍ତିମ ସନ୍ଥ ବୀରସିଂହ ଏହିରେ ହିଁ ନିଷ୍ଠାର ସହିତ ତ୍ରିବେଣୀ ଅମାବାସ୍ୟା ଅବସରରେ ପୀଠ ମଣ୍ଡପରେ ବୌଦ୍ଧ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ବ୍ରତ ଆରମ୍ଭ କରିଥିଲେ। ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏବଂ ଐତିହାସିକ ସନ୍ତୋଷ ମିତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମହାପ୍ରଭୁଙ୍କ ୨୪ ବେଶ ଦର୍ଶନକରି ଭକ୍ତ ବିମୋହିତ

କାକଟପୁର, ୯।୨(ଶୁଭଦର୍ଶନ ମିଶ୍ର):



### ଦେଉଳି ମଠରେ ଜଗନ୍ନାଥ ପଞ୍ଚରାତ୍ର ଆରମ୍ଭ

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଆଦ୍ୟ ଲୀଳାସ୍ଥଳୀ ଦେଉଳିମଠରେ ଶୁକ୍ରବାରଠାରୁ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଷ୍ଟମ ବାର୍ଷିକୀ ଜଗନ୍ନାଥ ପଞ୍ଚରାତ୍ର ଆରମ୍ଭ ହୋଇଛି। ଏଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୨୪ ବେଶ ଓ ଛପନ ଭୋଗ ପ୍ରଦର୍ଶନ ସହ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମହାତ୍ମ୍ୟ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ଉତ୍କଳୀୟଙ୍କ ପ୍ରାଣପିଣ୍ଡ ଜଗନ୍ନାଥ ସଂସ୍କୃତି ଯେତିକି ନିଆରା, ସେତିକି ମନଲୋଭା ହୋଇଛି ଶ୍ରୀଜଗନ୍ନାଥଙ୍କ ବେଶ। ପ୍ରତ୍ୟେକ ଦିନ ସହ ବାର ମାସରେ ମହାପ୍ରଭୁ ବିଭିନ୍ନ ପ୍ରକାର ବେଶ ହୋଇଥାନ୍ତି। ତନ୍ମଧ୍ୟରୁ ଏଠାରେ ମହାପ୍ରଭୁଙ୍କ ୨୪ବେଶ ଦର୍ଶନ କରିବା ପାଇଁ ଭବ୍ୟ ଆୟୋଜନ କରାଯାଇଛି। ମହାପ୍ରଭୁଙ୍କ ଦ୍ୱାରଫିଟାରୁ ଆରମ୍ଭ କରି ଦିନଚର୍ଯ୍ୟା ବର୍ଷତମାମ ବିଭିନ୍ନ ଯାତ୍ରାର ବେଶ ପ୍ରଦର୍ଶନ କରାଯାଇଛି। ମହାପ୍ରଭୁଙ୍କ ସମ୍ବନ୍ଧରେ କିଛି ଜ୍ଞାନ ଅର୍ଜନ କରିବା ପାଇଁ ସାଧୁସନ୍ଥଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହେଉଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ରାଧାବଲ୍ଲଭ ମଠର ମୁଖ୍ୟ ରାମକୃଷ୍ଣ ଦାସ, ମୁଖ୍ୟ ବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସତ୍ୟାନନ୍ଦ ଦାସ ମହାରାଜ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ପ୍ରମୁଖ ଯୋଗଦେଇଥିଲେ। ଧର୍ମାନନ୍ଦ ସୁବୁଦ୍ଧି, ଜଗନ୍ନାଥ ସ୍ୱାଇଁ, ପ୍ରଭାସ କୁମାର ପୃଷ୍ଟି ଏବଂ ମିତୁରଞ୍ଜନ ଦୀକ୍ଷିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବ ୫ଦିନ ବ୍ୟାପୀ ଚାଲିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି।

# ନିଶାମୁକ୍ତ ରାଷ୍ଟ୍ର ଗଠନ ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

ସାକ୍ଷୀଗୋପାଳ, ୯।୨(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ):

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ 'ନିଶାକୁ ନା' ସଚେତନତାଧର୍ମୀ କାର୍ଯ୍ୟକ୍ରମ ଶୁକ୍ରବାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରୀଛାତ୍ର ନିଶା ରୂପକ ରାକ୍ଷସ କବଳରୁ ନିଜ ସହ ସମାଜକୁ କିପରି ରକ୍ଷା କରିପାରିବେ ସେଥିପାଇଁ ଶପଥ କରିଥିଲେ। ଛାତ୍ରୀଛାତ୍ରମାନେ ପଞ୍ଚସଖାଙ୍କ ଉତ୍ସର୍ଗୀକୃତ ଜୀବନ ଦର୍ଶନକୁ ପ୍ରେରଣା ଭାବେ ନେଇ ନିଶାମୁକ୍ତ ରାଷ୍ଟ୍ର ଗଠନ ପାଇଁ ଶପଥ କରିଥିଲେ। ଶିକ୍ଷୟିତ୍ରୀ ହରପ୍ରିୟା କର ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବୃନ୍ଦାବନ ରଥ, ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ' ବମ ପ୍ରଧାନ, ଓଡ଼ିଶା ସ୍ୱାସ୍ଥ୍ୟସେବା ସଂଘ ସମ୍ପାଦକ ସ୍ମୃତିଶେଖର ସାହୁ, ସଙ୍ଗଠକ ନବଘନ ଶତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚରଣ ସାହୁ, ବିଜୟ କୁମାର ପରିଡ଼ା, ମନୋରଞ୍ଜନ ମିଶ୍ର, ଶିକ୍ଷକ ବିଶ୍ୱରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସହ ସ୍ଥାନୀୟ ଶିକ୍ଷକ, ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଓ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୭ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନ: ଗ୍ରାମରକ୍ଷୀ ସଂଘ



ଅସ୍ତରଙ୍ଗ, ୯।୨(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଆସନ୍ତା ୭ଦିନ ମଧ୍ୟରେ ଦରମା ବୃଦ୍ଧି ଓ ସରକାରୀ ମାନ୍ୟତା ସମେତ ବିଭିନ୍ନ ଦାବି ପୂରଣ ନ ହେଲେ ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସଂଘ ତରଫରୁ ଶୁକ୍ରବାର ଅସ୍ତରଙ୍ଗ ଥାନା ନିକଟ କଲ୍ୟାଣୀ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ଅମରେଶ୍ୱର ମଲ୍ଲିକ, କାକଟପୁର ସଭାପତି ବିପିନ ବିହାରୀ ମଲ୍ଲିକ, ବଳଙ୍ଗା ସଭାପତି ନବଘନ ମଲ୍ଲିକ, ଅସ୍ତରଙ୍ଗ ସଭାପତି ଶିବ ମଲ୍ଲିକଙ୍କ ସମେତ ଶତାଧିକ ଗ୍ରାମରକ୍ଷୀ ଉପସ୍ଥିତ ଥିଲେ। ସଂଘର କର୍ମକର୍ତ୍ତାମାନେ କହିଥିଲେ ପୋଲିସ ପ୍ରଶାସନର ଅବିଚ୍ଛେଦ୍ୟ ଅଙ୍ଗ ଗ୍ରାମରକ୍ଷୀ। ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳର ଅନେକ ଗୋଇନ୍ଦା ତଥ୍ୟ ଗ୍ରାମରକ୍ଷୀ ଯୋଗାଡ଼ କରିବା ସହ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଦାୟିତ୍ୱ ତୁଲାଇଥାନ୍ତି। ୧୯୭୬ରୁ ଏହି ସେବାରେ କାର୍ଯ୍ୟ କରିଆସୁଥିବା କର୍ମଚାରୀଙ୍କୁ ୨୦୧୭ ମସିହାରୁ ଉଚ୍ଚ ନ୍ୟାୟାଳୟ ସରକାରୀ ମାନ୍ୟତା ଓ ଦରମା ବୃଦ୍ଧି ନେଇ ସରକାର ଅନୁମୋଦନ ସଂକ୍ରାନ୍ତ ନିଷ୍ପତ୍ତି ନେବାକୁ କହିଥିଲେ। କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଗ୍ରାମରକ୍ଷୀଙ୍କ ଭତ୍ତା କି ପେନସନ ନାହିଁ। ସେମାନେ ବଞ୍ଚିବେ କିପରି। ସରକାର ଗ୍ରାମରକ୍ଷୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଛନ୍ତି। ଗୃହ ରାଷ୍ଟ୍ରମନ୍ତ୍ରୀ ତୁରନ୍ତ ଦାବି ପୂରଣ ଲାଗି ପଦକ୍ଷେପ ନେବାକୁ ସଂଘ ଦାବି କରିଛି।

# ଏଣିକି ସହଜ ହେବ ଶବଦାହ ପାଇଁ ରେଜିଷ୍ଟ୍ରେଶନ୍

ପୁରୀ, ୯।୨(ଅଜିତ୍ ମହାନ୍ତି)

- ସ୍ୱର୍ଗଦ୍ୱାର ଆପ୍ ଲୋକାର୍ପିତ
- ୩ ଭାଷାରେ ସୂଚନା ଉପଲବ୍ଧ

ସ୍ୱର୍ଗଦ୍ୱାର ରୂପାନ୍ତରଣରେ ଆଉ ଏକ ଫର୍ଦ୍ଦ ଯୋଡ଼ିହୋଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ୱର୍ଗଦ୍ୱାର ପରିସରରେ ସ୍ୱର୍ଗଦ୍ୱାର ମୋବାଇଲ ଆପ୍ ଲୋକାର୍ପଣ କରାଯାଇଛି। ଜିଲାପାଳ ବିଜୟ କୁମାର ଦାଶ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ମୋବାଇଲ ଆପ୍‌କୁ ଲୋକାର୍ପଣ କରିଛନ୍ତି। ସ୍ୱର୍ଗଦ୍ୱାରକୁ ଆସୁଥିବା ମୃତଦେହ ସଂଖ୍ୟା ବଢୁଥିବାରୁ ସହଜ ରେଜିଷ୍ଟ୍ରେଶନରେ ଏହି ଆପ୍ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ସ୍ୱର୍ଗଦ୍ୱାରରେ ଦାହସଂସ୍କାର ସେବା ପାଇବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଏହି ମୋବାଇଲ ଆପରୁ ସମସ୍ତ ସେବା ବିଷୟରେ ସହଜରେ ଜାଣିପାରିବେ ଓ ସେବା ପାଇପାରିବେ। ସୂଚନାଯୋଗ୍ୟ, ଏହି ଆପ୍ ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଉପଲବ୍ଧ ହେବ। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମେନ୍ ବ୍ରାଞ୍ଚ ପୁରୀ ଶାଖା ତରଫରୁ ସ୍ୱର୍ଗଦ୍ୱାର ସେବା ସମିତିକୁ ଏକ ହାଇଡ୍ରୋଲିକ ଟ୍ରାକ୍ଟର ଡାଲା ପରିବହନ ସେବା ପାଇଁ ପ୍ରଦାନ କରାଯାଇଛି। ସ୍ୱର୍ଗଦ୍ୱାର ସେବା ସମିତି ପରିଚାଳନା କମିଟି ସଦସ୍ୟ ସିଦ୍ଧାର୍ଥ ରାୟ, ଷ୍ଟେଟ ବ୍ୟାଙ୍କ ମେନ୍ ବ୍ରାଞ୍ଚ ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ଶତପଥୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ସେବକମାନେ ପରିଚାଳନା କରିଥିଲେ।

# କୈଳାସ ଟିକାୟତରାୟଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ

ପୁରୀ, ୯।୨(ଅଜିତ୍ ମହାନ୍ତି)

### ୭୫ତମ ଜନ୍ମ ଦିବସ ପାଳିତ

ସ୍ଥାନୀୟ ସଂସ୍କୃତି ଭବନ ସଭାକକ୍ଷରେ ଶୁକ୍ରବାର ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ୭୫ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ନାଟ୍ୟକାର ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱ ଏବଂ ସମାଜସେବୀ ଚକ୍ରଧର ମହାପାତ୍ରଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ସଭାରେ ସାହିତ୍ୟିକ ପ୍ରଫେସର ଡ. ବିଜୟାନନ୍ଦ ସିଂହ ଏବଂ ନାଟ୍ୟକାର ପ୍ରଫେସର ଡ. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ଡ. ଟିକାୟତରାୟଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରଘୁନାଥ ମହାପାତ୍ର, ଡ. ଭଗବାନ ଜୟସିଂହ, ପଦ୍ମନାଭ ପଣ୍ଡା, ଦୁର୍ଗାମାଧବ ନନ୍ଦ, ଡ. କାର୍ତ୍ତିକ କୁମାର ଦାସ, ଅନାମ ମଲ୍ଲିକ, ଭୀମସେନ ମହାପାତ୍ର, ଗୌରାଙ୍ଗ ଚରଣ ପରିଡ଼ା, ଜାନକୀ ବଲ୍ଲଭ ଦାଶ, ପ୍ରଭାତ ଚନ୍ଦ୍ର ରଥ, ସୁରେନ୍ଦ୍ରନାଥ ମହାପାତ୍ର, ଡ. ହେମନ୍ତ କୁମାର ଛୋଟରାୟ, ବିଶ୍ୱପ୍ରକାଶ ପଟ୍ଟନାୟକ, କବିତା ମହାପାତ୍ର, ରବୀନ୍ଦ୍ରନାଥ ପଟ୍ଟନାୟକ, ସତ୍ୟନାରାୟଣ ମିଶ୍ର, ଇଂ. ମୀନକେତନ ମିଶ୍ର, ଆର୍ତ୍ତତ୍ରାଣ ମାନସିଂହ, ସୁରେଶ କୁମାର ପଟ୍ଟନାୟକ, ଦାମୋଦର ମହାନ୍ତି, ନାରାୟଣ ନନ୍ଦ, ସର୍ବାଣୀ ଦାସ, ପ୍ରବାସିନୀ ମିଶ୍ର, ଡ. ସୁରେନ୍ଦ୍ର କୁମାର ଜେନା, ଗୁଣ୍ଡିଚା ବରାଳ, ପୁଷ୍କର ମହାପାତ୍ର, ଆଶାଲତା ପ୍ରଧାନ, ପ୍ରାଣକୃଷ୍ଣ ମହାପାତ୍ର, ମହେନ୍ଦ୍ର ବିଶୋଇ, କାର୍ତ୍ତିକ ବେହେରା, ଦୁର୍ଗାବତୀ ପ୍ରଧାନ, ମନୋଜ ରଥ, ଧ୍ରୁବଚରଣ କରଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡ. ଟିକାୟତରାୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ପ୍ରାରମ୍ଭରେ ଓଡ଼ିଶା ସଙ୍ଗୀତ ପରିଷଦର କଳାକାରମାନେ ଗୁରୁ ବନ୍ଦନା ଗାନ କରିଥିଲେ। ଶେଷରେ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅନାମ ଚନ୍ଦ୍ର ସାହୁ, ବିପିନ ବିହାରୀ ଦଳାଇ, ଅଶୋକ ମହାନ୍ତି, କ୍ରିଷ୍ଣା ମହାପାତ୍ର, ଗୀତାଞ୍ଜଳି ପଣ୍ଡା ଏବଂ ପଙ୍କଜନଳିନୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଡ. କୈଳାସଚନ୍ଦ୍ର ଟିକାୟତରାୟଙ୍କୁ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜ୍ଞାପନ କରାଯାଉଛି ।

# ଆଧ୍ୟାତ୍ମିକ ଚିନ୍ତନର ସ୍ରଷ୍ଟା ଥିଲେ ଭକ୍ତ ବଳରାମ ଦାସ

ଗୋପ, ୯।୨(ଭାରତୀ ଭୂଷଣ ଉପାଧ୍ୟାୟ):




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

ଷୋଡ଼ଶ ଶତାବ୍ଦୀର ଭକ୍ତି ଆନ୍ଦୋଳନର ପଞ୍ଚସଖାଙ୍କ ବୟୋଜ୍ୟେଷ୍ଠ ମହାପୁରୁଷ ଭକ୍ତ ବଳରାମ ଦାସ ଆଧ୍ୟାତ୍ମିକ ଚିନ୍ତନର ସ୍ରଷ୍ଟା ଥିଲେ। ଶୁକ୍ରବାର ଭକ୍ତ ବଳରାମ ଦାସଙ୍କ ଜନ୍ମ ପୀଠ ଏରବଙ୍ଗ ସ୍ଥିତ ବଳରାମ ମନ୍ଦିରରେ ଏହି ମହାନ୍ କବିଙ୍କ ମହାପ୍ରୟାଣ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ସାହିତ୍ୟକ ସୁନିଲ୍ ରଥ ଯୋଗ ଦେଇ ଏହା କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି କମିଟି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ କବି ପୂନେଶ କୁମାର ସେନାପତି, ସ୍ମୃତି ସଂସଦ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସହିତ ଭକ୍ତ ବଳରାମ ଦାସଙ୍କ କିପରି ଭାବେ ଈଶ୍ୱରୀୟ ଭାବନା ସହିତ ସମାଜ ପରିବର୍ତ୍ତନ କ୍ଷେତ୍ରର ସାମଞ୍ଜସ୍ୟ ରହିଛି ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ ଯେ, ବଳରାମ ଦାସଙ୍କ ରଚିତ ଜଗମୋହନ ରାମାୟଣ, ଲକ୍ଷ୍ମୀ ପୁରାଣ ସହିତ ଅନେକ ଗ୍ରନ୍ଥ ଆଜି ଓଡ଼ିଆଙ୍କ ଘରେ ଘରେ ପରିଚିତ ହୋଇପାରିଥିବା ବେଳେ ଓଡ଼ିଆ ଘରର ମହିଳା ମାଣବସା ଗୁରୁବାର ଲକ୍ଷ୍ମୀ ପୁରାଣ କରି ସମାଜକୁ ଦିଗ୍‌ଦର୍ଶନ ଦେଉଛନ୍ତି। ସାରସ୍ୱତ କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନେ ବଳରାମ ଦାସଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ପରେ ସଂସଦର ସଭ୍ୟ ସ୍ୱର୍ଗତ ନବଘନ ବରାଳଙ୍କ ଲାଗି ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତି କମିଟି ସଭାପତି ପ୍ରଦୀପ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ, ସାହିତ୍ୟ ଏକାଡେମୀ ଉପଅଧିକାରୀ ସଞ୍ଜୟ କୁମାର ଛୁଆଳସିଂ ଅତିଥି ପରିଚୟ ପ୍ରଦାନ ଏବଂ ସଭ୍ୟ ନରେଶ ଚନ୍ଦ୍ର ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜଗନ୍ନାଥ ଗବେଷକ ଗୋପିନାଥ ମୁଦୁଲି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ଓ ଶେଷରେ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁଦୀପ୍ତ ସ୍ୱାଇଁ, ଭାଗୀରଥି ନାୟକ, ଗୋବିନ୍ଦ ଜେନା ପ୍ରମୁଖ ପରିଚାଳନା କରିଥିଲେ।

**ପଥର ଖାଦାନକୁ କାର୍ ଖସି ଶିଶୁ ମୃତ: ୪ ଗୁରୁତର**

ପିପିଲି,(ପ୍ରଭାତ କୁମାର ମହାପାତ୍ର): ପୁରୀ ଜିଲା ପିପିଲି ଥାନା ନିଜିଗଡ଼କୁରୁଖୀ ଗ୍ରାମ ନିକଟସ୍ଥ ଏକ ପଥର ଖାଦାନକୁ ଗୋଟିଏ କାର୍ ଖସିପଡ଼ିବାରୁ କ୍ରିତିକା ମଲ୍ଲିକ ନାମ୍ନୀ ଦେଢବର୍ଷ ଶିଶୁର ଜୀବନ ଯାଇଛି। ଏଥିସହ ଚାଳକଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ନିଜିଗଡ଼କୁରୁଖୀ ଗ୍ରାମର ବବୁଲ ମଲ୍ଲିକ ୪ଜଣ ପିଲାଙ୍କୁ କାର୍‌ରେ ବସାଇ ଖାଦାନ ରାସ୍ତା ଦେଇ ବୁଲିବାକୁ ଯାଉଥିଲେ। ଗାଡ଼ିଟି ଭାରସାମ୍ୟ ହରାଇ ଖାଦାନ ଭିତରକୁ ଖସିପଡ଼ି ବୁଡ଼ିଯାଇଥିଲା। ଲୋକେ କାର୍ କାଚ ଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଭୁବନେଶ୍ୱର ପଠାଇଥିଲେ।

## ସଂକ୍ଷେପରେ

### ଜଳିଗଲା ୪ ବଖରା ଘର



ଭୁବନେଶ୍ୱର,୯।୨(ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅନ୍ତର୍ଗତ ମମତାଜ ଅଲ୍ଲୀ ହାଇସ୍କୁଲ ନିକଟରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ସୁକାନ୍ତ ଦାସଙ୍କ ୪ ବଖରା ଚାଳ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ଘର ଭିତରେ ଥିବା ସୁନା ଅଳଙ୍କାର, ନଗଦ ଟଙ୍କା, ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ତେବେ ପରିବାର ଲୋକେ ଘରେ ନ ଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରପାଇ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିଲେ ମଧ୍ୟ ବିଦ୍ୟୁତ୍ ଶର୍ଟସର୍କିଟକୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ସୁକାନ୍ତ ଝିଅ ବାହାଘର ପାଇଁ ରଖିଥିବା ଟଙ୍କା ଓ ସୁନା ଅଳଙ୍କାର ପୋଡ଼ିଯାଇଥିବାରୁ ସେ ଦୁଃଖରେ ଭାଙ୍ଗିପଡିଛନ୍ତି। ସୂଚନାନୁସାରେ, ଏକ କୋଠା ଘରକୁ ଲାଗି ସୁକାନ୍ତ ୪ବଖରା ଚାଳ ବା ଝୁମ୍ପୁଡ଼ି ଘର କରିଥିଲେ। ଗୋଟିଏ ଘରେ ନିଜେ ରହିବା ସହ ଅନ୍ୟ ୩ଟି ଘର ଭଡାରେ ଲଗାଇଥିଲେ। ଶୁକ୍ରବାର ସକାଳରେ ସମସ୍ତେ ନିଜ କାମରେ ବାହାରୁ ଚାଲିଯାଇଥିଲେ। ପୂର୍ବାହ୍ନରେ ଘର ଭିତରୁ ପ୍ରଥମେ ଧୂଆଁ ବାହାରିଥିଲା। ପରେ ଘରଗୁଡିକ ହୁତୁହୁତୁ ହୋଇ ଜଳିଉଠିଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ।

### ଧାର ଟଙ୍କା ମାଗିବାରୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୯।୨(ସୂର୍ଯ୍ୟକାନ୍ତ ବେହେରା)

ଧାର ଟଙ୍କା ମାଗିବାରୁ ଜଣେ ବ୍ୟକ୍ତିଙ୍କୁ ପଥରରେ ଆକ୍ରମଣ କରିବା ସହ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବିନୟ ଦାଶ ଓରଫ କୁଲୁ। ସୂଚନାନୁସାରେ ଅଭିଯୋଗକାରୀ, ବିଷ୍ଣୁ କଲ୍ୟାଣ ମହାନ୍ତିଙ୍କଠାରୁ ଅଭିଯୁକ୍ତଙ୍କ ବାପା ଗତ କିଛିଦିନ ପୂର୍ବେ ୨ ଲକ୍ଷ ୩୦ ହଜାର ଟଙ୍କା ଧାର ସୂତ୍ରରେ ନେଇଥିଲେ। ଟଙ୍କା ଦରକାର ପଡିବାରୁ ବିଷ୍ଣୁ ଅଭିଯୁକ୍ତଙ୍କ ବାପାଙ୍କୁ ଧାର ଟଙ୍କା ଫେରାଇବାକୁ କହିଥିଲେ। ହେଲେ ନ ଫେରାଇବାରୁ ବିଷ୍ଣୁ ଅଭିଯୁକ୍ତଙ୍କ ଦୋକାନକୁ ଯାଇ ତାଙ୍କ ବାପା ନେଇଥିବା ଧାର ଟଙ୍କା ଫେରାଇବାକୁ କହିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଓ ତାଙ୍କର ଜଣେ ସହଯୋଗୀ ବିଷ୍ଣୁ ଏବଂ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ପଥରରେ ବିଷ୍ଣୁଙ୍କୁ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ହୋର୍ଡିଂ ସର୍ଭେ ରିପୋର୍ଟରେ ବ୍ୟାପକ ତ୍ରୁଟି

ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ସହରସାରା ବେଆଇନ ହୋର୍ଡିଂ ଛାଇ ହୋଇଯାଇଛି। କମ୍ପାନୀ, ଘରୋଇ ଅନୁଷ୍ଠାନ ସହ ରାଜନୈତିକ ଓ ଶୁଭେଚ୍ଛା ହୋର୍ଡିଂରେ ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ଭର୍ତ୍ତି ହୋଇରହିଛି। ଏହାଦ୍ୱାରା ସ୍ମାର୍ଟସିଟିର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ବିପୁଳ ରାଜସ୍ୱ ହରାଉଛି। ହେଲେ ବିଏମ୍‌ସି ଏହା ଉପରେ ପଦକ୍ଷେପ ନେବା ପରିବର୍ତ୍ତେ କେଉଁଠି କାନ୍ଥବାଡ଼ରେ ଛୋଟମୋଟ ପୋଷ୍ଟର ଲାଗିଲେ, ପାଚେରି, ଗଛ ଆଦିରେ ବିଜ୍ଞାପନ ଝୁଲିଲେ ଜରିମାନା ଆଦାୟ କରୁଛି। ବଡ଼ବଡ଼ିଆଙ୍କୁ ଛାଡି ବିଏମ୍‌ସି ଛୋଟମୋଟ ସଂସ୍ଥା ବା ଲୋକଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ଉଠୁଛି। ଆଡ୍‌ଭାର୍ଟାଇଜମେଣ୍ଟ ରେଗୁଲେସନ ୨୦୦୬ ଅନୁଯାୟୀ, ବିଏମସି ଅଞ୍ଚଳରେ କେବଳ ପଞ୍ଜିକୃତ ସଂସ୍ଥା ବିଜ୍ଞାପନ ହୋର୍ଡିଂ ମାରି ପାରିବ। ଉପଯୁକ୍ତ ଟ୍ରେଡ୍ ଲାଇସେନ୍ସ ପାଇବା ପରେ ବିଏମ୍‌ସି ସେମାନଙ୍କୁ ହୋର୍ଡିଂ ଲଗାଇବାକୁ ସ୍ୱିକୃତୀ ଦେବ। ମାତ୍ର ଅନେକ ସଂସ୍ଥା ଏହି ନିୟମକୁ ଫୁଁ କରି ମନଇଚ୍ଛା ହୋର୍ଡିଂ ଲଗାଉଥିବାବେଳେ ବିଏମ୍‌ସିର କୋଟିକୋଟି ଟଙ୍କା ରାଜସ୍ୱ ହାନି ହେଉଛି।

**ବିଏମ୍‌ସିର ବେଆଇନ ହୋର୍ଡିଂ ଚିହ୍ନଟ ଉଦ୍ୟମ ଫେଲ୍**

■ ୭ମାସ ତଳର ବିଜ୍ଞାପନ ଚିହ୍ନି ପାରୁନାହାନ୍ତି ଏଜେନ୍ସି

ଅପରପକ୍ଷେ ସହରରେ କେତେ ବେଆଇନ୍ ହୋର୍ଡିଂ ମାରୁଥିବା ସଂସ୍ଥା ବା ବ୍ୟକ୍ତିବିଶେଷ ଅଛନ୍ତି ତାଙ୍କୁ ଚିହ୍ନଟ କରିବାରେ ବିଏମସି ପକ୍ଷରୁ କରାଯାଇଥିବା ଯାଞ୍ଚ ପ୍ରକ୍ରିୟା ଏକ ପ୍ରକାର ଫେଲ୍ ମାରିଛି। ମାସମାସ ଧରି ସର୍ଭେ କରିବା ପରେ ଯେଉଁ ରିପୋର୍ଟ ବିଏମ୍‌ସିକୁ ଦିଆଯାଇଛି, ସେଥିରେ ବ୍ୟାପକ ତ୍ରୁଟି ରହିଥିବା ଜଣାପଡିଛି। ରିପୋର୍ଟରେ ରହିଥିବା ୭ମାସ ତଳର ହୋର୍ଡିଂକୁ କେବଳ ବିଏମ୍‌ସି ନୁହେଁ, ଖୋଦ୍ ଏଜେନ୍ସି ମଧ୍ୟ ଚିହ୍ନିବା କଷ୍ଟକର ହୋଇପଡିଛି। ଏପରିସ୍ଥିତିରେ ସହରରୁ ବେଆଇନ ହୋର୍ଡିଂ ଚିହ୍ନଟ କରିବା ଏବଂ ଏହାକୁ ହଟାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରାୟ ୪୦ଟି ବିଜ୍ଞାପନ ସଂସ୍ଥା ବିଏମ୍‌ସିରେ ପଞ୍ଜୀକରଣ କରିଛନ୍ତି। ମାତ୍ର ଅନେକ ସଂସ୍ଥା ସହରରେ ବିଜ୍ଞାପନ ମାରୁଥିବାବେଳେ ବିଭିନ୍ନ ଅନୁଷ୍ଠାନ, ଘରୋଇ ସଂସ୍ଥା, ବ୍ୟକ୍ତିବିଶେଷ ବ୍ୟକ୍ତିଗତ ଭାବେ ହୋର୍ଡିଂ ଲଗାଉଛନ୍ତି। ଏମାନଙ୍କୁ ଚିହ୍ନଟ କରିବା ପାଇଁ ଏକ ଘରୋଇ ସଂସ୍ଥା 'ସାଇବର ସ୍ୱିଫ୍ଟ'କୁ ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥା ୨୦୨୩ ଜୁନ୍‌ରେ ସହରର ୧୧୬୯ଟି ସ୍ଥାନରେ ସର୍ଭେ କରି ସେପ୍ଟେମ୍ବରରେ ରିପୋର୍ଟ ଦେଇଥିଲା। ସର୍ଭେ ରିପୋର୍ଟକୁ ଆଧାର କରି ବିଏମ୍‌ସି ନଭେମ୍ବର ୨୧ରେ ଏକ ବିଜ୍ଞପ୍ତି ଜାରି କରିଥିଲା। ଏଥିରେ ଭୁବନେଶ୍ୱରର ୩ଜୋନରେ ଥିବା ହୋର୍ଡିଂ ବିବରଣୀ ରହିଥିଲା। ଯଦି କୌଣସି ହୋର୍ଡିଂ ତାଙ୍କର ନୁହେଁ ଏବଂ ଭୁଲ ବଶତଃ ତାଙ୍କ ସଂସ୍ଥା ନାମରେ ପଞ୍ଜିକୃତ ହୋଇଛି କିମ୍ବା ହୋର୍ଡିଂ ତାଙ୍କ ସଂସ୍ଥାର ହୋଇ ମଧ୍ୟ ତାଙ୍କ ନାମରେ ପଞ୍ଜିକୃତ ହୋଇନାହିଁ ସେ ନେଇ ବ୍ୟକ୍ତିବିଶେଷ ଡିସେମ୍ବର ୬ ସୁଦ୍ଧା ନିଜର ଘୋଷଣା ପତ୍ର ତଥା ପ୍ରତିବାଦ ପତ୍ର ବିଏମ୍‌ସି ପଠାଇବେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଯେଉଁ ମାଲିକମାନେ ବିଏମସିକୁ ଯୋଗାଯୋଗ କରିବେନି ତାଙ୍କ ହୋର୍ଡିଂକୁ ବେଆଇନ ଦର୍ଶାଇ ବିଏମସି ଉଚ୍ଛେଦ କରିବ ବୋଲି ସୂଚନା ଦିଆଯାଇଥିଲା। ତେବେ ଜାନୁଆରୀ ୬ ପର୍ଯ୍ୟନ୍ତ ମାତ୍ର ୮/୧୦ଜଣ ବ୍ୟକ୍ତି ବିଜ୍ଞାପନ ନେଇ ଘୋଷଣାପତ୍ର ପଠାଇଥିଲେ। ପରେ ଏହାକୁ ଫେବୃଆରୀ ୬ ପର୍ଯ୍ୟନ୍ତ ଘୁଞ୍ଚା ଯାଇଥିଲା। ଇତି ମଧ୍ୟରେ ମୋଟ୍ ୧୮/୨୦ଜଣ ବ୍ୟକ୍ତି ହିଁ ଘୋଷଣା ପତ୍ର କିମ୍ବା ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଅପରପକ୍ଷେ ସର୍ଭେ ରିପୋର୍ଟକୁ ନେଇ ଅଭିଯୋଗ ପରେ ଅଭିଯୋଗ ହସ୍ତଗତ ହେଉଛି। ସର୍ଭେ ହୋଇଥିବା ହୋର୍ଡିଂ ମଧ୍ୟରୁ କେତେକରେ ଏଜେନ୍ସିର ନାମ ଥିବାବେଳେ ଅଧିକାଂଶରେ ଏଜେନ୍ସି ନାଁ ନଥିଲା। ହୋର୍ଡିଂର ଲୋକେସନ୍, ସାଇଜ୍, ଲଙ୍ଗିଟ୍ୟୁଡ୍ ଲାଟିଚ୍ୟୁଡ୍ ଦେଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ସେହିପରି ସର୍ଭେ କରିଥିବା ସଂସ୍ଥା ହୋର୍ଡିଂର ପୁରା ଡିସ୍‌ପ୍ଲେର ସାଇଜକୁ ନ ମାପି ଫ୍ରେମ୍‌ର ସାଇଜ୍‌କୁ ସର୍ଭେରେ ସ୍ଥାନ ଦେଇଥିବାରୁ ହୋର୍ଡିଂ ସାଇଜ୍‌ରେ ତ୍ରୁଟି ପାଇଁ ଏଜେନ୍ସି ତାହାକୁ ଚିହ୍ନଟ କରିବାରେ ସମସ୍ୟା ଦେଖା ଦେଇଥିଲା। ପରେ ଏହାକୁ ସଂଶୋଧନ କରାଯାଇଥିଲେ ମଧ୍ୟ ନୂତନ ତ୍ରୁଟି ସାମ୍ନାକୁ ଆସିଛି। ଘୋଷଣାପତ୍ର ପଠାଇଥିବା ସଂସ୍ଥାଙ୍କ ମଧ୍ୟରୁ ଅନେକ ଅଭିଯୋଗ କରିଛନ୍ତି ଯେ, ସଂସ୍ଥା ଲଗାଇଥିବା ହୋର୍ଡିଂର ସଂଖ୍ୟା ଠାରୁ ସର୍ଭେ ରିପୋର୍ଟରେ ଅଧିକ ସଂଖ୍ୟା ଉଲ୍ଲେଖ ରହିଛି। ଅପରପକ୍ଷେ ସର୍ଭେ କରିଥିବା ସଂସ୍ଥା ହୋର୍ଡିଂର ଫଟୋ ନେଇଥିଲେ ମଧ୍ୟ ତାହା ୭ମାସରୁ ଅଧିକ ସମୟ ହୋଇଗଲାଣି। ତେଣୁ ସମ୍ପୃକ୍ତ ସ୍ଥାନରେ ଏବେ ବି ସେହି ବିଜ୍ଞାପନ ଥିବ ବୋଲି ଆଶା କରିବା ବୃଥା। ଏଭଳି ସ୍ଥିତିରେ ଏଜେନ୍ସି କିପରି ନିଜର ହୋର୍ଡିଂ ଚିହ୍ନଟ କରିବ ତାକୁ ନେଇ ମଧ୍ୟ ଦ୍ୱନ୍ଦ ସୃଷ୍ଟି ହୋଇଛି। ସେହିପରି ସମ୍ପୃକ୍ତ ସଂସ୍ଥା ସର୍ଭେ ସହିତ ଏକ ସ୍ୱତନ୍ତ୍ର ୱେବସାଇଟ୍ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ମାତ୍ର ଏଯାବତ୍ ତାହା ପ୍ରସ୍ତୁତ ହୋଇପାରି ନାହିଁ। ବିଭିନ୍ନ ଅଭିଯୋଗ ଆସୁଥିଲେ ମଧ୍ୟ ସଂସ୍ଥାର ଦାୟିତ୍ୱହୀନତାକୁ ବିଏମ୍‌ସି ସହଜରେ ଗ୍ରହଣ କରିପାରୁ ନାହିଁ। ତେବେ ଯେଉଁମାନେ ଘୋଷଣାପତ୍ର ଦେଇଛନ୍ତି ସେହି ଅନୁଯାୟୀ ତାଙ୍କ ପାଖକୁ ଟିକସ ପଇଠ ନେଇ ଡିମାଣ୍ଡ ନୋଟିସ୍ ପଠାଯିବ। ଏବଂ ବାକି ହୋର୍ଡିଂକୁ ଉଚ୍ଛେଦ କରାଯିବା ନେଇ ବିଏମସି ସଜବାଜ ହେଉଥିବା ସୂଚନା ମିଳିଛି।



### ଖସିଗଲେ ଗ୍ୟାଙ୍ଗ୍ ମୁଖ୍ୟ, ଧରାପଡିଲେ ୨ ଲୁଟେରା

**ବିଭିନ୍ନ ଥାନାରେ ୧୮ ମାମଲା**

ଭୁବନେଶ୍ୱର,୯।୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଲୁଟ୍‌ପାଟ୍ କରି ଆତଙ୍କ ଖେଳାଇଥିବା ଏକ ଗ୍ୟାଙ୍ଗର ଦୁଇଜଣଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ୟୁନିଟ୍-୬ ହରିଜନ ବସ୍ତିରେ ରହୁଥିବା ନୟାଗଡ ଜିଲା ଖଣ୍ଡପଡା ଥାନାଞ୍ଚଳର ଚନ୍ଦନ ନାୟକ (୨୪) ଓ ଫତେଗଡ ଥାନାଞ୍ଚଳର ଦିଲୀପ ନାୟକ (୨୬)। ତେବେ ଚଢ଼ାଉ ବେଳେ ଗ୍ୟାଙ୍ଗର ମୁଖ୍ୟ ପୋଲିସ କବଳରୁ ଖସି ପଳାଇଥିବାବେଳେ ଗିରଫ ଅଭିଯୁକ୍ତଙ୍କଠାରୁ ଦୁଇଟି ମୋବାଇଲ, ଗୋଟିଏ ବାଇକ, ଏଟିଏମ୍, ପାନ୍ କାର୍ଡ ଆଦି ଥିବା ଭ୍ୟାନିଟି ଜବତ ହୋଇଛି। ଉଭୟଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଗ୍ୟାଙ୍ଗ୍ ମୁଖ୍ୟଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ଜୋନ୍ ଏସିପି ଶୁଭନାରାୟଣ ମୁଦୁଲି ଡ)ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଉକ୍ତ ଗ୍ୟାଙ୍ଗ୍ ସଦସ୍ୟଙ୍କ ଦ୍ୱାରା ଲୁଟ୍‌ର ଶିକାର ହୋଇଥିଲେ ଲୋକସେବା ଭବନରେ ଅଡିଟର ଭାବେ କାର୍ଯ୍ୟରତ ବଲାଙ୍ଗୀରର ବନ୍ଦନା ପ୍ରିୟଦର୍ଶିନୀ ହନୁମାନ। ସେ ଫେବୃଆରୀ ୩ ସନ୍ଧ୍ୟାରେ ତାଙ୍କ ସାଙ୍ଗଙ୍କ ସହ ମାଷ୍ଟରକ୍ୟାଣ୍ଟିନ୍‌ରୁ ପିଏମ୍‌ଜି ଛକ ଆଡକୁ ଯାଉଥିବାବେଳେ ଏହି ଘଟଣା ଘଟିଥିଲା। ଗିରଫ ଅଭିଯୁକ୍ତଙ୍କ ନାମରେ ୧୮ଟି ମାମଲା ରହିଛି। ପୂର୍ବରୁ ମଧ୍ୟ ଚନ୍ଦନ ଓ ଦିଲୀପ ଜେଲ୍ ଯାଇଛନ୍ତି।




ଶାନ୍ତିସ୍ତୂପ ପାଦଦେଶରେ 'ଧଉଳି-କଳିଙ୍ଗ ମହୋତ୍ସବ'ର ଉଦ୍‌ଘାଟନ ଅବସରରେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ସହ ଅନ୍ୟ ଅତିଥିମାନେ।

# ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୯।୨(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ପାଦଦେଶରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ ଏବଂ ଆର୍ଟ ଭିଜନ ଦ୍ୱାରା ୨୦ତମ ଧଉଳି-କଳିଙ୍ଗ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ରୂପକ କୁମାର ପରିଡ଼ା ସଙ୍ଗୀତ ପରିବେଷଣ କରିଥିଲେ। ଚପ୍ ତିଲକ୍ ସବ୍ ଚିନି, ମୋହେ ଆପ୍‌ନେ ହି ରଙ୍ଗ୍ ମେ, ମୌଲା ତେରା ନୂର, ଦମ୍ ଦମା ଦମ୍ ମସ୍ତ କଲନ୍ଦର, ରସ୍‌କେ କମର ଆଦି ସଙ୍ଗୀତ ଗାନ କରିଥିଲେ। ତାଙ୍କୁ ବିକଶିତ ସାହୁ, ତବଲାରେ ନିକୁଞ୍ଜ ବିହାରୀ ସାମଲ, ଢୋଲକରେ ଦ୍ୱିତୀକ୍ରୀଷା ପଣ୍ଡା, ବେହେଲାରେ ସୁରେଶ ପାତ୍ର, କିବୋର୍ଡ଼ ଚନ୍ଦ୍ରକାନ୍ତ ତ୍ରିପାଠୀ ଓ ବଂଶୀରେ ସୌମ୍ୟରଞ୍ଜନ ଯୋଶୀ ସହଯୋଗ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏବଂ ବର୍ତ୍ତମାନ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ୩୦୦୦ ବର୍ଷର ଇତିହାସ, ଐତିହ୍ୟ, ପରମ୍ପରା, କଳା, ହସ୍ତଶିଳ୍ପ, ଭାଷା, ସାହିତ୍ୟ ଓ ଜୀବନଶୈଳୀକୁ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ। କେଦାର ମିଶ୍ର ନୃତ୍ୟର ସଂଳାପ ପ୍ରସ୍ତୁତ କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ ଓ ଅଗ୍ନିମିତ୍ର ବେହେରା। ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ ଓ ଅଜୟ କୁମାର ଚୌଧୁରୀ। ନୃତ୍ୟ ସଂରଚନା କରିଥିଲେ ଗୁରୁ ଡ. ଅରୁଣା ମହାନ୍ତି। ଅତିଥିଭାବେ ସାହିତ୍ୟିକ ଦେବୀପ୍ରସନ୍ନ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆୟୁକ୍ତ ସୁଜାତା ରାଉତ କାର୍ତ୍ତିକେୟନ, ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ମେୟର ସୁଲୋଚନା ଦାସ, ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସଚିବ ଗୁରୁ ଡ. ଅରୁଣା ମହାନ୍ତି ଯୋଗଦେଇଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡେମୀ ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନର ସଚିବ ଇଲିୟାନା ଚିତାରିସ୍ତି କାର୍ଯ୍ୟକ୍ରମ ପରିଚାଳନା, ଡ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ ସଞ୍ଚାଳନ କରିଥିଲେ।



### କ୍ୟାବିନ ଭିତରେ ଗଞ୍ଜେଇ ବେପାର, ଜଣେ ଗିରଫ

ଭୁବନେଶ୍ୱର,୯।୨(ସୂର୍ଯ୍ୟକାନ୍ତ ବେହେରା)

କ୍ୟାବିନ ଭିତରେ ବେଆଇନ ଭାବେ ଗଞ୍ଜେଇ ଗଚ୍ଛିତ ରଖି ବିକ୍ରି କରିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ଜଣେ ନିଶାବେପାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସଂକର୍ଷଣ ପାଇକରାୟ। ତାଙ୍କଠାରୁ ୧.୧୭ କେଜି ଗଞ୍ଜେଇ ଜବତ ହୋଇଛି। ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଏସ୍‌ବିଆଇ ପକ୍ଷରୁ ଭିନ୍ନକ୍ଷମ ବିଦ୍ୟାଳୟକୁ ଭ୍ୟାନ୍ ପ୍ରଦାନ




ଭୁବନେଶ୍ୱର,୯।୨

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍ପିଙ୍ଗ ଡିଜାବଲ୍ଡ ନାମକ ଏକ ଭିନ୍ନକ୍ଷମ ସ୍କୁଲକୁ ଭ୍ୟାନ୍ (ମିନିବସ) ଦିଆଯାଇଛି। ଏସ୍‌ବିଆଇର କର୍ପୋରେଟେ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଏହି ସହାୟତା ପ୍ରଦାନ କରାଯାଇଛି। ଉକ୍ତ ସ୍କୁଲରେ ୭୫ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ସ୍ୱତନ୍ତ୍ର ଶିକ୍ଷା ଓ ଚିକିତ୍ସା ଲାଭ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପ୍ରାଙ୍ଗଣଠାରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀ (ପରୁଥୀ) ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍ପିଙ୍ଗ ଡିଜାବଲ୍ଡ ସ୍କୁଲର ସଭାପତି ଡ. ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ ଉକ୍ତ ଭ୍ୟାନ୍‌ର ଚାବି ହସ୍ତାନ୍ତର କରିଥିଲେ। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ପୋନ୍ନମବଲମ ମୁରୁଗାନ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଭାଗୀରଥି ପଣ୍ଡା ଏସ୍‌ବିଆଇର ଏହି ବଦାନ୍ୟତା ପାଇଁ ସେ ଉପସ୍ଥିତ ଅଧିକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଓଃ ମାଇଁ ଡିୟର, ୟୁ ଆର୍ ମାଇଁ ଟେଡି ବିୟର...



ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)

ଓଃ ମାଇଁ ଡିୟର, ୟୁ ଆର୍ ମାଇଁ ଟେଡି ବିୟର...। ଏଭଳି କିଛି ମିଠାମିଠା ପ୍ରେମଭରା କଥା କହି ପ୍ରେମିକାର ମନ ଜିତିବା ସହ ତାକୁ ଟେଡ଼ି ବିୟର ଉପହାର ଦେବାକୁ ପୂରା ସଜବାଜ ହୋଇ ରହିଛନ୍ତି ପ୍ରେମିକମାନେ। ପ୍ରେମ ସପ୍ତାହର ଚତୁର୍ଥ ଦିନ ଅର୍ଥାତ୍ ଫେବୃଆରୀ ୧୦କୁ ଟେଡି ଡେ' ଭାବେ ପାଳନ କରିଥାନ୍ତି ପ୍ରେମୀଯୁଗଳ। ତେବେ ରୋଜ୍ ଡେ', ପ୍ରପୋଜ୍ ଡେ', ଚକୋଲେଟ୍ ଡେ' ଅପେକ୍ଷା ପ୍ରେମିକାମାନେ ଟେଡି ଡେ'କୁ ବେଶି ଅପେକ୍ଷା କରି ରହିଥାନ୍ତି। କାରଣ ପ୍ରେମିକ ଦେଇଥିବା ଲାଲ୍ ଗୋଲାପ ଦିନେ ଦୁଇଦିନ ପରେ ଶୁଖିଯିବ, ଚକୋଲେଟ୍ ମଧ୍ୟ ଖାଇବା ପରେ ସରିଯିବ। ମାତ୍ର ପ୍ରେମ ସପ୍ତାହରେ ଚାଲୁଥିବା ଏହି ଗିଫ୍ଟ ଦିଆନିଆ ପର୍ବରେ ଟେଡି ହିଁ ଏମିତି ଏକ ଉପହାର ଯାହା ଦୀର୍ଘ ସମୟ ଧରି ରହିଥାଏ। ଏହି ଉପହାର ସର୍ବଦା ପ୍ରେମିକର ଉପସ୍ଥିତିକୁ ଜାହିର କରିଥାଏ। ସେଥିପାଇଁ ପ୍ରେମିକାଙ୍କ ମନ ପସନ୍ଦର ଟେଡି କିଣିବାକୁ ବଜାରରେ ଏକ ପ୍ରକାର ଭିଡ଼ ଲାଗିରହେ। ତେଣୁ ଦୋକାନୀମାନେ ମଧ୍ୟ ଭଳିକି ଭଳି ଷ୍ଟାଇଲିସ୍ ଟେଡିର ପସରା ଧରି ବସିଥିବାବେଳେ ସବୁ ଗିଫ୍ଟ ସପ୍, ବିଭିନ୍ନ ମଲ୍, ମାର୍କେଟ ବିଲ୍ଡିଂ ଆଦିରେ ବିଭିନ୍ନ ପ୍ରକାର ଟେଡି ସଜେଇ ହୋଇ ରହିଛି।

### ଡିମାଣ୍ଡରେ ହାର୍ଟ ସେପ୍, ପାଣ୍ଡା ଟେଡି

ହୃଦୟ ଆକୃତିର ଟେଡି ଓ ପିଲୋକୁ କିଣିବାକୁ ପ୍ରେମିକମାନେ ଅଧିକ ପସନ୍ଦ କରିଥିଲେ। ଲାଲ୍ ଗୋଲାପୀ ରଙ୍ଗର ପିଲୋର ଦାମ୍ ୨ଶହ ଟଙ୍କାରୁ ଆରମ୍ଭ ହୋଇ ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିଲା। ସେହପିରି ପାଣ୍ଡା ଟେଡିର ମଧ୍ୟ ଡିମାଣ୍ଡ ରହିଥିବା ଦେଖାଯାଇଥିଲା। କପଲ୍ ଟେଡି, କିସିଂ କପଲ ଟେଡି, ହଗ୍ କପଲ୍ ଟେଡି ଆଦି କିଣିବାକୁ ପ୍ରେମୀମାନେ ଆଗ୍ରହ ଦେଖାଇଥିଲେ। ଏହାର ଦର ୪୫୦ଟଙ୍କାରୁ ଆରମ୍ଭ ହୋଇ ୨୫ଶହ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଅନ୍‌ଲାଇନ୍‌ରେ ଆଗୁଆ ମନପସନ୍ଦର ଟେଡି ଅର୍ଡର କରିଥିଲେ।

# ରୋମାଣ୍ଟିକ୍ ଗୀତରେ ଝୁମାଇଲେ ଜୁବିନ୍





ଭୁବନେଶ୍ୱର,୯।୨(ଶର୍ମିଷ୍ଠା ପାଣିଗ୍ରାହୀ)

**ସରିଲା ୭ଦିନିଆ ଏକାମ୍ର ଉତ୍ସବ**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଚାଲିଥିବା ୭ଦିନିଆ ଏକାମ୍ର ଉତ୍ସବ ଶୁକ୍ରବାର ଶେଷ ହୋଇଛି। ପ୍ରଦର୍ଶନୀ ପଡିଆରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମ 'ସଙ୍ଗୀତର ମୂର୍ଚ୍ଛନା'ରେ ଶେଷ ଆକର୍ଷଣ ପାଲଟିଥିଲେ ବଲିଉଡ୍ କଣ୍ଠଶିଳ୍ପି ଜୁବିନ୍ ନୌଟିୟାଲ୍। ତୁମ୍ ହି ଆନା..ଗୀତରୁ ଜୁବିନ୍ ତାଙ୍କ ପ୍ରଦର୍ଶନ ଆରମ୍ଭ କରିଥିଲେ। ପରେ ପରେ ତୁଝ୍‌ସେ ହି ଜାଦୁ ହି ଜାଦି ଲାଗେ ଜିନ୍ଦେଗୀ..., ଗଜବ କା ହେ ଦିନ.., ପେହେଲା ନଶା.., ଏକ ମୁଲାକାତ୍ ହୋ.., ହମ୍‌ନଭା ମେରେ.., ଚଲୋ ଲେ ଚଲେ ତୁମ୍‌ହେ ତାରୋ କେ ସେହେର ମେଁ.., କିନା ଶୋଣା...ଭଳି ରୋମାଣ୍ଟିକ ହିନ୍ଦୀ ଗୀତ ଗାଇ ସନ୍ଧ୍ୟାକୁ ରଙ୍ଗୀନ କରିଥିଲେ। ତାଙ୍କର ସେ ରୋମାଣ୍ଟିକ୍ ଗୀତରେ ଶ୍ରୋତା ଝୁମି ଉଠିଥିଲେ। ପୁରୀ ପରିକ୍ରମା ପ୍ରକଳ୍ପ ସମୟରେ ସେ ଗାଇଥିବା ଗୀତ 'ତୁମେ ଚାହିଁଲ ବୋଲି ଚକାଆଖି' ଗୀତକୁ ମଧ୍ୟ ସେ ଏଠାରେ ଗାଇଥିଲେ। ତାଙ୍କ ସହ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ମଧ୍ୟ ତାଙ୍କ ସହ ଗୀତକୁ ବୋଲିଥିଲେ। ସନ୍ଧ୍ୟାର ଆରମ୍ଭରେ ଓଲିଉଡ କଣ୍ଠଶିଳ୍ପି ଦୀପ୍ତିରେଖା ପାଢୀ, ଆଶୁତୋଷ ଗୀତ ପରିବେଷଣ କରିଥିଲେ।

**ହିନ୍ଦୀରେ ରିଲିଜ ହେବ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଗୀତ**

ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମୟରେ ବଲିଉଡ୍ କଣ୍ଠଶିଳ୍ପୀ ଜୁବିନ୍ 'ତୁମେ ଚାହିଁଲ ବୋଲି ଚକା ଆଖି' ଗୀତ ଗାଇଥିଲେ। ଏକାମ୍ର ଉତ୍ସବ ସନ୍ଧ୍ୟାରେ ସେ ମଞ୍ଚ ଉପରେ ସମସ୍ତଙ୍କୁ ଖୁସି କଲାଭଳି ଏକ ଘୋଷଣା କରିଥିଲେ। ସେ କହିଥିଲେ, ପୁରୀର ପରିକ୍ରମା ପ୍ରକଳ୍ପ ଗୀତକୁ ସେ ହିନ୍ଦୀରେ ରିଲିଜ କରିବେ। ଏହାଦ୍ୱାରା ଜଗନ୍ନାଥଙ୍କ ଏହି ସୁନ୍ଦର ଗୀତ ଜାତୀୟ ସ୍ତରରେ ପହଞ୍ଚିପାରିବ। ଏ ନେଇ କାମ ମଧ୍ୟ ଆରମ୍ଭ ହୋଇଯାଇଥିବା ସେ ସୂଚନା ଦେଇଥିଲେ, ଯାହା ଜଗନ୍ନାଥ ପ୍ରେମୀଙ୍କୁ ଭାବବିହ୍ୱଳିତ କରିଦେଇଥିଲା।



## ସଂକ୍ଷେପରେ

### ବିଜୟ ପାଲ୍‌ଟାସିଂହ ହେଲେ ଦିଗପହଣ୍ଡି ପର୍ଯ୍ୟବେକ୍ଷକ

**ଟାଙ୍ଗୀ/ନିରାକାରପୁର,୯।୨(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ୧୨ ନମ୍ବର ଜୋନ୍‌ର ଜିଲା ପରିଷଦ ସଦସ୍ୟ ବିଜୟ କୁମାର ପାଲ୍‌ଟାସିଂହ ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି।ଏ ନେଇ ସେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ, ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜୟ ସ୍ଥାନୀୟ କ୍ଷେତ୍ରବାସୀ ମହାବିଦ୍ୟାଳୟର ଛାତ୍ର ସଂସଦର ଉପସଭାପତି/ସଭାପତି ଭାବେ ନିର୍ବାଚିତ ହୋଇ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ରାଜନୀତିରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଛାତ୍ର ଜନତା ଦଳର ଟାଙ୍ଗୀ ବ୍ଲକ ସଭାପତି, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ, ପରେ ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ କନ୍ଧମାଳ, ଦେବଗଡ଼ ଆଦି ଜିଲାରେ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ଖୋର୍ଦ୍ଧା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

### ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସଚେତନତା ଶିବିର

**ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଶିଶୁଙ୍କୁ ଡ୍ରଗ୍ସ ଓ ନିଶା ସେବନଠାରୁ ଦୂରରେ ରଖିବା ଏବଂ ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ସଚେତନତା ଶିବିର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ଉଦ୍‌ଘାଟନ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣକୁ କିପରି ରୋକାଯାଇପାରିବ ତାହା ଉପରେ କହିଥିଲେ। ପୋଷ୍ୟ ସନ୍ତାନ ପାଇଁ କାରା ପୋର୍ଟାଲ ବ୍ୟବହାର ଆବଶ୍ୟକ। ମାନସିକ ରୋଗ ବିଶେଷଜ୍ଞ ଡା. ଜ୍ୟୋତି ସାହୁ ଶିଶୁମାନେ ଡ୍ରଗ୍ସ ଓ ନିଶା ସେବନ କରିବା ଦ୍ୱାରା ତାହା ଶରୀର ଏବଂ ମାନସିକ ସ୍ତରରେ କିପରି ପ୍ରଭାବ ପକାଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ମଙ୍ଗଳ ଅଧକ୍ଷା ରଞ୍ଜିତା ପଣ୍ଡା, ଅତିରିକ୍ତ ଶିଶୁ ମଙ୍ଗଳ ଅଧକ୍ଷ ଶାନ୍ତନୁ ଦାଶ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ, ଡ. ଇନ୍ଦ୍ରାଣୀ ରଥ, କିଶୋର ନ୍ୟାୟ ଆଇନ ପରିଷଦ ସଭ୍ୟ ସନ୍ତୋଷ ସାହୁ, ସିଡବ୍ଲ୍ୟୁସି ସଭ୍ୟ ବ୍ରଜକିଶେର ମହାପାତ୍ର, ସଭ୍ୟା ସୁମିତାରାଣୀ ଘୋଷ୍‌ଙ୍କ ସମସ୍ତ ସିଡିପିଓ ଅଂଶଗ୍ରହଣ କରିଥିଲେ। ସୌମେନ୍ଦ୍ର ନାୟକ, ଅଶୋକ ସେଠୀ, ରଞ୍ଜନ ଗୋଚ୍ଛାୟତ, ମନସ୍ୱିନୀ ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟ: ଫାଇନାଲରେ ଶାଳଝରିଆ

**ବୋଲଗଡ଼,୯।୨(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଖେଳପଡିଆରେ ଚାଲିଥିବା ବାଲାଜୀ କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ବିଜିପୁର କ୍ରିକେଟ କ୍ଲବ ଓ ଶାଳଝରିଆ ବାହାଡ଼ା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ବିଜିପୁର ଟିମ ପ୍ରଥମେ ଫିଲ୍ଡିଂ ନିଷ୍ପତି ନେଇଥିଲା। ଶାଳଝରିଆ ବାହାଡା ଟମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୮ ରନ ସଂଗ୍ରହ କରିଥିଲା। ଜବାବରେ ବିଜିପୁର ଟିମ ୧୬.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପପୁ ଏବଂ ପ୍ରଶାନ୍ତ ମ୍ୟାଚ ପରିଚାଳନା କରିଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ୨୬ନଂ. ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଜୟକୃଷ୍ଣ ଫତେସିଂହ, ୱାର୍ଡସଭ୍ୟ କୃପାସିନ୍ଧୁ ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଟିମର ହାପି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନିଲ ପ୍ରଧାନ, ସାଗର ନାୟକ, ତାପସ ସୁନ୍ଦରାୟ, ଆଶିଷ ସାମନ୍ତରାୟ, ଶୁଭେନ୍ଦୁ ପ୍ରଧାନ, ଦେବିପ୍ରସାଦ ମିଶ୍ର, ସଞ୍ଜୟ ସୁନ୍ଦରାୟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ସହଜପୁର ଓ ରମାବିଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

# ଶ୍ରୀମନ୍ଦିର ଚାରିଦ୍ୱାର, ରତ୍ନଭଣ୍ଡାର ଖୋଲାଯାଉ

**ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)**



ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ହିନ୍ଦୁ ସମାଜର ଆରାଧ୍ୟ ଦେବତା। କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ୱାସ ଏବଂ ସଂସ୍କୃତିର ପ୍ରାଣକେନ୍ଦ୍ର। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଓଡ଼ିଆ ସଂସ୍କୃତି ଜଡ଼ିତ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ପାଇଁ ଐତିହ୍ୟ କୀର୍ତ୍ତିରାଜିକୁ ନଷ୍ଟ କରିଦିଆଗଲା। ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ନୁହଁ। ଚାରିଦ୍ୱାର ଧର୍ମ, ଅର୍ଥ, କାମ, ମୋକ୍ଷର ପ୍ରତୀକ ହୋଇଥିବା ବେଳେ ତିନିଦ୍ୱାର ଭକ୍ତଙ୍କ ପାଇଁ ବନ୍ଦ ରଖାଯାଇଛି। ଭକ୍ତ ଦର୍ଶନ ଲାଗି ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ାହୋଇ ରହୁଛନ୍ତି। ଅନେକ ସମୟରେ ଭକ୍ତ ଅଚେତ ହୋଇପଡୁଥିବା ବେଳେ ବରିଷ୍ଠ ନାଗରିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାଡ଼ି ଦର୍ଶନରେ ବିଶୃଙ୍ଖଳା ହେଉଛି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗୀତାଭବନ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର କହିଛନ୍ତି, ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାରେ ବିଶୃଙ୍ଖଳା ବଢ଼ିଚାଲିଛି। ଶ୍ରୀମନ୍ଦିର ସହ ଜଡ଼ିତ ମଠ ସଂସ୍କୃତିକୁ ନଷ୍ଟ କରିଦିଆଗଲା। ଶ୍ରୀମନ୍ଦିର ୪ ଦ୍ୱାର ଦର୍ଶନ ବ୍ୟବସ୍ଥାର ସ୍ୱତନ୍ତ୍ରତା ରହିଥିବା ବେଳେ ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଛି। ଫଳରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କୁ ଅପେକ୍ଷା କରିବାକୁ ପଡୁଛି। ବାରମ୍ବାର ନୀତିକାନ୍ତି ବିଭ୍ରାଟ ଘଟୁଛି। ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟ ରହୁନାହିଁ। ଫଳରେ ଶ୍ରୀମନ୍ଦିର ନୀତିକାନ୍ତିରେ ବିଶୃଙ୍ଖଳା ହେଉଛି। ନିକଟରେ ମହାପ୍ରଭୁ ରାତିସାରା ଅନିଦ୍ରା ରହିବା ଘଟଣା ଭକ୍ତଙ୍କ ମନକୁ କଷ୍ଟ ଦେଇଛି। ଶ୍ରୀମନ୍ଦିର ସହ ଭକ୍ତଙ୍କ ଭାବାବେଗ ଜଡ଼ିତ। ଶ୍ରୀଜଗନ୍ନାଥ ଅର୍ପଣ ରଥ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନୁହଁ, ଏହା ରାଜ୍ୟ ସରକାରଙ୍କ ପରିକଳ୍ପନା ବୋଲି ଗଜପତି ମହାରାଜା ଗଣମାଧ୍ୟମରେ କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଆଳରେ ଚାଉଳ, ଗୁଆ, ଟଙ୍କା ସଂଗ୍ରହ କରାଗଲା। ଉଷୁନା ଚାଉଳରେ ମହାପ୍ରସାଦ ରନ୍ଧାଯାଇ ଭୋଗଲାଗି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଉଷୁନା ଚାଉଳ କିପରି ମନ୍ଦିର ଭିତରକୁ ଗଲା ତାହା ତଦନ୍ତସାପେକ୍ଷ। ଶ୍ରୀମନ୍ଦିର ସଂସ୍କୃତିରେ ପରମ୍ପରା ନଷ୍ଟ କରିଦିଆଗଲା ବୋଲି ମିଶ୍ର କହିଛନ୍ତି। ଅପମିଶ୍ରିତ ଚାଉଳରେ ମହାପ୍ରସାଦ ପ୍ରସ୍ତୁତି ପଛରେ କେଉଁ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି, ଏହାର ନିରପେକ୍ଷ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଚାରିଦ୍ୱାରା ଖୋଲାଯାଇ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯାଉ। ଶଙ୍କରାଚାର୍ଯ୍ୟ ଏବଂ ଅଧିକୃତ ଧର୍ମାଚାର୍ଯ୍ୟମାନଙ୍କ ପରାମର୍ଶକ୍ରମେ ଶ୍ରୀମନ୍ଦିର ନୀତିକାନ୍ତି ପରିଚାଳନା କରାଯାଉ। ତୁରନ୍ତ ରତ୍ନଭଣ୍ଡାର ଖୋଲାଯାଇ ଏହାର ମରାମତି, ଗଚ୍ଛିତ ସ୍ୱର୍ଣ୍ଣ ଅଳଙ୍କାର ଗଣତି କରାଯାଉ। ଉପରୋକ୍ତ ଦାବି ପ୍ରତି ସରକାର ଅଣଦେଖା କଲେ ଆଗାମୀ ଦିନରେ ଅଭିଯାନ ପକ୍ଷରୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସମ୍ମିଳନୀରେ ଅଭିଯାନର ଜିଲା ସଂଯୋଜକ ପ୍ରଦୀପ ସ୍ୱାଇଁ, ନୃତ୍ୟଜିତ ଚମ୍ପତି, ଗୋପବନ୍ଧୁ ସାହୁ, ନିରଞ୍ଜନ ସାହୁ, ମିହିର ବିଧାର, ଅଭିମନ୍ୟୁ ଘଟୁଆଳ, ବିନୋଦ ଗଜେନ୍ଦ୍ର ଉପସ୍ଥିତ ଥିଲେ।

# ୭ଦଫା ଦାବିରେ ବ୍ଲକ କାର୍ଯ୍ୟାଳୟ ଘେରାଉ



ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ବେଗୁନିଆ,୯।୨(ହର ପ୍ରସନ୍ନ ପଣ୍ଡା)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଶୁକ୍ରବାର ୭ଦଫା ଦାବିରେ ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବରିଷ୍ଠ ସିପିଆଇ ନେତା ବସନ୍ତ କୁମାର ପାଇକରାୟଙ୍କ ତତ୍ତ୍ୱାବଧାନରେ ଜାତୀୟ ସିପିଆଇ ସମ୍ପାଦକ ରାମକୃଷ୍ଣ ପଣ୍ଡା ଓ ସାଧାରଣ ସମ୍ପାଦକ ଅଭୟ ସାହୁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବିଧବା ଓ ବାର୍ଦ୍ଧକ୍ୟ ଭତା ୫ ହଜାର ଦେବା, ପ୍ରତି ମାସରେ ୨ ଶହ ୟୁନିଟ ବିଦ୍ୟୁତ୍ ଛାଡ, ଚାଷୀଙ୍କ ଋଣ ଛାଡ଼ କରିବା ଓ ଧାନ କୁଇଣ୍ଟାଲ ୩ହଜାର କରିବା, ସଅର ଜାତିକୁ ଆଦିବାସୀର ମାନ୍ୟତା, ଘରଡିହ ପଟ୍ଟା ଓ ଦଖଲ ଜମିର ପଟ୍ଟା ଦେବା ଆଦି ଉପସ୍ଥାପନ କରିଥିଲେ। ପରେ ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ତାପସ ବିଶି ଏବଂ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସିପିଆଇ ପକ୍ଷରରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ଶିକ୍ଷକ ନେତା ସୁମନ୍ତ ଛୋଟରାୟ, ପିଚୁକୁଳି ଜୋନ ସମ୍ପାଦକ ବିଜୟ କୁମାର ଗୁମାନସିଂହ, ବସନ୍ତ ସେଠୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସନାତନ ମାଝୀ, ଶ୍ରୀନିବାସ ମାନସିଂହ, ବଳଭଦ୍ର ମହାପାତ୍ର, ଲୋଚନ ଭଞ୍ଜ, ଶ୍ରୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସରିଲା ନୀଳାମ୍ବୁ ମହୋତ୍ସବ



ନୀଳାମ୍ବୁ ମହୋତ୍ସବର ଉଦ୍‌ଯାପନୀ ଦିବସରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଟାଙ୍ଗୀ,୯।୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମରେ ୭ଦିନ ଧରି ଚାଲିଥିବା ଦ୍ୱିତୀୟ ବାର୍ଷିକ ନୀଳାମ୍ବୁ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପଶ୍ଚିମବଙ୍ଗ ପୁରୁଲିଆର ଗଣେଶ ଝୋ ଡ୍ୟାନ୍ସ ଗ୍ରୁପ, ବରଗଡର ଦୁଲଫୁଲ କଳାପରିଷଦ ବୁଢିବାହକ, ନର୍ତ୍ତକୀ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର, ରିଦିମ ଡ୍ୟାନ୍ସ ଏକାଡେମୀ ଟାଙ୍ଗୀ ଓ ମାଉଣ୍ଟ ଲିଟେରା ଜି ସ୍କୁଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା, ଯାହାକି ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ଜିଲାପରିଷଦ ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମି ମାନ୍ଧାତା, ସଂସଦ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପ୍ରବକ୍ତା ସରୋଜ କୁମାର ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଂଘର ସନ୍ଦିପନୀ ମିଶ୍ର, ଉପସଭାପତି ମନୋଜ ନାଇଡୁ, ରାମଚନ୍ଦ୍ର ପରିଡା, ଉପଦେଷ୍ଟା ସାମ୍ବାଦିକ ପ୍ରଦୋଷ କୁମାର ଦାସ, ଦୁର୍ଗାପ୍ରସାଦ ଦାଶ, ରାକେଶ ମହାନ୍ତି, ରାକେଶ ଜଗଦ୍ଦେବ, ପ୍ରଶାନ୍ତ ବେହେରା, କମଳଲୋଚନ ପାଇକରାୟ, ରଜନୀକାନ୍ତ ମିଶ୍ର, ଅନନ୍ତ ପ୍ରଧାନ, ପ୍ରଦୀପ କୁମାର ସାହୁ, ଅଭିଜିତ ଦାସ, ଶଙ୍କର୍ଷଣ ବେହେରା, ବାଲୁଙ୍କେଶ୍ୱର ବେହେରା, ଯଦୁମଣି ବେହେରା, ଗିରିଶ ବେହେରା, ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଘୋଷକଭାବେ ସତ୍ୟନାରାୟଣ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

### ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର

**ନିରାକାରପୁର,୯।୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଶୁକ୍ରବାର ଖୋର୍ଦ୍ଧା ଜଲା ଓରବରସିଂ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଗରିବ ଲୋକମାନଙ୍କ ପାଇଁ ଗୃହ ନିର୍ମାଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ଏପରିକି ନାରୀ ସଶକ୍ତୀକରଣ ପର୍ଯ୍ୟନ୍ତ ବ୍ୟାପକ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଅତିଥିଭାବେ ନାଏବ ସରପଞ୍ଚ ପାଣ୍ଡବ ପ୍ରଧାନ, ପୂର୍ବତନ ବନ ବିଭାଗ ଅଧିକାରୀ ଅଜୟ ଜଗଦ୍ଦେବ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସାଗରିକା ରାଟସିଂହ ପୌରୋହିତ୍ୟ କରିଥିଲେ। ପଞ୍ଚାୟତର ନିର୍ବାହୀ ଅଧିକାରୀ ଧନଞ୍ଜୟ ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ରାଟସିଂହ ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

**ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଗୁଡୁମ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ଅନନ୍ତ ବେହେରା। ତାଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ସ୍ତ୍ରୀ ଜୟନ୍ତୀ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଦଫା ୩୦୨, ୩୪ ଆଇପିସିରେ ଏକ ହତ୍ୟା ମାମଲା(ନଂ.୪୨/୨୪)ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅନନ୍ତ ଗୁରୁବାର ରାତିରେ ବେଙ୍ଗିଟାଙ୍ଗିସ୍ଥିତ ଭଉଣୀ ଘରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବ୍ୟସ୍ତହୋଇ ଚାରିଆଡ଼େ ଖୋଜାଖୋଜି କରିଥିଲେ। ଶୁକ୍ରବାର ଭୋରୁ ତାଙ୍କ ଭିଣୋଇ ଓ ୩ ଜଣ ସମ୍ପର୍କୀୟ ଅନନ୍ତଙ୍କୁ ଆଣି ଘରେ ଛାଡ଼ିଦେଇ ଯାଇଥିଲେ। ତେବେ ଅନନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# 'ଗ୍ରାହକଙ୍କ ବିଶ୍ୱାସ ହିଁ ବ୍ୟବସାୟର ମୂଳମନ୍ତ୍ର'




**ବୋଲଗଡ଼,୯।୨(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବଣିକ ମହାସଂଘର ଦ୍ୱାଦଶ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ତ୍ରିବେଣୀ ଅମାବାସ୍ୟା ଅବସରରେ ସଂଘର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ଗ୍ରାହକଙ୍କ ବିଶ୍ୱାସ ହିଁ ବ୍ୟବସାୟର ମୂଳମନ୍ତ୍ର ବୋଲି କହିଥିଲେ। ଏଥିସହ ବଣିକମାନଙ୍କର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ବକ୍ତବ୍ୟ ରଖିଥିଲେ। ସଂଘର ବରିଷ୍ଠ ସଦସ୍ୟ ବୃନ୍ଦାବନ ରଥ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ଯୁବ ବିଜେଡି ସଙ୍ଗଠକ ବ୍ରଜବନ୍ଧୁ ସୁବୁଦ୍ଧି ଯୋଗଦେଇ ଗ୍ରାହକଙ୍କୁ ଈଶ୍ୱରତୁଲ୍ୟ ବ୍ୟବହାର ସହ ଉତ୍ତମ ସେବା ଯୋଗାଇ ଦେବା ବ୍ୟବସାୟର ମୂଳମନ୍ତ୍ର ବୋଲି କହିଥିଲେ। ସେହିପରି ସତନ୍ତ୍ର ଅତିଥି ଖୋର୍ଦ୍ଧା ଜେଲର ସୁପରିଣ୍ଟେଣ୍ଡେଣ୍ଟ କୃଷ୍ଣଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ବଣିକ ମହାସଂଘର ଉପଦେଷ୍ଟା ଲଲାଟେନ୍ଦୁ କେଶରୀସିଂହ, ସାମାଜିକକର୍ମୀ ଦିଲ୍ଲୀପ କୁମାର ଦତ୍ତ ଓ ଦୁର୍ଗାଚରଣ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାତଃରେ ମହାସଂଘ ଅନ୍ତର୍ଗତ ୭ଟି ବଜାର ବଣିକ ସଂଘ ସଦସ୍ୟମାନେ ପଦଯାତ୍ରା କରିଥିଲେ। ବସଷ୍ଟାଣ୍ଡ ବଜାର ବଣିକସଂଘ ସଭାପତି ଟଇ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଡିଏଚ୍‌ଏଚ୍‌କୁ ସିଡିଏମ୍‌ଓ କାର୍ଯ୍ୟାଳୟ, ରକ୍ତଭଣ୍ଡାର ସ୍ଥାନାନ୍ତର ହେଉ

**ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)କୁ ସିଡିଏମଓଙ୍କ କାର୍ଯ୍ୟାଳୟ, ରକ୍ତଭଣ୍ଡାର ସ୍ଥାନାନ୍ତର ଏବଂ ମେଡିକାଲ ପରିସରକୁ ଲାଗି ରହିଥିବା ସରକାରୀ ଜାଗାରେ ମେଡିକାଲ କଲେଜ ସ୍ଥାପନା ପାଇଁ ଖୋର୍ଦ୍ଧା ବିକାଶ ମଞ୍ଚ(କେବିଏମ) ଦାବି କରିଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।
ଏଥିରେ ଦର୍ଶାଯାଇଛି ଯେ, ଡିଏଚ୍‌ଏଚ୍‌ଠାରୁ ସିଡିଏମଓଙ୍କ କାର୍ଯ୍ୟାଳୟ ୨କିମି ଦୂରରେ ଅବସ୍ଥିତ। ସିଡିଏମଓଙ୍କ କାର୍ଯ୍ୟାଳୟରେ ରକ୍ତଭଣ୍ଡାର ରହିଛି। ଫଳରେ ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କ ସମ୍ପର୍କୀୟ ରକ୍ତ ପାଇବା ପାଇଁ ସିଡିଏମଓଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି। ଅନ୍ୟପଟେ ଡିଏଚ୍‌ଏଚ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ, ମେଡିକାଲ ସ୍ଥିତି ଅନୁଧ୍ୟାନ ଲାଗି ସିଡିଏମଓ ବାରମ୍ବାର ଆସୁଛନ୍ତି। ଡିଏଚ୍‌ଏଚ୍ ପରିସରକୁ ସିଡିଏମଓଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର କରାଗଲେ, ସମୟ ବଞ୍ଚିବା ସହ ମେଡିକାଲରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିପାରିବ। ଏଥିସହିତ ସିଡିଏମଓ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ୩ ଏକର ପରିମିତ ଏହି ଜାଗାରେ ଖୋର୍ଦ୍ଧାରେ ଏକ ଉନ୍ନତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇପାରିବ। ମେଡିକାଲ ପରିସରକୁ ଲାଗି ବହୁ ସରକାରୀ ଜାଗା ରହିଛି। ଏବେ ରାଜ୍ୟ ସରକାର ସବୁ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯୋଜନା କରୁଛନ୍ତି। ଜିଲା ହେଡକ୍ୱାର୍ଟରରେ ଏଥିଲାଗି ଆବଶ୍ୟକ ଜମି ସଂରକ୍ଷିତ ରଖିବା ପାଇଁ ମଞ୍ଚ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ମଞ୍ଚର ସଭାପତି ଆଇନଜୀବୀ ନରେନ୍ଦ୍ର ପୃଷ୍ଟି କହିଛନ୍ତି, ୨୦୦୮ରେ ଖୋର୍ଦ୍ଧାରେ ନୂତନ ମେଡିକାଲ ସ୍ଥାପନ କରାଗଲା। ଏହା ପରଠାରୁ ପୁରାତନ ମେଡିକାଲରେ ଥିବା ସ୍ଥାନରେ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ଏବେ ନୂତନ ମେଡିକାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏଠାରୁ ୨ କି.ମି. ଦୂରରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ରହିଛି। ବହୁ ଜିଲାରେ ସିଡିଏମଓଙ୍କ କାର୍ଯ୍ୟାଳୟ ମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ବେଳେ ଖୋର୍ଦ୍ଧାରେ ଏହାର ବ୍ୟତିକ୍ରମ ରହିଛି। ଦାବିପତ୍ର ପ୍ରଦାନ ବେଳେ ଶିକ୍ଷାବିତ୍ ବୃନ୍ଦାବନ ପଣ୍ଡା, ସୁବାସ ସାମନ୍ତରାୟ, ଦିବାକର ଭୋଇ, ଲିରେନ୍ ସାହା, ଗୋପାଳକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ ଜିଲା ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



**ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଆନ୍ତଃ ଜିଲା ସ୍କୁଲସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ଜିଲା କ୍ରିକେଟ ସଂଘର ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ୧୦ଟି ବିଦ୍ୟାଳୟର ପିଲାଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଆସନ୍ତ ୨୦ ତାରିଖରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ହେବ। ଉଦ୍‌ଘାଟନୀ ମ୍ୟାଚ୍ କମ୍ବାଇନ ସ୍କୁଲ ଏକାଦଶ ଓ ଡାଲତୋଳା ହାଇସ୍କୁଲ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି କମ୍ବାଇନ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୫ ଓଭରରେ ୭ ଉଇକେଟ ବିନିମୟରେ ୩୨୭ରନ ସଂଗ୍ରହ କରିଥିଲା। ଜବାବରେ ଡାଲତୋଳା ଟିମ୍ ୧୧.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୩୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ କମ୍ବାଇନ ସ୍କୁଲ ଏକାଦଶ ଟିମ୍ ବିଜୟୀ ହୋଇଥିଲା। କମ୍ବାଇନ ଏକଦଶ ଟିମର ଦେବୀ.ପି.ଦାସ ୩ ଓଭରରେ ୬ଟି ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ ହୋଇଥିଲେ। ସୌମ୍ୟରଞ୍ଜନ ସାମନ୍ତସିଂହାର ଓ ପ୍ରକାଶ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରରେ ସୁଶିଲ କୁମାର ସୁନ୍ଦରାୟ ସହାୟତା କରିଥିଲେ।

### କମ୍ବାଇନ ସ୍କୁଲ ଏକାଦଶ ବିଜୟୀ

# ଦେଉଳଟାଙ୍ଗୀ କ୍ରିକେଟ ଟୁର୍ନାମେଣ୍ଟ: ଗୁଡୁମ ବିଜୟୀ

**ଖୋର୍ଦ୍ଧା,୯।୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ଦେଉଳଟାଙ୍ଗୀ ମା'ବଘେଇ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ଶୁକ୍ରବାର ଗୁଡୁମ ଓ ପଙ୍ଗାରସିଂହ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଗୁଡୁମ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୩ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଜବାବରେ ପଙ୍ଗାରସିଂହ ଟିମ୍ ୧୦ ଓଭରରେ ୮ଉଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦିବ୍ୟରଞ୍ଜନ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମଦନମୋହନ ସ୍ୱାଇଁ ଓ ଗୋପୀନାଥ ମାଝି ମ୍ୟାଚ୍ ପରିଚାଳନା କରିଥିଲେ। ଜିତେନ୍ଦ୍ର ପ୍ରଧାନ ସ୍କୋରର, ଶ୍ରଦ୍ଧାନନ୍ଦ ପ୍ରଧାନ ଭାଷ୍ୟକାରଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ ଜାଜିବ ଅସତ, ସଚିନ ରାଥୋଡ, କାଇପଦର ସେବା ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ, ନାଏବ ସରପଞ୍ଚ ସମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ମତ୍ସ୍ୟଜୀବୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୯।୨(କୈଳାସ ଚନ୍ଦ୍ର ପଟ୍ଟନାୟକ):** ଚିଲିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କୁ ସ୍ୱାବଲମ୍ବୀ କରିବା ଓ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନା କିପରି ମତ୍ସ୍ୟଜୀବୀଙ୍କ ପାଖରେ ପହଞ୍ଚି ପାରିବ ଏବଂ ସେମାନେ କିପରି ଏହାର ସଫଳତା ପାଇପାରିବେ ସେନେଇ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ସହକାରୀ ମତ୍ସ୍ୟ ଅଧିକାରୀ ବୀରବର ସେଠୀ, ବରିଷ୍ଠ ମତ୍ସ୍ୟ ପରାମର୍ଶଦାତା ରଜନୀକାନ୍ତ ମଲିକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଗୋଲା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତିର ସଭାପତି, ସମ୍ପାଦକଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ମତ୍ସ୍ୟଜୀବୀ ସାମିଲ ହୋଇଥିଲେ। ସୋନାଲି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଏମ୍‌ସି କମିଶନରଙ୍କୁ ସମ୍ବର୍ଦ୍ଧନା

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ବାଦାମବାଡ଼ି ଓଏସ୍‌ଆର୍‌ଟିସି ବ୍ୟବସାୟୀ ମହାସଂଘ ପକ୍ଷରୁ ସିଡ଼ିଏସ୍ଥିତ କାର୍ଯ୍ୟାଳୟଠାରେ ସିଏମ୍‌ସିର ନୂତନ କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଂଘ ଉପାଧ୍ୟକ୍ଷ ନିମାଇଁ ଚରଣ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଭାପତି ନିଧି ରାଉତ, ସମ୍ପାଦକ ଅଜୟ ମହାପାତ୍ର, ଜୁଲୁ ବେହେରା, ବ୍ରଜେଶ ବିଶ୍ୱାଳ, ଧୀରେନ୍ଦ୍ର ବେହେରା, ବୁଲୁ ଘୋଷ, ରବୀନ୍ଦ୍ର ବାରିକ, ଶରତ ସେଠୀ, ମାନସ ପଟ୍ଟନାୟକ, ଗଣେଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରଚଳନ ହେବ ନୂଆ ଆପ୍ 'କଟକ ୱାନ୍'

କଟକ,୯।୨(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଖୁବ୍‌ଶୀଘ୍ର ଏକ ନୂତନ ଆପ୍ ପ୍ରଚଳନ କରାଯିବାକୁ ଯୋଜନା ହୋଇଛି। ଏହି ନୂତନ ଆପ୍‌କୁ କଟକ ୱାନ୍ ଭାବେ ନାମିତ କରାଯାଇଛି। ସହରର ଜନସାଧାରଣଙ୍କୁ ସୁବିଧାରେ ବିଭିନ୍ନ ସେବା ଯୋଗାଇଦେବା ପାଇଁ ଏହି ଆପ୍‌କୁ ବିକଶିତ କରାଯାଉଥିବା ଜଣାପଡିଛି।

ଜନସାଧାରଣ ନିଜ ମୋବାଇଲ୍‌ରେ ଏହି ଆପ୍ ଡାଉନ୍‌ଲୋଡ୍ କରି ସିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସେବା ସମ୍ବନ୍ଧରେ ଅତି ସହଜରେ ଜାଣିପାରିବେ। ଏଥିସହ ଲୋକଙ୍କ ସମସ୍ୟା ସମ୍ପର୍କିତ ବିଭିନ୍ନ ଅଭିଯୋଗ ମଧ୍ୟ ସେମାନେ ଉକ୍ତ ଆପ୍ ଜରିଆରେ ଦାଖଲ କରିପାରିବେ। ଆପ୍‌ରେ ଅଭିଯୋଗ ଦାଖଲ କରାଯିବା ମାତ୍ରେ ତାହା ସିଏମ୍‌ସି ୱେବ୍‌ପୋର୍ଟାଲରେ ପ୍ରଦର୍ଶିତ ହେବ। ଅଭିଯୋଗ ହସ୍ତଗତ ହେବା ପରେ ତାହା ସମ୍ପୃକ୍ତ ସେକ୍ସନ ବା ଅଧିକାରୀଙ୍କ ନିକଟକୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ପଠାଯିବ। ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରାଯିବାକୁ ଚେଷ୍ଟା କରାଯିବ। ଅଭିଯୋଗ ସମାଧାନ ପରେ ସେ ସଂକ୍ରାନ୍ତରେ ସମ୍ପୃକ୍ତ ପୋର୍ଟାଲରେ ସବିଶେଷ ତଥ୍ୟ ସ୍ଥାନ ପାଇବ। ଏହାଦ୍ୱାରା ସମୟ ବଞ୍ଚିବା ସହ ଶିକ୍ଷିତ, ସଚେତନ ଜନସାଧାରଣ ଯେକୌଣସି ସମୟରେ ଏଭଳି ଅତ୍ୟାଧୁନିକ ସୁବିଧାକୁ ଉପଯୋଗ କରିପାରିବେ। ଖୁବ୍ କମ୍ ସମୟ ଓ ସହଜରେ ବିବିଧ ସେବା ଯୋଗାଇଦେବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସିଏମ୍‌ସି ଡେପୁଟି କମିଶନର ସୁବ୍ରତ ବେହେରା କହିଛନ୍ତି।


ବୈଠକରେ ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଅନ୍ୟମାନେ।

### ସେବା ସହଜ ପାଇଁ ସିଏମ୍‌ସିର ପଦକ୍ଷେପ

କଟକ ସହରରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ସହ ସମପରିମାଣରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସିଏମ୍‌ସି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ସହରରେ ଥିବା ମୋଟ ୪୭ଟି ପାର୍କର ସୌନ୍ଦର୍ଯ୍ୟକରଣ ଦ୍ୱିଗୁଣିତ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏନେଇ ବିଜୁଭବନରେ ସିଏମ୍‌ସି କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ସହରର ପାର୍କଗୁଡ଼ିକର ସ୍ଥିତି, ରକ୍ଷଣାବେକ୍ଷଣ ଓ ଆଲୋକୀକରଣ ସମ୍ପର୍କରେ ଆସନ୍ତା ୭ ଦିନ ମଧ୍ୟରେ ଅନୁଧ୍ୟାନ ରିପୋର୍ଟ ପ୍ରସ୍ତୁତକରି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପାର୍କଗୁଡିକର ରକ୍ଷଣାବେକ୍ଷଣ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିସହ ଜନସାଧାରଣ ସେମାନଙ୍କ ମତାମତ ସିଏମ୍‌ସି ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା କଟକ ୱାନ୍ ଆପ୍ ଜରିଆରେ ଦାଖଲ କରିପାରିବେ। ତଦନୁସାରେ ଅଭିଯୋଗଗୁଡିକର ସମାଧାନ କରାଯିବ। ଯୁଗ୍ମ କମିଶନର ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହିସବୁ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଗୁପ୍ତ, ଡେପୁଟି କମିଶନର ସୁକାନ୍ତ ବେଉରା, ପାର୍କ ଓ ପ୍ଲାଣ୍ଟେଶନ ଷ୍ଟାଣ୍ଡିଂ କମିଟି ସଦସ୍ୟମାନଙ୍କ ସହ ଅଧ୍ୟକ୍ଷା ମୋନାଲିସା ଦାସ, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ନନ୍ଦକିଶୋର ପାଲ, ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପରିବାର ସମ୍ପର୍କ ପଦଯାତ୍ରା

କଟକ, ୯।୨(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ–କଟକ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଝାଞ୍ଜିରୀମଙ୍ଗଳାସ୍ଥିତ ମା' ମଙ୍ଗଳାଙ୍କ ପୀଠ ସମ୍ମୁଖରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପ୍ରଥମ ଦିନରେ କଟକ ମହାନଗର ନିଗମ ଅଧୀନ ୱାର୍ଡ ନଂ–୨୭, ୨୮, ୨୯, ୩୦ର ପ୍ରତି ଘରେ ଶଙ୍ଖ ଚିହ୍ନର ପୋଷ୍ଟ ଲଗାଯାଇଥିଲା। ଏଥିସହ ପ୍ରଥମଥର କାର୍ଯ୍ୟକାରୀ କରାଯାଇଥିବା ହାଉସ୍ ହୋଲ୍ଡ ଟ୍ୟାଗିଂ ବ୍ୟବସ୍ଥାରେ ପ୍ରତ୍ୟେକ ଘରର ଲୋକଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନଗର ସଭାପତି ମଧୁସୂଦନ ସାହୁ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ବରିଷ୍ଠ ନେତା ପ୍ରଫୁଲ୍ଲ ମହାପାତ୍ର, ଯୁଗଳ ନାୟକ, ସୁମିତ୍ରା ବଡ଼ିଆ, ବିଜୟ କୁମାର ନାୟକ, ପତିତପାବନ ସାହୁଙ୍କ ସମେତ ସମସ୍ତ ବିଜେଡି କର୍ପୋରେଟର ଓ ୱାର୍ଡ ସଭାପତି ଉପସ୍ଥିତ ଥିଲେ।

### କଟକରୁ ଅଯୋଧ୍ୟା ଗଲେ ୭୯୪ ଯାତ୍ରୀ

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାର ୭୯୪ ଯାତ୍ରୀ ଶୁକ୍ରବାର ସକାଳେ କଟକ ରେଳ ଷ୍ଟେଶନରୁ ଆସ୍ଥା ସ୍ପେଶାଲ ଟ୍ରେନ୍ ଯୋଗେ ଅଯୋଧ୍ୟା ଯାତ୍ରା କରିଛନ୍ତି। ଏହି ଟ୍ରେନ୍ ଶନିବାର ପୂର୍ବାହ୍ଣ ୧୦ଟାରେ ଅଯୋଧ୍ୟାରେ ପହଞ୍ଚିବ। ୨୪ ଘଣ୍ଟା ରହଣି ପରେ ରବିବାର କଟକ ଅଭିମୁଖେ ବାହାରି ସୋମବାର ପହଞ୍ଚିବ। ଭାଜପା ନେତୃବୃନ୍ଦ ଷ୍ଟେଶନଠାରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ନୟନ କିଶୋର ମହାନ୍ତି, ନଗର ଜିଲା ସଭାପତି ଲଲାଟେନ୍ଦୁ ବସ୍ତୁ, ଦିଲୀପ ମଲ୍ଲିକ, ଅଯୋଧ୍ୟା ତୀର୍ଥଯାତ୍ରୀ ସଂଯୋଜକ ଅଶୋକ ପାତ୍ର, ଶୁଭ୍ରାଂଶୁ ମୋହନ ପାଢ଼ୀ, ବ୍ରଜେନ୍ଦ୍ର ରାୟ, ହୃଷୀକେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ସ୍ମୃତି ପଟ୍ଟନାୟକ ଓ କର୍ପୋରେଟର ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସାମ୍ବାଦିକଙ୍କ ପାଇଁ ଲୋଗୋ ଉନ୍ମୋଚିତ

କଟକ,୯।୨(କାର୍ତ୍ତିକ ସାହୁ)

ସାମ୍ବାଦିକମାନଙ୍କର ବୃତ୍ତିଗତ ଓ ଅର୍ଥନୈତିକ କଲ୍ୟାଣ ତଥା ସାମାଜିକ ସୁରକ୍ଷା ପାଇଁ ଜର୍ନାଲିଷ୍ଟ ଡେଭେଲପମେଣ୍ଟ କାଉନ୍‌ସିଲ ଗଠନ ହୋଇଛି। ଆଗାମୀ ଦିନରେ ସର୍ବଭାରତୀୟ ସ୍ତରରେ ଜର୍ନାଲିଷ୍ଟ କଂଗ୍ରେସ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାର ପ୍ରଥମ ପଦକ୍ଷେପ ଭୁବନେଶ୍ୱରରୁ ଆରମ୍ଭ ହେବ ବୋଲି ଓଏମ୍‌ପିସ୍ଥିତ ଡାକବଙ୍ଗଳାଠାରେ ଶୁକ୍ରବାର ଆୟୋଜିତ ବୈଠକରେ କାଉନ୍‌ସିଲ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଭୂତି ଭୂଷଣ କର ସୂଚନା ଦେଇଛନ୍ତି। ଏହି ଅବସରରେ ସାମ୍ବାଦିକମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଲୋଗୋ ଉନ୍ମୋଚିତ ହୋଇଥିଲା। ଏହି ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, ପ୍ରଦୋଷ ପଟ୍ଟନାୟକ, ଶ୍ରୀରାମ ଦାସ, ପୀତବାସ ମିଶ୍ର, ସନତ ମିଶ୍ର, ପବିତ୍ର ମହାରଥୀ, ନିମେଇ ଦାସ, ପାର୍ଥସାରଥି ଜେନା, ସନାତନ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ।

### ୧୩୬ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୯।୨ (କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନିଉ ସେମିନାର ହଲ୍‌ରେ ମେଗା ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ସହଯୋଗରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ୟୁନିଟ୍ ପକ୍ଷରୁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ମେୟର ସୁବାସ ସିଂ ଓ ଅଭିନେତା ଅରିନ୍ଦମ ରାୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଦୀପା ବିନୟ ରକ୍ତଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ, ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ଜୟ ପ୍ରକାଶ ଭଟ୍ଟ, ମାନବ ସମ୍ବଳ ନିର୍ଦ୍ଦେଶକ ବିଜୟଲକ୍ଷ୍ମୀ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଅମ୍ବିକା ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଡ. ଉଦିତ୍ ନନ୍ଦନ ମିଶ୍ର, ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ୍‌ର କାର୍ଯ୍ୟକ୍ରମ ପରାମର୍ଶଦାତା ପ୍ରଫେସର ଅଲେଖ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜରାଜୀର୍ଣ୍ଣ ସ୍କୁଲରେ ଭୋଟଦାନ ବ୍ୟବସ୍ଥା


ବିଦ୍ୟାଳୟ ପରିସରରେ ଉଠିଥିବା ଅନାବନା ଗଛ।

ନିଶ୍ଚିନ୍ତକୋଇଲି,୯।୨(ଅଶୋକ କୁମାର ମହାପାତ୍ର)

ନିର୍ବାଚନର ଅବ୍ୟବହିତ ପୂର୍ବରୁ ବ୍ଲକ ପ୍ରଶାସନ ଭୋଟଦାନ କେନ୍ଦ୍ର ସୁରକ୍ଷା ଓ ସ୍ଥିତାବସ୍ଥା ନେଇ ବୈଠକ କରିଛି। ଭୋଟଦାନ କେନ୍ଦ୍ରର ସ୍ଥିତାବସ୍ଥା ଉପରେ ରିପୋର୍ଟ ମାଗିଥିବା ବେଳେ ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକସଦର ନିର୍ବାଚନମଣ୍ଡଳୀ ଇଶାଣୀବରହମପୁର ପଞ୍ଚାୟତ ବ୍ରାହ୍ମଣଭୂଇଁ ପ୍ରାଥମିକ ବିଦ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବୁଥ୍‌କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ବିଦ୍ୟାଳୟରେ ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କା ବିନିଯୋଗ କରାଯାଇ ଗୃହ,ପାଇଖାନା ଆଦି ନିର୍ମାଣ କରାଯାଇଥିଲା। ମାତ୍ର ବିଦ୍ୟାଳୟରେ ଆବଶ୍ୟକ ଛାତ୍ରୀଛାତ୍ର ନ ଥିବାରୁ ଏହା ବନ୍ଦ ହୋଇଯାଇଥିଲା। କଟକ ଜିଲାପାଳ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଏହି ବିଦ୍ୟାଳୟକୁ ମତଦାନ କେନ୍ଦ୍ର ରୂପେ ଘୋଷଣା କରିଛନ୍ତି। ଏହି ବିଦ୍ୟାଳୟରେ କଟକସଦର ନିର୍ବାଚନମଣ୍ଡଳୀର ୧୮୪ ଓ ୧୮୫ ନମ୍ବର ବୁଥ୍ ରହିଛି। ପ୍ରତ୍ୟେକ ବୁଥ୍‌ରେ ୮୦୦ରୁ ଉର୍ଦ୍ଧ୍ୱ ଭୋଟର ରହିଛନ୍ତି। ଏପରିସ୍ଥଳେ ବିଦ୍ୟାଳୟର ଅବସ୍ଥା ଶୋଚନୀୟ ହୋଇଯାଇଛି। ଏହାର କବାଟ ଓ ଝରକାଗୁଡ଼ିକ ଭାଙ୍ଗିରୁଜିଯାଇଛି। ବିଦ୍ୟାଳୟ ଗୃହ ଏକରକମ ଭୂତକୋଠିରେ ପରିଣତ ହୋଇଛି। ଏହା ବିଷାକ୍ତ ସରୀସୃପଙ୍କ ବାସସ୍ଥଳୀରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ପରିସରରେ ଅଳିଆ ଆବର୍ଜନା ଓ ଅନାବନା ଗଛରେ ଭରପୂର ହୋଇଯାଇଛି। ଫଳରେ ଏଠାରେ ଭୋଟଦାନ କେନ୍ଦ୍ର କରାଯିବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷେ ସାଧୁସାହିଠାରେ ରାଉତରାପୁର ପ୍ରାଥମିକ ବିଦ୍ୟାଳୟ ଥିଲା ବେଳେ ସେଠାରେ ମତଦାନ କେନ୍ଦ୍ର କରାଯାଇନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନର ଓ କଟକ ଜିଲାପାଳ ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଧର୍ମରଞ୍ଜନ ପଣ୍ଡା କୁହନ୍ତି, ବୁଥ୍‌ର ସ୍ଥିତାବସ୍ଥାନେଇ ଶୁକ୍ରବାର ଏକ ବୈଠକ କରାଯାଇଥିଲା। ଉକ୍ତ ବୈଠକରେ ଅସୁରକ୍ଷିତ ବୁଥ ସମ୍ପର୍କରେ ରିପୋର୍ଟ ଦେବା ପାଇଁ କୁହାଯାଇଛି। ଆବଶ୍ୟକ ପଡିଲେ ମରାମତି କରାଯିବ। ନଚେତ ସମୟ ଉପଯୋଗୀ ପଦକ୍ଷେପ ନିଆଯିବ।

### କେନ୍ଦ୍ରର ସ୍ଥିତାବସ୍ଥା ରିପୋର୍ଟ ମାଗିଲେ ବିଡିଓ

# କଳିଙ୍ଗ ନୌବାଣିଜ୍ୟ ଏକ୍ସପୋ ଉଦ୍‌ଘାଟିତ



କଟକ ବାଲିଯାତ୍ରା ଉପର ପଡ଼ିଆରେ ଅନୁଷ୍ଠିତ କଳିଙ୍ଗ ନୌବାଣିଜ୍ୟ ଏକ୍ସପୋରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରା ଉପର ପଡ଼ିଆରେ ଓଡ଼ିଶା ଶିଳ୍ପ ସଂଘ ଓ ନୌସେନା ଫାଉଣ୍ଡେଶନ ଓଡ଼ିଶା ଚାପ୍ଟର୍ ମିଳିତ ଉଦ୍ୟମରେ କଳିଙ୍ଗ ନୌବାଣିଜ୍ୟ ଏକ୍ସପୋ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, କଟକ ସହର ସହ ନୌବାଣିଜ୍ୟ ପରମ୍ପରା ସମ୍ପର୍କ ବହୁ ପୁରୁଣା। ଦୀର୍ଘବର୍ଷ ପୂର୍ବରୁ ସାଧବ ପୁଅମାନେ ବାଣିଜ୍ୟ କରିବା ପାଇଁ ଜଳପଥରେ ଜାଭା, ସୁମାତ୍ରା, ବାଲି ଆଦି ଦେଶକୁ ଯାତ୍ରା କରୁଥିଲେ। ସେ ସମୟର ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏବେ ଆମେ ବାଲିଯାତ୍ରା ଆୟୋଜନ କରୁଛୁ। ସେହିଭଳି ଏହି ନୌବାଣିଜ୍ୟ ଏକ୍ସପୋ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଲୋକଙ୍କୁ ମନେପକାଇବ ବୋଲି ମେୟର କହିଥିଲେ। ସମ୍ମାନିତ ଅତିଥି ଭାବରେ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଯୋଗଦେଇ କହିଛନ୍ତି, ଓଡ଼ିଶାର କଣ୍ଟେନର ଅନ୍ୟ ରାଜ୍ୟର ବନ୍ଦରକୁ ସମୃଦ୍ଧ କରୁଛି। ତାହା ବର୍ତ୍ତମାନଠାରୁ ବଦଳିବାକୁ ଯାଉଛି। ଏଥିପାଇଁ ଓଡ଼ିଶା ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିସହ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ପାଇଁ ହୋଇଥିବା ବିଭିନ୍ନ ଯୋଜନା ବିଷୟରେ ସେ ସୂଚନା ଦେଇଥିଲେ। ଏହି ଅବସରରେ ଓଡ଼ିଶା ଶିଳ୍ପ ସଂଘ ସଭାପତି ସୁଶାନ୍ତ କୁମାର ପଣ୍ଡା, ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ, ଅବସରପ୍ରାପ୍ତ ନୌସେନା ଅଧିକାରୀ ଆର୍.କେ. ପଟ୍ଟନାୟକ, ଓଆଇଏର ସାଧାରଣ ସମ୍ପାଦକ ଗୌରଗୋପାଳ ସେନ୍, ସଂଯୋଜକ ପ୍ରଫୁଲ୍ଲ ସିଂହ ଉପସ୍ଥିତ ଥିଲେ।

# ଅଳଙ୍କାର ସଫେଇ ଆଳରେ ଲୁଟ୍

ନିଶ୍ଚିନ୍ତକୋଇଲି,୯।୨
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ସରପଡା ପଞ୍ଚାୟତ ଅନ୍ତର୍ଗତ ବୋଧଙ୍ଗ ଗ୍ରାମରେ ସୁନା ଅଳଙ୍କାର ସଫେଇ ଆଳରେ ଜଣେ ବୃଦ୍ଧାଙ୍କଠାରୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ସେ ହେଲେ ଏହି ଗ୍ରାମର ସ୍ୱର୍ଗତ ନବକିଶୋର ସ୍ୱାଇଁଙ୍କ ସ୍ତ୍ରୀ ନିରୁପମା ସ୍ୱାଇଁ (୭୦)। ତାଙ୍କ ଅଭିଯୋଗ ଅନୁଯାୟୀ, ସକାଳେ ଘରକୁ ଏକ ସ୍କୁଟର ଗାଡିରେ ୨ ଜଣ ଅଚିହ୍ନା ବ୍ୟକ୍ତି ଆସିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ସୁନାଗହଣା ସଫେଇ କରୁଥିବା କହି ନିରୁପମା ପିନ୍ଧିଥିବା ରୁପାଚେନ୍ ସଫା କରିଦେବେ ବୋଲି କହିଥିଲେ। ଏହାକୁ ସଫା କରିବା ପରେ ଦୁର୍ବୃତ୍ତମାନେ ନିରୁପମା କାନରେ ପିନ୍ଧିଥିବା ପ୍ରାୟ ୭୦ ହଜାର ଟଙ୍କାର ସୁନା କାନଫୁଲ ଓ ଝରାକୁ ସଫେଇ କରିଦେବେ ବୋଲି କହିଥିଲେ। ସେମାନଙ୍କ କଥାକୁ ବିଶ୍ୱାସ କରି ନିରୁପମା ଉକ୍ତ ଅଳଙ୍କାର ସଫା କରିବାକୁ ଦେଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ କିଛି ଧଳା ପାଉଡର ଉଡ଼ାଇ ଦେଇଥିଲେ। ଫଳରେ ବୃଦ୍ଧା ଜଣକ ସଂଜ୍ଞାହୀନ ହୋଇଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଦ୍ୱୟ ସୁନା କାନଫୁଲ ଓ ଝରା ନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ସେମାନଙ୍କୁ ଖୋଜାଖୋଜି କରି ନ ପାଇବାରୁ ନିରୁପମା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି। ନିକଟରେ ରାଣୀପଡାଠାରେ ଅନୁରୂପ ଭାବେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସଫେଇ ଆଳରେ ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

# ପି.ଏମ୍. ବିଶ୍ୱକର୍ମାର ଆର୍ଥିକ ସହାୟତା ଉପଯୋଗୀ ହେବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୯।୨ (କାର୍ତ୍ତିକ ସାହୁ)

କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ କଟକସ୍ଥିତ ଜନଶିକ୍ଷଣ ସଂସ୍ଥାନ ପରିସରରେ ପି.ଏମ୍. ବିଶ୍ୱକର୍ମା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ତରୁଣକାନ୍ତ ମହାନ୍ତି ଯୋଗଦେଇ ପି.ଏମ୍. ବିଶ୍ୱକର୍ମା ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଆର୍ଥିକ ସହାୟତା ହିତାଧିକାରୀଙ୍କ ପାଇଁ ଉପଯୋଗୀ ହେବ ବୋଲି ସେ କହିଥିଲେ। ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଅଧ୍ୟକ୍ଷତା କରି ପି.ଏମ୍. ବିଶ୍ୱକର୍ମା ଯୋଜନାର ନୂତନ ଜ୍ଞାନକୌଶଳ, ବ୍ୟାଙ୍କ୍‌ର ବିଭିନ୍ନ ଯୋଜନା, ମାର୍କେଟିଂ ଓ ଆର୍ଥିକ ସାକ୍ଷରତା ସମ୍ବନ୍ଧରେ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରଶିକ୍ଷାର୍ଥୀମାନେ ଜ୍ଞାନ ଆହରଣ କରିପାରିବା ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ କୁଶଳୀ କାରିଗର ଯୋଗଦେଇଛନ୍ତି। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି ଓ ସହକାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କଟକ,୯।୨(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ସହରର ପ୍ରାଣୀ ପାଳକମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ଦାବି ପୂରଣ ପାଇଁ ପ୍ରାଣୀ ଚିକିତ୍ସକମାନେ ପ୍ରାୟ ୨୩ ଦିନ ହେବ ସମୂହ ଛୁଟିରେ ଅଛନ୍ତି। ଏହାର ପ୍ରଭାବ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ବକ୍ସିବଜାରଠାରେ ଥିବା ପ୍ରାଣୀ ଚିକିତ୍ସାଳୟକୁ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ଆଣି ଲୋକମାନେ ନିରାଶ ହୋଇ ଫେରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କେତେଜଣ ଜନସାଧାରଣ ପ୍ରାଣୀମାନଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏ ସମ୍ପର୍କରେ ଶଙ୍କରପୁର ଅଞ୍ଚଳର ସୌମ୍ୟ ମହାନ୍ତି କହିଛନ୍ତି, ପ୍ରାଣୀ ଚିକିତ୍ସକ ଦାବିପୂରଣ ପାଇଁ ଛୁଟିରେ ଅଛନ୍ତି। ଏଥିଯୋଗୁ ପ୍ରାଣୀମାନେ ଚିକିତ୍ସା ସେବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ପ୍ରାଣୀଙ୍କ ଜୀବନ ସଙ୍କଟରେ ପଡିବା ଆଶଙ୍କା ଦେଖାଦେଇଛି। ଜିଲାପାଳ ଅଭିଯୋଗ ଶୁଣିବା ପରେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# 'ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେବେନି'

ନିଶ୍ଚିନ୍ତକୋଇଲି,୯।୨(ଅଶୋକ କୁମାର ମହାପାତ୍ର)

ରାଜ୍ୟ ସରକାର ସାମାଜିକ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ମଧୁବାବୁ ପେନ୍‌ସନ ଯୋଜନା ମାଧ୍ୟମରେ ବୃଦ୍ଧାବୃଦ୍ଧ, ସ୍ୱାମୀ ପରିତ୍ୟକ୍ତା, ବିଧବା ଓ ଦିବ୍ୟାଙ୍ଗ ସମେତ ଏଡ୍‌ସ ରୋଗୀମାନଙ୍କୁ ଭତ୍ତା ଦିଆଯାଉଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଅନ୍ତର୍ଗତ ବାଲିଆପଦା ପଞ୍ଚାୟତରେ ଏନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ଜିଲା ପରିଷଦ ସଭ୍ୟ ସସ୍ମିତା ସେଠୀ, ବିକାସ ଭୋଇ, ବିଡିଓ ଧର୍ମରଞ୍ଜନ ପଣ୍ଡା, ସିଡିପିଓ ସତ୍ୟଭାମା ବିଶୋଇ,ଗିରିଶ ମହାପାତ୍ର,ରମାକାନ୍ତ ମହାନ୍ତି, ଜ୍ୟୋତିପ୍ରକାଶ ସ୍ୱାଇଁ ,ବ୍ଲକ ଫେଡେରେଶନ ସଭାପତି କନକଲତା ଭୂୟାଁ, ସମ୍ପାଦକ ସତ୍ୟଭାମା ନାୟକ ପ୍ରମୁଖ ଯୋଗଦେଇଥିଲେ। କୋଲଣପୁର ପଞ୍ଚାୟତରେ ସରପଞ୍ଚ ଗୋପବନ୍ଧୁ ସେଠୀ, ସମିତି ସଭ୍ୟ ସବିତା ସାମଲ, ନାଏବ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ବାଲିଆପଦା ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ଜେନା, ସମିତି ସଭ୍ୟ ରାଜେଶ ବେହେରା, ପୂର୍ବତନ ସରପଞ୍ଚ କୈଳାସ ସାମନ୍ତରାୟ, ପୂର୍ବତନ ଉପାଧ୍ୟକ୍ଷା ରେଖାରାଣୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କ ସମେତ କୃତୀ ଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମଧ୍ୟାହ୍ନଭୋଜନରେ ପୋକ: ଛାତ୍ରୀଙ୍କ ରାସ୍ତାରୋକୋ

ବଡ଼ମ୍ବା,୯।୨(ମାୟାଧର ମଲ୍ଲିକ)

ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମାତ୍ର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସେମାନଙ୍କୁ ମଧ୍ୟାହ୍ନଭୋଜନରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳି ଏକ ଘଟଣା ଶୁକ୍ରବାର ବଡ଼ମ୍ବାସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏଠାରେ ପିଲାଙ୍କୁ ଦିଆଯାଇଥିବା ମଧ୍ୟାହ୍ନ ଭୋଜନରେ ପୋକ ଦେଖିବାକୁ ମିଳିଛି। ପ୍ରତିବାଦରେ ଛାତ୍ରୀମାନେ ରାସ୍ତା ଅବରୋଧ କରିଥିଲେ। ଶୁକ୍ରବାର ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ସୋୟାବିନ ତରକାରି ହୋଇଥିଲା। ପିଲାମାନେ ତାକୁ ଖାଇବାକୁ ବସିଥିବାବେଳେ ସେଥିରେ ପୁଳାପୁଳା ଧଳା ପୋକ ଦେଖି ସେମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ଏନେଇ ଛାତ୍ରୀମାନେ ବିଦ୍ୟାଳୟସମ୍ମୁଖ କଟକ –ନରସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଅଭିଭାବକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ଖବରପାଇ ବଡ଼ମ୍ବା ପୋଲିସ ଓ ବ୍ଲକ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀ ଓ ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ବାଦ୍ ଦେଇ ସ୍କୁଲ କମିଟି ମଧ୍ୟାହ୍ନ ଭୋଜନ ସମ୍ପର୍କରେ ବୁଝିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜସିଂ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା।


ଛାତ୍ରୀଙ୍କ ସହ ଅଭିଭାବକମାନେ ରାସ୍ତାରୋକୋ କରିଛନ୍ତି।

### ଦାୟିତ୍ୱରୁ ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ହଟାଇବାକୁ ନିର୍ଦ୍ଦେଶ

## ସଂକ୍ଷେପରେ

### ଉପନିବନ୍ଧକଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗରେ ଶିକ୍ଷକ ନିଲମ୍ବିତ

**ବେଗୁନିଆ,୯।୨(ହର ପ୍ରସନ୍ନ ପଣ୍ଡା):** ଖୋର୍ଦ୍ଧା ଜିଲା ବେଗୁନିଆ ଉପନିବନ୍ଧକଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ ଅଭିଯୋଗରେ ଶିକ୍ଷକ ବିବେକାନନ୍ଦ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଶିକ୍ଷକ ମିଶ୍ରଙ୍କୁ ନିଲମ୍ବନ କରିଛନ୍ତି। ପ୍ରକାଶ ଯେ, ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ ମିଶ୍ର କାର୍ଯ୍ୟରତ ଥିଲେ। ଗତ ଡିସେମ୍ବରରେ ସେ ଉପନିବନ୍ଧକ କାର୍ଯ୍ୟାଳୟକୁ ଯାଇ ଉପନିବନ୍ଧକଙ୍କୁ ଜାତିଆଣ ଆକ୍ଷେପ ଓ ଚାନ୍ଦା ମାଗୁଥିବା ଅଭିଯୋଗ ହୋଇଥିଲା। ସରକାରୀ କାର୍ଯ୍ୟରେ ଯୋଗ ନ ଦେବା ଏବଂ ଶିକ୍ଷକ ପଦବୀରେ ଥାଇ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ନେଇ ବେଗୁନିଆ ଥାନା, ବ୍ଲକ ଓ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ପୃଥକ୍ ଭାବେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବିଇଓ ଲେଙ୍କା କହିଛନ୍ତି, ସରକାରୀ କାର୍ଯ୍ୟରେ ଅବହେଳା ଏବଂ ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗର ସତ୍ୟତା ଜାଣିବା ପରେ ଶିକ୍ଷକ ମିଶ୍ରଙ୍କୁ ନିଲମ୍ବନ କରାଯାଇଛି।

### ଶିକ୍ଷାମନ୍ତ୍ରୀଙ୍କ ଘର ଆଗରେ ଶିକ୍ଷକଙ୍କ ଧାରଣା

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା):** ରାଜ୍ୟର ସଂସ୍କୃତ, ହିନ୍ଦୀ, କ୍ରୀଡା ଓ ଅନ୍ୟ ମାଧ୍ୟମିକ ଶିକ୍ଷକଙ୍କ ବହୁ ପ୍ରତୀକ୍ଷୀତ ନୂତନ କ୍ୟାଡର ଫାଇଲ ଦୀର୍ଘଦିନ ହେଲା ବିଭାଗରେ ପଡିରହିଛି। ଏହାର ପ୍ରତିବାଦରେ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଘର ଆଗରେ ଧାରଣା ଦିଆଯାଇଥିଲା। ପରେ ଲୋକସେବା ଭବନରେ ଶିକ୍ଷମନ୍ତ୍ରୀଙ୍କ ସହ ସଂଘର ପ୍ରତିନିଧି ଦଳର ଆଲୋଚନା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ତେଣୁ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ଓଷ୍ଟାର ସଭାପତି ବିଜୟ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଗତ ଡିସେମ୍ବର ୨୯ରେ ସଂସ୍କୃତ, ହିନ୍ଦୀ ଓ କ୍ରୀଡା ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ସମୟରେ ୪ଦିନ ମଧ୍ୟରେ ଫାଇଲଟି ଅର୍ଥ ବିଭାଗକୁ ପଠାଇବା ପାଇଁ ବିଭାଗୀୟ ଅତିରିକ୍ତ ସଚିବ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ମାସେରୁ ଅଧିକ ସମୟ ହେଲାଣି ଫାଇଲଟି ଏପର୍ଯ୍ୟନ୍ତ ଅର୍ଥ ବିଭାଗକୁ ଯାଇପାରିନାହିଁ। ତେଣୁ ପୂର୍ବ ନିର୍ଦ୍ଧାରିତ ଯୋଜନାନୁସାରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଅନ୍ୟ ବିଭାଗରେ କର୍ମଚାରୀଙ୍କ କ୍ୟାଡର ସମ୍ବନ୍ଧିତ ଫାଇଲଗୁଡିକ ଶୀଘ୍ର କାର୍ଯ୍ୟକାରୀ ହେଉଥିବାବେଳେ ଶିକ୍ଷା ମନ୍ତ୍ରୀଙ୍କ ଅନୁମୋଦନ ପାଇବାର ୫ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ଫାଇଲଟି ଆଗକୁ ନ ବଢିବା ଦୁର୍ଭାଗ୍ୟଜନକ। କ୍ୟାଡର ରୁଲ୍‌ର ରୂପାୟନ ପାଇଁ ବିଭାଗ ତତ୍ପର ନ ଥିବାରୁ ଫାଇଲଟି ଦୀର୍ଘଦିନ ହେଲା ପଡିରହିଛି ବୋଲି ହିନ୍ଦୀ ଶିକ୍ଷକ ସଂଘ ସଭାପତି ଡ.ସୁମନ ଅଭିଯୋଗ କରିଛନ୍ତି।

# ପ୍ରାଚୀନ ଜ୍ଞାନକୁ ସମସାମୟିକ ବୁଦ୍ଧି ସହ ଯୋଡୁଛି କେଏଲ୍‌ଏଫ୍

**କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ**

- ନାସିରା, ବୀଣା ପାଇଲେ କେଏଲ୍‌ଏଫ୍ ସମ୍ମାନ
- ଅମିଶ, ସନ୍ଦୀପଙ୍କୁ 'ନ୍ୟାଶନାଲ ଲିଭିଂ ଲିଜେଣ୍ଡ ଆୱାର୍ଡ'



ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ ଅବସରରେ (ବାମରୁ) ନାସିରା ଶର୍ମା, ପ୍ରଫେସର ବୀଣା ପୌଡ଼ୟାଲ, ଅମିଶ ତ୍ରିପାଠୀ ଓ ସନ୍ଦୀପ ବାମଜାଇ।

**ଭୁବନେଶ୍ୱର,୯।୨(ଶର୍ମିଷ୍ଠା ପାଣିଗ୍ରାହୀ)**

କଳିଙ୍ଗ ସାହିତ୍ୟ ମହୋତ୍ସବ କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଅତୀତକୁ ବର୍ତ୍ତମାନ ସହିତ ସଂଯୋଗ କରୁଥିବା ଏକ ସେତୁ। ଏହା ପ୍ରାଚୀନ ଜ୍ଞାନକୁ ସମସାମୟିକ ବୁଦ୍ଧି ସହିତ ଯୋଡିଥାଏ। ଏହାର ଅଂଶଗ୍ରହଣକାରୀମାନେ ଭାରତର ସାହିତ୍ୟ ପରମ୍ପରାରେ ନିଜକୁ ନିମଗ୍ନ କରୁଥିବାବେଳେ ଏହି ଉତ୍ସବ ସାମାଜିକ ଆହ୍ୱାନ ପାଇଁ ପୂର୍ବପୁରୁଷଙ୍କ ଦ୍ୱାରା ପ୍ରସ୍ତାବିତ ସମାଧାନ ଖୋଜିବା ଏବଂ ଆଧୁନିକ ଦୁନିଆର କାହାଣୀ ସୌନ୍ଦର୍ଯ୍ୟ ଏବଂ ପ୍ରାସଙ୍ଗିକତାକୁ ପୁନଃ ଆବିଷ୍କାର କରିବାପାଇଁ ଏକ ପ୍ଲାଟଫର୍ମ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଦଶମ କଳିଙ୍ଗ ସାହିତ୍ୟ ମହୋତ୍ସବ(କେଏଲ୍‌ଏଫ୍)କୁ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଉଦ୍‌ଘାଟନ କରି ଏହା କହିଛନ୍ତି। ମହୋତ୍ସବର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡ଼ା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଶିଷ୍ଟ ଲେଖକ ତଥା ପଦ୍ମ ଭୂଷଣ ସୀତାକାନ୍ତ ମହାପାତ୍ର, ଅମିଶ ତ୍ରିପାଠୀ, ସଂତୃପ୍ତ ମିଶ୍ର, ପାରମିତା ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଔପନ୍ୟାସିକା ନାସିରା ଶର୍ମା ଓ ପ୍ରଫେସର ବୀଣା ପୌଡ଼ୟାଲଙ୍କୁ 'କଳିଙ୍ଗ ସାହିତ୍ୟ ମହୋତ୍ସବ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅମିଶ ତ୍ରିପାଠୀ ଓ ସନ୍ଦୀପ ବାମଜାଇଙ୍କୁ 'ନ୍ୟାଶନାଲ ଲିଭିଂ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ଅଧିବେଶନର ବିଷୟବସ୍ତୁ ଥିଲା 'ପ୍ରାଚୀନ ଭାରତ ଓ ପରବର୍ତ୍ତୀ କିମ୍ବଦନ୍ତୀ: ଏକବିଂଶ ଶତାବ୍ଦୀରେ ପ୍ରେରଣାଦାୟକ ଜୀବନ୍ତ ଅନୁଭୂତି'। ବିଭିନ୍ନ ଅଧିବେଶନରେ ବିଶିଷ୍ଟ ଲେଖକ, କବି ଓ ସାମ୍ବାଦିକମାନେ ସାହିତ୍ୟ, ଗଣମାଧ୍ୟମ, ନାରୀ, ଜାତୀୟତାବାଦ ଆଦି ବିଷୟ ଉପରେ ଆଲୋଚନା କରିଥିଲେ। ଏହି ମହୋତ୍ସବ ୧୧ ତାରିଖ ଯାଏ ଚାଲିବ।



ଆସନ୍ତା ଜୁଲାଇ ୭ରେ ହେବାକୁ ଥିବା ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଶୁକ୍ରବାର ନୟାଗଡ଼ ଓ ଦଶପଲ୍ଲା ବନଖଣ୍ଡରୁ ଟ୍ରକ୍ ଯୋଗେ ପୁରୀରେ ପହଞ୍ଚିଥିବା ରଥକାଠ। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ପୁରୀରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥ କାଠ

**ପୁରୀ, ୯।୨(ଅଜିତ୍ ମହାନ୍ତି)**

ଆସନ୍ତା ଜୁଲାଇ ୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିନିମନ୍ତେ ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରାଜନଅର ସମ୍ମୁଖସ୍ଥ ରଥଖଳାରେ ୩ ରଥ ନିର୍ମାଣ ଆରମ୍ଭ ହେବ। ତେବେ ରଥ ନିର୍ମାଣ ପୂର୍ବରୁ ପରମ୍ପରା ଅନୁଯାୟୀ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ଦିନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯିବ, ଯାହା ରଥଯାତ୍ରାର ଆଦ୍ୟପର୍ବ। ଆସନ୍ତା ୧୪ ତାରିଖରେ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ପଡୁଥିବାରୁ ଏହିଦିନ ରଥକାଠ ପୂଜା କରାଯିବ। ଏଥିପାଇଁ ଚଳିତ ବର୍ଷର ପ୍ରଥମ ପର୍ଯ୍ୟାୟ ରଥ କାଠ ପୁରୀରେ ପହଞ୍ଚିଛି। ୩ଟି ଟ୍ରକ୍ ଯୋଗେ ୧୦୨ ଖଣ୍ଡ ରଥ କାଠ ନୟାଗଡ଼ ଓ ଦଶପଲ୍ଲା ବନଖଣ୍ଡରୁ ଆସି ଶୁକ୍ରବାର ସନ୍ଧ୍ୟାରେ ପୁରୀରେ ପହଞ୍ଚିଛି। ୧୦୨ ଖଣ୍ଡ ରଥ କାଠ ମଧ୍ୟରେ ୫୦ ଖଣ୍ଡ ଅସନ ଏବଂ ୫୨ ଖଣ୍ଡ ଧଉରା କାଠ ରହିଛି। ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସହ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ତେବେ ଗତବର୍ଷ ୫୩ ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ରଥ ନିର୍ମାଣ ଲାଗି ୮୧୨ ଖଣ୍ଡ କାଠ ଆବଶ୍ୟକ ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ଓ ଦଶପଲ୍ଲା ଜଙ୍ଗଲରୁ ୩ଟି ଟ୍ରକରେ ୧୦୨ ଖଣ୍ଡ କାଠ ଆସି ପୁରୀରେ ପହଞ୍ଚିଛି। ଆବଶ୍ୟକ ହେଉଥିବା ଅବଶିଷ୍ଟ ରଥ କାଠ ପର୍ଯ୍ୟାୟକ୍ରମେ ଆସିବ। ପ୍ରଥମ ପର୍ଯ୍ୟାୟରେ ଆସିଥିବା କାଠ ମଧ୍ୟରୁ ୩ଟି ଧଉରା କାଠକୁ ଶ୍ରୀପଞ୍ଚମୀ ଦିନ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବିଧିବିଧାନ ଅନୁଯାୟୀ ପୂଜା କରାଯିବ। ସୂଚନାଯୋଗ୍ୟ, ଗତ ମାସ ୧ ତାରିଖରେ ଶ୍ରୀମନ୍ଦିରର ଏକ ଟିମ୍ ନୟାଗଡ଼ ଯାତ୍ରା କରି ପରମ୍ପରା ମୁତାବକ ମା' ବଡ଼ରାଉଳଙ୍କ ନିକଟରେ ପୂଜାର୍ଚ୍ଚନା କରି ରଥକାଠ ଚିହ୍ନଟ କରିଥିଲେ।

### ୨ୟ ପର୍ଯ୍ୟାୟରେ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କଲେ ୪୬୦ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୯।୨ (ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀମନ୍ଦିର ପ୍ରକଳ୍ପ ପରିଦର୍ଶନ ପାଇଁ ୪୬୦ରୁ ଅଧିକ ଜଗନ୍ନାଥ ପ୍ରେମୀ ପୁରୀ ଅଭିମୁଖେ ଯାଇଥିଲେ। ଉତ୍ତର ଓ ମଧ୍ୟ ବିଧାନସଭା ଅଞ୍ଚଳର ଏହି ଶ୍ରଦ୍ଧାଳୁଙ୍କୁ ୧୨ଟି ବସରେ ପୁରୀ ନିଆଯାଇଥିଲା। ପୁରୀ-କଟକ ବାଇପାସ୍‌ର ପାଣ୍ଡରା ଛକରୁ ଶ୍ରଦ୍ଧାଳୁମାନେ ବାହାରି ଥିଲେ। ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସମସ୍ତ ୱାର୍ଡର କର୍ପୋରେଟର, ଜୋନାଲ ଡେପୁଟି କମିଶନର, ଡେପୁଟି କମିଶନର ଉପସ୍ଥିତ ଥିଲେ। 'ହରେ କୃଷ୍ଣ, ହରେ ରାମ' ଏବଂ 'ଜୟ ଜଗନ୍ନାଥ' ଧ୍ୱନିରେ ପରିବେଶ ମୁଖରିତ ହୋଇଉଠିଥିଲା। ପରିକ୍ରମା ପ୍ରକଳ୍ପ ସମୟରେ ସମସ୍ତେ ଏହାକୁ ଦେଖିବା ସମ୍ଭବ ନ ଥିଲା। ତେଣୁ ସରକାରଙ୍କ ତରଫରୁ ପର୍ଯ୍ୟାୟକ୍ରମେ ସାମୂହିକ ଦର୍ଶନ ପାଇଁ ଏହି ବ୍ୟବସ୍ଥା କରାଯାଉଛି। ବିଏମ୍‌ସି ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ପରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମୃତ୍ୟୁଞ୍ଜୟ


@ ବିଭୂତି


@ ମାନସ


@ ପ୍ରିୟବ୍ରତ


@ ଫାରୁକ୍

# ବଦଳିବ ବାଲେଶ୍ୱର ରେଳଷ୍ଟେଶନ ରୂପ

- ପାରମ୍ପରିକ ସ୍ଥାପତ୍ୟ ଆଧାରରେ ଡିଜାଇନ ପ୍ରସ୍ତୁତ
- ରେଳ ମନ୍ତ୍ରଣାଳୟ ପକ୍ଷରୁ ୧୯୭ କୋଟି ଟଙ୍କା ବ୍ୟୟ ମଞ୍ଜୁର

**ଭୁବନେଶ୍ୱର,୯।୨(ଅନୁରାଧା ମହାରଣା)**




ବାଲେଶ୍ୱର ରେଳ ଷ୍ଟେଶନର ନବୀକରଣ କରାଯିବ। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୧୯୭ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଥିବାବେଳେ ଆସନ୍ତା ୫୦ବର୍ଷ ପାଇଁ ଏହି ଉନ୍ନତୀକରଣ ହେବ। ବାଲେଶ୍ୱରର ପାରମ୍ପରିକ ସ୍ଥାପତ୍ୟ ଆଧାରରେ ଷ୍ଟେଶନର ଡିଜାଇନ ପ୍ରସ୍ତୁତ କରାଯାଇଛି। ସେହିପରି ଷ୍ଟେଶନର ସମ୍ମୁଖ ଭାଗରେ କୋଣାର୍କ ଚକ୍ର ଓ ଶିଖରକୁ ଶ୍ରୀ ମନ୍ଦିର ସଦୃଶ ନିର୍ମାଣ କରାଯିବ। ସଉରା ଜନଜାତିଙ୍କ ପାରମ୍ପରିକ ଚିତ୍ର ଷ୍ଟେଶନର ଅନ୍ୟତମ ଆକର୍ଷଣ ରହିବ। ଦୈନିକ ୫୦ହଜାର ଯାତ୍ରୀଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଉଥିବା ଏହି ଷ୍ଟେଶନରେ ଅତ୍ୟାଧୁନିକ ସେବା ମିଳିବ। ସହରର ଉଭୟ ପାର୍ଶ୍ୱରେ ଥିବା ଷ୍ଟେଶନ ବିଲ୍ଡିଂଗୁଡ଼ିକ ୧୮ ମିଟର ଚଉଡା ରୁଫ୍ ପ୍ଲାଜା ଦ୍ୱାରା ସଂଯୁକ୍ତ ରହିବ। ସର୍କୁଲାର କ୍ଷେତ୍ରରେ ଉନ୍ନତି ସହ କଭର୍ ଶେଡ୍ ବ୍ୟବସ୍ଥା କରାଯିବ। ଅପେକ୍ଷାସ୍ଥଳର ମଧ୍ୟ ଉନ୍ନତୀକରଣ କରାଯିବା ସହ ଏସି ଲାଉଞ୍ଜ ପ୍ରସ୍ତୁତ କରାଯିବ। ୨୦ଟି ପ୍ରବେଶ ଦ୍ୱାର ସହ ୧୪ଟି ଲିଫ୍ଟ ଏବଂ ୬ଟି ଏସ୍କାଲେଟର ରହିବ। ୩ଟି 'ଫ୍ରି ଅନ୍ ବୋର୍ଡ' ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରିବ। ସେହିପରି ୭ହଜାର ବର୍ଗମିଟରରୁ ଅଧିକ ସ୍ଥାନରେ ପାର୍କିଂ ବନ୍ଦୋବସ୍ତ କରାଯିବ। ୧୩୩ କିଲୋୱାଟର ସୋଲାର ପ୍ୟାନେଲ ଏବଂ ୧୦୦୦ କେଏଲଡି ଜଳ ପୁନଃଚକ୍ରଣ ପ୍ଲାଣ୍ଟ ରହିବ। ଷ୍ଟେଶନରେ ଥିବା ଗୁଡସ୍ ଶେଡର ମଧ୍ୟ ମରାମତି ତଥା ଉନ୍ନତିକରଣ କରାଯିବ। ଆସନ୍ତା ୩୦ ମାସରେ ଏହି ପୁନରୁଦ୍ଧାରୁ କାର୍ଯ୍ୟ ଶେଷ କରିବାକୁ ଯୋଜନା ରଖାଯାଇଛି।

### ମୋ ବସ୍ କର୍ମଚାରୀଙ୍କୁ ଆକ୍ରମଣ,୨ ଗିରଫ

**ଭୁବନେଶ୍ୱର,୯।୨ (ସୂର୍ଯ୍ୟକାନ୍ତ ବେହେରା)**

ମୋ ବସ୍ ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ପଟିଆ ଅଞ୍ଚଳର ବୃକୋଦର ଜେନା ଓ ସନ୍ତୋଷ କୁମାର ପାଣି। ସୂଚନାନୁସାରେ, ଅଭିଯୋଗକାରୀ ପ୍ରିୟବ୍ରତ ରାମ ପଟିଆସ୍ଥିତ ମୋ-ବସ ଡିପୋର ଜଣେ କର୍ମଚାରୀ। ଗତ ୭ ତାରିଖ ରାତିରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ପଟିଆ ଅଭିମୁଖେ ଯାଉଥିବାବେଳେ ଡମଣା ଛକରେ ଟ୍ରାଫିକ ସିଗ୍‌ନାଲ ବନ୍ଦ ଥିବାରୁ ସେଠାରେ ଛିଡା ହୋଇଥିଲେ। ଏହି ସମୟରେ ପଟିଆ ଡିପୋ ଅଭିମୁଖେ ଯାଉଥିବା ଏକ ଇଲେକ୍ଟ୍ରିକ ମୋ-ବସ୍ ମଧ୍ୟ ସେଠାରେ ଆସି ରହିଥିଲା। ସିଗ୍‌ନାଲ ଛାଡିବାରୁ ମୋ-ବସ୍‌ଟି ଅଭିଯୁକ୍ତଙ୍କୁ ଓଭରଟେକ୍ କରି ଦ୍ରୁତଗତିରେ ପଳାଇଥିଲା। ପରେ ଅଭିଯୁକ୍ତ ଦ୍ୱୟ ବସର ପିଛା କରି ମୋ-ବସ୍ ଡିପୋରେ ପହଞ୍ଚି ମାରପିଟ୍ କରିଥିଲେ।

# ସୁଦର୍ଶନଙ୍କ ବାଲୁକା କଳାକୁ ପ୍ରଶଂସା କଲେ ଜୁବିନ୍

**ପୁରୀ,୯।୨(ଅଜିତ୍ ମହାନ୍ତି)**



ବାଲୁକା କଳା ନିକଟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ସହ କଣ୍ଠଶିଳ୍ପୀ ଜୁବିନ ନୌଟିଆଲ।

ବଲିଉଡ୍‌ର ପ୍ରଖ୍ୟାତ କଣ୍ଠଶିଳ୍ପୀ ଜୁବିନ ନୌଟିଆଲ ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସେ ନୀଳାଦ୍ରି ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଲୁକା କଳା ଦେଖି ଉଚ୍ଚ ପ୍ରଶଂସା କରିଛନ୍ତି। ଜୁବିନ କହିଛନ୍ତି, ମହାପ୍ରଭୁଙ୍କୁ ଦ୍ୱିତୀୟ ଥର ପାଇଁ ଦର୍ଶନ କରି ବହୁତ ଖୁସି ହେଲି। ଶ୍ରୀଜଗନ୍ନାଥଙ୍କ କୃପାରୁ ତାଙ୍କ ଲାଗି ଏକ ଗୀତ ଗାଇବାର ସୌଭାଗ୍ୟ ମିଳିଛି। ତେଣୁ ଆଶୀର୍ବାଦ ନେବା ପାଇଁ ଆସିଥିଲି। ପରିକ୍ରମା ପ୍ରକଳ୍ପକୁ ସେ ପ୍ରଶଂସା କରିଥିଲେ। ସୁଦର୍ଶନ ନିଳାଦ୍ରୀ ବେଳାଭୂମିରେ ମହାପ୍ରଭୁଙ୍କ ୬ଫୁଟ ଉଚ୍ଚର ବାଲୁକା ମୂର୍ତ୍ତି ନିର୍ମାଣ କରି 'ଜୟ ଜଗନ୍ନାଥ' ବାର୍ତ୍ତା ଦେଇଛନ୍ତି। ସେହିପରି ବାଲୁକା କଳାରେ ମହାପ୍ରଭୁଙ୍କ କଳାକୃତି ସହ ପରିକ୍ରମା ପ୍ରକଳ୍ପ ଲାଗି ପ୍ରସ୍ତୁତ ହୋଇଥିବା ଭକ୍ତିସଙ୍ଗୀତର କିଛି ଅଂଶ ଲେଖାଯାଇଛି। ଏହି ମୂର୍ତ୍ତି ନିର୍ମାଣ ପାଇଁ ସୁଦର୍ଶନ ପ୍ରାୟ ୪ ଟନ୍ ବାଲି ବ୍ୟବହାର କରିଥିଲେ। ତାଙ୍କ ବାଲୁକା କଳା ପ୍ରତିଷ୍ଠାନର ଛାତ୍ରମାନେ ଏଥିରେ ସହଯୋଗ କରିଥିଲେ। ସୁଦର୍ଶନ ଏପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ୬୫ରୁ ଊର୍ଦ୍ଧ୍ୱ ବାଲୁକା କଳା ପ୍ରତିଯୋଗିତା ଏବଂ ଉତ୍ସବରେ ଭାଗନେଇ ଦେଶ ପାଇଁ ଅନେକ ପୁରସ୍କାର ଜିତିଛନ୍ତି।

# ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ଉପରେ ରହିତାଦେଶ

**ୟୁଜିସି ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ଉଲ୍ଲଂଘନ ନେଇ ମାମଲା**

**ପ୍ରକ୍ରିୟା ଚାଲୁ ରହିବ**

**କଟକ,୯।୨ (କାର୍ତ୍ତିକ ସାହୁ)**

ରାଜ୍ୟ ସରକାରଙ୍କ ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ଉଲ୍ଲଂଘନ ନେଇ ରୁଜୁ ମାମଲାରେ ହାଇକୋର୍ଟ ଶୁକ୍ରବାର ନିଯୁକ୍ତି ଉପରେ ରହିତାଦେଶ ଜାରି କରିଛନ୍ତି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ପଦାର୍ଥ ବିଜ୍ଞାନ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ପୂର୍ବବତ୍ ଚାଲୁ ରହିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଆସନ୍ତା ମାର୍ଚ୍ଚ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀ ଅନୁଯାୟୀ, ୨୦୨୩ରେ ସର୍ଭିସ ସିଲେକ୍ସନ୍ ବୋର୍ଡ ଦ୍ୱାରା ଅଧ୍ୟାପକ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଡ. ଅମିୟ ରଞ୍ଜନ ବାରିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଧ୍ୟାପକ ହେବା ପାଇଁ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ଯୋଗ୍ୟତାର ମାନଦଣ୍ଡକୁ ସର୍ଭିସ ସିଲେକ୍ସନ୍ ବୋର୍ଡ ଖୋଲାଖୋଲି ଉଲଘଂନ କରିଥିବା ସେ ଆବେଦନପତ୍ରରେ ଦର୍ଶାଇଛନ୍ତି। ୟୁଜିସି ଗାଇଡ୍‌ଲାଇନ୍ ଅନୁସାରେ ଉଚ୍ଚଶିକ୍ଷାରେ ଅଧ୍ୟାପକ ନିଯୁକ୍ତି ପାଇଁ ଶିକ୍ଷାଗତ ଯୋଗ୍ୟତା ସ୍ନାତକୋତ୍ତର ସହିତ ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟରେ ଯୋଗ୍ୟତା ହାସଲ ଅଥବା ପିଏଚ୍.ଡି. ଡିଗ୍ରୀଧାରୀ ହୋଇଥିବା ଆବଶ୍ୟକ। ମାତ୍ର ଏଠାରେ ସେହି ଯୋଗ୍ୟତା ପରିବର୍ତ୍ତେ କେବଳ ସ୍ନାତକ ଡିଗ୍ରୀଧାରୀ ଲିଖିତ ପରୀକ୍ଷା ଓ ଇଣ୍ଟରଭ୍ୟୁରେ ଯୋଗଦେବାକୁ ମାନଦଣ୍ଡ ରଖାଯାଇଛି। ଏହାଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନର ମାନ ହ୍ରାସ ପାଇବ। ତେଣୁ ହାଇକୋର୍ଟ ଏହା ଉପରେ ବିଚାର କରି ଉପଯୁକ୍ତ ରାୟ ପ୍ରଦାନ ନିମନ୍ତେ ଆବେଦନକାରୀ ନିବେଦନ କରିଛନ୍ତି। ରାଜ୍ୟ ସରକାର, ସର୍ଭିସ ସିଲେକ୍ସନ ବୋର୍ଡ ଓ ୟୁଜିସିକୁ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଅଧ୍ୟାପକ ନିଯୁକ୍ତି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩ ସେପ୍ଟେମ୍ବର ୧୧ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅକ୍ଟୋବର ୧୩ ଆବେଦନର ଶେଷ ତାରିଖ ଥିଲା। ସେହିବର୍ଷ ଡିସେମ୍ବର ୩ରେ ଲିଖିତ ପରୀକ୍ଷା କରାଯାଇଥିଲା। ପରେ ଫଳ ପ୍ରକାଶ ପାଇଥିଲା। ଏଥିସହ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆବେଦନକାରୀମାନଙ୍କର ଅନ୍ତିମ ପର୍ଯ୍ୟାୟ ସାକ୍ଷାତକାର ଚାଲୁରହିଛି।

# ଆମେରିକା ବିପକ୍ଷରେ ଭାରତକୁ ବିଜୟ ସ୍ୱାଦ

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ର ଚଳିତ ସିଜନରେ ଭାରତ ଶୁକ୍ରବାର ପ୍ରଥମ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଘରୋଇ ଦଳ ୩-୧ଗୋଲରେ ଆମେରିକାକୁ ପରାସ୍ତ କରିଛି। ପୂର୍ବ ୩ ମ୍ୟାଚରେ ଯଥାକ୍ରମେ ଚାଇନା (୧-୨), ନେଦରଲାଣ୍ଡ୍ସ (୧-୩) ଓ ଅଷ୍ଟ୍ରେଲିଆ(୦-୩)ଠାରୁ ହାରିଥିବା ଭାରତ ବିଜୟ ସହ କଳିଙ୍ଗ ଷ୍ଟାଡିୟମରେ ଏହାର ଅଭିଯାନ ଶେଷ କରିଛି। ଏଥିସହ ପ୍ରୋ ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭାରତୀୟ ଦଳ। ୪ ମ୍ୟାଚରୁ ୧ ବିଜୟ ଓ ୩ ପରାଜୟ ସହ ୩ ପଏଣ୍ଟ ପାଇ ଭାରତ ଟେବୁଲର


ମ୍ୟାଚ ଜିତିବା ପରେ ଭାରତୀୟ ଖେଳାଳି। (ଫଟୋ: ବିକାଶ ନାୟକ)

୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ଆମେରିକା ଖେଳିଥିବା ୪ଟି ଯାକ ମ୍ୟାଚ ହାରିଛି। ମହିଳା ହକିର ରାଉରକେଲା ଚରଣ ପ୍ରୋ-ଲିଗ୍ ମ୍ୟାଚ ଚଳିତ ମାସ ୧୨ରୁ ଆରମ୍ଭ ହେବ। ବିର୍ସା ମୁଣ୍ଡା ଷ୍ଟାଡିୟମରେ

**ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

ପୂର୍ବ ପରାଜୟରୁ ଶିକ୍ଷା ଲାଭ କରିଥିବା ଭାରତୀୟ ଦଳ ଆମେରିକା ବିପକ୍ଷରେ ସତର୍କତାର ସହ ଖେଳ ଆରମ୍ଭ କରିଥିଲା। ୨ୟ ମିନିଟରେ ଭାରତ ଓ ୩ୟ ମିନିଟରେ ଆମେରିକା ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କରିପାରି ନ ଥିଲେ। ତେବେ ଚମତ୍କାର ଫର୍ମରେ ଥିବା ବନ୍ଦନା କାଟରିୟା ୯ମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୧ତମ ମିନିଟରେ ବୈଷ୍ଣବୀ ଭିଥାଲ ଫାଲ୍‌କେ ଗ୍ରୀନ୍‌କାର୍ଡ ସହ ଚେତାବନୀ ପାଇଥିବାବେଳେ ୨୬ତମ ମିନିଟରେ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରି ଦେଇଥିଲେ ଦୀପିକା। ୨୯ତମ ମିନିଟରେ ପେନାଲ୍ଟି କର୍ନରରୁ ଆମେରିକା ଗୋଲ କରି ନ ପାରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ୨-୦ ରହିଥିଲା। ତୃତୀୟ କ୍ୱାର୍ଟରରେ ଆମେରିକା ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଥିଲା। ଭାରତ ୩୩ ଓ ୩୮ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ତାହାର ସଦୁପଯୋଗ କରିପାରି ନ ଥିଲା। ବିପଜ୍ଜନକ ଖେଳ ପାଇଁ ୩୬ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ ଆମେରିକାର ଡେଭେର୍ଡିନ ଇମା। ୪୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ କାର୍ଲ୍ସ ସାନେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ଭାରତୀୟ ରକ୍ଷଣଭାଗ ଆମେରିକାକୁ ପ୍ରତ୍ୟାବର୍ତ୍ତନର ସୁଯୋଗ ଦେଇ ନ ଥିଲେ। ଘରୋଇ ଦଳ ଆକ୍ରମଣ ଜାରି ରଖି ୫୨ତମ ମିନିଟରେ ପେନାଲ୍ଟି କର୍ନର ମିସ୍ କରିଥିଲେ ହେଁ ୫୬ତମ ମିନିଟରେ ସାଲିମା ଟେଟେଙ୍କ ଗୋଲ ବଳରେ ବିଜୟକୁ ଏକପ୍ରକାର ନିଶ୍ଚିତ କରି ଦେଇଥିଲା।

# ଅଷ୍ଟ୍ରେଲିଆକୁ ୬-୨ରେ ହରାଇଲା ନେଦରଲାଣ୍ଡ୍ସ

ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ନେଦରଲାଣ୍ଡ୍ସର ଆଧିପତ୍ୟ ଅବ୍ୟାହତ ରହିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଅଷ୍ଟ୍ରେଲିଆକୁ ୬-୨ ଗୋଲରେ ପରାସ୍ତ କରିଛି। କଳିଙ୍ଗରେ ନେଦରଲାଣ୍ଡ୍ସର ଏହା କ୍ରମାଗତ ୪ର୍ଥ ବିଜୟ। ନେଦରଲାଣ୍ଡ୍ସ ଚଳିତ ସିଜନରେ ମୋଟ ୮ଟି (ଆଣ୍ଟୱେର୍ପରେ ୪ଟି) ମ୍ୟାଚ ଖେଳି ସାରିଥିବାବେଳେ ଅଲ୍ ୱିନ ବିଜୟ ରେକର୍ଡ ସହ ୨୪ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ନିଜର ସ୍ଥାନ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୪ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି।

ଆକ୍ରମଣାତ୍ମକ ଖେଳ ପାଇଁ ଉଭୟ ଦଳ ବେଶ୍ ପରିଚିତ ଥିବାରୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଥିଲା। ମାତ୍ର ଅଷ୍ଟ୍ରେଲିଆ ଉପରେ ଆରମ୍ଭରୁ ଭାରି ପଡ଼ିଥିଲା ନେଦରଲାଣ୍ଡ୍ସ। ୭ମ ମିନିଟରେ ଭିନ ମାର୍ଜିନ ଓ ୯ମ ମିନିଟରେ ମାଟିଆ ଫ୍ରେଡେରିକ୍‌ଙ୍କ ଫିଲ୍ଡ ଗୋଲ ବଳରେ ନେଦରଲାଣ୍ଡ୍ସ ୨-୦ରେ ଅଗ୍ରଣୀ ହୋଇ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୨୦ତମ ମିନିଟରେ ପେନାଲ୍ଟି କର୍ନରରୁ ଜାନସେନ ୟିବି ଦଳ ପକ୍ଷରୁ ତୃତୀୟ ଗୋଲଟି ଦେଇଥିବାବେଳେ ଅଷ୍ଟ୍ରେଲିଆର ଷ୍ଟିୱାର୍ଟ ଟାଟୁମ ୨୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡ୍ସ ୩-୧ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ନେଦରଲାଣ୍ଡ୍ସର ପ୍ରାଧାନ୍ୟ ବରବତ୍ତର ରହିଥିଲା। ୩୯ତମ ମିନିଟରେ ଜାନସେନ ୟିବି ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ଅନ୍ତିମ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲେ ହେଁ ନେଦରଲାଣ୍ଡ୍ସର ଭିନ୍ ମାର୍ଜିନ ୧ ମିନିଟ ବ୍ୟବଧାନରେ ୨ଟି (୪୮ ଓ ୪୯ତମ ମିନିଟ) ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୫୨ତମ ମିନିଟରେ ଅଷ୍ଟ୍ରେଲିଆର ଷ୍ଟିୱାର୍ଟ ଗ୍ରେସ୍ ଏକ ଗୋଲ ପରିଶୋଧ କରିଥିଲେ, ମାତ୍ର ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ବିପଜ୍ଜନକ ଖେଳ ପାଇଁ ନେଦରଲାଣ୍ଡ୍ସର ଆଲବେର୍ସ ଫେଲିସେ ଓ ମୋଇସ ଫ୍ରିକି ଗ୍ରୀନ୍ କାର୍ଡ ପାଇଥିଲେ।


ନେଦରଲାଣ୍ଡ୍ସ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।


ଓଡ଼ିଶା ଏଫ୍‌ସି ଓ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶା-ଗୋଆ ମ୍ୟାଚ ଡ୍ର

**ଇଣ୍ଡିଆନ ସୁପରଲିଗ୍**

ଭୁବନେଶ୍ୱର, ୯।୨
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଓଡ଼ିଶା ଏଫ୍‌ସି-ଏଫ୍‌ସି ଗୋଆ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଓଡ଼ିଶା ଏଫ୍‌ସି ୪ର୍ଥ ମିନିଟରେ ରୟ କ୍ରିଷ୍ଣାଙ୍କ ଗୋଲ ବଳରେ ଅଗ୍ରଣୀ ନେଇଥିଲା। ୩୬ତମ ମିନିଟରେ ଗୋଆର ଜୟ ଗୁପ୍ତା ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ସମାନ ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ କରିପାରି ନ ଥିଲେ। ଏହି ମ୍ୟାଚ ଫଳାଫଳ ପରେ କ୍ରମାଗତ ୫ ମ୍ୟାଚରେ ଓଡ଼ିଶା ଏଫ୍‌ସିର ଅପରାଜେୟ ଧାରା ଅବ୍ୟାହତ ରହିଛି। ପୂର୍ବ ୪ ମ୍ୟାଚରେ ଦଳ ହାଇଦ୍ରାବାଦ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ଜାମସେଦପୁର ଏଫ୍‌ସି ଓ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା। ୧୫ ମ୍ୟାଚରୁ ୯ ବିଜୟ, ୪ ଡ୍ର ଓ ୨ ପରାଜୟ ସହ ଓଡ଼ିଶା ଏଫ୍‌ସି ୩୧ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଗୋଆ ୧୨ ମ୍ୟାଚରୁ ୮ ବିଜୟ ଓ ୪ ଡ୍ର ସହିତ ୨୮ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛି। କ୍ରମାଗତ ୧୨ ମ୍ୟାଚରେ ଦଳର ଅପରାଜେୟ ଧାରା ଅବ୍ୟାହତ ରହିଛି। ଗୋଆ ଓ ଓଡ଼ିଶା ଦଳ ସେମାନଙ୍କର ଆଗାମୀ ମ୍ୟାଚ ଯଥାକ୍ରମେ ଚଳିତ ମାସ ୧୪ ଓ ୨୪ ତାରିଖରେ ମୋହନ ବାଗାନ ସୁପର ଜାଏଣ୍ଟ ବିପକ୍ଷରେ ଖେଳିବେ। ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୨୮ଟି ଗୋଲ ଦେଇଥିବାବେଳେ ୧୪ଟି ବରଣ କରିଛି।



For more information, Contact: Angul: Central Honda (Nalco Nagar) 8599005896, Balasore: Highway Honda (Balasore, Hiratikri, P.O. Sergarh) 8657731130, Bhubaneswar: Central Honda (Unit-9) 9078000333, 8657588464, Highway Honda (Rudrapur) 8657588896, Highway Honda (Lewis Road, Gauri Temple) 8657589227, Highway Honda (Patia, Infosys Road, Near Patia Square) 8657589228, Cuttack: Highway Honda (Cantonment Road) 8657589226, Jajpur: Highway Honda (Mirzapur, Panikoili) 8657588901, Rourkela: Krishna Honda (Rourkela Beldihi) 8657588922, Sambalpur: Central Honda (Bareipalli Industrial Estate)7682857806, 7077732222

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ